ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ନଭେମ୍ବର ୮/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Monday, November 8/2021 | ★★★★

୪୭ଶ ଭାଗ ୩୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ଗଣପତ୍‌ର ଟିଜର ଶେୟାର କଲେ ଟାଇଗର**

ଆକ୍ସନ ଷ୍ଟାର ଟାଇଗର ଶ୍ରଫ୍ 'ଗଣପତ୍' ଶୁଟିଂ ଆରମ୍ଭ କରିଥିବାବେଳେ ସୋସିଆଲ ମିଡିଆରେ ଏହାର ଟିଜର ଶେୟାର କରିଛନ୍ତି।

୦୭

୦୮

**୪୦୦ ଉଇକେଟ ପୂରଣ କଲେ ରଶିଦ**

ପ୍ରତିଦ୍ୱନ୍ଦ୍ୱିତାମୂଳକ ଟି୨୦ କ୍ରିକେଟରେ ୪୦୦ ଉଇକେଟ ପୂରଣ କରିଛନ୍ତି ଆଫଗାନିସ୍ତାନ ଲେଗ୍ ସ୍ପିନର ରଶିଦ ଖାଁ।






# ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ଅଣ୍ଡାମାଡ଼

**ଜୁନାଗଡ଼ କଲେଜ ଛକରେ ଭାଜପା-ବିଜେଡି କର୍ମୀ ଧସ୍ତାଧସ୍ତି**

ଜୁନାଗଡ,୭।୧୧(ଡି.ଏନ.ଏ.)

ମମିତା ମେହେର ହତ୍ୟାକାଣ୍ଡ ନେଇ କଳାହାଣ୍ଡି ରାଜନୀତି ସରଗରମ ହେବାରେ ଲାଗିଛି। ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ବିରୋଧୀ ଭାଜପା ପକ୍ଷରୁ ଜୋର୍‌ଦାର ବିରୋଧ କରାଯାଉଛି। ଶନିବାର ସନ୍ଧ୍ୟାରେ ଭବାନୀପାଟଣାରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗୃହ ରାଷ୍ଟ୍ରମନ୍ତ୍ରୀ ମିଶ୍ରଙ୍କୁ କଳାପତାକା ପ୍ରଦର୍ଶନ କରାଯାଇଥିଲା। ଏହାର ଦିନକ ପରେ ଅର୍ଥାତ୍ ରବିବାର ପୁଣି ଥରେ ଜୁନାଗଡ ସହର କଲେଜ ଛକଠାରେ ମନ୍ତ୍ରୀଙ୍କୁ କଳାପତାକା ପ୍ରଦର୍ଶନ କରାଯିବା ସହ ଗାଡ଼ି ଉପରକୁ ଅଣ୍ଡାମାଡ଼ କରାଯାଇଛି। ଗତ କିଛିଦିନ ହେଲା ମମିତାଙ୍କ ହତ୍ୟା ଘଟଣାକୁ ନେଇ ବିରୋଧୀ ଗର୍ଜୁଛନ୍ତି। ଏହାକୁ ଚେକ୍‌ଦେବାକୁ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଦିନକ ପୂର୍ବରୁ ରବିବାର ଜୁନାଗଡ଼ ବ୍ଲକ ମଥୁରାଠାରୁ ଜୁନାଗଡ଼ ପର୍ଯ୍ୟନ୍ତ ଏକ ବିରାଟ ବାଇକ୍ ଶୋଭାଯାତ୍ରା ହୋଇଥିଲା। ଶୋଭାଯାତ୍ରା ଜୁନାଗଡ଼ ସହର କଲେଜ ଛକଠାରେ ପହଞ୍ଚିବା ପରେ ଭାଜପା ଓ ବିଜେଡି କର୍ମୀ ମୁହାଁମୁହିଁ ହୋଇଥିଲେ। ପୋଲିସ ଉପସ୍ଥିତିରେ ଭାଜପା ଓ ବିଜେଡି କର୍ମୀ ଧସ୍ତାଧସ୍ତି ହୋଇଥିଲେ। ଏହି ସମୟରେ ଦଳର ଏକ ମିଶ୍ରଣ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ମନ୍ତ୍ରୀ ମିଶ୍ର, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମଧ୍ୟ ବିରୋଧର ସମ୍ମୁଖୀନ ହୋଇଥିଲେ। ମନ୍ତ୍ରୀ ମିଶ୍ରଙ୍କ ଗାଡି ଉପରକୁ ଭାଜପା କର୍ମୀମାନେ ଅଣ୍ଡାମାଡ଼ କରିଥିଲେ। ଫଳରେ ୧୦/୧୫ ମିନିଟ୍ କଲେଜ ଛକ ରଣକ୍ଷେତ୍ର ପରିଣତ ହୋଇଥିଲା। ପୋଲିସ ପରିସ୍ଥିତିକୁ ଆୟତ୍ତ କରିବା ପରେ ମନ୍ତ୍ରୀ ମିଶ୍ର ଓ ସାଙ୍ଗଠନିକ ସମ୍ପାଦକ ଦାସ ସଭାସ୍ଥଳକୁ ଯାଇଥିଲେ।




# ସାତପଡ଼ାରେ ବୋମାମାଡ଼, ଜାଳିଦେଲେ ବସ୍ତି

**ଜମି ଜବରଦଖଲକୁ ନେଇ ଗୋଷ୍ଠୀ ସଂଘର୍ଷ**

- ରଣକ୍ଷେତ୍ର ପାଲଟିଲା ନାଥପୁର ୩୫ ମୌଜା
- ୧୦ରୁ ଊର୍ଦ୍ଧ୍ୱ ଆହତ, ଜଣେ ଅଟକ
- ୫ ପ୍ଲାଟୁନ୍ ଫୋର୍ସ ମୁତୟନ

ବ୍ରହ୍ମଗିରି, ୭।୧୧(ଡି.ଏନ୍.ଏ)

ପୁରୀ ଜିଲା ବ୍ରହ୍ମଗିରି ଥାନା ଅଧୀନ ସାତପଡ଼ା ଅଞ୍ଚଳର ନାଥପୁର ଗାଁ ରବିବାର ରଣକ୍ଷେତ୍ର ପାଲଟିଛି। ଜମି ଜବରଦଖଲକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଉତ୍ତେଜନାରୁ ଏହି ଗ୍ରାମରେ ସିରିଜ ବୋମାମାଡ଼ ହେବା ସହ ଗୁଳି ଫୁଟିଛି। ଗୋଟିଏ ଗୋଷ୍ଠୀର ୨୦ରୁ ଊର୍ଦ୍ଧ୍ୱ ବୋମା ମାଡ଼ରେ ବିସ୍ଥାପିତ ବସ୍ତି ଜଳିଯାଇଛି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବା ଖବର ପାଇ ପୁରୀ ଏସ୍‌ପି କନୱର ବିଶାଲ ସିଂ, ଅତିରିକ୍ତ ଏସ୍‌ପି ପ୍ରଫୁଲ୍ଲ କୁମାର ବଡଜେନା, ଏସ୍‌ଡିପିଓ କିଶୋର ମୁଣ୍ଡ, ବ୍ରହ୍ମଗିରି ଥାନା ଆଇଆଇସି ମନୋଜ କୁମାର ଶତପଥୀ, ତହସିଲଦାର କାହ୍ନୁଚରଣ ଘଡ଼େଇ ଏବଂ ଅତିରିକ୍ତ ଜିଲାପାଳ ସୁଭାଷ ଚନ୍ଦ୍ର ନାଥଶର୍ମା ପହଞ୍ଚିଛନ୍ତି। ଘଟଣା ସ୍ଥଳରେ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଉଭୟ ପକ୍ଷର ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିବାବେଳେ ଜଣଙ୍କୁ ପୋଲିସ ଅଟକ ରଖି ତଦନ୍ତ ଆରମ୍ଭ କରିଛି।



ନାଥପୁର ଗାଁ ନିକଟ ବିସ୍ଥାପିତ ବସ୍ତିରେ ବୋମାମାଡ଼ ଯୋଗୁ ଘରଗୁଡ଼ିକ ଜଳି ଯାଉଛି।

ସୂଚନା ଅନୁଯାୟୀ, ୬ମାସ ତଳେ ଚିଲିକା ମଧ୍ୟରେ ଥିବା କୃଷ୍ଣପ୍ରସାଦ ବ୍ଲକ ଅଧୀନ ବ୍ରହ୍ମପୁର ଗ୍ରାମରୁ ବିତାଡ଼ିତ ହୋଇ ଏକ ଦଳିତ ଗୋଷ୍ଠୀର ପ୍ରାୟ ୩୦ ପରିବାର ସାତପଡ଼ା ଅଞ୍ଚଳକୁ ଚାଲିଆସିଥିଲେ। ସେମାନେ ସାତପଡ଼ାର ନାଥପୁର ଗାଁ ନିକଟରେ ଥିବା ୩୫ ମୌଜାର ଗୋଚର ଜମିରେ ଆଶ୍ରୟ ନେଇଥିଲେ। ସେତେବେଳେ ଏହାକୁ ୩୫ ମୌଜାର ବାସିନ୍ଦା ବିରୋଧ କରିଥିଲେ। ଫଳରେ ସ୍ଥାନୀୟ ତହସିଲ ପ୍ରଶାସନ ଏହି ଘଟଣାରେ ☞ପୃଷ୍ଠା–୪

# ଖସୁଛି ପାରଦ, ୧୫ ଡିଗ୍ରୀ ତଳେ ୬ ସହର

**ଦାରିଙ୍ଗବାଡ଼ିରେ ସର୍ବନିମ୍ନ ୯.୫ ଡିଗ୍ରୀ**

ଭୁବନେଶ୍ୱର, ୭।୧୧(ବ୍ୟୁରୋ)

ରାଜ୍ୟରେ ତାପମାତ୍ରା ହ୍ରାସ ପାଇବାରେ ଲାଗିଛି। ରାତି ୧୧ଟା ପରେ ରାସ୍ତାରେ କୁହୁଡ଼ି ଦେଖାଯିବା ସହିତ ଥଣ୍ଡା ଅନୁଭୂତ ହେଉଛି। ଆସନ୍ତା ୩ରୁ ୪ ଦିନ ଭିତରେ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ଖସିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ରବିବାର ରାଜ୍ୟର ୬ଟି ସହରରେ ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଥିଲା। ଓଡ଼ିଶାର କଶ୍ମୀର କୁହାଯାଉଥିବା କନ୍ଧମାଳର ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୯.୫ ଡିଗ୍ରୀ ରହିଥିଲା। ଶନିବାର ଏଠାରେ ପାରଦ ୧୩ ଡିଗ୍ରୀ ରହିଥିବାବେଳେ ରବିବାର ଏଥିରେ ୩.୫ ଡିଗ୍ରୀ ହ୍ରାସ ଘଟିଥିଲା। ସେହିଭଳି କୋରାପୁଟ ୧୨.୨, ଫୁଲବାଣୀ ୧୨.୬, କେନ୍ଦୁଝର ୧୪.୨, ଟିଟିଲାଗଡ଼ ୧୪.୩ ଓ ଝାରସୁଗୁଡ଼ାରେ ୧୪.୬ ଡିଗ୍ରୀ ରେକର୍ଡ କରାଯାଇଛି। ଏହାଛଡ଼ା ଅନୁଗୋଳରେ ୧୫.୬, ବାରିପଦା ୧୬.୫, ସମ୍ବଲପୁର ୧୬.୫, ହୀରାକୁଦ ୧୫.୨, ବାଲେଶ୍ୱର ୧୭.୫, ଚାନ୍ଦବାଲି ୧୭, କଟକ ୧୮, ଭୁବନେଶ୍ୱର ୧୭, ସୁନ୍ଦରଗଡ଼ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ଭାରତ କେତେ ପ୍ରସ୍ତୁତ



# ଲୋକଙ୍କ ପାଖକୁ ଯାଅ

## ଭାଜପା ଜାତୀୟ କାର୍ଯ୍ୟକାରିଣୀରେ ମୋଦିଙ୍କ ମନ୍ତ୍ର



ଜାତୀୟ କାର୍ଯ୍ୟକାରିଣୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା।

ନୂଆଦିଲ୍ଲୀ,୭।୧୧

ଭାଜପା ସଦସ୍ୟମାନେ ସାଧାରଣ ଜନତାଙ୍କ ପାଖକୁ ଯାଆନ୍ତୁ। ସେମାନେ ଦଳ ଓ ଲୋକଙ୍କ ମଧ୍ୟରେ ବିଶ୍ୱାସର ସେତୁବନ୍ଧ ସାଜନ୍ତୁ ବୋଲି ରବିବାର ନୂଆଦିଲ୍ଲୀରେ ଅନୁଷ୍ଠିତ ଭାଜପା ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପରାମର୍ଶ ଦେଇଛନ୍ତି। ଏଥିସହ ଆଗାମୀ ୫ ରାଜ୍ୟ ବିଧାନସଭା ନିର୍ବାଚନରେ ଭାଜପା ଲୋକଙ୍କ ବିଶ୍ୱାସ ଜିତିବ ବୋଲି ମୋଦି ଆଶାବ୍ୟକ୍ତ କରିଛନ୍ତି।

ଆସନ୍ତା ବର୍ଷ ଫେବୃୟାରୀ-ମାର୍ଚ୍ଚ ଆଡ଼କୁ ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ଗୋଆ ଓ ମଣିପୁରରେ ବିଧାନସଭା ନିର୍ବାଚନ ହେବ। ଏହାକୁ ଦୃଷ୍ଟିରେ ରଖି ଭାଜପା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ମୋଦି ଉକ୍ତ ବୈଠକକୁ ସମ୍ବୋଧିତ କରି କହିଛନ୍ତି, ଭାଜପା କୌଣସି ନିର୍ଦ୍ଦିଷ୍ଟ କରିବାର ଚାରିପଟେ ଘୂରି ବୁଲିବା ପରିବର୍ତ୍ତେ 'ସେବା, ସଙ୍କଳ୍ପ ଓ ସମର୍ପଣ'ର ମୂଲ୍ୟବୋଧକୁ ନେଇ ଆଗେଇ ଚାଲିଛି। ନିକଟରେ ଅନୁଷ୍ଠିତ ତେଲଙ୍ଗାନାର ଏଲ୍ଲେନାବାଦ ଉପନିର୍ବାଚନରେ ସଫଳତା ଭାଜପାର ବିକାଶ କାର୍ଯ୍ୟସୂଚୀର ଗ୍ରହଣୀୟତାକୁ ଦର୍ଶାଉଛି। ଭାଜପା ଲୋକଙ୍କ ସେବା କରିବାର ସଂସ୍କୃତି ପ୍ରତି ସମର୍ପିତ ବୋଲି ପ୍ରଧାନମନ୍ତ୍ରୀ କହିଥିବା କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଥିଲେ, ଦଳକୁ ଆହୁରି ସଙ୍ଗଠିତ କରିବାକୁ ପଡ଼ିବ। ଭାଜପା ପାଇଁ ଭଲ ସମୟ ଆସିବା ବାକି ଅଛି। ସେହିପରି ଆଗାମୀ ନିର୍ବାଚନରେ ଦଳର ବିଜୟକୁ ସୁନିଶ୍ଚିତ କରାଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସ୍ପଷ୍ଟ କରିଥିଲେ। ବୈଠକରେ ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକ ମଧ୍ୟରୁ ୟୁପି, ଉତ୍ତରାଖଣ୍ଡ, ଗୋଆ ଓ ମଣିପୁରର ମୁଖ୍ୟମନ୍ତ୍ରୀ ତଥା ଭାଜପା ସଭାପତିମାନେ ଦଳୀୟ ରଣନୀତିକୁ ନେଇ ରିପୋର୍ଟ ଉପସ୍ଥାପନ କରିଥିଲେ। ପଞ୍ଜାବ ୟୁନିଟ୍ ସଭାପତି ମଧ୍ୟ ଅନୁରୂପ ଉପସ୍ଥାପନା ରଖିଥିଲେ। ଭାଜପା ନେତାମାନେ ୫ ରାଜ୍ୟ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କାର୍ଯ୍ୟକାରିଣୀ ବୈଠକରେ ଏକ ରାଜନୈତିକ ସଂକଳ୍ପନାମା ଉପସ୍ଥାପନ ପାଇଁ ପରାମର୍ଶ ଦେଇଥିଲେ। ଯୋଗୀଙ୍କ ପ୍ରସ୍ତାବକୁ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଓ ମଣିପୁର ମୁଖ୍ୟମନ୍ତ୍ରୀ ଏନ୍.ବୀରେନ୍ ସିଂ ସମର୍ଥନ କରିଥିଲେ। ଉକ୍ତ ସଂକଳ୍ପନାମାରେ କୋଭିଡ୍-୧୯ ମୁକାବିଲା, ଟିକାକରଣ, ଜଳବାୟୁ ପରିବର୍ତ୍ତନ' ଆଦି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ ସହ ବିରୋଧୀ ଦଳଗୁଡ଼ିକ ସୁବିଧାବାଦ ରାଜନୀତି କରୁଥିବା ନେଇ ନିନ୍ଦା କରାଯାଇଛି।

# ଓଡ଼ିଶା ସଙ୍ଗଠନ ମଜଭୁତ କରିବ ଭାଜପା

ଭୁବନେଶ୍ୱର,୭।୧୧(ବ୍ୟୁରୋ)




ଭାଜପା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକରେ ଭିସି ମାଧ୍ୟମରେ ଓଡ଼ିଶାରୁ ଯୋଗଦେଇଥିବା ରାଜ୍ୟ ନେତୃବୃନ୍ଦ।

ଓଡିଶାରେ ଭାଜପା କିପରି ନିଜର ସାଙ୍ଗଠନିକ ସ୍ଥିତି ଅଧିକ ମଜଭୂତ କରିପାରିବ ସେନେଇ ଏବେଠାରୁ ନୂଆ ରଣନୀତି ପ୍ରସ୍ତୁତ କରିବ। ଏନେଇ ଦଳର ଜାତୀୟସ୍ତରର ନେତାମାନେ ମଧ୍ୟ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡାଙ୍କ ନେତୃତ୍ୱରେ ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ତେଲେଙ୍ଗାନାରେ ସଙ୍ଗଠନକୁ ମଜଭୁତ୍ କରାଯାଇ ଦଳକୁ କ୍ଷମତାରେ ଆଣିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଉଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଦଳର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀରେ ଭାଜପା ରାଜ୍ୟ କାର୍ଯ୍ୟାଳୟରୁ ଦଳର ସଭାପତି ସମୀର ମହାନ୍ତି, ଏମ୍‌ପି ଜୁଏଲ୍ ଓରାମ ଏବଂ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସାମିଲ ହୋଇଛନ୍ତି।

ରବିବାର ଭାଜପା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ ପରିପ୍ରେକ୍ଷୀରେ ନୂଆଦିଲ୍ଲୀ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡାଙ୍କ ଅଧ୍ୟକ୍ଷତାରେ ଦଳର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ ଉଦଘାଟିତ ହୋଇଯାଇଛି। ବୈଠକରେ ଦେଶର ବିଭିନ୍ନ ରାଜ୍ୟ ବିଶେଷ ଭାବେ ଓଡ଼ିଶା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, କେରଳ, ତାମିଲନାଡୁ ଏବଂ ତେଲେଙ୍ଗାନାରେ ସଙ୍ଗଠନକୁ ମଜବୁତ୍ କରିବା ପାଇ ବିଭିନ୍ନ ଯୋଜନା ପ୍ରସ୍ତୁତ ହୋଇଛି। ଏହିସବୁ ରାଜ୍ୟରେ ସଙ୍ଗଠନକୁ ମଜବୁତ୍ କରାଯିବା ସହ ଦଳକୁ କ୍ଷମତାରେ ଆଣିବା ପାଇଁ ରଣନୀତି ପ୍ରସ୍ତୁତ ହୋଇଛି। ବୈଶ୍ୱିକ ଆହ୍ୱାନ ସମୟରେ ଦେଶକୁ ନିଜର ଦୂରଦର୍ଶୀ ନେତୃତ୍ୱରେ ଆଗକୁ ନେବା, ପ୍ରଶାସନିକ ଆଦର୍ଶ ସ୍ଥାପିତ କରିବା ତଥା ବିଶ୍ୱର ସବୁଠୁ ବଡ଼ ଟିକାକରଣ ଅଭିଯାନ ଏବଂ ଖାଦ୍ୟ ସୁରକ୍ଷା ଅଭିଯାନକୁ ସଞ୍ଚାଳନ କରି ଦେଶର ଅର୍ଥନୀତିକୁ ସମ୍ଭାଳିବା ପାଇଁ ଆଜି ଭାଜପା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଧାନମନ୍ତ୍ରୀଙ୍କ କୃତଜ୍ଞତା ଜ୍ଞାପନ କରିଛନ୍ତି। ୩୬ଟି ସଙ୍ଗଠନାତ୍ମକ ଶାଖାର ୩୪୨ ପ୍ରତିନିଧିମାନେ ଡ଼ିଜିଟାଲ ପଞ୍ଜିକରଣ କରିଥିବା ଧର୍ମେନ୍ଦ୍ର ସୂଚନା ଦେଇଛନ୍ତି।

# ମଞ୍ଚରେ ମନ୍ତ୍ରୀ ବସିଲେ ଆନ୍ଦୋଳନ ଜୋର୍‌ଦାର ହେବ: ଭକ୍ତ

ଜୁନାଗଡ,୭।୧୧(ଡି.ଏନ.ଏ.)



ଜୁନାଗଡରେ ଅନୁଷ୍ଠିତ ସାଧାରଣ ସଭାରେ ମଞ୍ଚାସୀନ କଂଗ୍ରେସର ନେତୃମଣ୍ଡଳୀ।

ମମିତା ମେହେର ହତ୍ୟା ଘଟଣା ନେଇ ରାଜ୍ୟରେ ଏବେ ହଇଚଇ ସୃଷ୍ଟି କରିଛି। ଏପରିସ୍ଥଳେ ମମିତାଙ୍କୁ ନ୍ୟାୟ ଦେବା ପାଇଁ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ ଲଢେଇ ଜୋରଦାର କରିଛନ୍ତି। ରବିବାର ସନ୍ଧ୍ୟାରେ କଳାହାଣ୍ଡି ଜିଲ୍ଲା ଜୁନାଗଡ ସହର ନୂଆବସଷ୍ଟାଣ୍ଡଠାରେ କଂଗ୍ରେସ ପକ୍ଷରୁ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କ ଉପରେ ବର୍ଷିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ତଥା ମୁଖ୍ୟମନ୍ତ୍ରୀଙ୍କ ମଞ୍ଚରେ ମନ୍ତ୍ରୀ ମିଶ୍ର ବସିଲେ ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରାଯିବ ବୋଲି ସେ କହିଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ ବେଳେ ଜନତା କର୍ଫ୍ୟୁ କରିବା ପାଇଁ ଜିଲାବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ସମୟରେ ଜିଲା ସଭାପତି ଭାରତ ଭୂଷଣ ବେମାଲ, ଜିଲା ଯୁବ ସଭାପତି ସାଉଲ ମଙ୍ଗରାଜ, ବରିଷ୍ଠ କଂଗ୍ରେସ ନେତା ରବି ପଟ୍ଟଯୋଷୀ, ଜିଲା ସାଧାରଣ ସମ୍ପାଦକ ଚିତ୍ତ ରଞ୍ଜନ ନିଆଲ, ସମ୍ପାଦକ ସତ୍ୟ ସରାଫ, ଯୁବ ନେତା ପ୍ରଭାତ ଦାଶ, ନିକୁଞ୍ଜ ଚଲାନ, ପରମେଶ୍ୱର ମୋଟେଲ, ଡାକେ ଲହଜଲ, ନାରିନେତ୍ରୀ ମାଣିକ୍ୟ ସୁନା ପ୍ରମୁଖ ଉପସ୍ଥିତ ଥିଲେ।



ମମିତା ମେହେର ହତ୍ୟାକାଣ୍ଡ ନେଇ ରବିବାର କଳାହାଣ୍ଡି ଜିଲା ଜୁନାଗଡ଼ କଲେଜ ଛକରେ ବିଜେଡିର ବାଇକ୍ ଶୋଭାଯାତ୍ରା ବେଳେ ଭାଜପା-ବିଜେଡି କର୍ମୀ ମୁହାଁମୁହିଁ ହୋଇଛନ୍ତି।

# ଭାଜପାରେ ଯୋଗଦେଲେ ବିଜେଡି, କଂଗ୍ରେସ କର୍ମୀ

ଭୁବନେଶ୍ୱର,୭।୧୧(ବ୍ୟୁରୋ)

ଶାସକ ବିଜେଡି ଉପରୁ ସାଧାରଣ ଜନତା କ୍ରମଶଃ ଆସ୍ଥା ହରାଉଛନ୍ତି। ଗରିବ ତଥା ଯୋଗ୍ୟ ହିତାଧିକାରୀଙ୍କୁ ସେମାନଙ୍କ ନ୍ୟାର୍ଯ୍ୟ ହକ୍‌ରୁ ବଞ୍ଚିତ କରାଯାଉଛି। ଶାସକ ଦଳର କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କୁ ଛାଡିଦେଲେ ସାଧାରଣ ଜନତାଙ୍କୁ ଅଣଦେଖା କରାଯାଉଛି। ବିଶେଷ ଭାବେ କରୋନା ମହାମାରୀ ସଙ୍କଟ ସମୟରେ ମୋଦି ସରକାରଙ୍କ ଗରୀବକଲ୍ୟାଣ ଯୋଜନାରେ ସଫଳ କ୍ରିୟାନ୍ୱୟନ ସମସ୍ତ ଦେଶବାସୀଙ୍କୁ ଆଶ୍ୱସ୍ତି ଦେବା ସହ ଭରଷା ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନ ପ୍ରତି ଆକୃଷ୍ଟ ହୋଇ ବିଜେଡି ଓ କଂଗ୍ରେସର ବହୁ କାର୍ଯ୍ୟକର୍ତା ଭାଜପାରେ ସାମିଲ ହେଉଛନ୍ତି। ସୋମବାର ଭୁବନେଶ୍ୱର ଏକାମ୍ର ଗ୍ରାମୀଣ ମଣ୍ଡଳ ସଭାପତି ଅରୁଣ ପୁରୋହିତଙ୍କ ନେତୃତ୍ୱ ଏବଂ ମଣ୍ଡଳ ପ୍ରଭାରୀ ତାପସ ଦଳାଇଙ୍କ ଉପସ୍ଥିତିରେ ଟିକରପଡା ପଞ୍ଚାୟତର ସମିତି ସଭ୍ୟ ବିଭୁତି ଭୂଷଣ ପ୍ରଧାନ ନିଜ ସମର୍ଥକଙ୍କ ଗ୍ରହଣରେ ଭାଜପାରେ ଯୋଗଦାନ କରିଛନ୍ତି। ଏହି ଅବସରରେ ଟିକରପଡା ପଞ୍ଚାୟତର ଲିପନ ଦାସ, ସୁଜନ ମଲିକ, ମୋହନ ମଲିକ ପ୍ରମୁଖଙ୍କ ସମେତ ବହୁ ବିଜେଡି ଓ କଂଗ୍ରେସ କାର୍ଯ୍ୟକର୍ତା ଅନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ସେମାନଙ୍କୁ ଉତ୍ତରୀୟ ଓ ଦଳୀୟ ଟୋପି ପିନ୍ଧାଯାଇ ଦଳକୁ ସ୍ୱାଗତ କରାଯାଇଛି।

# ପରିବାର ଉପରେ ଚାପ ପକାଯାଉଛି

## ମମିତା ହତ୍ୟା ଘଟଣାରେ ସରକାରଙ୍କୁ ବିରୋଧୀଙ୍କ ଟାର୍ଗେଟ୍

ଭୁବନେଶ୍ୱର,୭।୧୧(ବ୍ୟୁରୋ)



ଜୁଏଲ ଓରାମ

ମମିତା ମେହେର ହତ୍ୟା ମାମଲାରେ ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ଭାଜପା ଏମ୍‌ପି ଜୁଏଲ୍ ଓରାମ ଟାର୍ଗେଟ୍ କରିଛନ୍ତି। ମମିତା ହତ୍ୟା ଘଟଣାକୁ ମୁଖ୍ୟମନ୍ତ୍ରୀ ଜାଣୁଛନ୍ତି ନା ନାହିଁ ତାକୁ ନେଇ ସନ୍ଦେହ ଦେଖାଦେଇଛି। ପୂର୍ବରୁ ସ୍ୟାଡୋ କରପ୍‌ଶନରେ ଟିକେ ଅଭିଯୋଗ ପରେ କଠୋର କାର୍ଯ୍ୟାନୁଷ୍ଠାନ ନେଉଥିଲେ। ହେଲେ ଏବେ ମମିତା ମାମଲାରେ ମନ୍ତ୍ରୀଙ୍କ ସମ୍ପୃକ୍ତି ନେଇ ଅନେକ ଅଭିଯୋଗ ଆସିବା ପରେ ମଧ୍ୟ ତାଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ବୋଲି ଜୁଏଲ୍ ଅଭିଯୋଗ କରିଛନ୍ତି। ତାଙ୍କ ପରିବାର ଉପରେ ଚାପ ପକାଯାଉଥିବା ନେଇ ମଧ୍ୟ ସେ କହିଛନ୍ତି।

ଜୁଏଲ୍ କହିଛନ୍ତି, ଏଭଳି ଏକ ଗମ୍ଭୀର ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ନିଦାବିଷ୍ଟ ସାଜିଛନ୍ତି। ଲୋକମାନେ ମଧ୍ୟ ଏହା ଦେଖୁଛନ୍ତି। ଆଉ ଏହାର ପରିଣାମ ମଧ୍ୟ ତାଙ୍କୁ ଆଗାମୀ ଦିନରେ ଭୋଗିବାକୁ ପଡ଼ିବ। କିନ୍ତୁ ଏହା ବିରୋଧରେ ଲଢ଼େଇ କରୁଛୁ। ଭାଜପା ଅନ୍ତିମ ସମୟ ପର୍ଯ୍ୟନ୍ତ ଲଢ଼େଇ କରିବ। ମନ୍ତ୍ରୀଙ୍କୁ ବହିଷ୍କାର କରା ନ ଯିବା ପର୍ଯ୍ୟନ୍ତ ଏହା ଜାରି ରହିବ। ବର୍ତ୍ତମାନ ରାଜ୍ୟରେ ପୋଲିସର ଅତ୍ୟାଚାର ବଢୁଛି। ଆମେ ଆନ୍ଦୋଳନ କରୁଛୁ। ପୋଲିସ ବିଭିନ୍ନ ଆଳ ଦେଖାଇ ଆମକୁ ହଇରାଣ କରୁଛି। କିନ୍ତୁ ଆମେ ଏସବୁକୁ ନେଇ ଆଦୌ ଭୟଭୀତ ନାହୁଁ। ସୋମବାର ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ ପୂର୍ବରୁ ମମିତାଙ୍କ ପରିବାର ଉପରେ ଚାପ ପକାଯାଉଛି। ପୂର୍ବରୁ ମମିତାଙ୍କ ପରିବାର ଲୋକେ ମନ୍ତ୍ରୀଙ୍କ ସମ୍ପୃକ୍ତି ନେଇ ବୟାନ ଦେଉଥିଲେ, ହେଲେ ଏବେ ଚୁପ୍ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ତାଙ୍କ ପରିବାର ଉପରେ ଚାପ ପକାଯାଉଥିବାରୁ ସେମାନେ ଏବେ ଭିଡିଓରେ ଏଭଳି କହୁଛନ୍ତି। ପୂର୍ବରୁ ତାଙ୍କ ପରିବାର ଲୋକେ ମନ୍ତ୍ରୀଙ୍କ ସମ୍ପୃକ୍ତି ନେଇ ଅଭିଯୋଗ କରୁଥିଲେ। ମନ୍ତ୍ରୀଙ୍କ ପିଏ, ଡ୍ରାଇଭର ସମ୍ପୃକ୍ତ ଅଛନ୍ତି। ତେବେ ମନ୍ତ୍ରୀ କିପରି ସମ୍ପୃକ୍ତ ନାହାନ୍ତି ବୋଲି ଜୁଏଲ୍ ପ୍ରଶ୍ନ କରିଛନ୍ତି।

ସେହିପରି ଭାଜପା ନେତ୍ରୀ ତଥା ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ କହିଛନ୍ତି, ରାଜ୍ୟରେ ପ୍ରତ୍ୟେକ ଦିନ ଅନେକ ଆପରାଧିକ ଘଟଣା ଘଟୁଛି। ଶିଶୁ ଓ ମହିଳା ସୁରକ୍ଷା ଉପରେ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ରାଜ୍ୟରେ ଘଟିଥିବା ଏହିଭଳି ୨ଟି ଘଟଣା ମନେପଡୁଛି। ନୟାଗଡ଼ର ପରୀ ଓ କୁନ୍ଦୁଲି ଘଟଣାରେ ପରିବାର ଆଣିଥିବା ଅଭିଯୋଗ ସମ୍ବେଦନଶୀଳ ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହିସବୁ ଘଟଣାରେ ଏ ପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ଦେଲେ ନାହିଁ। ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ଯେଉଁ ମନ୍ତବ୍ୟ ରଖିଛନ୍ତି, ତାହା ହାସ୍ୟାସ୍ପଦ। ନିଜ ଜିଲାର ଜଣେ ଝିଅ ସହ ଘଟିଥିବା ଅମାନବୀୟ ଘଟଣା ପରେ ତାଙ୍କ ଘରକୁ ନ ଯାଇ ଚୁପ୍ ରହିବା ଆଶ୍ଚର୍ଯ୍ୟଜନକ। ଏଥିରୁ ଏହି ଘଟଣା ପ୍ରତି ତାଙ୍କର ସମ୍ବେଦନଶୀଳତାକୁ ଦର୍ଶାଉଛି।

କଂଗ୍ରେସ ବରିଷ୍ଠ ନେତା ସୁରେଶ କୁମାର ରାଉତରାୟ କହିଛନ୍ତି, ଏବେ ମମିତାଙ୍କ ପରିବାର ପକ୍ଷରୁ ଏହି ଘଟଣାରେ କୌଣସି ରାଜନୀତି ନ କରିବାକୁ କୁହାଗଲାଣି। ପୂର୍ବରୁ ଖୋଲାଖୋଲି ନିର୍ଦ୍ଦିଷ୍ଟ ଲୋକଙ୍କ ନାଁରେ ଅଭିଯୋଗ ଆଣୁଥିବା ଲୋକେ ଏବେ ନିଜ ବକ୍ତବ୍ୟ ବଦଳାଇବା କଥାରୁ ସ୍ପଷ୍ଟ ଜଣାପଡୁଛି। ସରକାରଙ୍କ ପକ୍ଷରୁ ତାଙ୍କ ପରିବାର ଉପରେ ଚାପ ପକାଯାଉଥିବା ନେଇ ସୁରେଶ କହିଛନ୍ତି।

# ମହାଲିଙ୍ଗରୁ ଭାଜପାର ନ୍ୟାୟ ଯାତ୍ରା

ଭବାନୀପାଟଣା,୭।୧୧(ସ୍ୱ.ପ୍ର.)



ଭାଜପାର ନ୍ୟାୟ ଯାତ୍ରା ଅବସରରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଉଦ୍‌ବୋଧନ ଦେଉଛନ୍ତି।

ମମିତା ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବି ସହ ଏଥିରେ ସମ୍ପୃକ୍ତ ଥିବା ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କ ଇସ୍ତଫା ଦାବିରେ ଭାଜପା ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯାଉଛି। ମମିତା ମାଗେ ନ୍ୟାୟ ଦାବି ନେଇ ରବିବାରଠାରୁ ଭାଜପାର ନ୍ୟାୟ ଯାତ୍ରା ଆରମ୍ଭ ହୋଇଯାଇଛି। ପ୍ରଥମ ଦିନରେ ନ୍ୟାୟ ଯାତ୍ରା ଜିଲାର ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ଗ୍ରାମରୁ ଆରମ୍ଭ ହୋଇ ଶେଷରେ ଭବାନୀପାଟଣାରେ ପହଞ୍ଚିଛି। ଏହି ନ୍ୟାୟ ଯାତ୍ରାରେ ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ସାଧାରଣ ସମ୍ପାଦିକା ବବିତା ମିଶ୍ର, କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ଜିଲା ସଭାନେତ୍ରୀ ନିରୁପମା ନାଏକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ଜିଲା ଉପସଭାପତି ଅଜୟ ପାଣିଗ୍ରାହୀ, ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ହିମାଂଶୁ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଯେତେଦିନ ପର୍ଯ୍ୟନ୍ତ ଏହି ଘଟଣାର ସିବିଆଇ ତଦନ୍ତ ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଇସ୍ତଫା ନ ଦେବେ ସେତେଦିନ ପର୍ଯ୍ୟନ୍ତ ଏହି ଲଢେଇ ଚାଲିବ ବୋଲି ଦଳୀୟ କର୍ମକର୍ତ୍ତା କହିଥିଲେ। ଅନ୍ୟପକ୍ଷରେ ମହାଲିଙ୍ଗଠାରେ ପ୍ରତିବାଦ ସଭା ସମୟରେ ଦଳୀୟ କର୍ମକର୍ତ୍ତା କିଛି ଗ୍ରାମବାସୀଙ୍କ ଆକ୍ରୋଶର ଶିକାର ହୋଇଥିବା ଜଣାପଡିଛି। ସନ୍ଧ୍ୟାରେ ଭବାନୀପାଟଣା ଗାନ୍ଧୀଛକଠାରେ ଏ ନେଇ ଏକ ସାଧାରଣ ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା।

# ବିକାଶ ଧାରାକୁ ରୋକିପାରିବନି କଳାପତାକା, ଅଣ୍ଡାମାଡ଼

- ଭାଜପା, କଂଗ୍ରେସ ଛାଡ଼ି ସାମିଲ ହେଲେ ୨୧ ଶହ କର୍ମୀ
- ଜୁନାଗଡ଼ରେ ବିଜେଡିର ମିଶ୍ରଣ ପର୍ବ

ଜୁନାଗଡ଼,୭।୧୧(ଡି.ଏନ.ଏ.)



ଜୁନାଗଡ଼ରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଅତିଥିବୃନ୍ଦ।

ରାଜନୀତିରେ ହିଂସାର କୌଣସି ସ୍ଥାନ ନାହିଁ। ମମିତା ହତ୍ୟା ଘଟଣାକୁ ନେଇ ଉଭୟ ଭାଜପା ଓ କଂଗ୍ରେସ ଔଷଧ ବିକଳରେ ତାଟିଆ କାମୁଡିବା ଭଳି ହେଉଛନ୍ତି। ସେମାନେ ଏହି ଘଟଣାରେ ହିଂସାତ୍ମକ ଓ ହୀନ ରାଜନୀତି କରିବା ସହ କଳାହାଣ୍ଡିର ଛବିକୁ ରାଜ୍ୟରେ ମଳିନ କରିବାରେ ଲାଗି ପଡିଛନ୍ତି। ସେମାନେ ଯେତେ କଳାପତାକା ପ୍ରଦର୍ଶନ କରିବା ସହ ଅଣ୍ଡା ମାରିଲେ ମଧ୍ୟ ନବୀନ ସରକାରଙ୍କ ବିକାଶ ଧାରାକୁ ରୋକି ପାରିବେନି ବୋଲି କଳାହାଣ୍ଡି ଜିଲା ଜୁନାଗଡ ସହରଠାରେ ରବିବାର ଆୟୋଜିତ ବିଜେଡିର କର୍ମୀ ସମ୍ମିଳନୀରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି। ନାରୀଙ୍କ ସମ୍ମାନ ଓ ସୁରକ୍ଷା ଦିଗରେ ମଧ୍ୟ ନବୀନ ସରକାର ସବୁବେଳେ ପ୍ରଚେଷ୍ଟାରତ ରହିଛନ୍ତି ବୋଲି କହିଥିଲେ। ସୋମବାର ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ ପୂର୍ବରୁ ବିରୋଧୀଙ୍କୁ ଚେକ୍ ଦେବା ପାଇଁ ଜୁନାଗଡ ସହର ସାପ୍ତାହିକ ବଜାର ପରିସରରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୁନାଗଡ ନିର୍ବାଚନ ମଣ୍ଡଳୀର ୧୫ ଶହ ଓ ଧର୍ମଗଡ ନିର୍ବାଚନ ମଣ୍ଡଳୀର ୬ଶହ ସମୁଦାୟ ୨୧ଶହ କର୍ମୀ ଭାଜପା ଓ କଂଗ୍ରେସ ଛାଡି ବିଜେଡିରେ ସାମିଲ ହୋଇଥିଲେ। ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ଧର୍ମଗଡ ବିଧାୟକ ମୌଷଧି ବାଗ, ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ, ବଲାଙ୍ଗୀର ଜୋନ୍ ସଭାନେତ୍ରୀ କଲ୍ୟାଣୀ ନାଏକ, ରାଜ୍ୟ ସମ୍ପାଦିକା ବିଜୟା ଲକ୍ଷ୍ମୀ କନ୍ଦପାନ, ଯୁଗ୍ମ ସମ୍ପାଦିକା ମନୀଷା ସାହୁ, ଜୁନାଗଡ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ମହେଶ ସାହୁ, ସୁଧାଂଶୁ ବରାଡ, ଜିଲା ଉପସଭାପତି ଦିଗାମ୍ବର ନାଏକ, ସମ୍ପାଦକ ଅଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜୁନାଗଡ ବ୍ଲକ ସଭାପତି ପ୍ରମୋଦ ବେହେରା ଓ ଧର୍ମଗଡର ରାଜେନ୍ଦ୍ର ମୁନି ସଭା ପରିଚାଳନା କରିଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୫,୦୪,୯୭,୮୫୧ | ୫୦,୬୩,୩୯୪ | ୨୨,୬୬,୪୪,୧୬୫ |
| ଭାରତ | ୩,୪୩,୫୬,୬୩୫ | ୪,୬୦,୮୦୪ | ୩,୩୭,୪୨,୫୯୭ |
| ଓଡ଼ିଶା | ୧୦,୪୩,୪୬୯ | ୮୩୫୭(+୫୩) | ୧୦,୩୨,୧୯୭ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଶଗଡ଼ା ଜଙ୍ଗଲରେ ପୋଲିସ-ମାଓବାଦୀ ଗୁଳି ବିନିମୟ

ଭବାନୀପାଟଣା,୭।୧୧(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଶଗଡା ଜଙ୍ଗଲରେ ରବିବାର ସକାଳୁ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିବା ଜଣାପଡିଛି। ଫଳରେ କିଛିଦିନ ବ୍ୟବଧାନ ପରେ ପୁଣି ମାଓବାଦୀମାନେ କଳାହାଣ୍ଡିରେ ନିଜର ସ୍ଥିତି ଜାହିର କରିଥିବା ଏଥିରୁ ସ୍ପଷ୍ଟ ହୋଇଛି। ଜିଲା ପୋଲିସ ଏସଓଜି ଓ ଡିଭିଏଫ୍ ପକ୍ଷରୁ ଶଗଡା ଜଙ୍ଗଲରେ କୋମ୍ବିଂ ଅପରେଶନ କରାଯାଉଥିବା ବେଳେ ପୋଲିସ ଓ ମାଓବାଦୀ ମଧ୍ୟରେ ଗୁଳି ବିନିମୟ ହୋଇଥିବା ଜଣାପଡିଛି। ତେବେ ପୋଲିସର ପାଲଟା ଆକ୍ରମଣରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଜଙ୍ଗଲ ମଧ୍ୟକୁ ଚାଲିଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଗୁଳି ବିନିମୟରେ କାହାରି କିଛି କ୍ଷତି ହୋଇ ନ ଥିବାବେଳେ ଏ ନେଇ ପୋଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

### ଚୌଦ୍ୱାର ଜେଲରେ କଏଦୀ ମୃତ

ଚୌଦ୍ୱାର,୭।୧୧(ଡି.ଏନ୍.ଏ.): ଚୌଦ୍ୱାର ସର୍କଲ ଜେଲରେ ଜଣେ ବିଚାରାଧୀନ କଏଦୀଙ୍କର ରବିବାର ମୃତ୍ୟୁ ଘଟିଛି। ସେ ହେଲେ କଟକ ସଦର ଥାନା ଅଧୀନ ବ୍ରାହ୍ମଣଝରିଲୋ ଗ୍ରାମର ମନୋଜ କୁମାର ବେହେରା(୩୦)। ନାବାଳିକା ଅସଦାଚରଣ ମାମଲାରେ କଟକ ସଦର ପୋଲିସ ତାଙ୍କୁ ଗିରଫ କରି ଗତବର୍ଷ ମେ' ୧୮ ତାରିଖରେ ଜେଲ୍ ପଠାଇଥିଲା। ସେବେଠାରୁ ସେ ଜେଲରେ ରହିଥିଲେ। ରବିବାର ସକାଳେ ସେ ୱାର୍ଡ ଭିତରେ ପୂଜା କରୁଥିବାବେଳେ ହଠାତ୍ ଟଳି ପଡ଼ିଥିଲେ। ମୁଣ୍ଡରେ ଗୁରୁତର ଆଘାତ ଲାଗିବାରୁ ତାଙ୍କୁ ଜେଲ ପରିସରରେ ଥିବା ମେଡିକାଲରେ ଚିକିତ୍ସା କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜେଲର ବିଭେନ୍ଦୁ ଭୂୟାଁ କହିଛନ୍ତି। ଖବରପାଇ ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୨୫/୨୧) ରୁଜୁ ହୋଇଛି।

### ୪ ଡେଙ୍ଗୁ ରୋଗୀ ଚିହ୍ନଟ

ବ୍ରହ୍ମପୁର ଅଫିସ,୭।୧୧: ଗଞ୍ଜାମ ଜିଲାରେ ଡେଙ୍ଗୁ ସ୍ଥିତି ଅସମ୍ଭାଳ ହୋଇ ପଡ଼ିଲାଣି। ଜିଲାର ବିଭିନ୍ନ ବ୍ଲକ ଓ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ରେ ପ୍ରତିଦିନ ପଜିଟିଭ ଚିହ୍ନଟ ହେଉଛନ୍ତି। ପୁଣିଥରେ ରବିବାର ୪ ରୋଗୀ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ମୋଟ ଡେଙ୍ଗୁ ପଜିଟିଭଙ୍କ ସଂଖ୍ୟା ଏବେ ୨୪୭ରେ ପହଞ୍ଚିଛି। ଡେଙ୍ଗୁ ଚିହ୍ନଟ ହେଉଥିବା ଅଞ୍ଚଳକୁ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଯାଇ ଲାର୍ଭା ଚିହ୍ନଟ କରି ତାହା ନଷ୍ଟ କରୁଛି। ସେହିପରି ଲୋକଙ୍କୁ ସଚେତନ ମଧ୍ୟ କରୁଛି। ରବିବାର ଚିହ୍ନଟ ହୋଇଥିବା ଡେଙ୍ଗୁ ପଜିଟିଭଙ୍କ ମଧ୍ୟରେ ବିଏମ୍‌ସିରେ ଦୁଇ ଜଣ ରହିଥିବା ବେଳେ ଚିକିଟି ବ୍ଲକରେ ଜଣେ ଓ ଅନ୍ୟଜଣେ ଛତ୍ରପୁର ବ୍ଲକର ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

# ତଦନ୍ତ ସରିଲା, ଅଡୁଆ ବଢ଼ିଲା



## ରହସ୍ୟରେ ଆଠଗଡ଼ ଦନ୍ତା ମୃତ୍ୟୁ

■ କ୍ରାଇମବ୍ରାଞ୍ଚକୁ ମାମଲା ହସ୍ତାନ୍ତର କରାଯାଉ

ଭୁବନେଶ୍ୱର, ୭।୧୧(ବ୍ୟୁରୋ)

ଆଠଗଡ଼ ବନଖଣ୍ଡ ଅନ୍ତର୍ଗତ ସୁବାସୀ ଜଙ୍ଗଲରେ ୨୦୨୦ ଅଗଷ୍ଟ ୨୭ରେ ଏକ ୧୫ବର୍ଷୀୟ ଦନ୍ତାର ମୃତ୍ୟୁ ଘଟିଥିଲା। ବିଳମ୍ବିତ ରାତିରେ ବନ କର୍ମଚାରୀମାନେ ହାତୀଟିର ଦୁଇଟି ଦାନ୍ତକୁ କାଟି ରଖିବା ପରେ ତାହାକୁ ପୋତି ଦେଇଥିଲେ। ଏପରିକି ଘଟଣାକୁ ମଧ୍ୟ ଲୁଚାଇ ଦିଆଯାଇଥିଲା। ତେବେ ବର୍ଷକ ପରେ ଅର୍ଥାତ୍ ଗତ କିଛିଦିନ ତଳେ ଏହାର ଭିଡିଓ ଭାଇରାଲ ହେବାରୁ ଘଟଣାକୁ ନେଇ ହଟଚମଟ ଆରମ୍ଭ ହୋଇଛି। ବନ କର୍ମଚାରୀମାନେ ମୃତଦେହକୁ ଲୁଣ ପକାଇ ଗାତରେ ପୋତୁଥିବା ଉକ୍ତ ଭିଡିଓରେ ରହିଥିବାବେଳେ ଏଥିରେ ବନ ବିଭାଗର କାର୍ଯ୍ୟକଳାପ ପୂରା ସନ୍ଦେହ ଘେରକୁ ଆସିଛି। ଇତିମଧ୍ୟରେ ଆର୍‌ସିସିଏଫ୍ ଅକ୍ଷୟ ପଟ୍ଟନାୟକ ଘଟଣାର ତଦନ୍ତ କରିଛନ୍ତି। ଏପଟେ ଗତ ୧ ତାରିଖରେ ଆଠଗଡ଼ ରେଞ୍ଜର କାଟି ରଖାଯାଇଥିବା ଦୁଇଟି ଯାକ ହାତୀ ଦାନ୍ତ ଆଣି ଡିଏଫ୍‌ଓଙ୍କୁ ହସ୍ତାନ୍ତର କରିଛନ୍ତି। ଖୋଦ୍ ପିସିସିଏଫ୍ (ବନ୍ୟପ୍ରାଣୀ) ଶଶୀ ପଲ୍ ପୂରା ଘଟଣା ଉପରେ ନଜର ରଖିଥିବାବେଳେ ହାତିଟିର କେଉଁ ପରିସ୍ଥିତିରେ ମୃତ୍ୟୁ ଘଟିଥିଲା, କାହିଁକି ତରବରିଆ ଭାବେ ଦାନ୍ତ କଟାଯାଇ ପୋତିଦିଆଗଲା, ଏଥିପାଇଁ କିଏ ଦାୟୀ, କାହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ତାହା ସ୍ପଷ୍ଟ କରୁନି ବିଭାଗ। ଅନ୍ୟପକ୍ଷରେ ବ୍ୟବଚ୍ଛେଦ ରିପୋର୍ଟରେ ରୋଗ ଯୋଗୁ ହାତୀଟିର ମୃତ୍ୟୁ ଘଟିଥିବା ଉଲ୍ଲେଖ ରହିଛି। କିନ୍ତୁ ଶିକାରୀ ଗୁଳିରେ ଉକ୍ତ ହାତୀଟିର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଥିବାରୁ ଅଧିକ ତଦନ୍ତର ଆବଶ୍ୟକତା ରହିଛି। ପୂରା ଘଟଣାକୁ ତର୍ଜମା କଲେ ଏଥିରେ ତଳିଆ କର୍ମଚାରୀଙ୍କଠାରୁ ଆରମ୍ଭ କରି ବଡ଼ ଅଫିସରଙ୍କର ବି ସମ୍ପୃକ୍ତି ଥିବା ଜଣାପଡିବା ପରେ ବିଭାଗ ପାଇଁ ଅଡୁଆ ବଢ଼ିଛି। ତେଣୁ ମାମଲାକୁ ବିଭାଗୀୟ ତଦନ୍ତ ବଦଳରେ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିବାକୁ ବନ୍ୟପ୍ରାଣୀ ପ୍ରେମୀମାନେ ଦାବି କରୁଛନ୍ତି।

ମିଳିଥିବା ସୂଚନାନୁସାରେ, ଏହି ସ୍ପର୍ଶକାତର ଘଟଣାରୁ ବଡ଼ ଅଫିସରଙ୍କୁ ଖସାଇବାକୁ ଉଦ୍ୟମ ହେଉଛି। ଆଠଗଡ଼ ରେଞ୍ଜରଙ୍କ ବିରୋଧରେ ପ୍ରାୟ ସବୁ ପ୍ରମାଣ ଯାଉଛି। କାରଣ ହାତୀ ଦାନ୍ତକୁ ନେଇ ନିଜ ଅଫିସରେ ରଖିବା, ଯୁଡି କେସ୍ ନ କାଟିବା ଆଦି ନିଶ୍ଚିତ ଗୁରୁତର ଅବହେଳା କରାଯାଇଛି। ସେହିଭଳି ତତ୍କାଳୀନ ଡିଏଫ୍‌ଓଙ୍କ ବିନା ଅନୁମତିରେ ଜଣେ ଭେଟେରିନାରୀ ଡାକ୍ତର ଯାଇ ମୃତ ହାତୀର ବ୍ୟବଚ୍ଛେଦ ମଧ୍ୟ କରିପାରିବେ ନାହିଁ। ତେଣୁ ଡିଏଫ୍‌ଓ ମଧ୍ୟ ଏହି ଘଟଣା ସମ୍ପର୍କରେ ନିଶ୍ଚୟ ଜାଣିଥିବେ, ତାଙ୍କର ମଧ୍ୟ ଏଥିରେ ସମ୍ପୃକ୍ତି ଥିବା ଜଳଜଳ ଦିଶୁଛି। ସେପଟେ ତଦନ୍ତକାରୀ ଅଧିକାରୀଙ୍କୁ ଆଠଗଡ଼ ରେଞ୍ଜର ଅତ୍ୟନ୍ତ ଚାଞ୍ଚଲ୍ୟକର ସୂଚନା ଦେଇଛନ୍ତି। ତତ୍କାଳୀନ ଡିଏଫ୍‌ଓଙ୍କୁ ବ୍ୟବଚ୍ଛେଦ ରିପୋର୍ଟ ଓ ଅନ୍ୟସବୁ ନଥିପତ୍ର ହାତେ ହାତେ ଦେଇଥିଲେ ଏବଂ ତାଙ୍କ ନିର୍ଦ୍ଦେଶରେ ହିଁ ସବୁକିଛି କରାଯାଇଥିଲା ବୋଲି ରେଞ୍ଜର କହିଥିଲେ। ସବୁଠାରୁ ଗୁରୁତର କଥା ହେଲା ହାତୀ ଦାନ୍ତ ଦୁଇଟିକୁ ଡିଏଫ୍‌ଓଙ୍କ ଅଫିସରେ ନ ଦେଇ ରେଞ୍ଜ ଅଫିସରେ ସିଲ୍ କରି ଲକର ଭିତରେ ରଖିବାକୁ କୁଆଡେ ଡିଏଫ୍‌ଓ ମୌଖିକ ନିର୍ଦ୍ଦେଶ ଦେଇଥିଲେ। ରେଞ୍ଜରଙ୍କର ଏ ସମସ୍ତ ବୟାନ ତଦନ୍ତ ଅଧିକାରୀ ରେକର୍ଡ କରିଥିବା ମଧ୍ୟ ଜଣାପଡିଛି। ଏହାପରେ ବନ ବିଭାଗ ରେଞ୍ଜ ଅଧିକାରୀଙ୍କୁ ନିଲମ୍ବନ ବା ଗିରଫ ପାଇଁ ନିର୍ଦ୍ଦେଶ ଦେଇ ମାମଲାକୁ ରଫା ଦଫା କରିବା ପାଇଁ ଯେଉଁ ମସୁଧା କରୁଥିଲା ତାହା ଆହୁରି ଗୋଳମାଳିଆ ହୋଇଯାଇଛି। ବଡ଼ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବେ ନା ଘଟଣାକୁ ପୂର୍ବର ଅନେକ ହାତୀ ମୃତ୍ୟୁ ଭଳି ସମୟକ୍ରମେ ଚପାଇ ଦେବେ ତାହାକୁ ନେଇ ଏବେ ନାନା ପ୍ରଶ୍ନ ଉଠିଲାଣି।

ଏ ନେଇ ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ଆଠଗଡ଼ ରେଞ୍ଜର ସତରେ ତତ୍କାଳୀନ ଡିଏଫ୍‌ଓଙ୍କୁ ଜଣାଇ ଥିଲେ କି ନାହିଁ, ଯଦି ହଁ ତେବେ ତତ୍କାଳୀନ ଡିଏଫ୍‌ଓ କାହିଁକି ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ନ ଥିଲେ ତାହା ଏବେ ତଦନ୍ତ ସାପେକ୍ଷ। ଏହିଭଳି ଘଟଣା ଖାଲି ରାଜ୍ୟ ନୁହେଁ, ହୁଏତ ସାରା ଦେଶରେ ପ୍ରଥମ। ତେଣୁ ଏହି ମାମଲାକୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କଲେ ସତ୍ୟ ପଦାକୁ ଆସିବ। ମୋ ମତରେ ଏହି ଘଟଣା ସହିତ ଜଡ଼ିତ ସମସ୍ତ ବ୍ୟକ୍ତିଙ୍କର ଧାରା ୧୬୪ ଅନୁଯାୟୀ କୋର୍ଟଙ୍କ ସମ୍ମୁଖରେ ଷ୍ଟେଟ୍‌ମେଣ୍ଟ ରେକର୍ଡ କରାଯିବା ନିହାତି ଆବଶ୍ୟକ ବୋଲି ଶୁଭେନ୍ଦୁ କହିଛନ୍ତି।

ଏ ନେଇ ଆର୍‌ସିସିଏଫ୍ ଅକ୍ଷୟ ପଟ୍ଟନାୟକ କହିଛନ୍ତି, ତଦନ୍ତ ସରିଯାଇଛି ଓ ଉପରିସ୍ଥ ଅଧିକାରୀଙ୍କ ନିକଟରେ ରିପୋର୍ଟ ବି ଦାଖଲ କରାଯାଇସାରିଛି। ସେମାନେ ଯାହା କାର୍ଯ୍ୟାନୁଷ୍ଠାନ ନେବେ। ଅନ୍ୟପକ୍ଷରେ ପିସିସିଏଫ୍ (ବନ୍ୟପ୍ରାଣୀ) ଶଶୀ ପଲଙ୍କୁ ପଚାରିବାରୁ ସେ ଛୁଟିରେ ଓ ରାଜ୍ୟ ବାହାରେ ଥିବା ଜଣାଇଛନ୍ତି।

## ୩ ଶହ ଟପିଲା ସଂକ୍ରମଣ

ଭୁବନେଶ୍ୱର, ୭।୧୧(ବ୍ୟୁରୋ)



ରାଜ୍ୟରେ ପୁଣି କରୋନା ଉପର ମୁହାଁ ହୋଇଯାଇଛି। ଦୁଇଦିନ ତଳେ ଦୈନିକ ସଂକ୍ରମଣ ୨ଶହ ତଳକୁ ଖସିଥିଲା। ଏବେ ପୁଣି ୩ଶହ ଉପରକୁ ଚାଲିଯାଇଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ମୋଟ ୩୧୮ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ କେବଳ ୪୪% ଆକ୍ରାନ୍ତ ରହିଛନ୍ତି। ଏହି ଜିଲାରେ ସର୍ବାଧିକ ୧୩୯ ଜଣ ଥିବାବେଳେ କଟକ ୩୧, ସମ୍ବଲପୁର ୨୧ ଓ ବାକି ସବୁ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୨୦ ତଳକୁ ରହିଛି। ୦ରୁ ୧୮ବର୍ଷ ବର୍ଗର ୫୮ଜଣ ରହିଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦,୪୩,୪୬୯ରେ ପହଞ୍ଚିଛି। ତେବେ ରବିବାର ରାଜ୍ୟରେ କରୋନା ମୃତ୍ୟୁ ନେଇ ସ୍ୱାସ୍ଥ୍ୟ ବିଭାଗ କୌଣସି ସୂଚନା ଦେଇନାହିଁ।



ଭାରତ ସ୍କାଉଟ୍ସ ଗାଇଡ୍ସର ପ୍ରତିଷ୍ଠା ଦିବସ ପାଳନ ଅବସରରେ ରବିବାର ପୁରୀର ସ୍କୁଲ ପିଲାଙ୍କୁ ନେଇ ଗୁଣ୍ଡିଚା ମନ୍ଦିର ନିକଟରୁ ବାହାରିଥିବା ସାଇକେଲ ଶୋଭାଯାତ୍ରା।

## ୭ ଲକ୍ଷ ଠକେଇ, କମ୍ପାନୀ ସିଏମ୍‌ଡି ଗିରଫ

ଭୁବନେଶ୍ୱର,୭।୧୧(ବ୍ୟୁରୋ)

ଫ୍ଲାଟ୍ ଦେବାକୁ କହି ୭ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗରେ ଲିଙ୍ଗରାଜ ଥାନା ପୋଲିସ ୬ବର୍ଷ ପରେ ଆପୋଲୋ ଇନଫ୍ରା ପ୍ରୋଜେକ୍ଟ ପ୍ରାଇଭେଟ୍ ଲିମିଟେଡର ସିଏମ୍‌ଡିଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଗଙ୍ଗନଗର ଫେଜ୍-୨ର ଦୀପକ କୁମାର ମହାନ୍ତି। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଦୀପକ ନାଗେଶ୍ୱର ଟାଙ୍ଗୀରେ କମ୍ପାନୀର ଅଫିସ ଖୋଲିଥିଲେ। ୨୦୧୪ ମେ'ରେ ଏସିୟାନ୍ ରେସିଡେନ୍ସି ପ୍ରୋଜେକ୍ଟରେ ୧୦୦୦ ବର୍ଗଫୁଟର ଫ୍ଲାଟ ଦେବାକୁ କହି ଗଞ୍ଜାମ ଜିଲା ବ୍ରହ୍ମପୁର ଭବାନୀନଗରର ମିହିର କୁମାର ରଥଙ୍କଠାରୁ ୭ ଲକ୍ଷ ୭୬ ହଜାର ୮୭୧ ଟଙ୍କା ନେଇଥିଲେ। ହେଲେ ଦୀର୍ଘଦିନ ହେବ ଉକ୍ତ ପ୍ରୋଜେକ୍ଟରେ କୌଣସି କାର୍ଯ୍ୟ ନ ହେବାରୁ ଦୀପକଙ୍କୁ ସେ ଟଙ୍କା ଫେରେଇ ଦେବାକୁ କହିଥିଲେ। ଅଭିଯୁକ୍ତ ଦୀପକ ତାଙ୍କୁ ଦୁଇଟି ଚେକ୍ ପ୍ରଦାନ କରିଥିଲେ। ହେଲେ ଆକାଉଣ୍ଟରେ ଆବଶ୍ୟକ ଟଙ୍କା ନ ଥିବାରୁ ଉକ୍ତ ଚେକ୍ ଦୁଇଟି ବାଉନ୍ସ ହୋଇଯାଇଥିଲା। ଏନେଇ ମିହିର ୨୦୧୫ ଡିସେମ୍ବର ୧୨ରେ ଲିଙ୍ଗରାଜ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୨୫୪/୨୦୧୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## କନଷ୍ଟେବଲ, ପୂର୍ବତନ ସରପଞ୍ଚ ଗିରଫ

### କିନ୍ନରଙ୍କୁ ମାଡ଼ ମାରି ଲୁଟ୍

ପରଜଙ୍ଗ, ୭।୧୧(ଡି.ଏନ୍.ଏ.)



କନଷ୍ଟେବଲ ମାନସ ରଞ୍ଜନ ନାଏକ ଏବଂ ପୂର୍ବତନ ସରପଞ୍ଚ ସୁଶାନ୍ତ ନାଏକ।

ଗାଡ଼ି ଅଟକାଇ କିନ୍ନରଙ୍କୁ ମାଡ଼ମାରି ସୁନାହାର ଲୁଟି ନେଇଥିବା ଅଭିଯୋଗରେ ଢେଙ୍କାନାଳ ଜିଲା ପରଜଙ୍ଗ ପୋଲିସ ରବିବାର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଢେଙ୍କାନାଳ ଜିଲା ପୋଲିସରେ କାର୍ଯ୍ୟରତ କନଷ୍ଟେବଲ ତଥା ଖାଲପାଳ ଗ୍ରାମର ମାନସ ରଞ୍ଜନ ନାଏକ ଏବଂ ପୂର୍ବତନ ସରପଞ୍ଚ ସୁଶାନ୍ତ ନାଏକ। ପୋଲିସ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟରତ ମାନସ ପୂର୍ବରୁ ଏକ ଆପରାଧିକ ମାମଲାରେ ଗିରଫ ହୋଇଥିଲେ। ତାଙ୍କୁ ନିଲମ୍ବିତ ହେବାକୁ ପଡ଼ିଥିଲା। ପୁନର୍ବାର ତାଙ୍କ ବିରୋଧରେ ଆକ୍ରମଣ ଏବଂ ରାହାଜାନି ଅଭିଯୋଗ ଆସିବା ପରେ ଅଭିଯୁକ୍ତ କନଷ୍ଟେବଲଙ୍କୁ ବହିଷ୍କାର କରିବାକୁ ଦାବି ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଗତ ଶନିବାର ତେଲକୋଇ ଅଞ୍ଚଳର କିନ୍ନର ମହାମୟୀ ମା' ଏବଂ ତାଙ୍କର ଅନ୍ୟ ଦୁଇ ଜଣ ସହଯୋଗୀଙ୍କ ସହିତ ଏକ ବୋଲେରୋରେ ଭୁବନେଶ୍ୱର ଯାଉଥିଲେ। ଅପରାହ୍ନ ପ୍ରାୟ ୪ଟାରେ ଗଡ଼ପଲାଶୁଣୀ ନିକଟରେ ମାନସ ଏବଂ ସୁଶାନ୍ତ ସେମାନଙ୍କୁ ଅଟକାଇ ଅଶାଳୀନ ବ୍ୟବହାର କରିଥିଲେ। ଏହାର ପ୍ରତିବାଦ କରିବାରୁ ମାଡ଼ ମାରି ଜଣେ କିନ୍ନରଙ୍କ ସୁନାହାର ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ମୋବାଇଲରେ ରେକର୍ଡିଂ କରାଯାଇଥିବା ଆକ୍ରମଣ ସମୟର ଦୃଶ୍ୟକୁ କିନ୍ନରମାନେ ପୋଲିସ ନିକଟରେ ଦାଖଲ କରିଥିଲେ। ଭିଡିଓ ଏବଂ ଫଟୋ ଆଧାରରେ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ କାମାକ୍ଷାନଗର ଜେଲ ହାଜତକୁ ପଠାଇ ଦିଆଯାଇଛି।

ଆକ୍ରମଣରେ ଆହତ କିନ୍ନରଙ୍କୁ ପରଜଙ୍ଗ ଡାକ୍ତରଖାନାରେ ଚିକିତ୍ସା କରାଯାଇଛି। ଜନସାଧାରଣଙ୍କ ସୁରକ୍ଷାରେ ନିୟୋଜିତ ଜଣେ ପୋଲିସ କର୍ମଚାରୀଙ୍କ ଏଭଳି କାର୍ଯ୍ୟକଳାପ ଖାକିରେ କଳଙ୍କ ଛିଟା ପକାଇଥିବାବେଳେ ତାଙ୍କୁ ବହିଷ୍କାର କରିବାକୁ କିନ୍ନରମାନେ ଦାବି କରିଛନ୍ତି। ଅନ୍ୟପଟେ ପୋଲିସ ହାତରେ ଜଣେ ବିଭାଗୀୟ କର୍ମଚାରୀ ଗିରଫ ହେବା ସାଧାରଣରେ ଆଲୋଚନାରେ ବିଷୟ ହୋଇଛି।

## ଆମେରିକାରେ ପ୍ରଦର୍ଶିତ ହେଲା ଓଡ଼ିଶାର ବାନ୍ଧକଳା

ଭୁବନେଶ୍ୱର, ୭।୧୧(ବ୍ୟୁରୋ)

ଆମେରିକାର ୱାଶିଂଟନସ୍ଥିତ କେନେଡି ସେଣ୍ଟରରେ ପ୍ରଦର୍ଶିତ ହୋଇଛି ଓଡ଼ିଶାର ବାନ୍ଧକଳା। ଓଡ଼ିଶାର ହସ୍ତକଳାକୁ ନ୍ୟାଶନାଲ ଅପେରା ମଞ୍ଚ ମାଧ୍ୟମରେ ବିଶ୍ୱ ଦରବାରରେ ପହଞ୍ଚାଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ଓଡ଼ିଆ ଫ୍ୟାଶନ ଡିଜାଇନର ବିଭୁ ମହାପାତ୍ର। ୨ ବର୍ଷ ପରେ ଏହି ନ୍ୟାଶନାଲ ଅପେରା ଖୋଲିଥିବାବେଳେ ଗତ ଶନିବାର ଏଥିରେ ବିଭୂଙ୍କ ଦ୍ୱାରା ପ୍ରସ୍ତୁତ ଡିଜାଇନ୍‌କୁ କଳାକାରମାନେ ପରିଧାନ କରି ଦର୍ଶକଙ୍କ ମନ ଓ ହୃଦୟ ଜିଣିଛନ୍ତି। ଏହାର ଶୀର୍ଷକ ଥିଲା 'ଗୃହାଗମନ- ସେଲିବ୍ରେଶନ ଅଫ୍ ରିଟର୍ଣ୍ଣ'। ଅପେରା ତାରକା ଇସାବେଲ ଲିଓନାର୍ଡ ଓଡ଼ିଶାର କଳା, ଧଳା ଓ ନାଲି ସୂତାରେ ପ୍ରସ୍ତୁତ 'ଇକତ୍'ରୁ ଏକ ସୁନ୍ଦର ସ୍ଥାପତ୍ୟ ପୋଷାକ ପରିଧାନ କରିଥିଲେ। ସେହିପରି ଅପେରାର ଅନ୍ୟତମ କଳାକାର ଲରେନ୍ସ ବ୍ରାଉନ୍‌ଲି କମଳା ଓ ସ୍ୱର୍ଣ୍ଣିମ 'ଇକତ୍'



ଓଡ଼ିଆ ଫ୍ୟାଶନ ଡିଜାଇନର ବିଭୁ ମହାପାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଡିଜାଇନ୍ ସହ ଜଣେ କଳାକାର।

### ଟୁଇଟ୍ କରି ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ପ୍ରସ୍ତୁତ ସ୍କାର୍ଫ ଏବଂ ଓଡ଼ିଶା କୋଟପାଡ଼ ରେଶମ୍ ନେହେରୁ ଜ୍ୟାକେଟ୍ ପରିଧାନ କରିଥିଲେ। ଫ୍ୟାଶନ ଡିଜାଇନର ବିଭୁଙ୍କ 'ଇକତ୍' ବାନ୍ଧକଳା ବିଶ୍ୱ ଦରବାରରେ ଫ୍ୟାଶନ ରୂପେ ଆଦୃତ ହୋଇ ଓଡ଼ିଶାର ଅନୁପମ ହସ୍ତତନ୍ତ ଓ ଅପୂର୍ବ ବୟନଶିଳ୍ପକୁ ସାରା ବିଶ୍ୱ ବଜାରରେ ଆଦୃତ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି। ଅପରପକ୍ଷେ ଓଡ଼ିଶାର ବୟନ ଶିଳ୍ପକୁ ଆମେରିକାରେ ସ୍ଥାନ ଦେଇଥିବାରୁ ବିଭୁ ମହାପାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ଏହାଦ୍ୱାରା ବୟନ ଶିଳ୍ପ ଅଧିକ ଲୋକପ୍ରିୟ ହେବା ସହ ବିଶ୍ୱସ୍ତରରେ ପହଞ୍ଚିପାରିବ ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ ମାଧ୍ୟମରେ ଜଣାଇଛନ୍ତି।

## ଓଡ଼ିଶା-ଆନ୍ଧ୍ର ସୀମା ବିବାଦ ସମାଧାନର ବାର୍ତ୍ତା ନେଇ ଅମରାବତିରେ ମୁକ୍ତିକାନ୍ତ

■ ଆଜି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ବିରୋଧୀଦଳ ନେତାଙ୍କୁ ଭେଟିବେ

ଭୁବନେଶ୍ୱର,୭।୧୧(ବ୍ୟୁରୋ)

ଓଡ଼ିଶା-ଆନ୍ଧ୍ର ପ୍ରଦେଶ ସୀମା ବିବାଦର ସମାଧାନ ଦାବିରେ ଗତ ଗାନ୍ଧୀ ଜୟନ୍ତୀରୁ ଭୁବନେଶ୍ୱରରୁ ପଦଯାତ୍ରାରେ ବାହାରିଥିବା ରାଉରକେଲାର ମୁକ୍ତିକାନ୍ତ ବିଶ୍ୱାଳ ରବିବାର ଅପରାହ୍ନରେ ଆନ୍ଧ୍ରପ୍ରଦେଶର ରାଜଧାନୀ ଅମରାବତୀରେ ପହଞ୍ଚିଛନ୍ତି। ଦୀର୍ଘ ୩୬ ଦିନ ମଧ୍ୟରେ ସେ ପ୍ରାୟ ୮ଶହ କିମି ପଦଯାତ୍ରା କରିଛନ୍ତି। ଯାତ୍ରା ପୂର୍ବରୁ ସୀମା ବିବାଦର ଯଥାଶୀଘ୍ର ସମାଧାନ ପାଇଁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଏକତ୍ର ବସି ଆଲୋଚନା କରିବାକୁ ସେ ଦାବି ଜଣାଇଥିଲେ। ତେବେ ଆସନ୍ତା ୯ ତାରିଖରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇ. ଏସ୍. ଜଗନମୋହନ ରେଡ୍ଡୀଙ୍କ ମଧ୍ୟରେ ଆଲୋଚନା ହେବାର ରହିଛି। ଏଥିରେ ଦୁଇ ରାଜ୍ୟ ମଧ୍ୟରେ ଥିବା ସୀମା ବିବାଦର ସମାଧାନ ବାଟ ଫିଟିବ ବୋଲି ସେ ଆଶାବାଦୀ ଥିବା ବିଶ୍ୱାଳ କହିଛନ୍ତି। ସେ କହିଛନ୍ତି, କୋରାପୁଟ ଜିଲାର କୋଟିଆ, ଗଜପତିର ଗଙ୍ଗାବାଡ ଓ ମାଣିକପାଟଣା ଅବା ରାୟଗଡା ଏବଂ ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳ ପ୍ରାୟ ସବୁଠି ଓଡ଼ିଶା-ଆନ୍ଧ୍ର ସୀମା ଅଞ୍ଚଳଗୁଡିକରେ ବିବାଦ ଲାଗି ରହିଛି। କେତେକ ସ୍ଥାନରେ ଆନ୍ଧ୍ର ପ୍ରଦେଶର ଅଧିକାରୀମାନେ ବାରମ୍ବାର ପ୍ରବେଶ କରି ଲୋକଙ୍କୁ ପ୍ରଲୋଭିତ କରୁଥିବା ଅଭିଯୋଗ ଆସୁଛି। ସୀମା



ମୁକ୍ତିକାନ୍ତ ବିଶ୍ୱାଳ

ବିବାଦର ଯଥାଶୀଘ୍ର ସମାଧାନ ନିମନ୍ତେ ପାଇଁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଏକତ୍ର ବସି ଆଲୋଚନା କରିବାକୁ ଦାବି ଜଣାଇଥିଲି। ଆସନ୍ତା ୮ ତାରିଖରେ ଅମରାବତୀରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ, ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ବିରୋଧଦଳ ନେତା ଏନ୍. ଚନ୍ଦ୍ରବାବୁ ନାଇଡୁ ଏବଂ ଅନ୍ୟମାନଙ୍କୁ ଭେଟିବା ପାଇଁ ସେ ଅନୁମତି ଲୋଡ଼ିଛନ୍ତି। ଅନୁମତି ଅନୁଯାୟୀ ମୁକ୍ତିକାନ୍ତ ସେମାନଙ୍କୁ ଭେଟି ନିଜର ଦାବି ଜଣାଇବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ରାଷ୍ଟ୍ରୀୟ ଶିକ୍ଷା ସମ୍ମିଳନୀରେ ଓଡ଼ିଶାରୁ ଓସାମା ମନୋନୀତ

**ରଘୁନାଥପୁର, ୭।୧୧(ଡି.ଏନ୍.ଏ.):** ଛତିଶଗଡ଼ର ରାଏପୁରରେ ନଭେମ୍ବର ୧୪ ଓ ୧୫ ରାଷ୍ଟ୍ରୀୟ ଶିକ୍ଷା ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ଯୋଗଦେବା ପାଇଁ ଓଡ଼ିଶାରୁ ଏକମାତ୍ର ଶିକ୍ଷକ ଡ. ମହମ୍ମଦ ଓସାମା ମନୋନୀତ ହୋଇଛନ୍ତି। ସେ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଉତ୍ତରକୂଳ ପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମୁଗୁରିଆରେ ଶିକ୍ଷକତା କରୁଛନ୍ତି। ତାଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ଗ୍ରାମାଞ୍ଚଳର ସରକାରୀ ବିଦ୍ୟାଳୟରେ ପାଠ ପଢ଼ୁଥିବା ପିଲାଙ୍କୁ ବିଶ୍ୱସ୍ତରୀୟ ଇଂଲିଶ୍ ଭାଷାରେ ଶିକ୍ଷା ଦେବାପାଇଁ ସହାୟକ ହୋଇଥିଲା। ଏନେଇ ମାସେ ପୂର୍ବେ ଜାତୀୟସ୍ତରର ଏକ ଭର୍ଚୁଆଲ ମିଟିଙ୍ଗରେ ଉକ୍ତ ପ୍ରକଳ୍ପ ସ୍ଥାନ ପାଇଥିଲା। ଏହାଛଡ଼ା କରୋନା ମହାମାରୀ ସମୟରେ ଅନଲାଇନ ମାଧ୍ୟମରେ ବିଭିନ୍ନ ପ୍ରକାର ଅଡିଓ ଏବଂ ଭିଡିଓ ପ୍ରସ୍ତୁତ କରି ପିଲାମାନଙ୍କୁ ଶିକ୍ଷା ସହ ଯୋଡି ରଖିଥିଲେ। ଏଥିପାଇଁ ତାଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପୁରସ୍କୃତ କରାଯାଇଥିଲା। ସେ ରାଷ୍ଟ୍ରୀୟ ଶିକ୍ଷା ସମ୍ମିଳନୀରେ ଯୋଗଦେବାକୁ ମନୋନୀତ ହେବାପରେ ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷହୀରା ଲାବଣ୍ୟବତୀ ବେହେରା, ସରପଞ୍ଚ ଦିଲୀପ ବିଶ୍ୱାଳଙ୍କ ସମେତ ରାଜ୍ୟର ବହୁ ଅଧିକାରୀ ଓ ଶିକ୍ଷାବିତ୍ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



### ନଦୀରେ ବୁଡ଼ି ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ

**ଗୋପ,୭।୧୧(ଡି.ଏନ୍.ଏ.):** ପୁରୀ ଜିଲା ଗୋପ ବଣିଆସାହି ନିକଟ କୁଶଭଦ୍ରା ନଦୀରେ ରବିବାର ଗାଧୋଇବା ବେଳେ ବୁଡ଼ିଯାଇ ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦା ବାଲିସାହି ଅଞ୍ଚଳର ବିଶ୍ୱ ଭବାନୀ ଦାସ। ସୂଚନା ମୁତାବକ, ବଣିଆସାହି ଗ୍ରାମର ସମୀର ରଞ୍ଜନ ପୃଷ୍ଟିଙ୍କ ସାଙ୍ଗ ବିଶ୍ୱଭବାନୀ। ଦୁଇ ଦିନ ପୂର୍ବେ ବିଶ୍ୱଭବାନୀ ସାଙ୍ଗ ଘରକୁ ବୁଲିବାକୁ ଆସିଥିଲେ। ରବିବାର ସକାଳେ ସେମାନେ ଅନ୍ୟ ସାଙ୍ଗଙ୍କ ସହ ପୁରୀ, କୋଣାର୍କ ବୁଲିବା ପରେ ଅପରାହ୍ନ ୨ଟାରେ ଘରେ ପହଞ୍ଚିଥିଲେ। ଭୁବନେଶ୍ୱର ଯିବା ପୂର୍ବରୁ ନଦୀକୁ ଗାଧୋଇବାକୁ ଯାଇଥିଲେ। ୩ଜଣ ସାଙ୍ଗ ନଦୀରେ ଗାଧୋଉଥିବା ବେଳେ ବଣିଆସାହି ଗ୍ରାମର ଅସିତକାନ୍ତ ଓ ଦେବାଶିଷ ଗାଧୋଇ ନ ଥିଲେ। ଗାଧେଇବା ସମୟରେ ସାଙ୍ଗଙ୍କ ସହ ମୋବାଇଲ ଫୋନରେ ଫଟୋ ଉଠାଇଥିଲେ। ଅସାବଧାନତାରୁ ବିଶ୍ୱଭବାନୀ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ନିକଟରେ ଥିବା ସାଙ୍ଗମାନେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଖବରପାଇ ଗୋପ, ନିମାପଡ଼ା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ପରେ ବେଣିପୁର ଗ୍ରାମର ଅନାମ ସେଠୀ ପହଞ୍ଚି ପାଣିରୁ ବିଶ୍ୱଭବାନୀଙ୍କୁ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ତାଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୋପ ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨୫/୨୧) ରୁଜୁକରି ତଦନ୍ତ ଚଳାଇଛି।

## ବାଲେଶ୍ୱର ବସ୍‌ଷ୍ଟାଣ୍ଡ

# ନୂଆ ସରିନି, ପୁରୁଣା ଲାଗି ତତ୍ପରତା

**ମାନସ ବିଶ୍ୱାଳ**
**ବାଲେଶ୍ୱର ଅଫିସ,୭।୧୧**

ବାଲେଶ୍ୱର ସହରର ଟ୍ରାଫିକ୍ ସମସ୍ୟାକୁ ଆଖି ଆଗରେ ରଖି ୨୦୧୦ ଜାନୁୟାରୀ ୧୪ରେ ରେମୁଣା ଗୋଲେଇସ୍ଥିତ ନରହରିପୁରଠାରେ ନୂତନ ବସ୍‌ଷ୍ଟାଣ୍ଡ ବାଲେଶ୍ୱର ରିଜିଓନାଲ ଇମ୍ପ୍ରୁଭ୍‌ମେଣ୍ଟ ଟ୍ରଷ୍ଟ (ବ୍ରିଟ୍) ପକ୍ଷରୁ ଶୁଭାରମ୍ଭ କରାଯାଇଥିଲା। ୫କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ନୂତନ ବସ୍‌ଷ୍ଟାଣ୍ଡର କାର୍ଯ୍ୟ ଅଦ୍ୟାବଧି ଶେଷ ହୋଇପାରିନି। ଅନ୍ୟପକ୍ଷରେ ସହର ମଧ୍ୟସ୍ଥଳରେ ଥିବା ସହଦେବଖୁଣ୍ଟା ପୁରୁଣା ବସ୍‌ଷ୍ଟାଣ୍ଡର ନବୀକରଣ ପାଇଁ ହାଉସିଂ ଆଣ୍ଡ ଅର୍ବାନ୍ ଡେଭଲପ୍‌ମେଣ୍ଟ ବିଭାଗ ପକ୍ଷରୁ ୯କୋଟି ୭୧ଲକ୍ଷ ୩୬ହଜାର ଟଙ୍କାର ପ୍ରକଳ୍ପ ଅନୁମୋଦନ ହୋଇଛି। ସହର ଉପକଣ୍ଠରେ ମୁଖ୍ୟ ବସ୍‌ଷ୍ଟାଣ୍ଡ କରାଯାଇଥିଲେ ସହରରେ ଟ୍ରାଫିକ୍ ସମସ୍ୟା ଦୂର ହେବା ସହ ପୁରୁଣା ବସ୍‌ଷ୍ଟାଣ୍ଡକୁ ସାମୂହିକ ବ୍ୟବହାର କରାଯିବା କଥା ସହରବାସୀ କଳ୍ପନା କରିଥିଲେ। ହେଲେ ନବୀକରଣକୁ ନେଇ ଲୋକେ ଦ୍ୱନ୍ଦ୍ୱରେ ରହିଛନ୍ତି। ବାଲେଶ୍ୱର ବିଧାନସଭା ଉପନିର୍ବାଚନର ବର୍ଷକ ପରେ ଗତ ଏପ୍ରିଲ ୧୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲା ପାଇଁ ୧୫୫ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିଲେ। ଏଥିରେ ବାଲେଶ୍ୱର ପୁରୁଣା ବସ୍‌ଷ୍ଟାଣ୍ଡର ନବୀକରଣ ପ୍ରକଳ୍ପ ସାମିଲ ରହିଛି। ଏହି ପ୍ରକଳ୍ପକୁ ହାଉସିଂ ଆଣ୍ଡ ଅର୍ବାନ୍ ଡେଭଲପ୍‌ମେଣ୍ଟ ବିଭାଗ ଚିଠି (ନଂ. ୧୮୨୬୪) ୨୮।୧୦।୨୦୨୧ ରିଖରେ ପ୍ରଶାସନିକ ସ୍ୱୀକୃତି ଅନୁମୋଦନ ହୋଇଛି। ସୁନହଟର ଜମିଦାରଙ୍କଠାରୁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ପକ୍ଷରୁ ୧୯୮୫ରୁ ସହରର ସହଦେବଖୁଣ୍ଟାରେ ୨ଏକର ୮୧ଡିସିମିଲ ପରିମିତ ଜମି ନିଆଯାଇ ବସ୍‌ଷ୍ଟାଣ୍ଡ ଆରମ୍ଭ ହୋଇଥିଲା। ପରେ ଓଏସ୍‌ଆର୍‌ଟିସିଠାରୁ ଏହି ଜମିକୁ ଭଡ଼ାରେ ନେଇ 'ବାଲେଶ୍ୱର ମୋଟର ସଂଘ' ଅଦ୍ୟାବଧି ବସ୍‌ଷ୍ଟାଣ୍ଡ ଚଳାଇ ରଖିଛି।

### ଲକ୍ଷାଧିକ ଟଙ୍କା ଭଡ଼ା ଗଣୁଛି ବ୍ରିଟ୍



ନିର୍ମାଣାଧୀନ ବାଲେଶ୍ୱର ନୂଆ ବସ୍‌ଷ୍ଟାଣ୍ଡ।

ତେବେ ମୋଟ୍ ୨.୮୧ ଏକର ଜମିରୁ ୫୦ ଡିସିମିଲ ଜଣେ ବ୍ୟକ୍ତିଙ୍କ କବଜାରେ ଥିବା ବେଳେ ବାକି ୨ଏକର ୩୧ ଡିସିମିଲ ଜମି ବସ୍‌ଷ୍ଟାଣ୍ଡ ଭାବେ ବ୍ୟବହୃତ ହେଉଛି। ବାଲେଶ୍ୱର ମୋଟର ସଂଘ ଓ ଜିଲା ଘରୋଇ ବସ୍ ମାଲିକ ସଂଘର ମୋଟ ୧୪୦ଟି ବସ୍ ସାଙ୍ଗକୁ ବାହାର ଜିଲାରୁ ୧୦୦ରୁ ଅଧିକ ବସ୍ ଏହି ଷ୍ଟାଣ୍ଡରୁ ଯା'ଆସ କରିଥାଏ। ପ୍ରତିଦିନ ଏଠାରୁ ୯ ହଜାରରୁ ଅଧିକ ଯାତ୍ରୀ ଯା'ଆସ କରନ୍ତି। ବସ୍, ଯାତ୍ରୀସଂଖ୍ୟା ବୃଦ୍ଧି ପାଇଥିବାରୁ ସରକାରଙ୍କ ପ୍ରଦତ୍ତ ଅର୍ଥରେ ଉନ୍ନତୀକରଣ ପାଇଁ ସ୍ଥାନୀୟ ପ୍ରଶାସନ ତତ୍ପରତା ଦେଖାଇଛି। ଅନ୍ୟପକ୍ଷରେ ନୂଆ ବସ୍‌ଷ୍ଟାଣ୍ଡ ପଡ଼ିଆ ପାଇଁ ବ୍ରିଟ୍ କର୍ତ୍ତୃପକ୍ଷ ୨୦୧୩ରୁ ପ୍ରତିବର୍ଷ ୫ଲକ୍ଷରୁ ଅଧିକ ଟଙ୍କାର ଖଜଣା ରେମୁଣା ତହସିଲଠାରେ ପଇଠ କରିଚାଲିଛନ୍ତି।

ବାଲେଶ୍ୱର ମୋଟର ସଂଘ ସମ୍ପାଦକ ସରୋଜ କୁମାର ଷଡ଼ଙ୍ଗୀ କହନ୍ତି, ଦୀର୍ଘଦିନ ଧରି ସହଦେବଖୁଣ୍ଟାସ୍ଥିତ ବସ୍‌ଷ୍ଟାଣ୍ଡ ସଂଘ ଦ୍ୱାରା ପରିଚାଳିତ ହେଉଛି। ମାସକୁ ୯୦ହଜାର ଟଙ୍କା ଓଏସ୍‌ଆର୍‌ଟିସିକୁ ପ୍ରଦାନ କରାଯାଉଛି। ନବୀକରଣ କରାଗଲେ ଯାତ୍ରୀଙ୍କ ପାଇଁ ସୁବିଧା ସହ ସୁରକ୍ଷା, ବସ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ହୋଇପାରିବ। ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମିରଞ୍ଜନ ଦଳବେହେରା କହନ୍ତି, ନୂଆ ବସ୍‌ଷ୍ଟାଣ୍ଡ କିମ୍ବା ପୁରୁଣା ବସ୍‌ଷ୍ଟାଣ୍ଡ ମଧ୍ୟରୁ କାହାକୁ ମୁଖ୍ୟ ଏବଂ କାହାକୁ ସାମୂହିକ ଭାବରେ ବ୍ୟବହାର କରାଯିବ ସେମିତି କିଛି ନିଷ୍ପତ୍ତି କରାଯାଇନାହିଁ। ଜିଲାର ୧୨ ବ୍ଲକ ମଧ୍ୟରୁ ୫ଟି ଯଥା ବାଲିଆପାଳ, ଭୋଗରାଇ, ବସ୍ତା, ବାହାନଗା, ସିମୁଳିଆ ବ୍ଲକରେ ନୂତନ ବସ୍‌ଷ୍ଟାଣ୍ଡ ପାଇଁ ସ୍ଥାନ ନିରୂପଣ ସରିଛି। ଅତିଶୀଘ୍ର ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ ହେବ। ବ୍ରିଟ୍ ସମ୍ପାଦକ ନବୀନ କୁମାର ସିଂ କହନ୍ତି, ବ୍ରିଟ୍ ତରଫରୁ ନରହରିପୁରଠାରେ ନିର୍ମାଣାଧୀନ ନୂତନ ବସ୍‌ଷ୍ଟାଣ୍ଡର ବ୍ୟୟ ଅଟକଳ ୫କୋଟି ଥିଲା। ୨୦୧୮ରେ ଟେଣ୍ଡର ପ୍ରକ୍ରିୟା କରି ଉକ୍ତ ଜମିରେ ବସବାସ କରୁଥିବା ଲୋକଙ୍କୁ ଉଚ୍ଛେଦ କରାଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ଅଦ୍ୟାବଧି କାର୍ଯ୍ୟ ଶେଷ ହୋଇପାରିନି। ଠିକାଦାରଙ୍କର କରୋନାରେ ମୃତ୍ୟୁ ପରେ କାର୍ଯ୍ୟ ବନ୍ଦ ରହିଛି। ପ୍ରକଳ୍ପର ମୂଲ୍ୟ ନୂତନ ଭାବେ ନିର୍ଦ୍ଧାରଣ କରାଯାଇ ପୁନଃ ଟେଣ୍ଡର କରାଯିବା ସହ ଅତି ଶୀଘ୍ର କାର୍ଯ୍ୟ ଶେଷ ହେବ ବୋଲି ସେ କହିଥିଲେ।

## ମଧ୍ୟାହ୍ନଭୋଜନ ଚାଉଳ ହେରଫେର, ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

**ଗୋପାଳପୁର, ୭।୧୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଦାସପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମାଧ୍ୟାହ୍ନଭୋଜନ ଚାଉଳ ହେରଫେର ଅଭିଯୋଗରେ ଶନିବାର ପ୍ରଧାନ ଶିକ୍ଷୟିତ୍ରୀ ନମିତା ରାଉତ ନିଲମ୍ବିତ ହୋଇଛନ୍ତି। ଦାସପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ରୂପେ ନମିତା କାର୍ଯ୍ୟ କରୁଥିଲେ। ଗତ ମାସ ୨୮ରେ ବିଇଓ ଡ. ପ୍ରଭାତୀ କୁମାରୀ ମହାପାତ୍ର, ଏବିଇଓ ପ୍ରସନ୍ନ କୁମାର ରଥ ଓ ଅନ୍ୟ ଅଧିକାରୀମାନ ଉକ୍ତ ବିଦ୍ୟାଳୟ ପରିଦର୍ଶନ କରିବାକୁ ଯାଇଥିଲେ। ଏହି ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଚାଉଳ ବଣ୍ଟନରେ ବ୍ୟାପକ ହେରଫେର, ସମଗ୍ର ଶିକ୍ଷାର ପାଣ୍ଠିରୁ ଆସିଥିବା ଟଙ୍କା ମଧ୍ୟ ବ୍ୟାପକ ଅନିୟମିତତା ହୋଇଥିବା ନେଇ ପଦାକୁ ଆସିଥିଲା। କରୋନା ସମୟରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଖାତାକୁ ଯାଇଥିବା ଟଙ୍କା ଅନିୟମିତତା ଓ ମଧ୍ୟାହ୍ନଭୋଜନ ଚାଉଳ ରେଜିଷ୍ଟର ଓ ଷ୍ଟକ୍‌ର ନଥିପତ୍ର ଠିକ୍ ଭାବେ ନ ଥିବା ଜଣାପଡ଼ିଥିଲା। ଏ ନେଇ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିଲମ୍ବିତ କରିଛନ୍ତି। ଘଟଣାର ଅଧିକ ତଦନ୍ତ କରାଯିବ ବୋଲି ବିଇଓ ସୂଚନା ଦେଇଛନ୍ତି।

# ଚକ୍‌ଖଡ଼ିରେ କ୍ଷୁଦ୍ର ରଥ

### ଏସିଆ, ଇଣ୍ଡିଆ ବୁକ୍ ଅଫ ରେକର୍ଡସରେ ଏନ. ପ୍ରତ୍ୟୁଷ

**ଫୁଲବାଣୀ ଅଫିସ୍, ୭।୧୧**

କନ୍ଧମାଳ ଜିଲାର ଏନ୍. ପ୍ରତ୍ୟୁଷ କୁମାର ଚୌଧୁରୀଙ୍କ ଦ୍ୱାରା ଚକ୍ ଖଡ଼ିରେ ଖୋଦିତ ଜଗନ୍ନାଥଙ୍କ କ୍ଷୁଦ୍ରାକୃତି ରଥ ଏସିଆ ବୁକ୍ ଅଫ ରେକର୍ଡସ ଓ ଇଣ୍ଡିଆ ବୁକ୍ ଅଫ ରେକର୍ଡରେ ସ୍ଥାନ ପାଇଛି। ଫୁଲବାଣୀ ସହର ନଦୀଖଣ୍ଡି ସାହିର ପ୍ରତ୍ୟୁଷ କରିଥିବା ଏହି ରଥର ଆକାର ଦୈର୍ଘ୍ୟରେ ୨.୫ ସେ.ମି. ଏବଂ ଉଚ୍ଚତା ୧.୯ ସେ.ମି.। ଗତବର୍ଷ କୋଭିଡ୍ ଲାଗି ହୋଇଥିବା କଟକଣା ଯୋଗୁ ସର୍ବତ୍ର ରଥଟଣା ବନ୍ଦ ରହିଥିଲା। ରଥ ଟାଣି ନ ପାରିବାର ନୈରାଶ୍ୟ ତାଙ୍କୁ ରଥର କଳାକୃତି ସୃଷ୍ଟି କରିବାକୁ ପ୍ରେରିତ କରିଥିଲା। କେବଳ ଚକ୍ ଖଡ଼ିରେ କ୍ଷୁଦ୍ରରଥ ପ୍ରସ୍ତୁତ କରିଥିଲେ ଯୁବ ଭାସ୍କର୍ଯ୍ୟ ପ୍ରତ୍ୟୁଷ। ପରେ ସେ ଏହାକୁ ଆନ୍ତର୍ଜାତିକ ସ୍ୱୀକୃତି ପାଇଁ ଆବେଦନ କରିଥିଲେ। ପିଲାବେଳୁ ଚିତ୍ରକଳାରେ ରୁଚି ରଖିଥିବା ପ୍ରତ୍ୟୁଷ ଫୁଲବାଣୀ ପବ୍ଲିକ ସ୍କୁଲରୁ ୧୦ମ ପାସ କରିବା ପରେ କେନ୍ଦ୍ରୀୟ ବିଦ୍ୟାଳୟରୁ ଯୁକ୍ତ ଦୁଇ ପାସ୍ କରିଛନ୍ତି। ଏବେ ସେ ଖଲ୍ଲିକୋଟ ମହାବିଦ୍ୟାଳୟରେ ଆର୍ଟ ଆଣ୍ଡ କ୍ରାଫ୍ଟ ବିଭାଗର ଭିଜୁଆଲ ଆର୍ଟରେ ଶେଷ ବର୍ଷର ଛାତ୍ର। ତାଙ୍କ କଳାକୃତି ରାଜ୍ୟ ଲଳିତକଳା ଏକାଡେମୀକୁ ମନୋନୀତ ହୋଇ ଦୁଇ ଥର ପ୍ରଦର୍ଶିତ ହୋଇଛି। ସେହିପରି ରାଜ୍ୟ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ସେ ପୁରସ୍କୃତ ହୋଇଛନ୍ତି। ସମସ୍ତ ଶ୍ରେୟ ପ୍ରତ୍ୟୁଷ ତାଙ୍କ ମା'ଙ୍କୁ ଦେଇଛନ୍ତି। ଅନ୍ତର୍ଜାତୀୟ ସ୍ୱୀକୃତି ପାଇବାରେ କନ୍ଧମାଳ ଜିଲାପାଳ ଡ. ବୃନ୍ଦା ଡି'ଙ୍କ ସହଯୋଗ ପାଇଁ ସେ ଜିଲା ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି।




ପ୍ରମାଣପତ୍ର ସହ ଏନ. ପ୍ରତ୍ୟୁଷ।

# ମାଓବାଦୀଙ୍କ ଗତିବିଧି ସମୀକ୍ଷା କଲେ ଡିଜିପି

**ନୂଆପଡ଼ା ଅଫିସ,୭।୧୧**

ରବିବାର ଦିନିକିଆ ନୂଆପଡା ଗସ୍ତରେ ଯାଇଛନ୍ତି ପୋଲିସ ଡିଜି ଅଭୟ। ସେଠାରେ ସେ ପହଞ୍ଚି ଜିଲାରେ ଚାଲିଥିବା ମାଓବାଦୀ ଗତିବିଧି ନେଇ ସମୀକ୍ଷା କରିଛନ୍ତି। ଏହାସହ ମାଓବାଦୀଙ୍କ ଗଡ଼ କୁହାଯାଉଥିବା ସୁନାବେଡା ଅଭୟାରଣ୍ୟ ଆକାଶ ମାର୍ଗରେ ବୁଲିବା ସହ ଜିଲାର ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲାରେ କିଛିବର୍ଷ ହେବ ମାଓବାଦୀ ଗତିବିଧି କମିଥିବା ନୂଆପଡା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି। ଯାହାର ଶ୍ରେୟ ଓଡିଶା ପୋଲିସ ଓ ସିଆରପିଏଫଙ୍କୁ ଦେଇ ଧନ୍ୟବାଦ ଦେଇଥିଲେ।



ପୋଲିସ ଡିଜି ଅଭୟ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

**ARMY INSTITUTE OF MANAGEMENT (AIMK)**
New Town, Rajarhat, Kolkata-700160
(ISO 9001:2015 CERTIFIED INSTITUTE)

**CALL FOR ADMISSION - MBA 2021-23**

ARMY INSTITUTE OF MANAGEMENT, KOLKATA (Affiliated to Maulana Abul Kalam Azad University of Technology) offers 2-Year Full Time Residential MBA Programme (Approved by AICTE) with Specialisation in Marketing, HR, Finance, Business Analytics, MIS and Operations.

MBA aspirants with a minimum of 50% in Graduation, *without* CAT/JEMAT score/rank, can apply for admission.

Candidates with valid CAT-2020 score may also apply.

Last date of receiving the filled in application has been extended till 24.11.2021, in accordance with the regulatory authorities. For details, please visit the website (https://www.aim.ac.in)

Contact us: 9748549010, 7980010533, 9477123072, 9830898046 | Email: admission_cell@aim.ac.in

**THE AIMK ADVANTAGE**

1. 24 years of academic excellence. 2. Affordability: best return on investment. 3. Brand new campus with state of the art facilities. 4. Army connect: leadership, management & control. 5. Near 100 percent placement. 6. Ranked B-School in India. 7. Reputed faculty with corporate and academic experience. 8. Cosmopolitan student profile.

# କୋଟିଆରେ ପୁଣି ଆନ୍ଧ୍ର ପ୍ରଶାସନିକ ଅଧିକାରୀ

**ପଟ୍ଟାଙ୍ଗୀ,୭।୧୧(ଡି.ଏନ.ଏ)**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୋଟିଆ ପଞ୍ଚାୟତ ଏବଂ ରାଜ୍ୟର ବିଭିନ୍ନ ସୀମା ସମସ୍ୟା ସହ ପୋଲାଭରମ ସମ୍ପର୍କରେ ଦୁଇ ରାଜ୍ୟ ଆନ୍ଧ୍ର ଓ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହେବାକୁ ଥିବାବେଳେ ପୁଣି ଆନ୍ଧ୍ରର ପ୍ରଶାସନିକ ଅଧିକାରୀମାନେ କୋଟିଆରେ ଅନୁପ୍ରବେଶ କରିଛନ୍ତି। ଯୋଗ୍ୟ ହିତାଧିକାରୀଙ୍କୁ ଆନ୍ଧ୍ର ସରକାରଙ୍କ ସମସ୍ତ ଯୋଜନାରେ ସାମିଲ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆନ୍ଧ୍ରର ପାର୍ବତୀପୁରମ ପିଏ ଆଇଟିଡିଏ ଆର. କୋର୍ମନାଥ ରବିବାର କୋଟିଆ ପଞ୍ଚାୟତର ଫାଟୁସିନେରି, ଫଗୁଣସିନେରି, ମାଡକାର, କନାଦୋରା, ସଲପଗୁଡା, ଡୋଲିଆମ୍ବ ଆଦି ଗ୍ରାମକୁ ଗସ୍ତ କରି ଉପସ୍ଥିତ ଗ୍ରାମବାସୀଙ୍କ ସହ ଆନ୍ଧ୍ର ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କୋଟିଆ ପଞ୍ଚାୟତର ତିନି ଗ୍ରାମ ତଳଗଞ୍ଜେଇ ପଦର, ଫଗୁଣସିନେରି ଓ ଫାଟୁସିନେରିର ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ଆନ୍ଧ୍ର ସରକାରଙ୍କ ସମସ୍ତ ସହାୟତା ପ୍ରଦାନ କରାଯିବ। ମଙ୍ଗଳବାର ହେବାକୁ ଥିବା ଗ୍ରାମସଭାରେ ଗ୍ରାମବାସୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିବାକୁ ସେ ବୁଝାଇଥିଲେ। ବାର୍ଦ୍ଧକ୍ୟ ଭତ୍ତା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ପାଇଁ ଆବେଦନ କରିବାକୁ ସେ ପରାମର୍ଶ ଦେଇଥିଲେ। ଆନ୍ଧ୍ରର ସରକାରୀ ଯୋଜନା ସମ୍ପର୍କିତ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥାଇ ସୂଚନା ଓ ନାମଫଳକ ଉପରୋକ୍ତ ଗ୍ରାମଗୁଡିକରେ ଲଗାଯାଇଥିବା ଦେଖିବାକୁ ମିଳିଛି। ଏହି ଅବସରରେ ସେ ହରମାଣ୍ଡାଙ୍ଗି, ଫଗୁଣସିନେରି ସମେତ ଅନ୍ୟ ଗ୍ରାମଗୁଡିକରେ ଚାଲିଥିବା ଅଙ୍ଗନୱାଡ଼ି ଗୃହ ନିର୍ମାଣ କାର୍ଯ୍ୟ ତଦାରଖ କରି ଫେରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଓଡ଼ିଶାର କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ କୋଟିଆ ପଞ୍ଚାୟତର ଉପରସେମ୍ଳି ଏବଂ ମାଡକାର ଦୁଇ ସୀମାନ୍ତ ପ୍ରବେଶ ରାସ୍ତାକୁ ସିଲ୍ କରି ସୁରକ୍ଷା ବ୍ୟବସ୍ଥା କଡାକଡି କରିଥିଲେ ମଧ୍ୟ ଏହା ଆନ୍ଧ୍ରର ପ୍ରଶାସନିକ ଅଧିକାରୀ, କର୍ମଚାରୀଙ୍କ ଉପରେ କୌଣସି ପ୍ରଭାବ ପଡ଼ିନାହିଁ।



ପାର୍ବତୀପୁରମ ପିଏ ଆଇଟିଡିଏ ଆର. କୋର୍ମନାଥ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

**ନିୟନ୍ତ୍ରୀତ ବଜାର କମିଟି, କଣ୍ଟାବାଞ୍ଜି**
**ଜିଲ୍ଲା - ବଲାଙ୍ଗିର**

ଏତଦ୍ ଦ୍ୱାରା ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଟିଟିଲାଗଡ଼ ଉପଖଣ୍ଡର ସମସ୍ତ କପାଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଚଳିତ (୨୦୨୧-୨୨) ବର୍ଷ ପାଇଁ ସରକାର ନିମ୍ନ ମତେ କପାର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ତେଣୁ ଚାଷୀ ଭାଇ ଓ ଭଉଣୀ ମାନେ ତାଙ୍କର ଉତ୍ପାଦିତ କପା ସବୁକୁ ନିମ୍ନଲିଖିତ ବଜାର ପ୍ରାଙ୍ଗଣ ଓ କ୍ରୟ ଦିବସ ମାନଙ୍କରେ (ସରକାରୀ ଛୁଟି ଦିନ ବ୍ୟତିତ) ବିକ୍ରୟ କରିବା ପାଇଁ ଅନୁରୋଧ।

| ବଜାର ପ୍ରାଙ୍ଗଣ | କ୍ରୟ ଦିବସ ମାନଙ୍କ ନାମ |
|---|---|
| ମୁଖ୍ୟ ବଜାର ପ୍ରାଙ୍ଗଣ, କଣ୍ଟାବାଞ୍ଜି | ସୋମ, ମଙ୍ଗଳ, ବୁଧ, ଗୁରୁ, ଶୁକ୍ର, ଶନି |
| ଉପବଜାର ପ୍ରାଙ୍ଗଣ, ଟିଟିଲାଗଡ଼ | ସୋମ, ମଙ୍ଗଳ, ବୁଧ, ଗୁରୁ, ଶୁକ୍ର, ଶନି |

ଫସଲ ବର୍ଷ ୨୦୨୧-୨୨ (FAQ) ପାଇଁ ସରକାରଙ୍କ ଧାର୍ଯ୍ୟ ଦର

| | ଏଫ.ଏ.କ୍ୟୁ କପାର ମାନ | ସରକାରୀ ଧାର୍ଯ୍ୟ ଦର (କ୍ୱିଣ୍ଟାଲ ପିଛା) |
|---|---|---|
| ୧ | ଅଧିକ ଲମ୍ବ କପା ତନ୍ତୁର ଲମ୍ବ ହିସାବରେ<br>୧. ତନ୍ତୁର ଲମ୍ବ ୨୯.୫ ରୁ ୩୦.୫<br>୨. ମାଇକ୍ରୋ ନାୟର ୩.୫ ରୁ ୪.୩<br>୩. ଆର୍ଦ୍ରତା ୮% | ଟ. ୬୦୨୫.୦୦ |
| ୨ | ମଧ୍ୟମ ଧରଣର କପା ତନ୍ତୁର ଲମ୍ବ ହିସାବରେ | ଟ. ୫୮୭୬.୦୦ |



ମଣ୍ଡିରେ କପା ଗ୍ରହଣ ସମୟ - ସକାଳ ୮ ଟା ରୁ ଦିବା ୧୨ ଟା
ନିଲାମ ସମୟ - ଅପରାହ୍ନ - ୧ ଟା ରୁ
ଆସନ୍ତା ତାରିଖ ୦୮.୧୧.୨୦୨୧ ରିଖ ଠାରୁ କପା କ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫ ରୁ ନିଷ୍ପତ୍ତି ନିଆଯାଇଛି।

ବି:ଦ୍ର: ୧. ମାଇକ୍ରୋନାୟର ମାତ୍ରା ±.୨ ବ୍ୟବଧାନ ପାଇଁ କପାର ମୂଲ୍ୟ କ୍ୱିଣ୍ଟାଲ ପ୍ରତି ଟ. ୨୫/-ଙ୍କା କମ୍ ବା ବେଶୀ ହେବ।
୨. କପାର ନ୍ୟୁନତମ ଆର୍ଦ୍ରତା ୮% ରହିବା ଦରକାର। ଯଦି କପାର ଆର୍ଦ୍ରତା ୮%ରୁ ଅଧିକ ହୁଏ, ତେବେ କପାର ମୂଲ୍ୟ ସମାନୁପାତିକ କମ୍ ହେବ। ସମାନୁପାତିକ କମ୍ ଦରରେ ଅଧିକତମ ୧୨% ଆର୍ଦ୍ରତାଯୁକ୍ତ କପାର କ୍ରୟ ଯୋଗ୍ୟ ଅଟେ। ୧୨% ରୁ ଅଧିକ ଆର୍ଦ୍ରତାଯୁକ୍ତ କପା କଦାପି କ୍ରୟ ଯୋଗ୍ୟ ନୁହଁ। ୮% ରୁ କମ୍ ଆର୍ଦ୍ରତା ହେଲେ ପ୍ରିମିୟମ୍ ମିଳିବ।
୩. କପା ନିଗମ ଓ ଘରୋଇ କପା ମିଲର୍ ମାନଙ୍କ ଦ୍ୱାରା କ୍ରୟ କରାଯାଇଥିବା କପାର ଭୁଗତାନ E-Payment (RTGS/NEFT) ଦ୍ୱାରା କରାଯିବ। ଏଥିପାଇଁ ବିକ୍ରେତା ନିଜର ପୂର୍ଣ୍ଣ ବିବରଣୀ ଯଥା ନାମ, ଠିକଣା, ବ୍ୟାଙ୍କ ଖାତା ନମ୍ବର, ବ୍ୟାଙ୍କର IFSC Code, ବ୍ୟାଙ୍କ ଶାଖା ଇତ୍ୟାଦି ସଠିକ୍ ଭାବରେ ଯୋଗାଇବା ପାଇଁ ଅନୁରୋଧ।

**କପା ଅମଳ ଓ ତାର ପରବର୍ତ୍ତୀ ଯତ୍ନ ସମ୍ବନ୍ଧରେ ସଚେତନତା**

୧. କାକର ଶୁଖିଗଲା ପରେ ଦିନ ୯ ଟା ବେଳକୁ କପା ତୋଳିବା ଆରମ୍ଭ କରନ୍ତୁ।
୨. ସମ୍ପୂର୍ଣ୍ଣ ଭାବେ ଫୁଟିଥିବା କପା ହିଁ ତୋଳନ୍ତୁ। ଅଧା ଫାଟିଥିବା ବକରାରୁ କପା ତୋଳନ୍ତୁ ନାହିଁ।
୩. କପାରେ କଳା କପା, ହଳଦିଆ କପା ଓ କଉଡ଼ି କପା ମିଶାନ୍ତୁ ନାହିଁ।
୪. କପାରେ ଶୁଖିଲା ଡାଳ, ପତ୍ର, କାଠି କୁଟି ଏବଂ ଅନ୍ୟାନ୍ୟ ମଇଳା ଜିନିଷ ମିଶାନ୍ତୁ ନାହିଁ। କପା ତୋଳିବା ସମୟରେ ମୁଣ୍ଡରେ ଟୋପି କିମ୍ବା କପଡ଼ା ବାନ୍ଧନ୍ତୁ। ଯେମିତି ମୁଣ୍ଡବାଳ କପାରେ ନ ମିଶେ।
୫. କପା ତୋଳିବା ପରେ ଚଟାଣରେ ସଫା କରି, ତାରପୋଲିନ୍ କିମ୍ବା ପଟି ବିଛାଇ ଟାଣ ଖରାରେ ୨-୩ ଥର ଶୁଖାନ୍ତୁ।
୬. ପ୍ରଥମେ ତୋଳିଥିବା କପାର ମାନ ସବୁଠାରୁ ଭଲ ହୋଇଥାଏ ତେଣୁ ପ୍ରଥମେ ତୋଳିଥିବା କପାକୁ ଅଲଗା ରଖନ୍ତୁ। ସେହିପରି ୨ୟ ଏବଂ ୩ୟ ଥର ତୋଳା କପାକୁ ଅଲଗା ସାଇତି ରଖନ୍ତୁ। ସବୁକୁ ଗୋଟିଏ ଜାଗାରେ ମିଶାନ୍ତୁ ନାହିଁ।
୭. କପା ଓଦା ଥିବା ସମୟ ଅଖାରେ ଭରନ୍ତୁ ନାହିଁ କିମ୍ବା ଗଦା କରି ରଖନ୍ତୁ ନାହିଁ। ଏହା ଦ୍ୱାରା କପାର ରଙ୍ଗ ହଳଦିଆ ହୋଇଯାଇଥାଏ।
୮. କପା ଶୁଖିବା ପରେ ନିଜ ଘରେ ଖୋଲାରେ ନ ରଖି ପତଳା ଅଖାରେ ଭରନ୍ତୁ ଏବଂ ଉଚ୍ଚ ବା ଭଲ ଜାଗାରେ ସାଇତି ରଖନ୍ତୁ। ଆବଦ୍ଧ ଘରେ କପା ସାଇତି ରଖନ୍ତୁ ନାହିଁ।
୯. କପା ଭରିବା ପାଇଁ ପ୍ଲାଷ୍ଟିକରେ ତିଆରି ବସ୍ତା ବ୍ୟବହାର କରନ୍ତୁ ନାହିଁ। ପ୍ଲାଷ୍ଟିକ ବସ୍ତାରେ କପା ଭରିଲେ କପାର ରଙ୍ଗ ବଦଳି ଯାଇଥାଏ।
୧୦. କପା ବସ୍ତାକୁ ସିଲେଇବା ପାଇଁ କୌଣସି ପ୍ରକାର ପ୍ଲାଷ୍ଟିକ ରସି ଓ ଝୋଟ (ପଟ) ରସି ବ୍ୟବହାର ନ କରି ସୂତୁଳି ବ୍ୟବହାର କରନ୍ତୁ।
୧୧. ଖୋଲା କପା ଉପରେ ଶୁଅନ୍ତୁ ନାହିଁ।
୧୨. କପାକୁ ନିଆଁ ଓ ମୂଷା ଦାଉରୁ ରକ୍ଷା କରନ୍ତୁ।
୧୩. କପାକୁ ଘରେ ବେଶୀ ଦିନ ରଖନ୍ତୁ ନାହିଁ ଓ ଯଥା ଶୀଘ୍ର ବିକ୍ରୟ କରିବା ପାଇଁ ଚେଷ୍ଟା କରନ୍ତୁ।
୧୪. କପା ପାଖରେ କୌଣସି ପ୍ରକାର ତୈଳୀୟ ଜିନିଷ ବା ଜ୍ୱଳନଶୀଳ ପଦାର୍ଥ ରଖନ୍ତୁ ନାହିଁ।
୧୫. କପା ଚାଷୀ ହିସାବରେ ସରକାରଙ୍କ କୃଷି ବିଭାଗ ଜରିଆରେ ନିୟନ୍ତ୍ରିତ ବଜାର କମିଟୀ (RMC) ରେ ପଞ୍ଜିକରଣ କରି ନିଅନ୍ତୁ।

ଏହି ସବୁ ବିଷୟ ପ୍ରତି ଧ୍ୟାନ ଦେଇ କପା ତୋଳି ବିକ୍ରି କଲେ ଅଧିକ ଲାଭବାନ ହେବେ

କୋଭିଡ୍-୧୯ ରୁ ସୁରକ୍ଷା ପାଇଁ ମାସ୍କ ପିନ୍ଧନ୍ତୁ, ସାମାଜିକ ଦୂରତା ରକ୍ଷା କରନ୍ତୁ।
ପ୍ଲାଷ୍ଟିକ ବସ୍ତା ବର୍ଜନ କରନ୍ତୁ ପରିବେଶକୁ ସୁରକ୍ଷା କରନ୍ତୁ।

ସ୍ୱା- ସଂପାଦକ, ନିୟନ୍ତ୍ରୀତ ବଜାର କମିଟି, କଣ୍ଟାବାଞ୍ଜି
ସ୍ୱା- ଉପଜିଲ୍ଲାପାଳ ଟିଟିଲାଗଡ଼ ତଥା ଅଧ୍ୟକ୍ଷ, ନିୟନ୍ତ୍ରୀତ ବଜାର କମିଟି, କଣ୍ଟାବାଞ୍ଜି

Co-op.Press,BGR M-9938568191

# ଆଜି ପ୍ରଭୁ ବଳଭଦ୍ରଙ୍କ ହରିହର ବେଶ

**ପୁରୀ ଅଫିସ, ୭।୧୧**



ଶ୍ରୀମନ୍ଦିରରେ ସୋମବାର ପ୍ରଭୁ ବଳଭଦ୍ର ହରିହର ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ଅବକାଶ ନୀତି ପରେ ପ୍ରଭୁ ବଳଭଦ୍ରଙ୍କ ହରିହର ବେଶ ହେବ। ପୁଷ୍ପାଳକ ସେବକମାନେ ପ୍ରଭୁ ବଳଭଦ୍ରଙ୍କୁ ହରିହର ବେଶରେ ସଜ୍ଜିତ କରିବେ। ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥ ରାଧାଦାମୋଦର ବେଶରେ ଦର୍ଶନ ଦେବେ। ବଳଭଦ୍ରଙ୍କୁ ହର ବା ଶିବ ବୋଲି ବିବେଚନା କରାଯାଉଥିବାବେଳେ ହରିଙ୍କ ସହ ହରଙ୍କ ଆତ୍ମୀୟତା ଏହି ବେଶରେ ପ୍ରକଟିତ ହୋଇଥାଏ। ଶାସ୍ତ୍ରରେ ମଧ୍ୟ ହରି ଓ ହର ଅଭିନ୍ନ ବୋଲି ପ୍ରମାଣ ରହିଛି। ହରିହର ବେଶରେ ପ୍ରଭୁ ବଳଭଦ୍ରଙ୍କ ବାମପାର୍ଶ୍ୱକୁ କଳା ଓ ଡାହାଣ ପାର୍ଶ୍ୱକୁ ଧଳା ରଙ୍ଗ ବସ୍ତ୍ରରେ ସଜ୍ଜିତ କରାଯିବ। ଏଥିସହ ୩୨ରୁ ଊର୍ଦ୍ଧ୍ୱ ପ୍ରକାର ସୁବର୍ଣ୍ଣ ଅଳଙ୍କାରରେ ଭୂଷିତ କରାଯିବ। ସୂଚନାଯୋଗ୍ୟ, କାର୍ତ୍ତିକ ଅମାବାସ୍ୟା ବା ଦୀପାବଳି ଅମାବାସ୍ୟା ପରଠାରୁ ଶୁକ୍ଳ ଦଶମୀ ମଧ୍ୟରେ ଯେଉଁ ସୋମବାର ପଡ଼େ ସେହିଦିନ ପ୍ରଭୁ ବଳଭଦ୍ରଙ୍କ ହରିହର ବେଶ ଅନୁଷ୍ଠିତ ହୋଇଥାଏ।

**PANCHAYATIRAJ & D.W. DEPARTMENT**
**OFFICE OF THE PANCHAYAT SAMITI,**
**HARABHANGA, Dist.- BOUDH**
**DETAILED TENDER CALL NOTICE No.01/HRB/2021-22**
**No. 3067 / Dev. Dt. 28.10.2021**

The Block Development Officer, Harabhanga on behalf of the Governor of Orissa invites percentage rate composite bid in single cover system for the works as detailed in the table, from the class of eligible contractors as mentioned in Co.6 (Six), registered with the State Government and contractors of equivalent grade / class registered with Central Government / MES / Railway to be eventually drawn up in PWD P-1 form, for execution of Building (Composite work i.e. Civil Work, P.H. Work and E.I. Works). The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the following work.

| Sl. No. | Name of the work | Value of work (Approx.) (In Rs.) | Security/ EMD @ 1% EC (In Rs.) | Cost of documents + GST 5% (In Rs.) | Class of contractor | Time required for completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Sub-Centre at Ramagarh | 28,37,619/- | Nil | 6000/- | 'C' & 'B' | 06 (Six calendar months |
| 2 | Construction of sub-centre at sampoch | 28,35,492/- | Nil | 6000/- | 'C' & 'B' | 06 (Six) calendar months |

(1) The sale of the bid document shall start from Dt.08.11.2021 to 22.11.21 between 10 A.M. to 5 P.M. during office hours in the office of the Block Development Officer, Harabhanga. (2) The last date of submission of tender paper 24.11.2021 at 5 P.M. (3) Opening of tender paper is 25.11.2021 at 11 A.M. in the Block meeting hall, Harabhanga. (4) The terms and conditions of the tender is available in the DTCN available in the office Notice Board. (5) The cost of tender documents should be deposited in shape of Demand Draft / Cash in favour of Block Dev. Officer, Harabhanga payable at SBI, Charichhak.

**Sd./-Block Development Officer, Harabhanga**

ପ୍ରତ୍ୟେକ ମଣିଷ ଯେ ଜଣେ କଳାକାର ହେବ, ତା'ନୁହେଁ। କିନ୍ତୁ ପ୍ରତି ମଣିଷର କଳାତ୍ମକ ଚିତ୍ତବୃତ୍ତିଟି ଉନ୍ନତ ହେବା ଉଚିତ। ତା'ର ରୁଚି ସୁଶିକ୍ଷିତ –ତା'ର ମାର୍ଜିତ ସୌନ୍ଦର୍ଯ୍ୟବୋଧ–ରୂପ ଓ ରଙ୍ଗ ପ୍ରତି ଅନ୍ତର୍ଦୃଷ୍ଟି ଏବଂ ତା'ଭିତରେ ଯାହା ପ୍ରକାଶ ପାଏ – ତାହା ଅଭ୍ୟାସଗତ ଭାବେ ସକ୍ରିୟ, ସଂଶୋଧିତ, ଯଥାଯଥ ଓ ସମ୍ବେଦନଶୀଳ ହେବା ଉଚିତ। –ଶ୍ରୀଅରବିନ୍ଦ

# ଭାରତ କେତେ ପ୍ରସ୍ତୁତ

ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ବାୟୁର ଗୁଣବତ୍ତା ଅତି ନିମ୍ନ ସ୍ତରକୁ ଚାଲିଯାଇଥିବା ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ଚଳିତ ଥର ଲା ନିନା ପ୍ରଭାବ ଜାରି ରହିବ ବୋଲି ପାଣିପାଗ ବିଶାରଦମାନେ ଆକଳନ କରିଛନ୍ତି। ତେଣୁ ଏହି ବର୍ଷ ଉତ୍ତର ଭାରତରେ ଅତ୍ୟଧିକ ଶୀତ ପଡ଼ିବାର ସମ୍ଭାବନା ରହିଛି। ସେଭଳି ସ୍ଥଳେ ଖେତରେ ଥିବା ଖୁଣ୍ଟାକୁ ପୋଡ଼ିଦିଆଗଲେ ତାହାର ଧୂଆଁ ବାୟୁମଣ୍ଡଳକୁ ଅଧିକ ଦୂଷିତ କରିଦେବ। ଚଳିତ ବର୍ଷ ଦୀପାବଳି ସମୟରେ ଲୋକେ ନିୟମ ଉଲ୍ଲଂଘନ କରି ବାଣଫୁଟାଇବାରୁ ସେଠାରେ ପ୍ରଦୂଷଣ ବୃଦ୍ଧି ପାଇଛି। ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନେତା ତଥା ଦିଲ୍ଲୀ ସରକାରଙ୍କ ପରିବେଶ ମନ୍ତ୍ରୀ ଗୋପାଳ ରାଏ କହିଛନ୍ତି, ବିରୋଧୀ ଦଳ ପ୍ରରୋଚନାରେ ଉତ୍ସାହିତ ହୋଇ କିଛି ଲୋକ ଦୀପାବଳିକୁ ଧର୍ମୀୟ ରଙ୍ଗ ଦେଇ ବାଣ ଫୁଟାଇବାରୁ ଦିଲ୍ଲୀ ଅଧିକ ପ୍ରଦୂଷିତ ହୋଇଛି। ଦେଖିବାକୁ ଗଲେ ଧର୍ମ ନାମରେ ଏଭଳି କରାଯିବା ଦ୍ୱାରା ଆମ ପିଲା ଓ ପରବର୍ତ୍ତୀ ପିଢ଼ିର ସ୍ୱାସ୍ଥ୍ୟକୁ ଆମେ ଖରାପ କରିଦେଉଛେ। ଦିଲ୍ଲୀର ପ୍ରଦୂଷଣ ସ୍ଥିତି ଆଗକୁ ଅଧିକ ବିଗିଡ଼ିଯିବ ଏଇଥିପାଇଁ ଯେ, ଚଳିତବର୍ଷ ମୌସୁମୀ ଅଧିକ ସମୟ ସକ୍ରିୟ ରହିଥିବାରୁ ଅମଳ ସମୟ ଗଡ଼ିଯାଇଛି। ଡିସେମ୍ବର୨୦୨୧ରୁ ଫେବୃୟାରୀ ୨୦୨୨ ଯାଏ ଅତ୍ୟଧିକ ଶୀତ ପଡ଼ିବ ବୋଲି କୁହାଯାଉଛି। ଏହି ସମୟରେ ଖୁଣ୍ଟା ପୋଡ଼ିବା କାର୍ଯ୍ୟ ବଢ଼ିଗଲେ ଦିଲ୍ଲୀ ସମେତ ଉତ୍ତର ଭାରତର ଲୋକେ ଦୂଷିତ ବାୟୁ ଯୋଗୁ ଆକ୍ରାମାକ୍ରା ହେବାର ଆଶଙ୍କା ରହିଛି।

ଏବେ ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋଠାରେ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ କପ୍‌୨୬ ଜାରି ରହିଛି। ଏଥିରେ ବିକଶିତ ରାଷ୍ଟ୍ରଗୁଡ଼ିକ ଉପରେ ପ୍ରଦୂଷଣ ରୋକିବା ଲାଗି ଆର୍ଥିକ ଖର୍ଚ୍ଚ ବହନ କରିବା ଦିଗରେ ଗୁରୁତ୍ୱ ଦିଆଯାଇଥିବା ବେଳେ ଭାରତ ଭଳି ବିକାଶଶୀଳ ଦେଶଗୁଡ଼ିକ ଅଙ୍ଗାରକାମ୍ଳ ନିର୍ଗମନ କମାଇବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବା ଦରକାର ବୋଲି ପ୍ରସ୍ତାବ ରହିଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ସମ୍ମିଳନୀରେ କହିଛନ୍ତି, ୨୦୭୦ ସୁଦ୍ଧା ଦେଶ ଶୂନ ଅଙ୍ଗାରକାମ୍ଳ ନିର୍ଗମନ ଲକ୍ଷ୍ୟ ହାସଲ କରିବ। ସେ ଏହା କହିଦେଇଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ତାହାକୁ ପାଳନ କରିବା କଷ୍ଟକର ମନେହେଉଛି। ଜଳବାୟୁ ନୀତି ବିଶେଷଜ୍ଞ ଅପୂର୍ବ ମିତ୍ର ଏହାକୁ ଏକ ସୀମାହୀନ ଟାର୍ଗେଟ ବୋଲି ଯାହା କହିଛନ୍ତି ତାହା ଏବର ରାଜଧାନୀ ଦିଲ୍ଲୀର ପ୍ରଦୂଷଣ ସ୍ଥିତି ଦେଖିଲେ ବୁଝି ହୋଇଯାଉଛି। ବାସ୍ତବରେ ନେଟ୍ ଜିରୋ ସ୍ତର ହାସଲ କରିବା ଲାଗି ସରକାରଙ୍କୁ ଉପଯୁକ୍ତ ଲେଆଉଟ୍ ଆଙ୍କିବାକୁ ପଡ଼ିବ। ଏହା କରାଯାଇପାରି ନ ଥିବା ବେଳେ ପ୍ରଧାନମନ୍ତ୍ରୀ କେଉଁ ଆଧାରରେ ଉପରୋକ୍ତ ମତ ଦେଇଛନ୍ତି, ତାହା ବୁଝିବା କଷ୍ଟକର।

ଏବେ କ୍ଲାଇମେଟ୍ କ୍ଲକ୍‌ର ତଥ୍ୟ ଅନୁଯାୟୀ ବିଶ୍ୱ ଗୋଟିଏ ବର୍ଷ ମଧ୍ୟରେ ୧.୫ ଡିଗ୍ରୀ ସେଲ୍‌ସିୟସ ଅଧିକ ତାପନର ନିକଟତର ହେବାକୁ ଯାଉଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୫ ପ୍ୟାରିସ୍ ଚୁକ୍ତି ବେଳେ ବିଶ୍ୱତାପନ ବୃଦ୍ଧିକୁ ସର୍ବନିମ୍ନ ୧.୫ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରଖିବା ଲାଗି ସ୍ଥିର କରାଯାଇଥିଲା। ୨୦୨୦ରେ କୋଭିଡ୍–୧୯ ଯୋଗୁ କରାଯାଇଥିବା ଲକ୍‌ଡାଉନ ସକାଶେ ବିଶ୍ୱତାପନ ହ୍ରାସ ପାଇଥିଲା। ହେଲେ ଏହା ବଢ଼ିବାରେ ଲାଗିଲାଣି ବୋଲି ରିପୋର୍ଟ ପ୍ରକାଶ ପାଇଛି। ତେବେ ପ୍ରଧାନମନ୍ତ୍ରୀ ଏହା ମଧ୍ୟ ପ୍ରତିଜ୍ଞା କରିଛନ୍ତି, ଆଗାମୀ ଦିନରେ ବିଦ୍ୟୁତ୍ ଉତ୍ପାଦନର ଅଧା ଶକ୍ତି ନବୀକରଣୀୟ, ଜଳ ଓ ଆଣବିକ ଶକ୍ତି ଉତ୍ସରୁ ପୂରଣ ହେବ। ତେବେ ଦେଶ ଏତେ ଶୀଘ୍ର ଏ ଦିଗରେ ପଦକ୍ଷେପ କିପରି ନେବ ସେ ବିଷୟରେ କିଛି ସ୍ପଷ୍ଟ ଜଣାନାହିଁ। ଭାରତ ଏ ପର୍ଯ୍ୟନ୍ତ ତାପଜ ବିଦ୍ୟୁତ୍ ଉପରେ ଅଧିକ ନିର୍ଭରଶୀଳ ରହିଛି। କେବଳ ନିର୍ଭରଶୀଳ ନୁହେଁ, ଏବେବି ସେହି ଶକ୍ତି କେନ୍ଦ୍ରଗୁଡ଼ିକର ସମ୍ପ୍ରସାରଣ କରାଯାଉଛି। ଏକ ଦଶନ୍ଧି ହେବ ଦେଖାଯାଉଛି ଯେ, ଓଡ଼ିଶା ସମେତ ଦେଶର ତାପଜ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରେ ଯେଉଁ ମେଶିନ୍ ବ୍ୟବହାର କରାଯାଉଛି ସେଗୁଡ଼ିକ ଚାଇନାରୁ ଆମଦାନୀ କରାଯାଇଛି। ଚାଇନା ନିର୍ମିତ ମେଶିନ୍ ନିମ୍ନମାନର ଓ ପରିବେଶ ଅନୁକୂଳ ହୋଇ ନ ଥିବାରୁ ତାହା ଦ୍ୱାରା ପ୍ରଦୂଷଣ ସ୍ତର ବୃଦ୍ଧି ପାଉଛି।

ଶୂନ ଅଙ୍ଗାରକାମ୍ଳ ନିର୍ଗମନ ହାସଲ କରିବା ଏକ ବିରାଟ ଲକ୍ଷ୍ୟ। ଶିଳ୍ପ, ଭିତ୍ତିଭୂମି, ପରିବହନ ଆଦି ସବୁ କ୍ଷେତ୍ରରେ ପୁରୁଣା ପ୍ରଯୁକ୍ତି ଓ ଢାଞ୍ଚାକୁ ଛାଡ଼ି ନୂତନ ପ୍ରଯୁକ୍ତିରେ ଅର୍ଥ ବିନିଯୋଗ କରିବାକୁ ପଡ଼ିବ। ଏହା କରିବାକୁ ବର୍ତ୍ତମାନର ମାନବ ସମ୍ବଳ, ମେଶିନ୍ ଓ ଅନ୍ୟ ସବୁ ଭିତ୍ତିଭୂମିକୁ ମଧ୍ୟ ପଛରେ ଛାଡ଼ି ଅଭିନବ ତଥା ସବୁଜ ପ୍ରଯୁକ୍ତି ଆପଣାଇବା ଆବଶ୍ୟକ। ଏଥିପାଇଁ ଯେଉଁ ସ୍ତରର ଅଙ୍ଗୀକାରବଦ୍ଧତା ଦରକାର ତାହା ଭାରତ ପାଖେ ଅଛି ନା ନାହିଁ, ଆଗାମୀ ଦିନର ନୀତି ଦର୍ଶାଇବ।

# ବୈଷୟିକ ପ୍ରତିଷ୍ଠାନରେ ମାନବୀୟ ବିଦ୍ୟା



ଡ. ଚିତ୍ତରଂଜନ ମିଶ୍ର

ଦେଶର ୫ଟି ପ୍ରମୁଖ ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ ଯଥା: ଆଇଆଇଟି– କାନପୁର, ଖଡ଼ଗପୁର, ମୁମ୍ବାଇ, ଚେନ୍ନାଇ ଓ ଦିଲ୍ଲୀରେ ପ୍ରାରମ୍ଭରୁ ପ୍ରଚଳନ ହୋଇଆସୁଥିବା ମାନବୀୟ ବିଦ୍ୟା ଓ ସାମାଜିକ ବିଜ୍ଞାନ ଶିକ୍ଷା ପାଠ୍ୟକ୍ରମ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନଗୁଡ଼ିକର ମାନ ସମ୍ମାନ ବୃଦ୍ଧିରେ ସହାୟକ ହୋଇପାରିଛି। ଯଦି ମାନବୀୟ ବିଦ୍ୟା ଓ ସାମାଜିକ ବିଜ୍ଞାନରେ ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତା ସମ୍ପନ୍ନ ଫାକଲ୍‌ଟି ମେମ୍ବରମାନଙ୍କୁ ବୈଷୟିକ ପ୍ରତିଷ୍ଠାନରେ ଶିକ୍ଷାଦାନ ପାଇଁ ପ୍ରୋତ୍ସାହିତ କରାଯାଏ; ତେବେ ନିଃସନ୍ଦେହରେ ପରିସ୍ଥିତି ଆନନ୍ଦମୟ ହୋଇ ଉଠିବ। ସେମାନେ ସମଗ୍ର ବୈଷୟିକ ପ୍ରତିଷ୍ଠାନର ମୂଲ୍ୟବୃଦ୍ଧିରେ ସହାୟକ ହେବା ସହ ରାଷ୍ଟ୍ରକୁ ମଧ୍ୟ ଗୌରବାନ୍ୱିତ କରିବେ। ମାନବୀୟ ବିଦ୍ୟା ଓ ସାମାଜିକ ବିଜ୍ଞାନର ଅଧ୍ୟୟନ କେବଳ ବୈଷୟିକ ପ୍ରତିଷ୍ଠାନକୁ ମୂଲ୍ୟଯୁକ୍ତ କରି ନ ଥାଏ ବରଂ ସମାଜର ଜଟିଳତାକୁ ସଠିକ୍ ହୃଦୟଙ୍ଗମ କରିବା ସହ ସାମାଜିକ ସଂସ୍କୃତିର ଅଭ୍ୟୁଦୟ ଓ ଐତିହାସିକ ପରିଦୃଶ୍ୟର ବିକାଶ କରିଥାଏ। ଏହା ଛାତ୍ରମାନଙ୍କୁ ଅଧିକ ସାମାଜିକ ସଚେତନତା ମନୋବୃତ୍ତି ପୋଷଣ କରିବାକୁ ପ୍ରେରିତ କରିଥାଏ ଏବଂ ଏହା ସେମାନଙ୍କ ବୈଷୟିକ ବୃତ୍ତିଗତ ଜୀବନର ଶେଷ ସୋପାନ ପର୍ଯ୍ୟନ୍ତ ମଧ୍ୟ ଉଜ୍ଜୀବିତ ରହିଥାଏ।

ଏକ ଉତ୍କୃଷ୍ଟ ଉଦାହରଣ ହେଉଛି ପ୍ରଫେସର ଉଷା କୁମାରଙ୍କୁ ଆଇଆଇଟି, କାନପୁରରେ ଅକ୍ଟୋବର ୧୯୬୭ରେ ଏକ ପୂର୍ଣ୍ଣକାଳୀନ ଫାକଲ୍‌ଟି ମେମ୍ବର ଭାବେ ନିଯୁକ୍ତି ପ୍ରଦାନ ସହ ମାନବୀୟ ବିଦ୍ୟା ଅଧ୍ୟାପନା ପାଇଁ ପାଠ୍ୟ ନିର୍ଘଣ୍ଟ ପ୍ରଣୟନ କରିବା। ଛାତ୍ରୀଛାତ୍ର ଓ ଫାକଲ୍‌ଟିମାନଙ୍କୁ ଏହି ପାଠ୍ୟକ୍ରମ ନେବା ପାଇଁ ପ୍ରୋତ୍ସାହିତ କରାଯିବା ସହ ଉପଯୁକ୍ତ ବନ୍ଦୋବସ୍ତ କରାଗଲା। ବହୁ ଛାତ୍ରୀଛାତ୍ର ସେହି ପାଠ୍ୟକ୍ରମକୁ ଆନନ୍ଦର ସହ ଅଧ୍ୟୟନ କଲେ ଏବଂ ପରବର୍ତ୍ତୀ ସମୟରେ ସେମାନଙ୍କର ବୃତ୍ତିଗତ ଜୀବନରେ ଏହା ଉପାଦେୟ ହୋଇଥିବା ହୃଦୟଙ୍ଗମ କଲେ। ଏଭଳି ସେମିଷ୍ଟର ପ୍ରୋଜେକ୍ଟ ଯୁବ ପିଢ଼ିଙ୍କ ମନ ମଧ୍ୟରେ ଏକ ଗଭୀର ରେଖାପାତ କଲା ଏବଂ ସେମାନଙ୍କ ଭବିଷ୍ୟତ ବୃତ୍ତିଗତ ଜୀବନ ଚୟନରେ ମଧ୍ୟ ତାହା ପଥ ପ୍ରଦର୍ଶକର ଭୂମିକା ସମ୍ପାଦନ କରିଥିଲା। ଏହି ସେମିଷ୍ଟର ପ୍ରୋଜେକ୍ଟକୁ 'ଉଷା କୁମାର ମଡେଲ' ବୋଲି ଅଭିହିତ କରାଯାଇଥାଏ। ଉକ୍ତ ମଡେଲକୁ ଦୃଷ୍ଟାନ୍ତ ଭାବେ ବିବେଚନା କରି ଆଇଆଇଟି, କାନପୁର ତା'ର କର୍ମଚାରୀଙ୍କ ଝିଅପୁଅମାନଙ୍କୁ ସହାୟତା କରିବା ପାଇଁ କ୍ୟାମ୍ପସ୍‌ରେ ଏକ ହାଇସ୍କୁଲ ଖୋଲିଥିଲା। ଏହି ହାଇସ୍କୁଲରେ କାନପୁର ସହରର ପିଲାମାନେ ମଧ୍ୟ ଅଧ୍ୟୟନ କରିବାର ସୁଯୋଗ ପାଇଲେ। ଏତଦ୍‌ବ୍ୟତୀତ ଆଇଆଇଟି, କାନପୁର ମଧ୍ୟ ସମ୍ପ୍ରତି କାନପୁର ସହରର ଗରିବ ଲୋକମାନଙ୍କୁ ରିଲିଫ୍ ସେବା ଯୋଗାଇଦେଇ ଏକ ଅତ୍ୟନ୍ତ ମହତ୍ତର ସାମାଜିକ କର୍ତ୍ତବ୍ୟ ନିର୍ବାହ କରୁଛି।

ଆଇଆଇଟି, ଦିଲ୍ଲୀର ପୂର୍ବତନ ଛାତ୍ର, ଏବେକାର ଫାକଲ୍‌ଟି ଏବଂ ଛାତ୍ରୀଛାତ୍ରମାନେ ସ୍ଥାନୀୟ ଚକ୍ଷୁ ଚିକିତ୍ସାଳୟ ଓ ଚକ୍ଷୁ ବିଶେଷଜ୍ଞମାନଙ୍କ ସହ ଗଭୀର ସମନ୍ୱୟତା ସ୍ଥାପନ କରି କାର୍ଯ୍ୟ କରିଥାଆନ୍ତି। ଆଇଆଇଟି, ଦିଲ୍ଲୀର ପୂର୍ବତନ ଛାତ୍ର ସଂଘର ଜଣେ ସଦସ୍ୟ 'ପ୍ରୋଜେକ୍ଟ ପ୍ରକାଶ'ର ଶୁଭାରମ୍ଭ କରିଥିଲେ, ଯାହାକି ମାଗଣାରେ ଚକ୍ଷୁ ଯତ୍ନର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଇଥାଏ। 'ପ୍ରୋଜେକ୍ଟ ପ୍ରକାଶ' ଏକ ଚଳନ୍ତି ପ୍ରକଳ୍ପ ଏବଂ ଆଇଆଇଟି, ଦିଲ୍ଲୀର ଏକାଧିକ ଛାତ୍ର ଏଥିରେ ଅଂଶଗ୍ରହଣ କରିଥା'ନ୍ତି। ପୁନଶ୍ଚ କୁହାଯାଇପାରେ ଯେ ଆଇଆଇଟି, ଦିଲ୍ଲୀର ପୂର୍ବତନ ଛାତ୍ର ସଂଘର ଅନ୍ୟ ଜଣେ ସଦସ୍ୟ ଏକ ପ୍ରୋଜେକ୍ଟ 'ସ୍ପିକ୍‌ମ୍ୟାକେ'ର ଶୁଭାରମ୍ଭ କରିଥିଲେ, ଯାହାକି ଏବେ ସମଗ୍ର ଭାରତବର୍ଷକୁ ବ୍ୟାପିଯାଇଛି। ସେମାନେ ନିୟମିତ ସାରା ଦେଶରେ ବାର୍ଷିକ କାର୍ଯ୍ୟକ୍ରମମାନ ଆୟୋଜନ କରିଥା'ନ୍ତି। 'ସ୍ପିକ୍‌ମ୍ୟାକେ' ଭାରତବର୍ଷର ସମଗ୍ର ଛାତ୍ରସମାଜ ଓ ଜନତାଙ୍କୁ ରାଷ୍ଟ୍ରର ସାଂସ୍କୃତିକ ଐତିହ୍ୟ, ଶାସ୍ତ୍ରୀୟ ସଙ୍ଗୀତ, କଳା ଓ ଦର୍ଶନର ଅନନ୍ୟ ବୈଭବ ସମ୍ବନ୍ଧରେ ସଚେତନ କରିଥାଏ।

ଠିକ୍ ସେହିଭଳି ଆଇଆଇଟି, ବମ୍ବେରେ ମାନବୀୟ ବିଦ୍ୟା (ବୈଦିକ ଅଙ୍କଶାସ୍ତ୍ର, ଭାଷା ବିଜ୍ଞାନ ଏବଂ ଅନ୍ୟାନ୍ୟ ଭିତ୍ତି ବିଷୟବସ୍ତୁ) କ୍ଷେତ୍ରରେ ପ୍ରଫେସରଙ୍କ ନିଯୁକ୍ତି ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଭାରତବର୍ଷକୁ ଆବିଷ୍କାର କରିବା ପାଇଁ ପ୍ରବଳ ଉତ୍କଣ୍ଠା ଓ ଉଦ୍ଦୀପନା ଜାଗ୍ରତ କରିଥିଲା। କେତେକ ଛାତ୍ର ସଂସ୍କୃତ ଶାସ୍ତ୍ର ଅଧ୍ୟୟନ କରିବା ପାଇଁ ଆଗଭର ହୋଇଥିଲେ। ସେମାନେ ଅନୁଭବ କଲେ ଯେ କାହିଁକି ସଂସ୍କୃତକୁ ସର୍ବକାଳୀନ ଭାଷା, ସମ୍ପୂର୍ଣ୍ଣ ଭାଷା, ସର୍ବୋତ୍ତମ ଭାଷା ଓ ଆଦର୍ଶ ଭାଷାର ମାନ୍ୟତା ପ୍ରଦାନ କରାଯାଇଛି। ସଂସ୍କୃତକୁ ସବୁ ଆଧୁନିକ ଭାଷାର ଜନନୀ ବୋଲି ମଧ୍ୟ ବିବେଚନା କରାଯାଇଥାଏ। ଆଉ କେତେକ ଛାତ୍ର 'ଶାସ୍ତ୍ରଜ୍ଞ ପଣ୍ଡିତ'ମାନଙ୍କ ବିଷୟରେ ଚିନ୍ତା କରିଥିଲେ, ଯେଉଁମାନେ କି ଏକାଧିକ ଭାରତୀୟ ଭାଷାରେ ପାଞ୍ଜି ଓ କ୍ୟାଲେଣ୍ଡର ପ୍ରକାଶ କରିଥାନ୍ତି। ଆଇଆଇଟି, ବମ୍ବେର କେତେକ ଛାତ୍ର 'ପଣ୍ଡିତ'ମାନଙ୍କ ଏହି ଗଣନାର ସଠିକତାର ନିର୍ଣ୍ଣୟ କରିବା ପାଇଁ ନିଜ ନିଜର ଲ୍ୟାପ୍‌ଟପ୍ କମ୍ପ୍ୟୁଟର୍ସ ଓ ଉପଯୁକ୍ତ ପ୍ରୋଗ୍ରାମିଂ ସଫ୍ଟୱେୟାରର ସାହାଯ୍ୟ ନେବାକୁ ଚିନ୍ତା କଲେ। ଛାତ୍ରମାନେ ଦେଖିଲେ ଯେ ତାଙ୍କର ଫଳାଫଳ ଓ ବର୍ଷବର୍ଷ ଧରି 'ପଣ୍ଡିତ'ମାନେ କରି ଆସୁଥିବା ଗଣନାର ଫଳାଫଳ ସମ୍ପୂର୍ଣ୍ଣ ରୂପେ ମେଳ ଖାଇଯାଉଛି! ଛାତ୍ର ଭାବେ ସେମାନେ ଲାଭ କରିଥିବା ମୂଲ୍ୟବୋଧକୁ ଆମେ ଧନ୍ୟବାଦ ଦେବା, କାରଣ ଏହି ମୂଲ୍ୟବୋଧ ଆଧାରରେ ଏକାଧିକ ଛାତ୍ର ନିଜର ଜୀବନ ଜୀବିକା ସୁଚାରୁରୂପେ ନିର୍ବାହ କରିବା ସହ ନିଜ ସ୍ୱପ୍ନକୁ ମଧ୍ୟ ଚରିତାର୍ଥ କରିପାରିଲେ। ସେମାନେ ଆଗକୁ ବଢ଼ି ନିଜ ନିଜର ଲାଭଦାୟକ କମ୍ପାନୀମାନ ମଧ୍ୟ ଗଢ଼ିଲେ। ସେମାନେ ଅଶିକ୍ଷିତ ଓ ଗରିବ ଗ୍ରାହକମାନଙ୍କୁ ଆଦୌ ଅଣଦେଖା ନ କରି ସସମ୍ମାନେ ସେମାନଙ୍କର ଆବଶ୍ୟକତାକୁ ହୃଦୟଙ୍ଗମ କରିବାକୁ ଲାଗିଲେ ଓ ସମସ୍ୟା ସମାଧାନର ପ୍ରକୃଷ୍ଟ ପଥ ମଧ୍ୟ ଉନ୍ମୋଚନ କଲେ।

ଠିକ୍ ସେହିପରି ଆଇଆଇଟି, ମାଡ୍ରାସର ପୂର୍ବତନ ଛାତ୍ରସଂଘର ଜଣେ ସଦସ୍ୟ ପୁଣେ ସହରର ନିକଟବର୍ତ୍ତୀ ଅଞ୍ଚଳରେ ନିଜର ଏକ ଜନସ୍ୱାସ୍ଥ୍ୟ ଉଦ୍ୟମର ଶୁଭାରମ୍ଭ କରିବା ପାଇଁ ନିଷ୍ପତ୍ତି ନେଲେ, ଯାହାକି ସ୍ଥାନୀୟ ଜନସାଧାରଣମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ଆଇଆଇଟି, ମାଡ୍ରାସର ଫାକଲ୍‌ଟି ମେମ୍ବର ଓ ଛାତ୍ରୀଛାତ୍ରମାନେ ନିୟମିତ ଭାବେ ଏମ୍.ଏସ୍. ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେଶନ ସହ ସମୁଦ୍ର ଜଳ ସଂକ୍ରାନ୍ତ ଷ୍ଟଡି ଓ ବନୀକରଣ ଉପରେ କାର୍ଯ୍ୟ କରୁଛନ୍ତି। ଏହାର ବାୟୋଲୋଜି ଗ୍ରୁପ ସ୍ଥାନୀୟ ମେଡିକାଲ ସେଣ୍ଟର ଓ ଡାକ୍ତରମାନଙ୍କ ସହ କଥାହେବା ସହ ପରସ୍ପର ମଧ୍ୟରେ ସୂଚନାର ଆଦାନପ୍ରଦାନ ମଧ୍ୟ କରୁଛନ୍ତି। ସେମାନେ କେ.ଆର.ଏମ୍. ବିଶ୍ୱବିଦ୍ୟାଳୟ ସହ ମଧ୍ୟ ମିଳିମିଶି କାମ କରୁଛନ୍ତି ଏବଂ ନିକଟରେ ଥିବା କେ.ଆର.ଏମ୍. ବିଶ୍ୱବିଦ୍ୟାଳୟର କ୍ୟାନ୍‌ସର ସେଣ୍ଟର ଓ କ୍ୟାନ୍‌ସର ବିଶେଷଜ୍ଞଙ୍କ ସହ ମଧ୍ୟ ସମ୍ପୂର୍ଣ୍ଣ ଯୋଗାଯୋଗରେ ଅଛନ୍ତି।

୧୯୫୧ରେ ଖଡ଼ଗପୁରରେ ପ୍ରତିଷ୍ଠିତ ଆଇଆଇଟି ତା'ର ଅୟମାରମ୍ଭ କାଳରୁ ସ୍ଥାନୀୟ ଚିକିତ୍ସାକର୍ମୀ ଓ ଡାକ୍ତରମାନଙ୍କୁ ନିଜର ବୈଷୟିକ ଜ୍ଞାନକୌଶଳ ବା ଟେକ୍ନୋଲୋଜି ପ୍ରଦାନ କରିଆସୁଅଛି। ନିକଟ ଅତୀତରେ ଆଇଆଇଟି, ଖଡ଼ଗପୁର ଟେକ୍ନୋଲୋଜିକାଲ୍ ଡିଭାଇସେସ୍ ଓ ପ୍ରଡକ୍ଟସ୍‌କୁ ମଧ୍ୟ ଲୋକମାନଙ୍କ ସେବା ପାଇଁ ଉତ୍ସର୍ଗ କରିଛି। ଆଇଆଇଟି, ହାଇଦ୍ରାବାଦ ସହ ଏଲ୍.ଭି. ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନର ପାରସ୍ପରିକ ସମ୍ପର୍କ ପ୍ରତିଷ୍ଠା ଯୋଗୁ ଚକ୍ଷୁର 'କର୍ନିଆଲ୍ ଟିସୁ'ର ଉତ୍ପାଦନ ସହ ଏକ 'ହାଇଡ୍ରୋଜେଲ୍' ମଧ୍ୟ ପ୍ରସ୍ତୁତ ହୋଇପାରିଲା, ଯାହାର ସାହଚର୍ଯ୍ୟରେ 'ହ୍ୟୁମାନ କର୍ନିଆଲ୍ ଟିସୁ'ର ପ୍ରତିସ୍ଥାପନ ସମ୍ଭବପର ହେଲା। ଏହା ବର୍ତ୍ତମାନ ବାଙ୍ଗାଲୋରର ଏକ କମ୍ପାନୀକୁ ବିପଣନ କରାଯାଉଛି। ଖୁବ୍ ନିକଟରେ ଏଲ୍.ଭି. ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନର ବୈଜ୍ଞାନିକମାନେ ଏକ 'ଓରାଲ୍ ଲିକ୍ୟୁଇଡ ସଲ୍ୟୁସନ' ବା ପାଟିରେ ଖାଇବା ପାଇଁ ଏକ ତରଳ ଦ୍ରବଣ ପ୍ରସ୍ତୁତ କରିଛନ୍ତି, ଯାହାକି ବ୍ଲାକ ଫଙ୍ଗସ୍ ଦ୍ୱାରା ପ୍ରପୀଡ଼ିତ ରୋଗୀମାନଙ୍କୁ ଚିକିତ୍ସା ପାଇଁ ଯୋଗାଇ ଦିଆଯାଇଥାଏ। ଏଠାରେ ଉଲ୍ଲେଖଯୋଗ୍ୟ, କରୋନା ମହାମାରୀ ସମୟରେ ବହୁ ଲୋକ କରୋନା ସହ ଏହି ବ୍ଲାକ ଫଙ୍ଗସ୍‌ରେ ମଧ୍ୟ ପଡ଼ିଥିଲେ। ଏଲ୍.ଭି. ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନର ବୈଜ୍ଞାନିକମାନେ ବ୍ଲାକ ଫଙ୍ଗସ୍‌ର ସଫଳ ଚିକିତ୍ସା ପାଇଁ ସେମାନେ ବିକାଶ କରିଥିବା 'ଓରାଲ ଲିକୁଇଡ୍ ସଲ୍ୟୁସନ୍ ପ୍ରଯୁକ୍ତିବିଦ୍ୟା'କୁ ଏକ ଉପଯୁକ୍ତ ଫାର୍ମା କମ୍ପାନୀକୁ ହସ୍ତାନ୍ତର କରି ବହୁଳ ମାତ୍ରାରେ ଏହାର ବାଣିଜ୍ୟିକ ଉତ୍ପାଦନ ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି। ପୁନଶ୍ଚ ଆଇଆଇଟି, ହାଇଦ୍ରାବାଦରେ ଏକ 'ଡିଜାଇନ ସେଣ୍ଟର'ର ପ୍ରତିଷ୍ଠା ଦ୍ୱାରା ପରଫର୍ମିଙ୍ଗ ଆର୍ଟିଷ୍ଟ ବା ପ୍ରଦର୍ଶନକାରୀ କଳାକାର ଓ ଡିଜାଇନର୍ସମାନଙ୍କଠାରୁ ଅସାଧାରଣ ଫଳାଫଳ ମିଳିପାରିଛି। ଏହି ସେଣ୍ଟରରେ ଛାତ୍ରୀଛାତ୍ରମାନେ ସଙ୍ଗୀତ ଶୁଣିବା, ଶିଖିବା, ଅଭ୍ୟାସ କରିବା ଓ ପ୍ରଦର୍ଶନ କରିବା ପାଇଁ ଅତିଶୟ ଆନନ୍ଦିତ ହୋଇଥାଆନ୍ତି।

ଆଗାମୀ କିଛି ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଦେଶରେ ଆଉ ଡଜନରୁ ଊର୍ଦ୍ଧ୍ୱ ଆଇଆଇଟି ଖୋଲିବାକୁ ଯାଉଛନ୍ତ। ଏ ସମସ୍ତ ଆଇଆଇଟିରେ ମାନବୀୟ ବିଦ୍ୟା ଓ ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ମଧ୍ୟ ଖୋଲାଯିବାର ଆବଶ୍ୟକତା ରହିଛି।

ମୋ: ୯୩୩୮୨୦୪୯୯୩

# ହତ୍ୟା ଓ ହାସ୍ୟକଥା



ଡ. କୁଳାଙ୍ଗାର

ମର୍ଡର ବା ହତ୍ୟା କରିବା ଏମିତି ନିତି ଦିନିଆ କଥାରେ ପରିଣତ ହେଲାଣି ଯେ ଆମ ପରି ବ୍ୟଙ୍ଗ ଲେଖକ ମଧ୍ୟ ମର୍ଡର ପରି ସାଂଘାତିକ ପ୍ରସଙ୍ଗରେ ଦିବ୍ୟଜ୍ଞାନ ଦେବାକୁ ବାହାରିଲେଣି। ମହତ୍ ଜନେ କହିଛନ୍ତି, ଯେତେବେଳେ ଯୋଉକଥା। ଅତଏବ ଆମ ଚାରିପାଖରେ ଯେତେବେଳେ ହତ୍ୟାକାଣ୍ଡମାନ ବାରମ୍ବାର ଘଟୁଛି ସେତେବେଳେ ଆମେ ସେ କଥା ଲେଖିବାକୁ ବାଧ୍ୟ ହେଉଛୁ। ଏ କଥା ଲେଖିବା ପୂର୍ବରୁ ଆମେ ପ୍ରଥମେ ନିଜକୁ ତାଗିଦ୍ କଲୁ କି ଏପରି କଥା ଲେଖିବା ଦ୍ୱାରା ଏହାର ପ୍ରୋତ୍ସାହନ ହୋଇଯିବନି ତ?

ନିଜେ ଏହାର ଉତ୍ତର ମଧ୍ୟ ଦେଇଦେଲୁ କି – ଆମେ ଆଗରୁ ତୈଳଦର ହ୍ରାସର ଲାଭ ସମ୍ପର୍କରେ ଲେଖିଛୁ, ତାହା କ'ଣ ହୋଇଛି କି? ଆମେ ପୂର୍ବରୁ ମଦ୍ୟପାନ ଓ ବିକ୍ରୟର ନିଷିଦ୍ଧ ସମ୍ପର୍କରେ ଲେଖିଛୁ, ତାହା କ'ଣ ହୋଇଛି କି?? ଅତଏବ ମର୍ଡର କରିବାର ସହଜ ଉପାୟ ସମ୍ପର୍କରେ ଲେଖିଲେ ଯେ ମର୍ଡର ବଢ଼ିଯିବ ତାହା ଯେଉଁମାନେ ଭାବୁଛନ୍ତି, ସେମାନେ ନିର୍ଭୟରେ ଏ ରଚନା ପଢ଼ନ୍ତୁ।

ମହାଜନୋ ଯେନ ଗତଃ ସ ପନ୍ଥାଃ ନ୍ୟାୟରେ ଆଜିକାଲି ବଡ଼ଲୋକମାନେ ହତ୍ୟାକାଣ୍ଡରେ ସମ୍ପୃକ୍ତ ହେବାର ଘନଘନ ଶୁଣିବାକୁ, ପଢ଼ିବାକୁ ମିଳୁଛି। ତେବେ ବଡ଼ଲୋକମାନେ ହିଁ ମର୍ଡର କରି ଚଳେଇ ଦେଇ ପାରନ୍ତି ନା ମର୍ଡରରମାନେ ଏ ଦୁନିଆରେ ବଡ଼ ଲୋକ ହୋଇପାରନ୍ତି? ଏଥି ସମ୍ପର୍କରେ ଆମର ଗବେଷଣା ଜାରି ରହିଛି।

କଳକାରଖାନା ପ୍ରତିଷ୍ଠା, ବିସ୍ଥାପନ, ପ୍ରତିଯୋଗିତା, ବ୍ୟବସାୟ ଆଦିର ଆରମ୍ଭ ହତ୍ୟାକାଣ୍ଡରୁ ଆରମ୍ଭ ହେବା ସାଧାରଣ ଘଟଣାରେ ପରିଣତ ହେଲାଣି। ହତ୍ୟାକାଣ୍ଡରେ ତ ଆମର ଇତିହାସ ସମୃଦ୍ଧ। ଦେବତାମାନେ ହତ୍ୟାକାଣ୍ଡ ଜରିଆରେ ହିଁ ପ୍ରସିଦ୍ଧି ଅର୍ଜନ କରିଛନ୍ତି ଏବଂ ନାନା କଟକଣା ପରେ ମଧ୍ୟ ଅନେକ ଦେବଦେବୀ ଆଜି ପର୍ଯ୍ୟନ୍ତ ଭକ୍ତଙ୍କୁ ହତ୍ୟା ପାଇଁ ପ୍ରେରିତ କରି ଆସିଛନ୍ତି।

ହତ୍ୟାକାଣ୍ଡର ଫଟୋଚିତ୍ର ଓ ଖବର ଖବରକାଗଜର ମୁଖ୍ୟପୃଷ୍ଠାରେ ସସମ୍ମାନେ ସ୍ଥାନ ପାଇଥାଏ। ଏମିତି ଖବର ପଢ଼ିବାକୁ ଓ ହତ୍ୟା ସମ୍ପର୍କରେ ଟିକିନିଖି ଜାଣିବାକୁ କାଳେ ଲୋକେ ଅଧିକ ବ୍ୟାକୁଳ! ସତେ ଯେମିତି ସେମାନେ ମଧ୍ୟ ହତ୍ୟା କରିବାର ଉପାୟ ଜାଣିବାକୁ ଚାହୁଁଛନ୍ତି, ଅଥବା ମର୍ଡର କରିବାକୁ ପ୍ରସ୍ତୁତ ହେଉଛନ୍ତି! ଯଦି ଆପଣ ସେଇମାନଙ୍କ ଭିତରୁ ଜଣେ, ଅର୍ଥାତ୍ ମର୍ଡର କରିବାକୁ ପ୍ରସ୍ତୁତ ହେଉଛନ୍ତି ତେବେ ଆପଣ ପ୍ରଥମେ ବଡ଼ଲୋକଙ୍କୁ ହାତ କରନ୍ତୁ। ବଡ଼ମାନେ ବଡ଼ କ୍ଷମତା, ଧନ, ସମ୍ପତ୍ତି ଯାହାଙ୍କର ଥିବ। ଏତେ ଥିବ ଯେ ସେଠାରେ ମଣିଷ ଜୀବନ ମଧ୍ୟ ଛୋଟ ପରିଗଣିତ ହେଉଥିବ। ସେମିତି ବଡ଼ ଲୋକମାନଙ୍କ ଉପରେ ନାନା ବଡ଼ ଅଭିଯୋଗ ଉଠେ କିନ୍ତୁ ତାହା ଦିନ କେତେରେ ପୁଣି ଛୋଟ ହୋଇଯାଏ। ବଡ଼ଲୋକ କିନ୍ତୁ ସେମିତି ବଡ଼ ହୋଇ ଥାଆନ୍ତି। ଏପରି ହତ୍ୟା ଅଭିଯୋଗ ସବୁ ଓଲଟି ତାଙ୍କର ଗରିମା ବଢ଼ାଏ। ଲୋକ ମୁଖରେ ସିଏ ଦୁର୍ଦ୍ଧର୍ଷ, ଦୁଃସାହସୀ ବୋଲାନ୍ତି। ଏତେଟା ହତ୍ୟାରେ ସମ୍ପୃକ୍ତି ଅଭିଯୋଗ ଥାଇ ବି ସ୍ୱଚ୍ଛନ୍ଦରେ ଚଳପ୍ରଚଳ ପାଇଁ ସାବାସୀ ପାଆନ୍ତି।

ଯଦି ଆପଣ ନିଜେ ବଡ଼ ଲୋକ ନୁହନ୍ତି କିନ୍ତୁ ମର୍ଡର କରିବାକୁ ହମହମ ହେଉଛନ୍ତି ତେବେ ସେମିତି କେହି ବଡ଼ଲୋକଙ୍କର ଆପଣାର ଲୋକ, ଚେଲା କିମ୍ବା ସମର୍ଥକ ହୋଇଯାଆନ୍ତୁ ଏବଂ ତାହା ପରେ ମର୍ଡର ପରି ସାଂଘାତିକ ମାମଲା କଥା ଚିନ୍ତା କରିବେ। କାରଣ ସ୍ୱର୍ଗ, ମର୍ତ୍ତ୍ୟ ଅବା ପାତାଳ, ସବୁଠି ବଡ଼ ଲୋକମାନଙ୍କର କାଡ୍‌ତି ହିଁ ଚାଲେ। ସେମାନଙ୍କ କଥାକୁ ମାଟିଆ ମାମୁମାନେ ସସମ୍ମାନେ ଗ୍ରହଣ କରନ୍ତି।

ମର୍ଡର କାରବାର ଆରମ୍ଭ କରିବା ପୂର୍ବରୁ ମାମୁଙ୍କ ସହିତ ଭଲ ସମ୍ପର୍କ ରଖନ୍ତୁ। କାରଣ ମର୍ଡର କଲା ପରେ ତାଙ୍କରି ସହିତ ହିଁ ଆପଣଙ୍କୁ ଚଳିବାକୁ ହେବ। ମାମୁ ଘରକୁ ବାରମ୍ବାର ଧାଇଁବାକୁ ପଡ଼ିପାରେ, ତାଙ୍କ ଘରେ ଅଧିକ ଦିନ ରହିବାକୁ ପଡ଼ିପାରେ। ମାମୁ ଯଦି ଆପଣଙ୍କ ପ୍ରତି ପ୍ରୀତ ଥିବେ ତେବେ ଆପଣଙ୍କୁ ନ ଡୁକେଇ, ପିଟାପିଟି ନ କରି ଅଟକ ରଖି ପାରନ୍ତି। ଖସେଇ ଦେବାରେ ସହଯୋଗ କରି ପାରନ୍ତି। ଏମିତି ନାନା ଉପାୟ ବତାଇ ଦେଇ ପାରନ୍ତି। ମାମୁମାନେ ଚୋରଧରାଠୁ ଭଦ୍ରତା ସୁରକ୍ଷା ଯାଏ ନାନା କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ଅନେକ ହତ୍ୟା ମାମଲା ଅସମାହିତ ରହିଯାଏ। ସେଥିରେ ଆପଣଙ୍କ ମାମଲାଟି ଯୋଡ଼ି ହୋଇଗଲେ ତ କାମ୍ ଫତେ!

ହତ୍ୟା କରିବା ପାଇଁ ଉପଯୁକ୍ତ ଯୋଜନା କରିବାକୁ ହୋଇଥାଏ। ସାକ୍ଷୀ ପ୍ରମାଣ ଛାଡ଼ିବାକୁ ହୋଇଥାଏ। ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟା କରିବାକୁ ହୋଇଥାଏ। ହତ୍ୟା ପରେ ପରିଣାମ କ'ଣ ହେବ ସେ ସମ୍ପର୍କରେ ଅବଗତ ହେବାକୁ ପଡ଼ିଥାଏ। ଏସବୁ ଜିଲା ଥିଲେ, ବହୁ ସମୟରେ ଅପରାଧୀ ମାମଲାରୁ ଛାଡ଼ ପାଇଯିବାର ସମ୍ଭାବନା ଥାଏ।

ଆପଣ ତ ତାକୁ ଜାଣିଥିବେ। ବାହାଘର ପରଠୁ ସିଏ ଘରଜ୍ୱାଇଁ ହୋଇ ଶ୍ୱଶୁର ଘରେ ରହିଛି। ସିଏ ମନେମନେ ଭାବିଲା ମୋର ବନ୍ଧୁବାନ୍ଧବ, ଚିହ୍ନାଜଣାରେ ବହୁତ ଲୋକ ହତ୍ୟାକରି ସୁଖରେ ଅଛନ୍ତି, ଉନ୍ନତି କରିଛନ୍ତି। ମୁଁ କେମିତି ହତ୍ୟାକାଣ୍ଡରେ ସାମିଲ୍ ହୋଇ ଆଗକୁ ବଢ଼ନ୍ତି!

ସିଏ ମନକଥା ନିଜର ଘରଣୀକୁ ଖୋଲି କହିଲା। ଘରଣୀ ତା' କଥା ଶୁଣି ବଡ଼ବଡ଼ ଆଖି କରି ପଚାରିଲା – ହେଁଏ! ତମେ ଜାଣିଛ କି ନାଇଁ ହତ୍ୟା ଗୋଟେ ସାଂଘାତିକ ଅପରାଧ?

ସିଏ କହିଲା – ହଁ ଯେ... ତମେ ପରା ନିଜେ କହୁଥିଲ କି ରିସ୍କ୍ ନ ନେଲେ ଆଗକୁ ବଢ଼ି ହବନି! ପୁଣି ଖବରକାଗଜ କି ଟିଭିରେ ଫଟୋ ନ ବାହାରିବାରୁ ତୁମର ମନ ଦୁଃଖ। ବାସ୍ ଏସବୁର ସମାଧାନ ଏହା ଜରିଆରେ ହୋଇଯିବ କି ନାଇଁ?

ଘରଣୀ ପଚାରିଲେ – ହେଲା ଯେ...। ତମେ ଯଦି ଧରା ପଡ଼ିଯାଅ, ତା' ହେଲେ ଭାବିଲ ଦେଖି, ଜେଲରେ ରହିପାରିବ? ଘରଣୀର ପ୍ରଶ୍ନର ଉତ୍ତର ନ ଦେଇ ସିଏ ମନେମନେ କହିହେଲା– ତମ ଘରେ ଏତେବର୍ଷ ରହିଲିଣି ମାନେ, ଜେଲରେ ରହିବାରେ କିଛି ଅସୁବିଧା ହେବନି।

ତା' କଥା ତ ଜାଣିଲେ, ଏବେ ମୋ କଥା ଜାଣନ୍ତୁ! କେହି ପଚାରି ପାରନ୍ତି କି ଯଦି ମର୍ଡର କରିବା ଏତେ ସହଜ, ତେବେ ମୁଁ କେତେଟା ମର୍ଡର କରିଛି? ସେମାନଙ୍କ ପାଇଁ ଉତ୍ତର – ଏମିତିରେ ମୁଁ ଅଗଣିତ ହତ୍ୟା କରିଛି। ଅସଂଖ୍ୟ ଅସରପା, ମୂଷା, ମଶା, ପିମ୍ପୁଡ଼ି, କାଇ, ମାଛ, କୁକୁଡ଼ା ଆଦି ମର୍ଡର କରିବାର ରେକର୍ଡ ମୋର ରହିଛି।

ଉପରୋକ୍ତ ବ୍ୟାଖ୍ୟାନଟି ଯଦି ମଣିଷ ମର୍ଡରକଥା ବୋଲି ଆପଣ ଉତ୍ସାହିତ ହୋଇ ଭାବୁଥିଲେ ଏବଂ ଏବେ ନିରାଶ ହେଉଛନ୍ତି, ତେବେ ଜଣାଇ ଦେଉଛି କି ମୁଁ ଏପର୍ଯ୍ୟନ୍ତ ମଣିଷ ମର୍ଡର କରିନାହିଁ। କରିଥିଲେ କ'ଣ ଆଉ ଏମିତି ବ୍ୟଙ୍ଗକାରଟିଏ ହୋଇ ଥାଆନ୍ତି ନା ଆପଣ ମୋର ରଚନାକୁ ଏତେ ଶ୍ରଦ୍ଧାରେ ପଢ଼ିବାକୁ ଆଗ୍ରହ କରୁଥାଆନ୍ତେ??

ନରସିଂହପୁର, କଟକ

ମୋ: ୮୮୯୫୮୨୫୮୬୩

## ସାପ୍ତାହିକ ପଞ୍ଜିକା

**ନଭେମ୍ବର ୧ :** ୨୦୧୩ ଗାନ୍ଧୀ ମଇଦାନ ବିସ୍ଫୋରଣ ମାମଲାରେ ୪ ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ।

➢ ଦାନ୍ତେୱାଡ଼ାରେ ୩ ମହିଳା ମାଓବାଦୀ ନିହତ।

➢ ଜାପାନରେ ଅନୁଷ୍ଠିତ ପାର୍ଲାମେଣ୍ଟ ନିର୍ବାଚନରେ ପ୍ରଧାନମନ୍ତ୍ରୀ ଫୁମିଓ କିଶିଡ଼ା ବିଜୟୀ।

**ନଭେମ୍ବର ୨ :** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ନିମାପଡ଼ା ତହସିଲଦାର ଗିରଫ।

➢ ଓଡ଼ିଶାର ପାରାବ୍ୟାଡମିଣ୍ଟନ ତାରକା ପ୍ରମୋଦ ଭଗତଙ୍କ ସମେତ ୧୨ ଜଣ ଖେଳାଳି ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପାଇବେ।

➢ ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ନୂଆ ଦଳ ପଞ୍ଜାବ ଲୋକ କଂଗ୍ରେସ ଗଠନ କଲେ।

**ନଭେମ୍ବର ୩ :** ଆଦିତ୍ୟ ମହାପାତ୍ର ଓଡ଼ିଶା ହାଇକୋର୍ଟ ବିଚାରପତି ନିଯୁକ୍ତ।

➢ ଟି–୨୦ ବିଶ୍ୱକପ୍‌ରେ ଭାରତର ପ୍ରଥମ ବିଜୟ।

## su|do|ku Puzzles by Srikant Ghosh — ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | 2 | | | 9 | | 5 | |
| 1 | | | 6 | | 8 | 9 | 3 | |
| | 6 | | | | | | | 7 |
| | 1 | | | 5 | 3 | | | |
| | | | | | | | 6 | 4 |
| | | 9 | 8 | | 7 | 3 | | |
| | | 3 | | 2 | | | | |
| 2 | | | | | 4 | | 8 | |
| | | | | | | 6 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 5 | 1 | 4 | 7 | 2 | 3 | 8 |
| 1 | 8 | 4 | 3 | 9 | 2 | 6 | 5 | 7 |
| 2 | 3 | 7 | 8 | 5 | 6 | 9 | 4 | 1 |
| 9 | 1 | 8 | 4 | 6 | 5 | 3 | 7 | 2 |
| 7 | 5 | 3 | 2 | 1 | 9 | 8 | 6 | 4 |
| 4 | 2 | 6 | 7 | 3 | 8 | 1 | 9 | 5 |
| 8 | 6 | 1 | 9 | 7 | 4 | 5 | 2 | 3 |
| 3 | 4 | 9 | 5 | 2 | 1 | 7 | 8 | 6 |
| 5 | 7 | 2 | 6 | 8 | 3 | 4 | 1 | 9 |

ଗତକାଲିର ଉତ୍ତର

## ଏଇ ଭାରତରେ

କର୍ପୋରେଟ୍ ଚାକିରିର ଉଚ୍ଚ ଦରମାଠାରୁ ଅସହାୟ ପିଲାମାନଙ୍କ ଶିକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ଅନୁଭବ କରିଛନ୍ତି କୁଶଲ ରାଜ ଚକ୍ରବର୍ତ୍ତୀ। ବେଙ୍ଗାଲୁରୁର ଏହି ବ୍ୟକ୍ତି ଜଣକ ୧୨୦୦ ଗରିବ ପିଲାଙ୍କ ସାହାରା ପାଲଟିଛନ୍ତି। ସେମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ଲାଗି ଚାକିରି ଛାଡ଼ିଦେଇଛନ୍ତି। 'ଲୋଟସ ପେଟାଲ' ଏନ୍‌ଜିଓ ଗଠନ କରି ତା' ମାଧ୍ୟମରେ ବେଙ୍ଗାଲୁରୁ ଓ ଆଖପାଖ ଅଞ୍ଚଳର ଗରିବ ପିଲାଙ୍କ ଶିକ୍ଷା ଲାଗି ସାହାଯ୍ୟ କରୁଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ସହ ଜବ୍ ଟ୍ରେନିଂ ଓ ମେଣ୍ଟାଲ ହେଲ୍‌ଥ ଲାଗି ମଧ୍ୟ କାର୍ଯ୍ୟକ୍ରମ ଚଳାଉଛନ୍ତି। ଏଥିପାଇଁ ସେ ନିଜ ଆୟ ତଥା ସାଙ୍ଗସାଥୀଙ୍କ ଦାନରେ ମିଳୁଥିବା ଅର୍ଥକୁ ଖର୍ଚ୍ଚ କରୁଛନ୍ତି। ୨୦୧୧ରେ 'ଲୋଟସ୍ ପେଟାଲ' ଗଠନ କରି ସେ ବିଭିନ୍ନ ବସ୍ତି ଓ ସରକାରୀ ସ୍କୁଲରେ ପଢୁଥିବା ପିଲାମାନଙ୍କ ପାଇଁ ବହିଖାତା, ପେନ୍‌ସିଲ, ପୋଷାକ ଆଦି ଯୋଗାଉଛନ୍ତି। ସେ ଅସହାୟ ପିଲାମାନଙ୍କୁ ଇଂରାଜୀ ମାଧ୍ୟମରେ ଶିକ୍ଷା ପ୍ରଦାନ କରିବାକୁ 'ପ୍ରତିଷ୍ଠାନ' ଗଠନ କରିଛନ୍ତି, ଯେଉଁଥିରେ ଏବେ ଅନେକ ପିଲା ପଢୁଛନ୍ତି। ଏଥିପାଇଁ ଶିକ୍ଷକ ନିଯୁକ୍ତି ଠାରୁ ଆରମ୍ଭ କରି ପିଲାଙ୍କ ଖର୍ଚ୍ଚ ନିଜେ ବହନ କରୁଛନ୍ତି। ତେବେ କୁଶଲଙ୍କ ସାଥିରେ ସାଲୋନି ଭରଦ୍ୱାଜ ଯୋଗଦେଇ ଏହି କାର୍ଯ୍ୟକୁ ଆଗକୁ ବଢ଼ାଉଛନ୍ତି। କୁଶଲଙ୍କୁ ତାଙ୍କର ଜଣେ ସାଙ୍ଗ ୧ ଏକର ଜମି ଦାନ କରିବା ପରେ ସେଠାରେ ସେ ସ୍କୁଲ ନିର୍ମାଣ କରୁଛନ୍ତି। ଏଥିରେ ଏକ ମିଲିୟନ ଇଟା ଲାଗିବ ଓ ଏହାକୁ ସେ 'ମିଲିୟନ ବ୍ରିକ୍ସ' ପ୍ରୋଜେକ୍ଟ ନାମ ଦେଇ ସମସ୍ତଙ୍କଠାରୁ ଦାନ ଆକାରରେ ଅର୍ଥ ସଂଗ୍ରହ କରୁଛନ୍ତି। ତେବେ କୁଶଲଙ୍କ ଏହି ଅଭିଯାନ ନିଶ୍ଚିତ ଭାବେ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ।

## ୨୫ ବର୍ଷ ତଳର ଧରିତ୍ରୀ

୮ ନଭେମ୍ବର ୧୯୯୬

- ଆମେରିକାର ପରରାଷ୍ଟ୍ର ସଚିବ ୱାରେନ ଖ୍ରୀଷ୍ଟୋଫର ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।
- ଲାଖୁଭାଇ ପାଠକ ଠକେଇ ମାମଲାରେ ତାନ୍ତ୍ରିକ ଚନ୍ଦ୍ରାସ୍ୱାମୀ ଓ ତାଙ୍କର ସହଯୋଗୀ କୈଳାସ ନାଥ ଅଗ୍ରୱାଲ ଓରଫ ମାମାଜୀଙ୍କୁ ସୁପ୍ରିମକୋର୍ଟ ଜାମିନ ମଞ୍ଜୁର କରିଛନ୍ତି।

## ଚିରନ୍ତନୀ

ଅବିଚ୍ଛିନ୍ନ ସୈନ୍ୟଶ୍ରେଣୀ ପାତାଳୁଁ ଉଠାଏ ଜୟସ୍ୱର
ଆକାଶ ମଥିତ କରେ ବିପ୍ଳବର ଦାବୀ
ସହସ୍ର ଭାଷାରେ ଲେଖେ ଏକ ପତ୍ରେ ଚରମ ସ୍ୱାକ୍ଷର
ଅଘଟ–ଘଟନା ପଟୁ ନବୀନ ଶତାବ୍ଦି!
(ଶତାବ୍ଦୀ–ସୈନିକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଟଙ୍କା ବଣ୍ଟା ସ୍ୱାଧୀନତା ଛଡ଼ାଇ ନେଉଛି

ମହାଶୟ,

ଗଣତନ୍ତ୍ର ଦେଶରେ ଲୋକଙ୍କର ଯେଉଁ କହିବାର ସ୍ୱାଧୀନତା ଥିଲା ଆଜି ସମ୍ପୂର୍ଣ୍ଣ ଲୋପ ପାଇଲାଣି। ସତ କହିଲେ ମାଡ଼, ନ ହେଲେ ହତ୍ୟା। ନେତାମାନେ ବି ଲୋକଙ୍କର କିଛି ସୁବିଧା ଅସୁବିଧା କଥା ଶୁଣିବାକୁ ତିଳେମାତ୍ର ଚାହାନ୍ତି ନାହିଁ। ଏହାର କାରଣ ସମସ୍ତେ ଜାଣନ୍ତି। କାଲି ଯେତେବେଳେ ତାଙ୍କଠାରୁ ଲୋକେ ଚା' ଜଳଖିଆ ଓ ଟଙ୍କା ପାଇ ଭୋଟ ଦେଇଛନ୍ତି, ସେମାନେ ତ ଆମ ମୁଣ୍ଡ କିଣିନେଲେ ଆଉ କ'ଣ ପାଇଁ ଆମ କଥା ଶୁଣିବେ? ନେତାମାନେ ରାତିସାରା ଟଙ୍କା ବାଣ୍ଟି ଭୋଟ ଜିତୁଛନ୍ତି। ଆମେ ଅବୋଧମାନେ କିଛି ଟଙ୍କା ପାଇଁ ଆମ ମୁଣ୍ଡ ବିକି ଦେଉଛେ। ସେମାନେ ଯେ ମାଛ ତେଲରେ ମାଛ ଭାଜୁଛନ୍ତି ଏକଥା ଆମେ ଜାଣି ନ ଜାଣିବା ପରି ତାଙ୍କ ପଛରେ ଗୋଡ଼ାଉଛେ, ଏହାଦ୍ୱାରା ଲାଞ୍ଚର ଜନ୍ମ। ଏହା ବେଳକୁ ବେଳ ବଢ଼ିବ ସିନା ଛିଡ଼ିବ ନାହିଁ।

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ଟିକସ ୫୦%କୁ ହ୍ରାସ

**ନୂଆଦିଲ୍ଲୀ, ୭।୧୧:** କେନ୍ଦ୍ର ସରକାରଙ୍କ ପକ୍ଷରୁ ପେଟ୍ରୋଲ ଏବଂ ଡିଜେଲ ଉପରେ ଯଥାକ୍ରମେ ୫ ଏବଂ ୧୦ ଟଙ୍କାର ଉତ୍ପାଦ ଟିକସ ହ୍ରାସ କରାଯାଇଛି। ଏହି ଟିକସ ହ୍ରାସ ପରେ ପେଟ୍ରୋଲ ଉପରେ ଟିକସ ୫୦%କୁ କମିଛି। ପୂର୍ବରୁ ପେଟ୍ରୋଲର ଖୁଚୁରା ମୂଲ୍ୟ ଉପରେ ନୂଆଦିଲ୍ଲୀରେ ୫୪% ଟିକସ ଲାଗୁ ହେଉଥିଲା। ସେହିଭଳି ପ୍ରାୟ ୨୩ ରାଜ୍ୟ ତେଲ ଉପରେ ଭାଟ୍ କମାଇଛନ୍ତି। କେନ୍ଦ୍ର ସରକାର ଲାଗୁ କରୁଥିବା ଉତ୍ପାଦ ଟିକସ, ରାଜ୍ୟ ସ୍ତରର ଭାଟ୍ ଏବଂ ପେଟ୍ରୋଲିୟମ ଡିଲରଙ୍କୁ ପ୍ରଦାନ କରାଯାଉଥିବା କମିଶନ ପରେ ଯାଇ ତେଲର ଖୁଚୁରା ଦର ନିର୍ଦ୍ଧାରଣ କରାଯାଇଥାଏ। ମୋଟାମୋଟି ଭାବେ କହିବାକୁ ଗଲେ ମୂଳ ଦର ଉପରେ ଏଭଳି ଟିକସ ଲାଗୁ କରାଯାଉଛି। ଅନ୍ତର୍ଜାତୀୟ ବଜାରର ତେଲ ଦର ଏବଂ ପରିବହନ ଖର୍ଚ୍ଚ ଯୋଡ଼ିବା ପରେ ତୈଳ ବିପଣନ କମ୍ପାନୀଗୁଡ଼ିକ ମୂଳ ଦର ନିର୍ଦ୍ଧାରଣ କରିଥାନ୍ତି। ଟିକସ ହ୍ରାସ ପୂର୍ବରୁ ପେଟ୍ରୋଲ ଲିଟର ପିଛା ୩୨.୯୦ ଟଙ୍କା ଉତ୍ପାଦ ଟିକସ ଏବଂ ୩୦ ଟଙ୍କାର ଭାଟ୍ ଲାଗୁ ହେଉଥିଲା। ଯାହା ସେଠାରେ ତେଲର ଖୁଚୁରା ମୂଲ୍ୟର ୫୪% ରହିଥିଲା। ସେହିଭଳି ଡିଜେଲ ଉପରେ ଯଥାକ୍ରମେ ୩୧.୮୦ ଟଙ୍କା ଏବଂ ୧୬.୭ ଭାଟ୍ ଲାଗୁ ହେଉଥିଲା।

### ୧୭,୧୩୦ ୟୁନିଟ୍ ଟ୍ରାକ୍ଟର ବିକିଲା ସୋନାଲିକା

**ଭୁବନେଶ୍ୱର,୭।୧୧:** ସୋନାଲିକା ପକ୍ଷରୁ ଅଦ୍ୟାବଧି ୮୫,୦୬୮ ୟୁନିଟ୍ ଟ୍ରାକ୍ଟର ବିକ୍ରି କରାଯାଇଛି। କମ୍ପାନୀ ୬.୬୫% ବୃଦ୍ଧି ହାସଲ କରିଛି। ଗତବର୍ଷ ସମାନ ସମୟରେ ଏହା ୭୯,୮୨୯ ୟୁନିଟ ଟ୍ରାକ୍ଟର ବିକ୍ରି କରିଥିଲା। ଦେଶରେ କୃଷକ କୃଷି ଯନ୍ତ୍ରପାତି ସମାଧାନକୁ ତ୍ୱରିତ ଭାବେ ଗ୍ରହଣ କରୁଥିବାରୁ ସୋନାଲିକା ଚଳିତବର୍ଷ ଅକ୍ଟୋବରରେ ୧୭, ୧୩୦ର ୟୁନିଟ ଟ୍ରାକ୍ଟର ବିକ୍ରି ସହିତ ୫.୫% ଅଭିବୃଦ୍ଧି ହାସଲ କରିଛି। ସୋନାଲିକାର ଅତ୍ୟାଧୁନିକ ପ୍ରଯୁକ୍ତି ବିଶିଷ୍ଟ ପ୍ରିମିୟମ ଟ୍ରାକ୍ଟର ତଥା ଟାଇଗର ଏବଂ ସିକନ୍ଦର ଡିଏଲ୍‌ଏକ୍ସ ସହିତ ଆଞ୍ଚଳିକ ସ୍ୱତନ୍ତ୍ର ଟ୍ରାକ୍ଟର ତଥା ଛତ୍ରପତି ଏବଂ ମହାବଳୀ ରାଜସ୍ଥାନର କୃଷକମାନଙ୍କ ପାଇଁ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ମହାରାଜା ସହିତ ଯୋଗହୋଇ ଏକ ସ୍ୱତନ୍ତ୍ର ଟ୍ରାକ୍ଟରର ପ୍ରସ୍ତୁତି ହୋଇଛି। ପଞ୍ଜାବର ହୋସିଆରପୁରରେ ଏହାର ମାନୁଫାକ୍‌ଚରିଂ ପ୍ଲାଣ୍ଟ ହୋଇଥିବାରୁ ଏହା 'ଭୋକାଲ ଫର ଲୋକାଲ' ଏବଂ 'ଲୋକାଲ ଟୁ ଗ୍ଲୋବାଲ'' ପାଇଁ ଠିକ୍ ଉଦାହରଣ ସୃଷ୍ଟି କରିପାରିଛି।

# ୧.୫ ଲକ୍ଷ କୋଟିର ଜିଏସ୍‌ଟି ଆଦାୟ ଲକ୍ଷ୍ୟ

ନୂଆଦିଲ୍ଲୀ, ୭।୧୧




## ମାସିକ ଟିକସ ସଂଗ୍ରହ ଉନ୍ନତି ଲାଗି ପ୍ରୟାସ

କରୋନା ଦ୍ୱାରା ପ୍ରଭାବିତ ଅର୍ଥ ବ୍ୟବସ୍ଥା ଧୀରେ ଧୀରେ ଟ୍ରାକ୍‌କୁ ଫେରୁଛି। ସେବା କ୍ଷେତ୍ର କାର୍ଯ୍ୟକଳାପରେ ମଧ୍ୟ ଉନ୍ନତି ପରିଲକ୍ଷିତ ହେଉଛି। ଆଗାମୀ ମାସଗୁଡ଼ିକରେ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଆଦାୟ ବୃଦ୍ଧି ହେବ ବୋଲି ଆକଳନ କରାଯାଇଛି। ଆଗାମୀ ଦିନରେ ମାସିକ ଜିଏସ୍‌ଟି ଆଦାୟ ୧.୫ ଲକ୍ଷ କୋଟି ଛୁଇଁପାରେ। ଏହା ଦ୍ୱାରା ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ରାଜସ୍ୱ ସ୍ଥିତିରେ ସୁଧାର ଆସିବ ବୋଲି ଆକଳନ କରାଯାଇଛି।

ଚଳିତ ବର୍ଷ ଏପ୍ରିଲରେ ୧.୪ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଆଦାୟ କରିବାକୁ କେନ୍ଦ୍ର ସରକାର ସକ୍ଷମ ହୋଇଥିଲେ। ଜୁନ ମାସରେ ଏହା ୯୨,୯୦୦ କୋଟି ଟଙ୍କାକୁ ହ୍ରାସ ହୋଇଥିଲା। କୋଭିଡ୍ ଦ୍ୱିତୀୟ ଲହର ଯୋଗୁ ଟିକସ ଆଦାୟ ପ୍ରଭାବିତ ହୋଇଥିଲା। ଅକ୍ଟୋବରରେ ୧.୩ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଆଦାୟ କରାଯାଇଛି। ଏହା ଦ୍ୱିତୀୟ ସର୍ବାଧିକ ଟିକସ ଆଦାୟ। ଟିକସ ଆଦାୟକୁ ବଢ଼ାଇବା ଲାଗି ସରକାର ବିଭିନ୍ନ ପଦକ୍ଷେପ ହାତକୁ ନେବେ ବୋଲି ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ କହିଛନ୍ତି। ଟିକସ ଢ଼ାଞ୍ଚାରେ ପରିବର୍ତ୍ତନ କରିବା ଲାଗି ଏକ ମନ୍ତ୍ରୀ ସ୍ତରୀୟ ଗୋଷ୍ଠୀ ଗଠନ କରାଯାଇଛି। ୫% ଟିକସ ଥାକରେ ରହିଥିବା କିଛି ସାମଗ୍ରୀ ଉପରେ ଜିଏସ୍‌ଟି ବଢ଼ାଯାଇପାରେ।

ପ୍ରଥମ ସ୍ଲାବକୁ ୬ରୁ ୭% କରାଯାଇପାରେ। ଏହାବାଦ ୫% ଥାକରେ ରହିଥିବା ସବୁ ସାମଗ୍ରୀକୁ ଏହି ଥାକରୁ ବାହାରକୁ ବାହାର କରାଯାଇପାରେ। କିଛି କିଛି କ୍ଷେତ୍ରରେ ସରକାର ଯେଉଁ ଟିକସ ଛାଡ଼ ସୁବିଧା ଦେଇଛନ୍ତି ବ୍ୟବସାୟୀମାନେ ତାର ଅପବ୍ୟବହାର ମଧ୍ୟ କରୁଥିବା ସରକାରଙ୍କ ନଜରକୁ ଆସିଛି। ୧୨ ଏବଂ ୧୮% ସ୍ଲାବର ମିଶ୍ରଣ ନେଇ ମଧ୍ୟ କେନ୍ଦ୍ର ଏବଂ ରାଜ୍ୟ ସରକାର ବିଚାର କରିପାରିବେ ବୋଲି ଅଧିକାରୀ କହିଛନ୍ତି। ଏହାକୁ ବାଦ ଦେଇ ୧୬% କିମ୍ବା ୧୭%ର ଏକ ଷ୍ଟାଣ୍ଡାର୍ଡ ଟିକସ ହାର ରଖାଯାଇପାରିବ। କିଛି ରାଜ୍ୟରେ ନିର୍ବାଚନ ରହିଥିବାରୁ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସରକାର ଗ୍ରହଣ କରି ନ ପାରନ୍ତି ବୋଲି କୁହାଯାଉଛି।

# ୧୦% ଷ୍ଟକ୍ ବିକିପାରନ୍ତି ଏଲନ ମସ୍କ

ନୂଆଦିଲ୍ଲୀ, ୭।୧୧



## ଟୁଇଟର ପୋଲ୍‌ରେ ଲୋକଙ୍କ ମତାମତ ଲୋଡ଼ିଲେ

ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ତଥା ଟେସ୍‌ଲା କମ୍ପାନୀର ସିଇଓ ଏଲନ ମସ୍କ ୧୦% ଷ୍ଟକ୍ ବିକି ପାରନ୍ତି। ଏ ନେଇ ଶନିବାର ସେ ଟୁଇଟରରେ ଏକ ପୋଲ୍ ଦ୍ୱାରା ଲୋକଙ୍କ ମତାମତ ଲୋଡ଼ିଥିଲେ। ଏହି ପୋଲ୍‌ରେ ସେ ଲେଖିଥିଲେ, ଟେସ୍‌ଲାର ୧୦% ଅଂଶଧନ ବିକ୍ରି କରିବାକୁ ଚାହୁଁଛି। ଏହି ପ୍ରସ୍ତାବକୁ ଆପଣମାନେ ସମର୍ଥନ କରୁଛନ୍ତି କି?। ଚଳିତ ବର୍ଷ ଚତୁର୍ଥ ତ୍ରୈମାସରେ ଟେସ୍‌ଲାରେ ଥିବା ନିଜର ଅଂଶଧନ କମ୍ କରିବା ଲାଗି ବିଚାର କରୁଥିବା ସେ ପୂର୍ବରୁ କହିଥିଲେ। ଏ ନେଇ ସେ ଆଉ ୩ଟି ଟୁଇଟ କରିଥିଲେ। ପୋଲ୍‌ର ଫଳାଫଳ ଯାହା ବି ହେବ ତାକୁ ମାନିବେ ବୋଲି ସେ କହିଥିଲେ। ସେ ନଗଦ ବେତନ କିମ୍ବା ବୋନସ ନେଉନାହାନ୍ତି। ତାଙ୍କ ପାଖରେ କେବଳ ଷ୍ଟକ୍ ବିକଳ୍ପ ରହିଛି। ଏଭଳି କ୍ଷେତ୍ରରେ ଟିକସ ପ୍ରଦାନ କରିବା ଲାଗି ଏକ ମାତ୍ର ରାସ୍ତା ଷ୍ଟକ୍ ବିକିବା ବୋଲି ମସ୍କ କହିଛନ୍ତି।

ମସ୍କଙ୍କର ଏହି ଟୁଇଟ କରିବାର ପ୍ରାୟ ୧୫ ଘଣ୍ଟା ପରେ ୨୮ ଘଣ୍ଟାକୁ ଅଧିକ ଲୋକ ଟୁଇଟରରେ ଭୋଟ କରିଛନ୍ତି। ୫୬.୬% ଲୋକ ହଁରେ ଉତ୍ତର ଦେଇଛନ୍ତି। ସେ ଶେୟାର ନ ବିକନ୍ତୁ ବୋଲି ୪୩.୪% ଲୋକ ମତ ରଖିଛନ୍ତି। ରୟଟର୍ସ ପକ୍ଷରୁ କରାଯାଇଥିବା ଏକ ଆକଳନ ମୁତାବକ, ମସ୍କ ଯଦି ଟେସ୍‌ଲାରେ ରହିଥିବା ତାଙ୍କର ୧୦% ଅଂଶଧନ ବିକ୍ରି କରନ୍ତି ତେବେ ଏହାର ମୂଲ୍ୟ ପ୍ରାୟ ୨୧ ବିଲିୟନ ଡଲାର ବା ୧.୫ ଲକ୍ଷ କୋଟି ଟଙ୍କା ହେବ। ଗତ ଗୁରୁବାର ଟେସ୍‌ଲାର ଷ୍ଟକ ମୂଲ୍ୟ ୭୪% ବଢ଼ିଛି। ଟେସଲାରେ ରହିଥିବା ଷ୍ଟକ ବିକଳ୍ପ ଏକ୍ସପାୟାର ହୋଇଯିବ ବୋଲି ମସ୍କ କିଛିଦିନ ତଳେ କହିଥିଲେ। ଏଥି ଲାଗି ତାଙ୍କୁ ସରକାରଙ୍କୁ ୫୦% ଟିକସ ଦେବାକୁ ପଡିପାରେ। ଷ୍ଟକ ଅପ୍ସନ ଏକ୍ସପାଏର ହେବା ଆଗରୁ ନିଜର ଅଂଶଧନ ବିକ୍ରି ଅର୍ଥ ସଂଗ୍ରହ କରିବାକୁ ସେ ଯୋଜନା ରଖିଛନ୍ତି। ପୂର୍ବରୁ ଟେସ୍‌ଲା ବୋର୍ଡର ଅନ୍ୟ ସଦସ୍ୟମାନେ କିଛି କିଛି ଶେୟାର ବିକିଥିବା ଜଣାପଡିଛି।

# ଷ୍ଟୋକ୍ ପାର୍କକୁ ନେଇ ରିଲାଏନ୍ସର ବିଜ୍‌ନେସ ପ୍ଲାନ

ନୂଆଦିଲ୍ଲୀ, ୭।୧୧



## କ୍ରୀଡା ଏବଂ ଆତିଥେୟତା ପାଇଁ ବ୍ୟବହାର ହେବ ପ୍ରପର୍ଟି

ଲଣ୍ଡନର ଷ୍ଟୋକ୍ ପାର୍କକୁ ନେଇ କ୍ରୀଡା ଏବଂ ଆତିଥେୟତା କ୍ଷେତ୍ରରେ ରିଲାଏନ୍ସର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଏକ ନୂଆ ଯୋଜନା ରଖିଛନ୍ତି। ଏହି ପ୍ଲାନ ସମ୍ପର୍କରେ ଗଣମାଧ୍ୟମରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଏହି ପ୍ରପର୍ଟିରେ ଅମ୍ବାନୀଙ୍କ ପରିବାର ରହିବେ ବୋଲି ପୂର୍ବରୁ ଗଣମାଧ୍ୟମରେ ଚର୍ଚ୍ଚା ହୋଇ ଆସୁଥିଲ। ଏହାକୁ ନେଇ ରିଲାଏନ୍ସ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଅମ୍ବାନୀଙ୍କ ପରିବାର ଭାରତ ଛାଡ଼ିବେ ନାହିଁ ବୋଲି ଗ୍ରୁପ ପକ୍ଷରୁ କୁହାଯାଇଥିଲା। ଲଣ୍ଡନରେ ଅବସ୍ଥିତ ୩୦୦ ଏକରର ନୂଆ ସମ୍ପତ୍ତିରେ ରିଲାଏନ୍ସ ଆଗାମୀ ଦିନରେ କ୍ରୀଡା ଏବଂ ହସ୍ପିଟାଲିଟି କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରିବ। ଏହି ପ୍ରପର୍ଟିରେ ହୋଟେଲ, ସ୍ପୋର୍ଟ୍ସ ଇନଫ୍ରାଷ୍ଟ୍ରକ୍‌ଚର, ୟୁରୋପର ସବୁଠାରୁ ଅଧିକ ରେଟିଂ ଲାଭ କରିଥିବା ଗଲ୍ଫ କୋର୍ସ ରହିଛି। ଏହି ପ୍ରପର୍ଟି ଦ୍ୱାରା ସ୍ପୋର୍ଟ୍ସ ଏବଂ ହସ୍ପିଟାଲିଟି କ୍ଷେତ୍ରକୁ କମ୍ପାନୀ ପ୍ରୋତ୍ସାହିତ କରିବାକୁ ଯୋଜନା ରଖିଛି।

ରିଲାଏନ୍ସ ପୂର୍ବରୁ ମୁମ୍ବାଇର ଓବରୟ ହୋଟେଲ ଗ୍ରୁପରେ ନିବେଶ କରିଛି। ବଜାର ବିଶେଷଜ୍ଞଙ୍କ କହିବା ମୁତାବକ, ଅମ୍ବାନୀ ଏଭଳି ବିଭିନ୍ନ କ୍ଷେତ୍ରଗୁଡ଼ିକରେ ଧ୍ୟାନ କେନ୍ଦ୍ରିତ କରିବେ। ମାତ୍ର କିଛି ବଛା ବଛା କ୍ଷେତ୍ର ଉପରେ ରିଲାଏନ୍ସ ଫୋକସ କରିବାକୁ ଚାହିଁବ। ସ୍ପୋର୍ଟ୍ସ ସହ ଗ୍ରୁପର ପୁରୁଣା ସମ୍ପର୍କ ରହି ଆସିଛି। ଭାରତରେ ଆଇପିଏଲ୍ ଦ୍ୱାରା ଏ କ୍ଷେତ୍ରରେ କମ୍ପାନୀ ଉପସ୍ଥିତ ରହିଛି। ଗୋଆରେ ମଧ୍ୟ ଫୁଟବଲ ଖେଳାଳିଙ୍କୁ କମ୍ପାନୀ ଉତ୍ସାହିତ କରୁଛି। ବ୍ରିଟେନରେ ଗଲ୍ଫର ଲୋକପ୍ରିୟତା ରହିଥିବାରୁ ଉକ୍ତ ପ୍ରପର୍ଟିକୁ ଏଭଳି କ୍ଷେତ୍ରରେ ବ୍ୟବହାର କରିବାକୁ କମ୍ପାନୀ ଚାହୁଁଥିବା କୁହାଯାଉଛି। ପ୍ରପର୍ଟିରେ ଷ୍ଟୋକ୍ ପାର୍କ ହୋଟେଲ, ଗଲ୍ଫ କୋର୍ସ, ଟେନିସ କୋର୍ଟ ରହିଛି। ଏହି କ୍ରୀଡା ଏଠାରେ ଆୟୋଜନ କରିବା ସହଜ ହେବ। ଏଠାରେ ରହିବା ସହ ଅନ୍ୟ ସୁବିଧା ମଧ୍ୟ ଗ୍ରୁପ ପ୍ରଦାନ କରିପାରିବ। ସିନେମା ଶୁଟିଂ ଏବଂ ଆୱାର୍ଡ କାର୍ଯ୍ୟକ୍ରମ ଏଠାରେ ମଧ୍ୟ ଆୟୋଜନ କରାଯାଇପାରେ। ବାଣିଜ୍ୟିକ ଦୃଷ୍ଟିକୋଣରୁ ଏହି ପ୍ରପର୍ଟି ବ୍ୟବହାର କରାଯିବ ବୋଲି ଗ୍ରୁପ ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ଏସ୍‌ବିଆଇର ଭିଡିଓ ଲାଇଫ୍ ସାର୍ଟିଫିକେଟ୍

ଭୁବନେଶ୍ୱର,୭।୧୧

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ଭିଡିଓ ଲାଇଫ୍ ସାର୍ଟିଫିକେଟ୍ (ଭିଏଲ୍‌ସି)ର ଶୁଭାରମ୍ଭ ବିଷୟରେ ଘୋଷଣା କରାଯାଇଛି। ପେନ୍‌ସନ୍‌ଭୋଗୀମାନଙ୍କୁ (ଫ୍ୟାମିଲି ପେନ୍‌ସନ୍ ଭିନ୍ନ) ଜୀବନ ପ୍ରମାଣପତ୍ର ଦାଖଲ କରିବାର ନିରବଚ୍ଛିନ୍ନ ଅନୁଭୂତି ପ୍ରଦାନ କରିବା ଲାଗି ଏଭଳି ସୁବିଧା ଆରମ୍ଭ କରାଯାଇଛି। ପେନ୍‌ସନ୍‌ଭୋଗୀମାନେ ଘରୁ ଆରାମରେ ରହି ନିଜ ସୁବିଧା ଅନୁସାରେ ଏସ୍‌ବିଆଇ ଷ୍ଟାଫ୍‌ମାନଙ୍କ ସହ ଭିଡିଓ କଲ୍ ସମୟ ନିର୍ଘଣ୍ଟ କରିପାରିବେ। ଶାଖା ପରିଦର୍ଶନ ନ କରି ଜୀବନ ପ୍ରମାଣପତ୍ର ଦାଖଲ ପ୍ରକ୍ରିୟାର ସମ୍ପାଦନ କରିପାରିବେ। ଭିଡିଓ ଲାଇଫ୍ ସାର୍ଟିଫିକେଟ୍ ସୁବିଧା ଲାଗି ସେମାନଙ୍କୁ ପେନଶନ ସେବା ଡଟ୍ ଏସ୍‌ବିଆଇ ଲଗ୍ ଅନ୍ କରିବାକୁ ପଡ଼ିବ। ଏହା ପରେ ନିଜର ଏସ୍‌ବିଆଇ ଖାତା ନମ୍ବର ଦାଖଲ କରିବାକୁ ହେବ। ନିଜର ପଞ୍ଜୀକୃତ ମୋବାଇଲ୍ ନମ୍ବରରେ ଆସିଥିବା ଓଟିପି ଦାଖଲ କରିବାକୁ ପଡ଼ିବ। ଥରେ ସର୍ତ୍ତାବଳୀକୁ ପଢ଼ିସାରିବା ପରେ ସେମାନେ 'ଷ୍ଟାର୍ଟ ଜର୍ନିଂରେ କ୍ଲିକ୍ କରିପାରିବେ।

# ହୋଣ୍ଡା ଟୁହ୍ୱିଲର୍ସର ୪.୩୨ ଲକ୍ଷ ୟୁନିଟ୍ ଯାନ ବିକ୍ରି

ଭୁବନେଶ୍ୱର,୭।୧୧

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ(ଏଚ୍‌ଏମ୍‌ଏସ୍‌ଆଇ) ଅକ୍ଟୋବର ମାସରେ ୪.୩୨ ଲକ୍ଷ ୟୁନିଟ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଛି। ଏହା ମଧ୍ୟରେ ଦେଶ ମଧ୍ୟରେ ୩.୯୪ ଲକ୍ଷ ୟୁନିଟ ଏବଂ ୩୭, ୫୮୪ ୟୁନିଟ ଯାନ ବିଦେଶକୁ ରପ୍ତାନି କରାଯାଇଛି। ରପ୍ତାନି କ୍ଷେତ୍ରରେ କମ୍ପାନୀ ୧୫% ଅଭିବୃଦ୍ଧି ହାସଲ କରିଛି। ଏହା ଗତ ବର୍ଷ ଅକ୍ଟୋବରରେ ୩୨,୭୨୧ ୟୁନିଟ ଯାନ ବିଦେଶକୁ ପଠାଇଥିଲା। ଏହି ଅବସରରେ କମ୍ପାନୀର ବିକ୍ରି ଏବଂ ମାର୍କେଟିଂ ନିର୍ଦ୍ଦେଶକ ୟଦବିନ୍ଦର ସିଂ ଗୁଲେରିଆ କହିଛନ୍ତି, ପାର୍ବଣରେ ଉନ୍ନତ ବିକ୍ରି ଧାରା ସହିତ ଗ୍ରାହକଙ୍କ ଠାରୁ ବିକ୍ରିରେ ଭଲ ରେସପନ୍ସ ଲାଭ କରିଛୁ। ଏହି ଧାରା ଜାରି ରହିବ ବୋଲି ଆଶା ରହିଛି। ସେହିଭଳି ହୋଣ୍ଡା ମୋଟର ଇଣ୍ଡିଆ କମ୍ପାନୀ ଜାପାନ ଭାରତ ବଜାର ଲାଗି ବ୍ୟାଟେରି ଶେୟାରିଂ ସର୍ଭିସ ଆରମ୍ଭ କରିଛି। ୨୦୦୧ରେ ଭାରତରେ ଅପରେଶନ ଆରମ୍ଭ କରିବା ପରେ କମ୍ପାନୀ ଘରୋଇ ବଜାରରେ ୫ କୋଟି ଯାନ ବିକ୍ରି କରିବାକୁ ସକ୍ଷମ ହୋଇଛି। ଆକ୍ଟିଭା ଏବଂ ସିଡି ୧୧୦ ଡ୍ରିମ ଡିଲକ୍ସ ମଡେଲ ଲାଗି ନୂଆ ଟିଭି କ୍ୟାମ୍ପେନ ଉନ୍ମୋଚନ, ବିଗ୍ ୱିଙ୍ଗ ନେଟୱର୍କ ସମ୍ପ୍ରସାରଣ ସହ ସଡକ ସୁରକ୍ଷା ଦିଗରେ କମ୍ପାନୀ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିବା ଗୁଲେରିଆ ସ୍ପଷ୍ଟ କରିଛନ୍ତି।

## ଫୁର୍‌ସତ୍




# 'ଗଣପତ୍'ର ଟିଜର ଜାରି

**ମୁମ୍ବାଇ:** ଆକ୍ସନ ଷ୍ଟାର ଟାଇଗର ଶ୍ରଫ୍ ତାଙ୍କ ଅଗାମୀ ମୁଭି 'ଗଣପତ୍' ପାଇଁ ବ୍ରିଟେନରେ ଶୁଟିଂ ଆରମ୍ଭ କରିଛନ୍ତି। ଟାଇଗର ଓ ଅଭିନେତ୍ରୀ କ୍ରୀତି ସାନନ୍ ଇନଷ୍ଟାଗ୍ରାମରେ ଫିଲ୍ମର ଏକ ଟିଜର ଭିଡିଓ ପୋଷ୍ଟ କରି ଏ ବାବଦରେ ସୂଚନା ଦେଇଛନ୍ତି। ଏଥିରେ ମଧ୍ୟ ଟାଇଗରଙ୍କ ଆକ୍ସନ ଦେଖିବାକୁ ମିଳିଛି। କେତେକ ଆକ୍ସନ ସିନ୍‌ରେ କ୍ରୀତି ମଧ୍ୟ ରହିଛନ୍ତି। ଭିଡିଓ ଶେୟାର କରି ଟାଇଗର ଲେଖିଛନ୍ତି 'ଭଗବାନ ଓ ଜନତାଙ୍କ ଆଶୀର୍ବାଦ ନେଇ ଆରମ୍ଭ କରିବାକୁ ଯାଉଛି ହାଶ୍‌ଟ୍ୟାଗ୍ ଗଣପତ କା ୟୁକେ ସିଡ୍ୟୁଲ'। ଖ୍ରୀଷ୍ଟମାସ ଅବସରରେ ଏହା ୨୩ ଡିସେମ୍ବର ୨୦୨୨ରେ ରିଲିଜ୍ କରାଯିବ। ଫିଲ୍ମର ନିର୍ଦ୍ଦେଶକ ବାସୁ ଭଗନାନୀ ଥିବା ବେଳେ ନିର୍ମାତା ରହିଛନ୍ତି ବିକାଶ ବେହେଲ, ଦୀପଶିଖା ଦେଶମୁଖ, ଜ୍ୟାକି ଭଗନନୀ। ବାସୁ ଭଗନାନୀ ଓ ପୂଜା ଏଣ୍ଟରଟେନମେଣ୍ଟ ଗୁଡ କମ୍ପାନୀ ସହ ମିଶି 'ଗଣପତ' ନିର୍ମାଣ କରୁଛନ୍ତି। ଟାଇଗର ଏବଂ କ୍ରୀତି ୨୦୧୪ରେ ଫିଲ୍ମ 'ହିରୋପନ୍ତୀ' ମାଧ୍ୟମରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ।

# ବ୍ରହ୍ମାଣ୍ଡକୁ ଚିହ୍ନାଇବ ଜେମ୍ସୱେବ ଟେଲିସ୍କୋପ୍

**ୱାଶିଂଟନ:** ଆଜି ବି ବୈଜ୍ଞାନିକମାନେ ବିଶ୍ୱର ରହସ୍ୟ ଉନ୍ମୋଚନ କରିବାରେ ସମ୍ପୂର୍ଣ୍ଣ ସକ୍ଷମ ହୋଇନାହାନ୍ତି। ବୈଜ୍ଞାନିକମାନଙ୍କ ପାଇଁ ବିଶ୍ୱ ଯେମିତି ଏକ ପଜଲ୍ ହୋଇ ରହିଯାଇଛି। ବର୍ତ୍ତମାନ ଜେମ୍ସ ୱେବ ଟେଲିସ୍କୋପ ମାଧ୍ୟମରେ ଅନେକ ପଜଲ ସମାଧାନ କରିବାକୁ ଚେଷ୍ଟା କରାଯିବ। ଏହି ଟେଲିସ୍କୋପ ପୂର୍ବରୁ ବିଶ୍ୱରେ ଦେଖୁଥିବା ଦୂରବୀକ୍ଷଣ ଯନ୍ତ୍ରଠାରୁ ଭିନ୍ନ। ୧୮ ଡିସେମ୍ବର ୨୦୨୧ରେ ଏହାକୁ ଲଞ୍ଚ କରାଯିବ ବୋଲି ଆମେରିକା ମହାକାଶ ଗବେଷଣା ଏଜେନ୍ସି ନାସା ପକ୍ଷରୁ କୁହାଯାଇଛି। ଏହି ଟେଲିସ୍କୋପ ବ୍ରହ୍ମାଣ୍ଡ ଉପରେ ଥିବା ଆମର ଜ୍ଞାନକୁ ଆହୁରି ବିସ୍ତାର ଏବଂ ସ୍ପଷ୍ଟ କରିବ। ଏହା ସାହାଯ୍ୟରେ ବୈଜ୍ଞାନିକମାନେ ବହୁ ଦୂରରୁ ବସ୍ତୁଗୁଡ଼ିକୁ ଦେଖିପାରିବେ। ଅଧିକାଂଶ ଟେଲିସ୍କୋପରେ ଲେନ୍ସ ବ୍ୟବହାର କରାଯାଇଥାଏ। ଲେନ୍ସ ବା ଦର୍ପଣ ଯେତେ ବଡ଼ ହେବ, ଟେଲିସ୍କୋପ ଅଧିକ ଶକ୍ତିଶାଳୀ ହେବ। ଏହା ଦ୍ୱାରା ସହଜରେ ପର୍ବତ ଏବଂ ମରୁଭୂମିକୁ ଦେଖିହେବ। ମହାକାଶରେ ରହି ପୃଥିବୀକୁ ଆରାମରେ ଦେଖିହେବ। ଏହି ୱେବ ଟେଲିସ୍କୋପରେ ସବୁଠୁ ବଡ଼ ପ୍ରାଇମେରୀ ଗ୍ଲାସ ଅଛି। ଏଥିରେ ୧୮ଟି ସୁନା ଲାଗିଥିବା ଛୋଟ ଆକାରର ୬ଟି କୋଣଥିବା ଲେନ୍ସ ରହିଛି। ଏହାର ବିଶେଷତ୍ୱ ହେଲା ଏହା ବ୍ରହ୍ମାଣ୍ଡରେ ବହୁତ ସୂକ୍ଷ୍ମ ଜିନିଷ ଚିହ୍ନଟ କରିବାରେ ସକ୍ଷମ ହେବ। ଏଥିସହ ଏହା ଇନଫ୍ରାରେଡ ଆଲୋକରେ ମଧ୍ୟ ଦେଖିପାରିବ। ଏହି ଶକ୍ତିଶାଳୀ ଟେଲିସ୍କୋପ୍ ସାହାଯ୍ୟରେ ୧୦-୨୫ ନିୟୁତ ବର୍ଷ ପୂର୍ବେ ପୃଥିବୀର ସୃଷ୍ଟି ପୂର୍ବର ଘଟଣାବଳୀ ବିଷୟରେ ମଧ୍ୟ ଜାଣିହେବ। ୧୩.୫ ବିଲିୟନ ବର୍ଷ ପୂର୍ବେ ପ୍ରାରମ୍ଭିକ ବ୍ରହ୍ମାଣ୍ଡରେ ସୃଷ୍ଟି ହୋଇଥିବା ଗ୍ୟାଲେକ୍ସିଗୁଡ଼ିକୁ ଦେଖିବା ପାଇଁ ଜେମ୍ସ ୱେବ୍ ଟେଲିସ୍କୋପ ବ୍ୟବହାର କରାଯିବ। ତାରା, ଅନ୍ୟ ଗ୍ରହ ଆଦିର ଗ୍ରହଗୁଡିକର ଉତ୍ସ ଉପରେ ମଧ୍ୟ ତଥ୍ୟ ପ୍ରଦାନ କରିବ।



# ବିକ୍ରି ହେବ ବିଶ୍ୱର ସବୁଠୁ ଅସନା ଘର

**ଲଣ୍ଡନ:** ବ୍ରିଟେନର ଡିଭୋନର ପ୍ଲାଇମୋଥରେ ଏକ ଘର ବିକ୍ରି ପାଇଁ ବିଜ୍ଞାପନ ଦିଆଯାଇଛି। ଯଦିଓ ଅନେକ ଘର ବିକ୍ରି ହୁଏ, କିନ୍ତୁ ଏହି ଘର ବିକ୍ରି ବିଷୟରେ ଆଲୋଚନା ହେବାର କାରଣ ସ୍ୱତନ୍ତ୍ର। ସେଠାରେ ଜମା ହୋଇଥିବା ଆବର୍ଜନା ଯୋଗୁ ଏହି ଘରର ଆଲୋଚନା ହେଉଛି। ଲୋକମାନେ ଏହାକୁ ଦୁନିଆର ସବୁଠାରୁ ଅପରିଷ୍କାର ଘର ବୋଲି କହୁଛନ୍ତି। ଏହି ଘର ବହୁ ବର୍ଷ ଧରି ଖାଲି ପଡିଥିଲା ଏବଂ ବର୍ତ୍ତମାନ ଏହା ବିକ୍ରି ହେବ। ତେବେ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଘର ସଫା ନ କରି ବିକ୍ରି ପାଇଁ ବିଜ୍ଞାପନ ଦିଆଯାଇଛି। ଅର୍ଥାତ ଯିଏ ଏହି ଘର କିଣିବେ ସେ ମଧ୍ୟ ୧୩ ବର୍ଷ ଧରି ଜମା ଅଳିଆ ଫ୍ରିରେ ପାଇବେ। ବର୍ତ୍ତମାନ, ଏହି ଘର ଏକ ପ୍ରପର୍ଟି କମ୍ପାନୀ ଦ୍ୱାରା ଅଧିଗ୍ରହଣ କରାଯାଇଛି। ଏହି ଘର ମୂଳତଃ ଜଣେ ବୃଦ୍ଧ ଦମ୍ପତିଙ୍କର ଥିଲା। ସେମାନଙ୍କ ଦେହାନ୍ତ ପରେ ୨୦୦୮ ଡିସେମ୍ବରରୁ ଏହି ଘରେ କେହି ରହୁନାହାନ୍ତି। ଶୋଇବା ଘରର ଚଟାଣରେ ଥିବା ଅଳିଆ ଆବର୍ଜନା ମଧ୍ୟରେ ଏକ ଖବରକାଗଜ ଦେଖିବାକୁ ମିଳିଛି। ଘର ବାହାରେ ଥିବା ଘାସ ଛାତ ଉପର ପର୍ଯ୍ୟନ୍ତ ବଢ଼ିଯାଇଛି। କୁହାଯାଏ, ଏହି ଆବର୍ଜନା ୧୩ ବର୍ଷ ଧରି ଏଠାରେ ପଡ଼ି ରହିଛି। ରୋଷେଇ ଘରେ ପୁରୁଣା ମଇଳା ବାସନ ଅଛି। ଏସବୁ ସତ୍ତ୍ୱେ ଏହି ଘର ସଫା ନ କରି ବିକ୍ରି ପାଇଁ ରଖାଯାଇଛି।



# ଓରିଓ ପକୋଡ଼ା

**ଅହମଦାବାଦ:** ଖାଦ୍ୟ ସାମଗ୍ରୀକୁ ଅଜବ ଶୈଳୀରେ ଏକାଠି କରି ନୂଆ ଏକ ଖାଦ୍ୟ ତିଆରି କରିବା ବୋଧହୁଏ ଆଜିକାଲିର ଏକ ଫ୍ୟାଶନ ହୋଇଗଲାଣି। ଏଭଳି ବିଭିନ୍ନ ପ୍ରକାରର ଖାଦ୍ୟ ଓରିଓ ପକୋଡ଼ା ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇ ଚାଲିଛି। ଅର୍ଥାତ୍ ଓରିଓ ବିସ୍କୁଟ ମିଶାଇ ତିଆରି ହେଉଛି ପକୋଡ଼ା, ଯାହା ଏବେ ଲୋକଙ୍କ ପାଇଁ ଚର୍ଚ୍ଚାର କାରଣ ପାଲଟିଛି। ଓରିଓ ବିସ୍କୁଟରେ ତିଆରି ହେଉଛି ପକୋଡ଼ାକୁ କଞ୍ଚାଲଙ୍କା ଏବଂ ଅନ୍ୟ ଚଟଣି ସହିତ ପରଷା ଯାଉଛି। ପକୋଡ଼ାର ଏଭଳି ଭିନ୍ନ ଶୈଳୀ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।



CLASSIFIED DISPLAY
MORE SPACE • SAME PRICE
TARIFF · GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

କେମିତି ମଦ ଛାଡିବେ
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ଣ ୧୦ଘଟିକାରୁ ଅପରାହ୍ଣ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୁଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ୮ ନଭେମ୍ବର, ୨୦୨୧ Bhubaneswar, Monday, November 8/2021

# ସେମିଫାଇନାଲରେ ନ୍ୟୁଜିଲାଣ୍ଡ

**ଆବୁଧାବି,୭।୧୧**

ଚଳିତ ଟି୨୦ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ଚତୁର୍ଥ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ଗ୍ରୁପ୍-୨ର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ନ୍ୟୁଜିଲାଣ୍ଡ ଅପେକ୍ଷାକୃତ ଦୁର୍ବଳ ଆଫଗାନିସ୍ତାନକୁ ୮ ଉଇକେଟରେ ପରାସ୍ତ କରିଛି। ଏଥିସହ ଭାରତ ପାଇଁ ଥିବା ସେମିଫାଇନାଲର କ୍ଷୀଣ ଆଶା ଶେଷ ହୋଇଛି। ଭାରତର ପ୍ରଶଂସକମାନେ କିଛି ଚମତ୍କାର ହେବ ଓ ଆଫଗାନିସ୍ତାନ ବିଜୟୀ ହେବ ବୋଲି ଆଶା କରୁଥିଲେ। ତେବେ ଶେଷରେ ସମସ୍ତଙ୍କୁ ନିରାଶ ହେବାକୁ ପଡିଛି।

ସ୍ଥାନୀୟ ଜାଏଦ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୨୪ ରନ ସଂଗ୍ରହ କରିଥିଲା। ପଛରେ ବ୍ୟାଟିଂକରି ନ୍ୟୁଜିଲାଣ୍ଡ ୧୮.୧ ଓଭରରେ ୨ ଉଇକେଟ ହରାଇ ୧୨୫ ରନ ସଂଗ୍ରହ କରି ଅତି ସହଜରେ ବିଜୟ ହାସଲ କରିନେଇଥିଲା। ୪ ଓଭର ବୋଲିଂ କରି ୧୭ ରନ ଦେଇ ମୂଲ୍ୟବାନ ୩ ଉଇକେଟ ଅକ୍ତିଆର କରିଥିବା ନ୍ୟୁଜିଲାଣ୍ଡ ଅଭିଜ୍ଞ ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୨୫ ରନ ଛୋଟିଆ ଟାର୍ଗେଟର ପିଛା କରି ନ୍ୟୁଜିଲାଣ୍ଡ ଇନ୍‌ଫର୍ମ ଯୁବ ଓପନର ଡାରିଲ ମିଚେଲଙ୍କୁ ପ୍ରଥମେ ହରାଇଥିଲା। ମିଚେଲ ୧୨ ବଲରୁ ୧୭ ରନ କରିଥିବା ବେଳେ ମୁଜିବଉର ରହମାନଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ୨୩ ବଲରୁ ୪ ଚୌକା ସହ ୨୮ ରନ କରିଥିବା ଅଭିଜ୍ଞ ଓପନର ମାର୍ଟିନ ଗୁପ୍ଟିଲ ତାରକା ସ୍ପିନର ରସିଦ ଖାଁ ଦ୍ୱାରା ବୋଲ୍ଡ ହୋଇଥିଲେ। ତୃତୀୟ ଉଇକେଟରେ ଅଧିନାୟକ କେନ୍ ୱିଲିୟମସନ ଓ ଡେଭନ କନୱେ ୫୬ ବଲରୁ ଅପରାଜିତ ଦ୍ରୁତ ୬୮ ରନକରି ଦଳକୁ ଜିତାଇଥିଲେ। ୱିଲିୟମସନ ୪୨ ବଲରୁ ୩ ଚୌକା ସହ ୪୦ ଓ କନୱେ ୩୨ ବଲରୁ ୪ ଚୌକା ସହ ୩୬ ରନକରି ଅପରାଜିତ ରହିଥିଲେ। ଆଫଗାନିସ୍ତାନ ପକ୍ଷରୁ ରସିଦ ଓ ମୁଜିବ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ତରଫରୁ ମିଡଲ ଅର୍ଡର ବ୍ୟାଟର ନାଜିବୁଲ୍ଲା ଜଦ୍ରାନ ୪୮ ବଲର ସମ୍ମୁଖୀନ ହୋଇ ୬ ଚୌକା ଓ ୩ ଛକା ସହ ସର୍ବାଧିକ ୭୩ ରନ ସଂଗ୍ରହ କରି ଲଙ୍ଗ୍ ଅଫ୍‌ରେ ନିଶାମଙ୍କୁ କ୍ୟାଚ୍ ଦେଇ ବୋଲ୍ଟଙ୍କ ଦ୍ୱାରା ଆଉଟ ହୋଇଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ବୋଲ୍ଟ ୩, ଅଭିଜ୍ଞ ଦ୍ରୁତ ବୋଲର ଟିମ ସୌଦି ୨, ଆଡାମ ମିଲନେ, ଜେମ୍ସ ନିଶାମ ଓ ସ୍ପିନର ଇଶ୍ ସୋଧି ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ ୨୦ ଓଭରରେ ୧୨୪/୮ (ନାଜିବୁଲ୍ଲା ଜଦ୍ରାନ- ୭୩, ଗୁଲବଦିନ ନାଇବ- ୧୫, ମହମ୍ମଦ ନବି- ୧୪, ଟ୍ରେଣ୍ଟ ବୋଲ୍ଟ- ୩/୧୭, ଟିମ ସୌଦି-୨/୨୪, ଆଡାମ ମିଲନେ- ୧/୧୭, ଜେମ୍ସ ନିଶାମ- ୧/୨୪, ଇଶ ସୋଧି- ୧/୧୩)। ନ୍ୟୁଜିଲାଣ୍ଡ ୧୮.୧ ଓଭରରେ ୧୨୫/୨ (କେନ୍ ୱିଲିୟମସନ- ୪୦*, ଡେଭନ କନୱେ- ୩୬*, ମାର୍ଟିନ ଗୁପ୍ଟିଲ- ୨୮, ଡାରିଲ ମିଚେଲ- ୧୭, ମୁଜିବ ଉର ରହମାନ- ୧/୩୧, ରସିଦ ଖାଁ- ୧/୨୭)।


ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରେଣ୍ଟ ବୋଲ୍ଟ।

## ଟି୨୦ ବିଶ୍ୱକପ୍

(ଆଜିର ମ୍ୟାଚ)
ଭାରତ ବନାମ ନାମ୍ବିଆ
ସ୍ଥାନ: ଦୁବାଇ, ସମୟ: ରାତି ୭ଟା ୩୦

**ସେମିଫାଇନାଲ କାର୍ଯ୍ୟସୂଚୀ**

ନଭେମ୍ବର ୧୦: ଇଂଲଣ୍ଡ ବନାମ ନ୍ୟୁଜିଲାଣ୍ଡ
ସ୍ଥାନ: ଆବୁଧାବି, ସମୟ: ରାତି ୭ଟା ୩୦
ନଭେମ୍ବର ୧୧: ପାକିସ୍ତାନ ବନାମ ଅଷ୍ଟ୍ରେଲିଆ
ସ୍ଥାନ: ଦୁବାଇ, ସମୟ: ରାତି ୭ଟା ୩୦

# ପାକିସ୍ତାନ ଅପରାଜେୟ

**ଶାରଜା, ୭।୧୧**

ଟି୨୦ କ୍ରିକେଟ ବିଶ୍ୱକପର ରବିବାର ଅନୁଷ୍ଠିତ ଏକ ମ୍ୟାଚରେ ପାକିସ୍ତାନ ୭୨ ରନରେ ସ୍କଟଲାଣ୍ଡକୁ ହରାଇ ଦେଇଛି। ଏଥିସହ ଏକମାତ୍ର ଅପରାଜେୟ ଦଳଭାବେ ପାକିସ୍ତାନ ନକ୍‌ଆଉଟ ଖେଳିବାକୁ ଯାଉଛି। ପାକିସ୍ତାନ ୨୦ ଓଭରରେ ୪ ଉଇକେଟ ହରାଇ ୧୮୯ ରନ କରିଥିଲା। ସ୍କଟଲାଣ୍ଡ ୨୦ ଓଭରରେ ୬ ଉଇକେଟ ହରାଇ ୧୧୭ ରନ କରି ପାରିଥିଲା। ପାକିସ୍ତାନ ପକ୍ଷରୁ ଅଧିନାୟକ ବାବର ଆଜମ୍ ସର୍ବାଧିକ ୬୬ ଓ ସୋଏବ ମଲିକ ୫୪ ରନରେ ଅପରାଜିତ ରହିଥିଲେ। ଏହି ମ୍ୟାଚ ଶେଷ ହେବାସହ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ୧୦ ତାରିଖ ପ୍ରଥମ ସେମିଫାଇନାଲରେ ଇଂଲଣ୍ଡ-ନ୍ୟୁଜିଲାଣ୍ଡ ଏବଂ ୧୧ ତାରିଖରେ ଦ୍ୱିତୀୟ ସେମିଫାଇନାଲରେ ଅଷ୍ଟ୍ରେଲିଆ-ପାକିସ୍ତାନ ମଧ୍ୟରେ ମୁକାବିଲା ହେବ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୨୦ ଓଭରରେ ୧୮୯/୪ (ବାବର ଆଜମ-୬୬, ସୋଏବ ମଲିକ-୫୪*, ମହମ୍ମଦ ହାଫିଜ- ୩୧, କ୍ରିସ୍ ଗ୍ରେଭ୍ସ-୨/୪୩, ହାମ୍‌ଜା ତାହିର-୧/୨୪, ସାଫ୍ୟାନ ଶରିଫ- ୧/୪୧)। ସ୍କଟଲାଣ୍ଡ ୨୦ ଓଭରରେ ୧୧୭/୬(ରିଚି ବେରିଙ୍ଗଟନ-୫୪, ଶାହିନ ଶାହ ଆଫ୍ରିଦୀ-୧/୨୪, ହାରିସ ରୌଫ-୨୭, ହାସନ ଅଲୀ- ୧/୩୩, ଶାଦବ ଖାଁ-୨/୧୪)।

# ରୁଷିଆ ୫ମ ଥର ଜିତିଲା ବିଲି ଜିନ୍ କିଙ୍ଗ୍ କପ୍


ବିଲି ଜିନ୍ କିଙ୍ଗ୍ କପ୍ ଫାଇନାଲ ଜିତିବା ପରେ ଟ୍ରଫି ସହ ରଷିଆନ ଟେନିସ୍ ଫେଡେରେଶନ ଦଳ।

**ପ୍ରେଗ୍, ୭।୧୧(ଏପି)**

ରୁଷିଆ ଫାଇନାଲରେ ଉଭୟ ସିଙ୍ଗଲ୍ସ ମ୍ୟାଚ ଜିତିବା ପରେ ସୁଇଜରଲାଣ୍ଡକୁ ୨-୦ରେ ପରାସ୍ତ କରି ୫ମ ଥର ପାଇଁ ବିଲି ଜିନ୍ କିଙ୍ଗ୍ କପ୍ ହାସଲ କରିଛି। ଟୋକିଓ ଅଲିମ୍ପିକ୍ସ ଟେନିସ ମହିଳା ସିଙ୍ଗଲ୍ସ ଚାମ୍ପିୟନ ବେଲିଣ୍ଡା ବେନ୍‌ସିକ୍‌ଙ୍କ ବିପକ୍ଷରେ ୩-୬, ୬-୩, ୬-୪ ସେଟ୍‌ରେ ବିଜୟ ସହ ଲିଉଦମିଲା ସାମ୍‌ସୋନୋଭା ତାଙ୍କ ଦେଶ ପାଇଁ ନିର୍ଣ୍ଣାୟକ ପଏଣ୍ଟ ହାସଲ କରିଥିଲେ। ସାମସୋନୋଭା କହିଛନ୍ତି ଏହି ବିଜୟ ଦ୍ୱାରା ସେ ଏତେ ଖୁସି ଯେ, ତାହା ବିଶ୍ୱାସ କରିହେବ ନାହିଁ। ଦାରିଆ କାସାଟ୍‌କିନା ୬-୨, ୬-୪ରେ ଜିଲ୍ ଟିଚ୍‌ମାନଙ୍କୁ ପରାସ୍ତ କରି ରୁଷିଆକୁ ୧-୦ରେ ଅଗ୍ରଣୀ କରାଇଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ଏହି ପ୍ରତିଯୋଗିତା ଫେଡ୍‌କପ୍ ରୂପେ ପରିଚିତ ଥିଲା। ବିଜେତା ହିସାବରେ ରୁଷିଆ ଟ୍ରଫି ସମେତ ୧.୨ ନିୟୁତ ଡଲାର ଆର୍ଥିକ ପୁରସ୍କାର ଲାଭ କରିଛି। ଏହା ବ୍ୟତୀତ ରଷିଆନ ଟେନିସ ଫେଡେରେଶନ ମଧ୍ୟ ୬,୫୦,୦୦୦ ଡଲାର ଆର୍ଥିକ ପୁରସ୍କାର ପାଇଛି। ରୁଷିଆ ତରଫରୁ ପ୍ରଥମ ପଦାର୍ପଣ କରିଥିବା ୨୨ ବର୍ଷୀୟା ସାମସୋନୋଭା ଶୁକ୍ରବାର ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ) ବିପକ୍ଷ ସେମିଫାଇନାଲରେ ସ୍ଲୋଏନ୍ ଷ୍ଟିଫେନ୍ସଙ୍କୁ ୧-୬, ୬-୪, ୬-୩ ସେଟ୍‌ରେ ହରାଇଥିଲେ। ପରେ ଭରୋନିକା କୁଦରମେଟୋଭାଙ୍କ ସହ ପାର୍ଟନରଶିପ୍‌ରେ ଡବଲ୍ସ ମ୍ୟାଚ ଜିତିଥିଲେ। ରୁଷିଆର ନମ୍ବର ୱାନ ଖେଳାଳି ଆନାସ୍ତାସିଆ ପାଭଲ୍ୟୁଚେଙ୍କୋଭା ଆଘାତପ୍ରାପ୍ତ ହେବାରୁ ସାମସୋନୋଭାଙ୍କୁ ଶେଷ ମୁହୂର୍ତ୍ତରେ ରୁଷିଆ ଦଳରେ ସାମିଲ କରାଯାଇଥିଲା। ରୁଷିଆର ସମସ୍ତ ଖେଳାଳି ବିଶ୍ୱ ର୍‍ୟାଙ୍କିଙ୍ଗର ଟପ୍ ୫୦ ମଧ୍ୟରେ ରହିଛନ୍ତି। ସାମସୋନୋଭା ଡବ୍ଲ୍ୟୁଟିଏ ଟୁର୍ନାମେଣ୍ଟଗୁଡ଼ିକରେ ପୂର୍ବରୁ ୨ଥର ଚଳିତବର୍ଷ ବର୍ଲିନ (ଫାଇନାଲ) ଓ ଲକ୍ସେମବର୍ଗ (କ୍ୱାର୍ଟରଫାଇନାଲ) ବେନ୍‌ସିକଙ୍କୁ ହରାଇଛନ୍ତି। ରୁଷିଆ ପୂର୍ବରୁ ୨୦୦୪, ୨୦୦୫, ୨୦୦୭ ଓ ୨୦୦୮ରେ ଏହି ପ୍ରତିଯୋଗିତା ଜିତିଥିଲା। ୨୦୧୫ ପରେ ଦେଶ ପ୍ରଥମ ଥର ଫାଇନାଲରେ ପ୍ରବେଶ କରିଥିଲା। ସୁଇଜରଲାଣ୍ଡ ୧୯୯୮ରେ ପ୍ରଥମ ଥର ଫାଇନାଲରେ ପ୍ରବେଶ କରିଥିଲା ଏବଂ ରନର୍ସ-ଅପ୍ ହୋଇଥିଲା। ଏହାପରେ ଦେଶର ଏହା ଥିଲା ପ୍ରଥମ ଫାଇନାଲ। ଏକ ନୂଆ ପ୍ରତିଯୋଗିତା ଫର୍ମାଟରେ ୧୨ଟି ଦେଶକୁ ଚାରୋଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ଏହି ଟୁର୍ନାମେଣ୍ଟ ଖେଳାଯାଇଥିଲା। ପ୍ରତ୍ୟେକ ଗ୍ରୁପ୍‌ର ବିଜେତା ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ଟୁର୍ନାମେଣ୍ଟର ଏ’ ଗ୍ରୁପ୍‌ରେ ରୁଷିଆ ପ୍ରାଧାନ୍ୟ ବିସ୍ତାର କରିଥିଲା। ଦଳ ଗତଥରର ଚାମ୍ପିୟନ ଫ୍ରାନ୍ସ ଓ କାନାଡା ବିପକ୍ଷରେ ବିଜୟ ହାସଲ କରିଥିଲା। ଦେଶ ସେମିଫାଇନାଲରେ ଯୁକ୍ତରାଷ୍ଟ୍ର ଆମେରିକାକୁ ଭେଟିଥିଲା। ଯୁକ୍ତରାଷ୍ଟ୍ର ଆମେରିକା ହେଉଛି ଏହି ପ୍ରତିଯୋଗିତାର ସବୁଠାରୁ ସଫଳତମ ଦେଶ। ଏହି ଦେଶ ଇତିମଧ୍ୟରେ ୧୮ଥର ଟ୍ରଫି ଜିତିସାରିଛି।




# କ୍ୱାଲିଫାଇଂ ଖେଳିବେ ୱେଷ୍ଟଇଣ୍ଡିଜ, ଶ୍ରୀଲଙ୍କା

**ଦୁବାଇ, ୭।୧୧(ପି.ଟି.)**

ଆସନ୍ତାବର୍ଷ ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଦୁଇଥର ଚାମ୍ପିୟନ ୱେଷ୍ଟଇଣ୍ଡିଜ ଓ ପୂର୍ବତନ ବିଜେତା ଶ୍ରୀଲଙ୍କାକୁ କ୍ୱାଲିଫାଇଂ ରାଉଣ୍ଡ ଖେଳିବାକୁ ପଡ଼ିବ। ଅନ୍ୟପକ୍ଷରେ ବାଂଲାଦେଶ ଓ ଆଫଗାନିସ୍ତାନ ସୁପର ୧୨ରେ ଖେଳିବା ଲାଗି ସେମାନଙ୍କ ସ୍ଥାନ ପକ୍କା କରିଛନ୍ତି। ଆସନ୍ତା ବର୍ଷ ସୁପର ୧୨ ପର୍ଯ୍ୟାୟ ପାଇଁ ଚଳିତ ଟି୨୦ ବିଶ୍ୱକପ୍‌ର ବିଜେତା ଓ ରନର୍ସ-ଅପ୍ ଦଳ ବ୍ୟତୀତ ପରବର୍ତ୍ତୀ ୬ ସର୍ବୋଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ଦଳ ଆପେ ଯୋଗ୍ୟତା ଅର୍ଜନ କରିବେ। ନଭେମ୍ବର ୧୫ କଟ୍-ଅଫ୍ ତାରିଖ ସୁଦ୍ଧା ଇଂଲଣ୍ଡ, ପାକିସ୍ତାନ, ଭାରତ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ଓ ଅଷ୍ଟ୍ରେଲିଆ ର୍‍ୟାଙ୍କିଙ୍ଗ ତାଲିକାର ଶ୍ରେଷ୍ଠ ୬ ଦଳ ମଧ୍ୟରେ ରହିବେ। ଶନିବାର ସୁଦ୍ଧା ଏହା ପକ୍କା ହୋଇସାରିଛି। ୱେଷ୍ଟଇଣ୍ଡିଜ ଚଳିତ ଟି୨୦ ବିଶ୍ୱକପ୍ ସୁପର-୧୨ ପର୍ଯ୍ୟାୟରେ ଏହାର ଅନ୍ତିମ ମ୍ୟାଚ ଶନିବାର ଖେଳିଥିଲା। ଦଳ ଅଷ୍ଟ୍ରେଲିଆଠାରୁ ପରାଜିତ ହେବା ପରେ ଆଇସିସି ଟି୨୦ ର୍‍ୟାଙ୍କିଙ୍ଗ ତାଲିକାରେ ଶ୍ରୀଲଙ୍କା ପଛକୁ ୧୦ମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ବାଂଲାଦେଶ ୮ମ ସ୍ଥାନକୁ ଉଠିଛି। ସୁପର ୧୨ ପର୍ଯ୍ୟାୟରେ ବାଂଲାଦେଶ ଏହାର ସମସ୍ତ ୫ଟି ଯାକ ମ୍ୟାଚରେ ପରାସ୍ତ ହୋଇଛି। ମାତ୍ର ନିଜ ଦେଶରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ବିଜୟ ଯୋଗୁ ଦଳ ତାଲିକାରେ ଭଲ ସ୍ଥାନରେ ରହିଛି। ୱେଷ୍ଟଇଣ୍ଡିଜ ୫ଟି ଗେମ୍‌ରୁ ୪ଟିରେ ପରାଜୟ ବରଣ କରିଛି। ଦଳ ଇଂଲଣ୍ଡ ବିପକ୍ଷ ଏହାର ଓପନିଂ ମ୍ୟାଚରେ ମାତ୍ର ୫୫ରନରେ ଅଲଆଉଟ ହୋଇଯାଇଥିଲା। ଅପରପକ୍ଷରେ ବାଂଲାଦେଶ ଓ ୱେଷ୍ଟଇଣ୍ଡିଜ ବିପକ୍ଷରେ ବିଜୟ ହାସଲ କରିପାରିଥିଲେ ମଧ୍ୟ ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆଠାରୁ ଶ୍ରୀଲଙ୍କା ହାରିଯାଇଥିଲା। ୱେଷ୍ଟଇଣ୍ଡିଜ ଓ ଶ୍ରୀଲଙ୍କା ବ୍ୟତୀତ ସୁପର ୧୨ରେ ଭାଗ ନେଇଥିବା ନାମ୍ବିଆ ଓ ସ୍କଟଲାଣ୍ଡଙ୍କୁ ଆସନ୍ତାବର୍ଷର ଟୁର୍ନାମେଣ୍ଟରେ ପ୍ରଥମ ରାଉଣ୍ଡରୁ ଆରମ୍ଭ କରିବାକୁ ପଡ଼ିବ।

# ଟି୨୦ରେ ରଶିଦଙ୍କ ୪୦୦ ଉଇକେଟ ପୂରଣ

**ଆବୁଧାବି, ୭।୧୧(ପି.ଟି.)**

ଆଫଗାନିସ୍ତାନର ତାରକା ଅଫ୍‌ସ୍ପିନର ରଶିଦ ଖାଁ ପ୍ରତିଦ୍ୱନ୍ଦ୍ୱିତାମୂଳକ ଟି୨୦ କ୍ରିକେଟରେ ୪୦୦ ଉଇକେଟ ପୂରଣ କରିଛନ୍ତି। ରବିବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ବିଶ୍ୱକପ ମ୍ୟାଚରେ ସେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ନ୍ୟୁଜିଲାଣ୍ଡ ଇନିଂସର ୯ମ ଓଭରରେ ଓପନର ମାର୍ଟିନ ଗୁପ୍‌ଟିଲଙ୍କୁ ଆଉଟ କରି ୨୩ ବର୍ଷୀୟ ରଶିଦ ଏହି ସଫଳତା ପାଇଥିଲେ। ରଶିଦଙ୍କ ବଲ୍‌କୁ ସ୍ଲଗ୍ ସୁଇପ୍ ଖେଳିବାକୁ ଯାଇ ଗୁପ୍‌ଟିଲ ବୋଲ୍ଡ ହୋଇ ଯାଇଥିଲେ। କ୍ୟାରିୟରର ୨୮୯ତମ ଟି୨୦ ମ୍ୟାଚରେ ସେ ୪୦୦ ଉଇକେଟ ପୂରଣ କରିଛନ୍ତି। କମ୍ ମ୍ୟାଚରେ ସେ ଏହି ସଫଳତା ପାଇବାର ଗୌରବ ଅର୍ଜନ କରିଛନ୍ତି। ଅନ୍ତର୍ଜାତୀୟ ଟି୨୦ରେ ରଶିଦଙ୍କ ଉଇକେଟ ସଂଖ୍ୟା ଏବେ ୧୦୩ରେ ପହଞ୍ଚିଛି। ଟି୨୦ କ୍ରିକେଟରେ କେବଳ ୩ ଜଣ ଅନ୍ୟ ଖେଳାଳି ୪୦୦ରୁ ଊର୍ଦ୍ଧ୍ୱ ଉଇକେଟ ପାଇଛନ୍ତି। ୱେଷ୍ଟଇଣ୍ଡିଜର ଡ୍ୱେନ ବ୍ରାଭୋ ପ୍ରଥମ ଖେଳାଳିଭାବେ ୩୬୪ ମ୍ୟାଚରୁ ଏହି ମାଇଲଖୁଣ୍ଟ ଛୁଇଁଥିଲେ। ପ୍ରଥମ ବୋଲରଭାବେ ଟି୨୦ରେ ୫୦୦ରୁ ଊର୍ଦ୍ଧ୍ୱ ଉଇକେଟ ନେଇଥିବା ବ୍ରାଭୋ ନିକଟରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ୫୧୨ ମ୍ୟାଚରୁ ସେ ୫୫୩ ଉଇକେଟ ପାଇଛନ୍ତି। ଅନ୍ୟ ଦୁଇ ବୋଲର ହେଲେ ଦକ୍ଷିଣ ଆଫ୍ରିକାର ଇମ୍ରାନ ତାହିର (୩୨୦ ମ୍ୟାଚ) ଓ ୱେଷ୍ଟଇଣ୍ଡିଜର ସୁନୀଲ ନାରିନ (୩୬୨ ମ୍ୟାଚ)।

ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ଉଇକେଟ ନେବାର ରେକର୍ଡ ମଧ୍ୟ ରଶିଦଙ୍କ ନାମରେ ଅଛି। ୨୦୧୮ରେ ସେ ୯୬ଟି ଉଇକେଟ ନେଇ ରେକର୍ଡର ଅଧିକାରୀ ହୋଇଥିଲେ। ଚଳିତ ଟି୨୦ ବିଶ୍ୱକପ୍ ପ୍ରାରମ୍ଭରେ ସେ ଟି୨୦ ଅନ୍ତର୍ଜାତୀୟରେ ଦ୍ରୁତତମ ୧୦୦ ଉଇକେଟ ପୂରଣ କରିବାରେ ମଧ୍ୟ ରେକର୍ଡ କରିଥିଲେ। ପାକିସ୍ତାନ ବିପକ୍ଷ ସୁପର-୧୨ ମ୍ୟାଚରେ ସେ ଏହି ସଫଳତା ପାଇଥିଲେ। ପାକିସ୍ତାନ ଭେଟେରାନ ଅଲ୍‌ରାଉଣ୍ଡର ମହମ୍ମଦ ହାଫିଜଙ୍କୁ ଆଉଟ କରି ସେ ଟି୨୦ ଅନ୍ତର୍ଜାତୀୟରେ ୧୦୦ ଉଇକେଟ ମାଇଲଖୁଣ୍ଟ ସ୍ପର୍ଶ କରିଥିଲେ। ଅନ୍ତର୍ଜାତୀୟ ଟି୨୦ କ୍ୟାରିୟରର ୫୩ତମ ମ୍ୟାଚରେ ସେ ଏହି ସଫଳତା ପାଇଥିଲେ। ଶ୍ରୀଲଙ୍କାର ପୂର୍ବତନ ଦ୍ରୁତ ବୋଲର ଲସିଥ ମାଲିଙ୍ଗା ୭୬ ମ୍ୟାଚରୁ ୧୦୦ ଉଇକେଟ ପୂରଣ କରି ପୂର୍ବରୁ ରେକର୍ଡର ଅଧିକାରୀ ଥିଲେ।


ରଶିଦ ଖାଁ

# ଭାସ୍କର ଭଟ୍ଟ ମହିଳା ବକ୍ସିଂ ମୁଖ୍ୟ କୋଚ୍ ହେବେ

**ନୂଆଦିଲ୍ଲୀ,୭।୧୧**

ଦୀର୍ଘଦିନ ଧରି ଜାତୀୟ ଯୁବ ବକ୍ସିଂ କୋଚ୍ ରୂପେ ସଫଳତାର ସହ କାର୍ଯ୍ୟ କରିଥିବା ଭାସ୍କର ଭଟ୍ଟ ଏବେ ସିନିୟର ଜାତୀୟ ମହିଳା ଦଳର କୋଚ୍ ରୂପେ ନିଯୁକ୍ତି ପାଇବା ଏକପ୍ରକାର ସ୍ପଷ୍ଟ ହୋଇଛି। ଆଗକୁ ବିଶ୍ୱ ଚାମ୍ପିୟନଶିପ ଆୟୋଜନ ହେବା କାର୍ଯ୍ୟକ୍ରମ ଥିବାରୁ ତାଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯିବ। ୫୬ ବର୍ଷୀୟ ଭଟ୍ଟ ଉତ୍ତରାଖଣ୍ଡରୁ ଆସିଛନ୍ତି। ୨୦୧୭ରୁ ସେ ଭାରତୀୟ ଯୁବ ଦଳ ସହ ଜଡିତ ରହିଆସିଛନ୍ତି। ୨୦୦୫ରୁ ୨୦୧୨ ପର୍ଯ୍ୟନ୍ତ ସେ ସିନିୟର ଦଳର ସହକାରୀ କୋଚ ରୂପେ କାର୍ଯ୍ୟ କରିଛନ୍ତି। ତେବେ ସେ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ନିଜ ପରିବାର ସହ ସମୟ ବିତାଇବା ପାଇଁ ସେ କୋଚିଂରୁ ଦୂରେଇ ରହିଥିଲେ। ଜାତୀୟ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଥିବା ଭଟ୍ଟ କୋଚିଂ ଡିପ୍ଲୋମା ଶେଷ କରିବା ପରେ ୧୯୯୨ରେ ସ୍ପୋର୍ଟ୍ସ ଅଥରିଟି ଇଣ୍ଡିଆ (ସାଇ)ରେ ଯୋଗ ଦେଇଥିଲେ। ନୂଆ କୋଚିଂ ଦାୟିତ୍ୱ ପାଇଥିବାରୁ ଗର୍ବ ଅନୁଭବ କରୁଛି ବୋଲି ଭଟ୍ଟ କହିଛନ୍ତି। ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ ଲଭଲିନା ବୋରଗୋହେନ ବିଶ୍ୱ ଚାମ୍ପିୟନଶିପ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ଜାତୀୟ ସ୍ୱର୍ଣ୍ଣ ପଦକ ବିଜୟିନୀ ଅରୁନ୍ଧତି ଚୌଧୁରୀ ତାଙ୍କୁ ଏକ ଟ୍ରାଏଲ ପାଇଁ ଅନୁରୋଧ କରିଥିଲେ ମଧ୍ୟ ଲଭଲିନା ସିଧାସଳଖ ବିଶ୍ୱ ଚାମ୍ପିୟନଶିପ ଖେଳିବେ।

# ଆଫଗାନିସ୍ତାନ-ନ୍ୟୁଜିଲାଣ୍ଡ ମ୍ୟାଚ ପୂର୍ବରୁ କ୍ୟୁରେଟରଙ୍କ ମୃତ୍ୟୁ

**ଅବୁଧାବି, ୭।୧୧ (ପି.ଟି.)**

ଆବୁଧାବି କ୍ରିକେଟ ଷ୍ଟାଡିୟମର ଭାରତୀୟ ମୁଖ୍ୟ କ୍ୟୁରେଟର ମୋହନ ସିଂଙ୍କର ରବିବାର ମୃତ୍ୟୁ ଘଟିଛି। ଆଫଗାନିସ୍ତାନ-ନ୍ୟୁଜିଲାଣ୍ଡ ଟି୨୦ ବିଶ୍ୱକପ୍ ମ୍ୟାଚ ଖେଳାଯିବାର କିଛି ଘଣ୍ଟା ପୂର୍ବରୁ ମରଶରୀର ତାଙ୍କ କୋଠରିରେ ଦେଖିବାକୁ ମିଳିଥିଲା। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) କ୍ରିକେଟ ସୂତ୍ରରୁ ମିଳିଥିବା ଖବର ଅନୁସାରେ ଉତ୍ତରାଖଣ୍ଡର ୪୫ବର୍ଷୀୟ ମୋହନ ମାନସିକ ବିଷାଦ ରୋଗରେ ପୀଡ଼ିତ ଥିଲେ। ତାଙ୍କୁ କୋଠରିରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ଉଭୟ ଆବୁଧାବି କ୍ରିକେଟ ଓ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ମୋହନ ଆବୁଧାବି କ୍ରିକେଟ ସହ ଦୀର୍ଘ ୧୫ ବର୍ଷ ହେଲା କାର୍ଯ୍ୟକରି ଆସୁଥିଲେ। ଦେଶର ସମସ୍ତ ଭେନ୍ୟୁର ପିଚ୍‌ଗୁଡ଼ିକୁ ଭଲରୂପେ ପ୍ରସ୍ତୁତ କରିବାରେ ତାଙ୍କର ବିଶେଷ ଭୂମିକା ରହିଥିଲା। ମୋହନ ରବିବାର ସକାଳେ ଗ୍ରାଉଣ୍ଡକୁ ଆସିଥିଲେ। ସେ ଗ୍ରାଉଣ୍ଡ ଓ ପ୍ଲେଇଂ ଟର୍ଫ ଯାଞ୍ଚ କରିଥିଲେ। ସେ ଆମକୁ ଏ ବିଷୟରେ ଅବଗତ କରିବା ପରେ ଫେରିଯାଇଥିଲେ। ମାତ୍ର ପରେ ସେ ଯେତେବେଳେ ଭେନ୍ୟୁରେ ନ ପହଞ୍ଚିଲେ ଲୋକେ ରୁମ୍‌କୁ ଯାଇଥିଲେ। ସେଠାରେ ତାଙ୍କୁ ଛାତରୁ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ମିଳିଥିଲା। ସେ ଆତ୍ମହତ୍ୟା କରିଥିବା ଟୁର୍ନାମେଣ୍ଟ ଆୟୋଜକଙ୍କ ସହ ସମ୍ପୃକ୍ତ ଥିବା ଜଣେ ଅଫିସିଆଲ କହିଛନ୍ତି। ଗତ ୪ ମାସ ହେଲା ମୋହନଙ୍କ ମାନସିକ ଅବସ୍ଥା ଠିକ୍ ନ ଥିଲା। ତେବେ ମୋହନଙ୍କର ଆତ୍ମହତ୍ୟା କାରଣରୁ ଅବା ଅନ୍ୟ କୌଣସି କାରଣରୁ ମୃତ୍ୟୁ ଘଟିଛି ତାହା ସ୍ଥାନୀୟ ପୋଲିସର ତଦନ୍ତ ପରେ ସ୍ପଷ୍ଟ ହେବ। ୨୦୦୦ ପ୍ରଥମ ଭାଗରେ ୟୁଏଇ ଯିବା ପୂର୍ବରୁ ମୋହନ ମୋହାଲିରେ ବିସିସିଆଇର ପୂର୍ବତନ ଚିଫ୍ କ୍ୟୁରେଟର ଦଲଜିତ୍ ସିଂଙ୍କ ସହ କାର୍ଯ୍ୟ କରୁଥିଲେ। ଦଲଜିତ୍ ୨୨ବର୍ଷ ଧରି ଭାରତୀୟ କ୍ରିକେଟ ପାଇଁ କାର୍ଯ୍ୟ କରିଛନ୍ତି। ମୋହନଙ୍କ ମୃତ୍ୟୁ ଖବରରେ ସେ ମର୍ମାହତ ବୋଲି ଦଲଜିତ୍ କହିଛନ୍ତି। ଗଡ଼ୱାଲର ମୋହନ ଜଣେ ପ୍ରତିଭାସମ୍ପନ୍ନ ଓ କଠିନ ପରିଶ୍ରମୀ ବ୍ୟକ୍ତି ଥିଲେ। ସେ ଯେତେବେଳେ ଦେଶକୁ ଆସିଥାନ୍ତି ତାଙ୍କୁ ଭେଟିଥାନ୍ତି ବୋଲି କହିଛନ୍ତି।


ମୋହନ ସିଂ

# ମନିକା-ଅର୍ଚ୍ଚନାଙ୍କୁ ଡବଲ୍ସ ଟାଇଟଲ

**ଲାସ୍କୋ (ସ୍ଲୋଭେନିଆ), ୭।୧୧ (ପି.ଟି.)**

ଭାରତର ଟେବୁଲ ଟେନିସ ଖେଳାଳି ମନିକା ବାତ୍ରା ଓ ଅର୍ଚ୍ଚନା କାମାଥ ଏଠାରେ ଚାଲିଥିବା ଡବ୍ଲ୍ୟୁଟିଟି କଣ୍ଟେଣ୍ଡର ଲାସ୍କୋ ମହିଳା ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ବିଶ୍ୱର ଏହି ୩୬ ନମ୍ବର ମାନ୍ୟତାପ୍ରାପ୍ତ ଯୋଡ଼ି ଫାଇନାଲରେ ୨୩ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ପୁର୍ତ୍ତୋ ରିକୋର ମେଲାନି ଡିଆଜ୍ ଓ ଆଡ୍ରିଆନା ଡିଆଜ ଯୋଡ଼ିଙ୍କୁ ୧୧-୩, ୧୧-୮, ୧୨-୧୦ ରେ ହରାଇ ଦେଇଛନ୍ତି। ମନିକା ଓ ଅର୍ଚ୍ଚନା ଶନିବାର ସେମିଫାଇନାଲରେ ଚାଇନାର ଲିଉ ୱିଶାନ ଓ ୱାଙ୍ଗ୍ ୟିଦିଙ୍କୁ ପରାସ୍ତ କରିଥିଲେ। ମହିଳା ସିଙ୍ଗଲ୍ସରେ ମଧ୍ୟ ମନିକାଙ୍କ ପ୍ରଦର୍ଶନ ଭଲ ରହିଛି। ସେ ପ୍ରତିଯୋଗିତାର ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ନଭେମ୍ବର ୮/୨୦୨୧ (୮+୮ ପୃଷ୍ଠା) Bhubaneswar, Monday, November 8/2021



ଧରିତ୍ରୀ
DHARITRI
ସୋମବାର, ୮ ନଭେମ୍ବର, ୨୦୨୧



## ନ୍ୟୁଜିଲାଣ୍ଡରେ ଇଚ୍ଛାମୃତ୍ୟୁ ଆଇନ ଲାଗୁ ହେଲା

ନ୍ୟୁଜିଲାଣ୍ଡରେ ରବିବାର ଇଚ୍ଛାମୃତ୍ୟୁ ଆଇନ ଲାଗୁ ହୋଇଛି। ଜଟିଳ ରୋଗରେ ଦୀର୍ଘଦିନ ଧରି ପୀଡ଼ିତ ଥିବା ଲୋକେ ୬ ମାସରୁ କମ୍ ସମୟ ମଧ୍ୟରେ ପ୍ରାଣ ହରାଇବା ଆଶଙ୍କା ଥିଲେ ଏହି ଆଇନ ବଳରେ ସେମାନଙ୍କଠାରୁ ଜୀବନରକ୍ଷକ ଉପକରଣ କାଢ଼ି ନିଆଯିବ। ତେବେ ଏଥିପାଇଁ ଅନ୍ୟୂନ ୨ ଜଣ ଡାକ୍ତରଙ୍କ ସହମତି ଆବଶ୍ୟକ। ଏହା ପୂର୍ବରୁ କଲମ୍ବିଆ, କାନାଡା, ଅଷ୍ଟ୍ରେଲିଆ, ଲକ୍ସମବର୍ଗ ଆଦି ଦେଶରେ ଇଚ୍ଛାମୃତ୍ୟୁ ଆଇନ ରହିଛି।

### ସଂକ୍ଷେପରେ

## ପାକ୍ ନୌସେନା ଗୁଳିରେ ଭାରତୀୟ ମତ୍ସ୍ୟଜୀବୀଙ୍କ ମୃତ୍ୟୁ

**ନୂଆଦିଲ୍ଲୀ, ୭।୧୧ :** ଗୁଜରାଟ ଉପକୂଳବର୍ତ୍ତୀ ଅନ୍ତର୍ଜାତୀୟ ଜଳସୀମା (ଆଇଏମ୍‌ବିଏଲ୍) ନିକଟରେ ରବିବାର ପାକିସ୍ତାନ ନୌସେନା ଯବାନଙ୍କ ଗୁଳିରେ ଜଣେ ଭାରତୀୟ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ଜଣେ ଆହତ ହୋଇଛନ୍ତି। ଗୁଜରାଟର ଦେବଭୂମି ଦ୍ୱାରକା ଜିଲା ଅନ୍ତର୍ଗତ ଓଖା ଉପକୂଳରେ ଭାରତୀୟ ମତ୍ସ୍ୟଜୀବୀଙ୍କ ୨ଟି ମାଛଧରା ବୋଟ୍ ଉପରକୁ ପାକ୍ ମେରାଇନ୍‌ର ସୁରକ୍ଷାକର୍ମୀ ଗୁଳି ଚଳାଇଥିଲେ। ଜଳପରୀ ନାମକ ବୋଟ୍‌ରେ ୭ ଜଣ ମତ୍ସ୍ୟଜୀବୀ ରହିଥିଲେ। ସେଥିରୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୬ ଜଣଙ୍କୁ ପାକିସ୍ତାନୀ ସାମୁଦ୍ରିକ ବାହିନୀ ଗିରଫ କରିଥିବା ବିଶ୍ୱାସ କରାଯାଉଛି। ଉକ୍ତ ବୋଟ୍‌ଟି ଅକ୍ଟୋବର ୨୫ରୁ ମାଛ ଧରିବାକୁ ଗଭୀର ସମୁଦ୍ରକୁ ଯାଇଥିଲା। ପ୍ରାଣ ହରାଇଥିବା ମତ୍ସ୍ୟଜୀବୀ ଶ୍ରୀଧର ରମେଶ ଚାମ୍ରେଙ୍କ ଘର ମହାରାଷ୍ଟ୍ରର ଠାଣେରେ ବୋଲି ଦ୍ୱାରକା ଏସ୍‌ପି ସୁନୀଲ ଜୋଷୀ ସୂଚନା ଦେଇଛନ୍ତି। ପଦ୍ମ ନାମକ ଅନ୍ୟ ବୋଟ୍‌ଟି ନିରାପଦରେ ଫେରିଆସିଛି। ନିର୍ଦ୍ଦିଷ୍ଟ କେଉଁ ସ୍ଥାନରେ ଆକ୍ରମଣ ହୋଇଥିଲା ତାହା ସ୍ପଷ୍ଟ ହୋଇନାହିଁ। ଜିପିଏସ୍ ଟ୍ରାକିଂ ପରେ ଗୁଳିକାଣ୍ଡ ହୋଇଥିବା ସ୍ଥାନ ସମ୍ପର୍କରେ ଠିକ୍ ତଥ୍ୟ ମିଳିବ ବୋଲି ଯୋଶୀ କହିଛନ୍ତି। ମେରାଇନ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ଧାରା ୩୦୨ରେ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ ଗତ ସେପ୍ଟେମ୍ବରରେ ଭାରତୀୟ ତଟରକ୍ଷୀ ବାହିନୀ ଏକ ପାକିସ୍ତାନୀ ବୋଟ୍‌କୁ ଜବତ କରିବା ସହ ଏହାର ୧୨ ଜଣ କର୍ମଚାରୀଙ୍କୁ ଗିରଫ କରିଥିଲା।

## ଭାଜପା ନେତାଙ୍କୁ ହତ୍ୟା

**କୋଲକାତା, ୭।୧୧:** ପଶ୍ଚିମବଙ୍ଗର ଉତ୍ତର ଦିନାଜପୁର ଜିଲାରେ ଭାଜପା ଯୁବମୋର୍ଚ୍ଚାର ଜଣେ ନେତାଙ୍କୁ ଗୁଳିକରି ହତ୍ୟା କରିବାର କିଛିଦିନ ପରେ ଶନିବାର ରାତିରେ ପୂର୍ବ ମେଦିନିପୁର ଜିଲାର ଭଗବାନପୁରଠାରେ ଅନ୍ୟ ଜଣେ ଭାଜପା ନେତାଙ୍କୁ ହତ୍ୟା କରାଯାଇଛି। ଚାନ୍ଦିପୁର ବିଧାନସଭା କ୍ଷେତ୍ରର ଭାଜପା ଶକ୍ତିକେନ୍ଦ୍ର ମୁଖ୍ୟ ଶମ୍ଭୁ ମାଇତି(୩୬)ଙ୍କୁ ରାସ୍ତାରୁ ଉଠାଇନେଇ ହତ୍ୟା କରାଯାଇଥିଲା। ରବିବାର ସକାଳେ ତାଙ୍କ ମୃତଦେହ କେଲେଘାଇ ନଦୀକୂଳରୁ ମିଳିଛି। ତାଙ୍କ ଦେହସାରା ଗଭୀର କଟାଦାଗ ରହିଛି। ଏହି ହତ୍ୟାକାଣ୍ଡ ପାଇଁ ଭାଜପା ତୃଣମୂଳ କଂଗ୍ରେସକୁ ଦାୟୀ କରିଥିବାବେଳେ ଶାସକ ଦଳ ଏହାକୁ ଖଣ୍ଡନ କରିଛି।

## ଇଡି ରିମାଣ୍ଡରେ ପୁଣି ଗଲେ ଦେଶମୁଖ



**ମୁମ୍ବାଇ, ୭।୧୧ :** ମନିଲଣ୍ଡରିଂ ମାମଲାରେ ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କୁ ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟ ଶନିବାର ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇଥିଲେ। ରବିବାର ବମ୍ବେ ହାଇକୋର୍ଟ ପିଏମ୍‌ଏଲ୍‌ଏ କୋର୍ଟଙ୍କ ନିର୍ଦ୍ଦେଶନାମାକୁ ଖାରଜ କରିଦେବା ସହ ଦେଶମୁଖଙ୍କୁ ପୁନର୍ବାର ୫ ଦିନ ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରିମାଣ୍ଡରେ ପଠାଇଛନ୍ତି। ଅବକାଶକାଳୀନ ବିଚାରପତି ଏମ୍.ଜେ. ଜମଦାର ଏହି ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ଅଦାଲତଙ୍କ ନିର୍ଦ୍ଦେଶନାମାକୁ ଚ୍ୟାଲେଞ୍ଜ କରି ରବିବାର ଇଡି ଜଷ୍ଟିସ ଜମଦାରଙ୍କ ଖଣ୍ଡପୀଠରେ ଜରୁରୀ ଶୁଣାଣି ପାଇଁ ଆବେଦନ କରିଥିଲା। ତେବେ ଇଡି ଦେଶମୁଖଙ୍କୁ ୯ ଦିନ ରିମାଣ୍ଡରେ ନେବାକୁ ଆବେଦନ କରିଥିବାବେଳେ ଖଣ୍ଡପୀଠ ଏହାକୁ ଗ୍ରହଣ କରିନାହାନ୍ତି।

## ଗାଜିଆବାଦ ସବୁଠୁ ପ୍ରଦୂଷିତ ସହର

**ନୂଆଦିଲ୍ଲୀ, ୭।୧୧ :** ଦୀପାବଳି ପରେ ଦିଲ୍ଲୀ ସମେତ ବିଭିନ୍ନ ସହରର ବାୟୁ ପ୍ରଦୂଷଣ ବୃଦ୍ଧି ପାଇଛି। ଚଳିତ ଋତୁରେ ଜାତୀୟ ରାଜଧାନୀ ଅଞ୍ଚଳ ଅନ୍ତର୍ଗତ ଗାଜିଆବାଦ ପଞ୍ଚମ ଥର ପାଇଁ ଦେଶର ସବୁଠୁ ପ୍ରଦୂଷିତ ସହର ସାବ୍ୟସ୍ତ ହୋଇଛି। ଶନିବାର ସେଠାର ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ୪୬୬ ରେକର୍ଡ କରାଯାଇଛି। ଗୁରୁବାରଠାରୁ ଗାଜିଆବାଦ ବାୟୁ ପ୍ରଦୂଷଣ ଗୁରୁତର ବର୍ଗରେ ରହିଛି। ଶୁକ୍ରବାର ସେଠାର ଏକ୍ୟୁଆଇ ୪୭୦ ଥିଲା। ଲୋନିରେ ବାୟୁ ମାନ ସର୍ବାଧିକ ୪୬୮ ରହିଥିବାବେଳେ ଇନ୍ଦିରାପୁରମ୍‌ରେ ୪୫୮, ସଞ୍ଜୟ ନଗରରେ ୪୫୩ ଏବଂ ବସୁନ୍ଧରାରେ ୪୫୨ ରହିଛି। ଶନିବାର ନୋଏଡ଼ାରେ ଏକ୍ୟୁଆଇ ୪୬୧ ରେକର୍ଡ କରାଯାଇଛି।

# ଇରାକ ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ



ବିସ୍ଫୋରଣ ପରେ ପ୍ରଧାନମନ୍ତ୍ରୀଙ୍କ ଘର ବାହାରର ଦୃଶ୍ୟ।



ମୁସ୍ତାଫା ଅଲ୍-କାଦିମି

**ବାଗଦାଦ, ୭।୧୧**

■ରକେଟ୍, ଡ୍ରୋନ୍ ଯୋଗେ ବାସଭବନକୁ ଟାର୍ଗେଟ

■ସୁରକ୍ଷିତ ଥିବା କହିଲେ ମୁସ୍ତାଫା ଅଲ୍-କାଦିମି

ଇରାକ ପ୍ରଧାନମନ୍ତ୍ରୀ ମୁସ୍ତାଫା ଅଲ୍-କାଦିମିଙ୍କ ବାସଭବନକୁ ଟାର୍ଗେଟ କରି ରବିବାର ରକେଟ୍ ଓ ଡ୍ରୋନ ଯୋଗେ ବିସ୍ଫୋରଣ କରାଯାଇଛି। ତାଙ୍କୁ ହତ୍ୟା କରିବାକୁ ଏଭଳି ଆକ୍ରମଣ ହୋଇଥିବା କୁହାଯାଉଛି। ସେହି ସମୟରେ ଅଲ୍-କାଦିମି ଘରେ ଥିଲେ। ତେବେ ସୌଭାଗ୍ୟବଶତଃ ସେ ଆକ୍ରମଣରୁ ବର୍ତ୍ତି ଯାଇଛନ୍ତି। ଏହା ପରେ ସେ ସଙ୍ଗେ ସଙ୍ଗେ ସୁରକ୍ଷିତ ଥିବା ନେଇ ଏକ ଟୁଇଟ କରିବା ସହ ଲୋକଙ୍କୁ ଶାନ୍ତି ଓ ସଂଯମତା ବଜାୟ ରଖିବାକୁ ଆହ୍ୱାନ ଦେଇଛନ୍ତି। ରାଜଧାନୀ ବାଗ୍‌ଦାଦର ହାଇ ସିକ୍ୟୁରିଟି ଗ୍ରୀନ୍ ଜୋନ୍ ଏରିଆରେ ଦୁଇଟି ଡ୍ରୋନ୍ ଦ୍ୱାରା ଆକ୍ରମଣ ହୋଇଥିଲା। ଏଥିରେ ପ୍ରଧାନମନ୍ତ୍ରୀ ମୁସ୍ତାଫାଙ୍କ ୭ ସୁରକ୍ଷାକର୍ମୀ ଆହତ ହୋଇଥିବା ଇରାକର ଦୁଇ ସରକାରୀ ଅଧିକାରୀ ସୂଚନା ଦେଇଛନ୍ତି।

ଆକ୍ରମଣ ପରେ ଅଲ୍-କାଦିମିଙ୍କୁ ଇରାକ ଟେଲିଭିଜନରେ ଦେଖିବାକୁ ମିଳିଥିଲା। ଏଥିରେ ସେ କହିଛନ୍ତି, ରକେଟ୍ ଓ ଡ୍ରୋନ୍ ଯୋଗେ ଭୀରୁତାପୂର୍ଣ୍ଣ ଆକ୍ରମଣ ଦ୍ୱାରା ନା ଘର ତିଆରି ହୁଏ ନା ଭବିଷ୍ୟତ। ସରକାରୀ ସ୍ତରରେ ଜାରି ଏକ ବିବୃତିରେ କୁହାଯାଇଛି, ବିସ୍ଫୋରକ ଭର୍ତ୍ତି ଡ୍ରୋନ୍ ଦ୍ୱାରା କାଦିମିଙ୍କ ଘରକୁ ଟାର୍ଗେଟ କରାଯାଇଥିଲା। ସ୍ଥାନୀୟ ଲୋକେ ବିସ୍ଫୋରଣ ସହିତ ପ୍ରଚଣ୍ଡ ଗୁଳିଗୋଳାର ଶବ୍ଦ ଶୁଣିବାକୁ ପାଇଥିଲେ। ତେବେ ଏହି ଉଦ୍ୟମ ବିଫଳ ସାବ୍ୟସ୍ତ ହୋଇଛି। ଆକ୍ରମଣ ପାଇଁ କେହି ନିଜକୁ ଦାୟୀ କରିଛନ୍ତି। ଗତମାସରେ ହୋଇଥିବା ନିର୍ବାଚନକୁ ଇରାନ୍ ସମର୍ଥିତ ମିଲିସିଆ ସ୍ୱୀକାର ନ କରିବାକୁ ନେଇ ବିବାଦ ଚାଲିଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ଉପରେ ଏଭଳି ଆକ୍ରମଣ କରାଯାଇଛି।

ଗତ ବର୍ଷ ମେ'ରେ ୫୪ ବର୍ଷୀୟ ଅଲ୍-କାଦିମି ମୁସ୍ତାଫା ପ୍ରଧାନମନ୍ତ୍ରୀ ହୋଇଥିଲେ। ଏହା ପୂର୍ବରୁ ସେ ଇରାକର ଗୋଇନ୍ଦା ବିଭାଗ ମୁଖ୍ୟ ଥିଲେ। ତାଙ୍କୁ ଆମେରିକାର ନିକଟତର ବିବେଚନା କରାଯାଏ। ଉଭୟ ଇରାନ୍ ଏବଂ ଆମେରିକା ସହ ଇରାକ୍‌ର ସମ୍ପର୍କ ସନ୍ତୁଳିତ ରଖିବାକୁ ସେ ଚେଷ୍ଟା କରିଛନ୍ତି। ନିର୍ବାଚନ ପୂର୍ବରୁ ସେ ଆଞ୍ଚଳିକ ତିକ୍ତତା ଦୂର କରିବା ପାଇଁ ଇରାନ ଏବଂ ସାଉଦି ଆରବ ମଧ୍ୟରେ ଅନେକ ରାଉଣ୍ଡ ଆଲୋଚନା ମଧ୍ୟ କରିଛନ୍ତି।

## ଆତଙ୍କବାଦୀ ଆକ୍ରମଣ କହିଲା ଆମେରିକା

**ବାଗଦାଦ, ୭।୧୧**

ଇରାକ୍ ପ୍ରଧାନମନ୍ତ୍ରୀ ମୁସ୍ତାଫା ଅଲ୍-କାଦିମିଙ୍କ ବାସଭବନକୁ ଟାର୍ଗେଟ କରି ଡ୍ରୋନ୍ ଆକ୍ରମଣ କରିବା ଘଟଣାକୁ ଆମେରିକା ନିନ୍ଦା କରିଛି। ଏହା ଏକ ଆତଙ୍କବାଦୀ କାର୍ଯ୍ୟକଳାପ ବୋଲି ପରରାଷ୍ଟ୍ର ମୁଖପାତ୍ର ନେଡ୍ ପ୍ରାଇସ୍ କହିଛନ୍ତି। ଇରାକ୍‌ର ଅଖଣ୍ଡତା ଏବଂ ସ୍ୱାଧୀନତା ବଜାୟ ରଖିବା ପାଇଁ ଦାୟିତ୍ୱରେ ଥିବା ସୁରକ୍ଷାବଳ ସହ ଆମେରିକା ଯୋଗାଯୋଗରେ ଅଛି। ଆକ୍ରମଣର ତଦନ୍ତ ଏବଂ ଅନ୍ୟ ସହାୟତା ପ୍ରଦାନ ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଥିବା ପ୍ରାଇସ୍ ସୂଚନା ଦେଇଛନ୍ତି। ସେହିପରି ସାଉଦିଆରବ ମଧ୍ୟ ଅଲ୍-କାଦିମିଙ୍କ ହତ୍ୟା ଉଦ୍ୟମକୁ ନିନ୍ଦା କରିଛି। ଏହା ଭୀରୁତାପୂର୍ଣ୍ଣ କାର୍ଯ୍ୟକଳାପ ବୋଲି ସାଉଦି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ଗ୍ରୀନ୍ ଜୋନ ବାହାରେ ବିକ୍ଷୋଭ ଜାରି

ଇରାନ୍ ସୁରକ୍ଷାକର୍ମୀ ଏବଂ ଇରାକ୍ ସମର୍ଥିତ ଶିୟା ମିଲିସିଆଙ୍କ ସମର୍ଥକ ନିର୍ବାଚନ ପରିଣାମ ବିରୋଧରେ ପ୍ରାୟ ମାସେ ହେଲାଣି ଗ୍ରୀନ୍ ଜୋନ ବାହାରେ ବିକ୍ଷୋଭ କରୁଛନ୍ତି। ପୁନର୍ବାର ଭୋଟ ଗଣତି ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଶୁକ୍ରବାର ବିକ୍ଷୋଭକାରୀମାନେ ଗ୍ରୀନ୍ ଜୋନ ମଧ୍ୟକୁ ପଶିବାକୁ ଉଦ୍ୟମ କରୁଥିବାବେଳେ ସେମାନଙ୍କୁ ଘଉଡାଇବାକୁ ସୁରକ୍ଷାବାହିନୀ ପକ୍ଷରୁ ଲୁହବୁହା ଗ୍ୟାସ ଓ ଗୁଳି ଚାଳନା କରାଯାଇଥିଲା। ଏଥିରେ ଜଣେ ବିକ୍ଷୋଭକାରୀଙ୍କ ମୃତ୍ୟୁ ମଧ୍ୟ ଘଟିଥିଲା। ବହୁସଂଖ୍ୟାରେ ସୁରକ୍ଷାକର୍ମୀ ଆହତ ହୋଇଥିଲେ। ଅନ୍ୟପକ୍ଷରେ ଶୁକ୍ରବାର ହୋଇଥିବା ସଂଘର୍ଷପାଇଁ କେତେକ ମିଲିସିଆ ଗୋଷ୍ଠୀର ନେତାମାନେ ଅଲ-କାଦିମିଙ୍କୁ ଖୋଲାଖୋଲି ଭାବେ ଦାୟୀ କରିଛନ୍ତି।



ଗ୍ରୀନ୍‌ଜୋନ ବାହାରେ ବିକ୍ଷୋଭକାରୀମାନେ ଅଲ୍-କାଦିମିଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

## ପଞ୍ଜାବରେ ପେଟ୍ରୋଲ ୧୦, ଡିଜେଲ ୫ ଟଙ୍କା ଶସ୍ତା ହେଲା



**ଚଣ୍ଡିଗଡ଼, ୭।୧୧**

ଦୀପାବଳି ଅବସରରେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ୍ ଉପରୁ ଟିକସ ହ୍ରାସ କରିବାର ୩ ଦିନ ପରେ କଂଗ୍ରେସ ଶାସିତ ରାଜ୍ୟ ପଞ୍ଜାବ ତେଲ ଉପରେ ଅତିରିକ୍ତ ରିହାତି ଘୋଷଣା କରିଛି। ଚରଣଜିତ ସିଂ ଚନ୍ନି ସରକାର ପେଟ୍ରୋଲ ଉପରୁ ୧୦ ଟଙ୍କା ଓ ଡିଜେଲ ଉପରୁ ୫ ଟଙ୍କା ରାଜ୍ୟ ଟିକସ ହ୍ରାସ କରିଛନ୍ତି। ୭୦ ବର୍ଷ ମଧ୍ୟରେ ଏଭଳି ଘଟି ନ ଥିଲା। ଦିଲ୍ଲୀ ତୁଳନାରେ ପଞ୍ଜାବରେ ପେଟ୍ରୋଲ ୯ ଟଙ୍କା ଶସ୍ତାରେ ମିଳିବ ବୋଲି ଚନ୍ନି କହିଛନ୍ତି। ରାଜ୍ୟ ଟିକସ ହ୍ରାସ ପରେ ପଞ୍ଜାବରେ ପେଟ୍ରୋଲ ଲିଟର ୯୪ ଟଙ୍କା ୨୩ ପଇସା ଓ ଡିଜେଲ ୮୦ ଟଙ୍କା ହୋଇଛି। ଦିଲ୍ଲୀ, ଉତ୍ତରପ୍ରଦେଶ, ହରିୟାଣା, ରାଜସ୍ଥାନ, ଜମ୍ମୁ-କଶ୍ମୀରରେ ଦର ଅଧିକ ରହିଛି। ଦୀପାବଳି ଅବସରରେ କେନ୍ଦ୍ର ସରକାର ପେଟ୍ରୋଲ ଉପରୁ ୫ ଟଙ୍କା ଏବଂ ଡିଜେଲ ଉପରୁ ୧୦ ଟଙ୍କା ଉତ୍ପାଦ ଶୁଳ୍କ ହ୍ରାସ କରିଥିଲେ। ଏହା ପରେ ଭାଜପା ଶାସିତ ରାଜ୍ୟ ଆସାମ, ତ୍ରିପୁରା, ମଣିପୁର, କର୍ଣ୍ଣାଟକ, ଗୋଆ, ଉତ୍ତରପ୍ରଦେଶ, ଗୁଜରାଟ, ହରିୟାଣା, ହିମାଚଳପ୍ରଦେଶ ଏବଂ ଉତ୍ତରାଖଣ୍ଡ ତୈଳ ଉପରୁ ଅତିରିକ୍ତ ଟିକସ ହ୍ରାସ କରିଥିଲେ। ଏମାନଙ୍କ ମଧ୍ୟରୁ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ଗୋଆ, ମଣିପୁରରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି।

# ଶାସନ ପାଇଁ କାମିଲା ପ୍ରସ୍ତୁତ

### ବ୍ରିଟେନ ରାଜ ପରିବାରରେ ନେତୃତ୍ୱ ପରିବର୍ତ୍ତନ

**ଲଣ୍ଡନ, ୭।୧୧**

ବୟସାଧିକ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଇ ବିଭିନ୍ନ ପବ୍ଲିକ କାର୍ଯ୍ୟକ୍ରମରୁ ବ୍ରିଟେନ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟ ଦୂରେଇ ରହିବା ପରେ ଧୀରେ ଧୀରେ ରାଜ ପରିବାରରେ ନେତୃତ୍ୱ ପରିବର୍ତ୍ତନ ପ୍ରସ୍ତୁତି ଆଗଉଛି। ୯୫ ବର୍ଷୀୟ ମହାରାଣୀଙ୍କ ଜ୍ୟେଷ୍ଠ ପୁତ୍ର ତଥା ଉତ୍ତରାଧିକାରୀ ପ୍ରିନ୍ସ ଚାର୍ଲ୍ସ କିଛି ବର୍ଷ ହେଲା ରାଜ ପରିବାର ପକ୍ଷରୁ ଅଫିସିଆଲ ଦାୟିତ୍ୱ ବହନ କରିଆସୁଛନ୍ତି। ଚାର୍ଲ୍ସଙ୍କ ସ୍ତ୍ରୀ ୭୪ ବର୍ଷୀୟା କାମିଲା ଶାସନ କରିବାକୁ ନିଜକୁ ପ୍ରସ୍ତୁତ କରୁଛନ୍ତି। କରୋନା ମହାମାରୀବେଳଠାରୁ ବର୍ଷେ ମଧ୍ୟରେ ସେ ଅନ୍‌ଲାଇନରେ ଏବଂ କଟକଣା ହଟିବା ପରେ ଏବେ ବ୍ୟକ୍ତିଗତ ଭାବେ ଏଥିପାଇଁ ନିଜକୁ ସାମିଲ କରିଛନ୍ତି। ଏକ ରାଜକୀୟ କାର୍ଯ୍ୟକ୍ରମରେ ପ୍ରିନ୍ସ ଚାର୍ଲ୍ସ ଓ ତାଙ୍କ ପ୍ରଥମ ସ୍ତ୍ରୀ ତଥା ପ୍ରିନ୍ସେସ୍ ଡାଏନାଙ୍କ ପୁଅ ୱିଲିୟମ, ସ୍ତ୍ରୀ କେଟ୍‌ଙ୍କୁ କାମିଲା ଭେଟିଛନ୍ତି। ଏହା ପୂର୍ବରୁ କାମିଲା ମହାରାଣୀଙ୍କୁ ଭେଟି ଏ ବାବଦରେ ଆଲୋଚନା କରିଥିବା ନେଇ ଚର୍ଚ୍ଚା ହେଉଛି। ଏହାବାଦ୍ ନିକଟରେ ଜେମ୍ସ ବଣ୍ଡଙ୍କ ଫିଲ୍ମ ପ୍ରିମିୟରଠାରୁ ଆରମ୍ଭ କରି ବିଶ୍ୱନେତାଙ୍କ ବୈଠକ ଜି୭ ଏବଂ ଜାତିସଂଘ ଜଳବାୟୁ ସମ୍ମିଳନୀରେ ପ୍ରିନ୍ସ ଚାର୍ଲ୍ସ, କାମିଲା ପ୍ରମୁଖଙ୍କ ଉପସ୍ଥିତିରୁ ମଧ୍ୟ ଏହା ବାରି ହେଉଛି। ୭୨ ବର୍ଷୀୟ ଚାର୍ଲ୍ସ ରାଜ ପରିବାରର ମୁଖ୍ୟ ହେବା ପରେ କାମିଲା ମହାରାଣୀ ପଦରେ ବସିବେ। ତାଙ୍କ ପରେ ୩୯ ବର୍ଷୀୟ ୱିଲିୟମ ଉତ୍ତରାଧିକାରୀ ରହିବେ।



ପ୍ରିନ୍ସ ଚାର୍ଲ୍ସ ଓ ତାଙ୍କ ସ୍ତ୍ରୀ କାମିଲା।

କିଛି ବର୍ଷ ପୂର୍ବେ ବ୍ରିଟେନ ରାଜ ପରିବାରର ଭବିଷ୍ୟତକୁ ନେଇ ଅନେକ ଦ୍ୱନ୍ଦ୍ୱ ସାମ୍ନାକୁ ଆସିଥିଲା। ଗତ ବର୍ଷ ପ୍ରିନ୍ସ ହ୍ୟାରି ଏବଂ ସ୍ତ୍ରୀ ମେଘାନ ପରିବାରରେ ବର୍ଣ୍ଣ ବୈଷମ୍ୟ ନେଇ ଅଭିଯୋଗ ଆଣି ବକିଂହାମ୍ ପ୍ୟାଲେସ ଛାଡ଼ି ଆମେରିକା ପଳାଇବା ପରେ ନାଟକୀୟ ଢଙ୍ଗରେ ସବୁ ଯୋଜନା ବଦଳିଯାଇଥିଲା। ପ୍ରିନ୍ସେସ୍ ଡାଏନା ଓ ଚାର୍ଲ୍ସଙ୍କ ବିବାହ ବିଚ୍ଛେଦକୁ ନେଇ ଦିନେ ସମାଲୋଚନାର ପାତ୍ରୀ ହୋଇଥିବା କାମିଲା ଏବେ ରାଜ ପରିବାରର ଶୀର୍ଷ ପଦରେ ବସିବାକୁ ଯାଉଛନ୍ତି।

## ଅନ୍ତେବାସୀଙ୍କ ଆକ୍ରମଣରେ ୩୦ ପୋଲିସ ଆହତ

**ଫାରୁଖାବାଦ(ୟୁପି), ୭।୧୧**

### ଡେଙ୍ଗୁରେ କଏଦୀଙ୍କ ମୃତ୍ୟୁକୁ ନେଇ ଜେଲରେ ହିଂସା

ଉତ୍ତରପ୍ରଦେଶର ଏକ ଜିଲା ଜେଲ୍‌ରେ ରବିବାର ଜଣେ କଏଦୀ ଡେଙ୍ଗୁରେ ପ୍ରାଣ ହରାଇବା ପରେ ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଜେଲ୍ ଅନ୍ତେବାସୀମାନଙ୍କ ଆକ୍ରମଣରେ ୩୦ ଜଣ ପୋଲିସ କର୍ମଚାରୀ ଓ ୬ ବନ୍ଦୀ ଆହତ ହୋଇଛନ୍ତି। ସାଇଫାଇ ମେଡିକାଲ କଲେଜରେ ଜଣେ ବନ୍ଦୀଙ୍କର ଡେଙ୍ଗୁରେ ମୃତ୍ୟୁ ଘଟିବା ଖବର ପାଇବା ପରେ ଅନ୍ୟ ବନ୍ଦୀମାନେ ସେଠାରେ ନିୟୋଜିତ ପୋଲିସ ଉପରକୁ ଟେକାମାଡ଼ ଆରମ୍ଭ କରିଦେଇଥିଲେ। ଏଥିସହ ସେମାନେ ଜେଲ୍ ପରିସରରେ ପୋଡ଼ାଜଳା କରିବାରୁ ଅଗ୍ନିଶମ କର୍ମଚାରୀଙ୍କୁ ଡାକିବାକୁ ପଡ଼ିଥିଲା। ସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ସେଠାରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଅନ୍ତେବାସୀଙ୍କ ଆକ୍ରମଣରେ ଉପଜେଲରଙ୍କ ସମେତ ୩୦ ପୋଲିସ ଆହତ ହୋଇଥିବା ଏସ୍‌ପି ଅଶୋକ କୁମାର ମୀନା ସୂଚନା ଦେଇଛନ୍ତି। ତଦନ୍ତ ପରେ ଅପରାଧୀଙ୍କୁ କଠୋର ଦଣ୍ଡବିଧାନ କରାଯିବ ବୋଲି ଜିଲାପାଳ ସଞ୍ଜୟ କୁମାର ସିଂ କହିଛନ୍ତି।

## ୩୩ ଲକ୍ଷ ଶିଶୁ କୁପୋଷଣର ଶିକାର

**ନୂଆଦିଲ୍ଲୀ, ୭।୧୧**

ଭାରତରେ ୩୩ ଲକ୍ଷରୁ ଊର୍ଦ୍ଧ୍ୱ ଶିଶୁ କୁପୋଷଣର ଶିକାର ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ମାମଲା ଅତ୍ୟନ୍ତ ଗୁରୁତର। ଏହି ତାଲିକାରେ ମହାରାଷ୍ଟ୍ର, ବିହାର ଓ ଗୁଜରାଟ ଶୀର୍ଷରେ ରହିଥିବା ଏକ ଆର୍‌ଟିଆଇ ଆବେଦନରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଦର୍ଶାଯାଇଛି। କରୋନା ମହାମାରୀ ଦେଶରେ କୁପୋଷଣ ସମସ୍ୟା ବୃଦ୍ଧି ପାଇଛି। ଅତ୍ୟନ୍ତ ଗରିବ ପରିବାରର ପିଲାମାନେ ସ୍ୱାସ୍ଥ୍ୟ ଓ ପୋଷଣ ସଙ୍କଟର ସମ୍ମୁଖୀନ ହୋଇଥିବା ମନ୍ତ୍ରଣାଳୟ କହିଛି। ଅକ୍ଟୋବର ୧୪ ସୁଦ୍ଧା ଦେଶରେ ୧୭,୭୬,୯୦୨ ଶିଶୁ ଗୁରୁତର କୁପୋଷଣର ଶିକାର ହୋଇଥିବାବେଳେ ୧୫,୪୬,୪୨୦ ଜଣ ମଧ୍ୟମ ଅପପୁଷ୍ଟିର ସମ୍ମୁଖୀନ ହୋଇଛନ୍ତି। ପୋଷଣ ଟ୍ରାକର ଆପ୍‌ରୁ ଏହା ଜଣାପଡ଼ିଛି।

## ଶିକ୍ଷା ବ୍ୟବସ୍ଥାରେ ଜଳବାୟୁ ପରିବର୍ତ୍ତନକୁ ପ୍ରାଧାନ୍ୟ ଦିଆଯାଉ ନାହିଁ: ୟୁନେସ୍କୋ

**ନୂଆଦିଲ୍ଲୀ, ୭।୧୧ (ପି.ଟି.)**

ବିଭିନ୍ନ ଦେଶର ଶିକ୍ଷା ବ୍ୟବସ୍ଥାରେ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ପାଠ୍ୟକ୍ରମକୁ ପର୍ଯ୍ୟାପ୍ତ ଭାବେ ସ୍ଥାନିତ କରାଯାଉ ନ ଥିବା ୟୁନେସ୍କୋ ପକ୍ଷରୁ ପ୍ରକାଶିତ ବିଶ୍ୱ ଶିକ୍ଷା ପର୍ଯ୍ୟବେକ୍ଷଣ (ଜିଇଏମ୍) ରିପୋର୍ଟରେ କୁହାଯାଇଛି। ଉକ୍ତ ରିପୋର୍ଟ ଅନୁଯାୟୀ ୫୦ ପ୍ରତିଶତ ଦେଶ ସେମାନଙ୍କ ଜାତୀୟ ସ୍ତରର ଆଇନ, ନୀତି କିମ୍ବା ଶିକ୍ଷା ଯୋଜନାରେ ଉକ୍ତ ବିଷୟକୁ ଗୁରୁତ୍ୱ ଦେଉଛନ୍ତି। ଗ୍ଲାସ୍‌ଗୋରେ ଚାଲିଥିବା ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କୋପ୍୨୬) ଅବସରରେ ଜିଇଏମ୍ ଟିମ୍ ଏହି ରିପୋର୍ଟ ପ୍ରକାଶ କରିଛି। ଦେଶଗୁଡ଼ିକର ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରିତାରେ ଏହା ସ୍ଥାନ ପାଇବା ଜରୁରୀ ବୋଲି କୁହାଯାଇଛି। ୭୫ ପ୍ରତିଶତ ଦେଶ ସେମାନଙ୍କ ଜାତୀୟ ପାଠ୍ୟକ୍ରମ ଢାଞ୍ଚାରେ ଜଳବାୟୁ ପରିବର୍ତ୍ତନକୁ ସ୍ଥାନିତ କରିଥିବାବେଳେ ମାତ୍ର ୪୦ ପ୍ରତିଶତ ଶିକ୍ଷା ଆଇନରେ ଏହାକୁ ସାମିଲ କରିଛନ୍ତି। ୪୫% ଦେଶ ସେମାନଙ୍କ ଶିକ୍ଷା ସେକ୍ଟର ଯୋଜନା ଓ ନୀତିରେ ଏହାକୁ ସାମିଲ କରିଥିବା ରିପୋର୍ଟରୁ ଜଣାପଡ଼ିଛି।

# ଚେନ୍ନାଇରେ ଘରେ ପଶିଲା ପାଣି

**ଚେନ୍ନାଇ, ୭।୧୧**

### ୨୦୧୫ ପରେ ସର୍ବାଧିକ ବର୍ଷା

### ୨ ଦିନ ସ୍କୁଲ୍ ବନ୍ଦ



ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିବାରୁ ତାମିଲନାଡୁ ଉତ୍ତର ଉପକୂଳ ଅଞ୍ଚଳରେ ଶନିବାର ରାତିରୁ ପ୍ରବଳ ବର୍ଷା ଜାରି ରହିଛି। ଫଳରେ ବହୁ ଅଞ୍ଚଳ ଜଳମଗ୍ନ ହେବା ସହ ଲୋକଙ୍କ ଘରେ ବର୍ଷାପାଣି ପଶିଯାଇଛି। ଲଗାଣ ବର୍ଷା ଯୋଗୁ ଚେନ୍ନାଇ ଜଳାର୍ଣ୍ଣବ ହୋଇଥିବାବେଳେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ରବିବାର ପ୍ରଶାସନ ପକ୍ଷରୁ ପ୍ରାରମ୍ଭିକ ବନ୍ୟା ସତର୍କ ସୂଚନା ଜାରି କରାଯାଇଛି। ୨୦୧୫ ପରେ ଚେନ୍ନାଇ ଓ ଏହାର ଆଖପାଖ ଅଞ୍ଚଳରେ ଏହା ସର୍ବାଧିକ ବର୍ଷା ବୋଲି କୁହାଯାଉଛି। ଚେନ୍ନାଇ ଓ ଅନ୍ୟ ୩ଟି ଜିଲାରେ ପ୍ରବଳ ବର୍ଷା ଯୋଗୁ ଆଗାମୀ ଦୁଇଦିନ ପାଇଁ ସ୍କୁଲ୍ କଲେଜ ବନ୍ଦ କରିଦିଆଯାଇଛି। ବିଭିନ୍ନ ଅଞ୍ଚଳ ଜଳାର୍ଣ୍ଣବ ହୋଇଥିବାରୁ ଏହା ୨୦୧୫ ଚେନ୍ନାଇ ବନ୍ୟାର ଭୟାବହତାକୁ ମନେ ପକାଇଦେଉଛି। ରବିବାର ଦିନ ତମାମ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରହିଛି। ୧୦ ଘଣ୍ଟା ମଧ୍ୟରେ ଚେନ୍ନାଇରେ ୧୪ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଛି। ଆନ୍ନା ନଗର ଓ ସତ୍ୟ ନଗରରୁ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ମ୍ୟୁନିସିପାଲ ଅଧିକାରୀମାନେ କୋଲାଥୁର ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ ରବିବାର ଅନ୍ୟ ମନ୍ତ୍ରୀ ଓ ଅଫିସରମାନଙ୍କ ସହ ଚେନ୍ନାଇର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଯେଉଁମାନେ ଦୀପାବଳି ପାଳନ ଲାଗି ନିଜ ଜନ୍ମସ୍ଥାନକୁ ଯାଇଥିଲେ, ସେମାନେ କିଛିଦିନ ପାଇଁ ଚେନ୍ନାଇ ନ ଫେରିବା ଲାଗି ଷ୍ଟାଲିନ ଅନୁରୋଧ କରିଛନ୍ତି। ରବିବାର ସକାଳେ ସେ ଚେନ୍ନାଇର ଏଗ୍‌ମୋର, ଉଟନ, କେଏନ୍ ଗାର୍ଡେନ, ପଡାଲମ, ନ୍ୟୁ ପ୍ୟାଲେସ୍ ରୋଡ, ଅଟ୍ଟେରି, କାନପୁର ହାଇରୋଡ ଆଦି ଅଞ୍ଚଳକୁ ଗସ୍ତ କରିଥିଲେ। ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବା ସହ ଲୋକଙ୍କ ସମସ୍ୟାର ସମାଧାନ ଲାଗି ସେ ପ୍ରଶାସନକୁ ନର୍ଦ୍ଦେଶ ଦେଇଛନ୍ତି। ପାଣି ଘେରରେ ଥିବା ଲୋକମାନଙ୍କ ପାଖକୁ ୫୦ ହଜାର ଖାଦ୍ୟ ପୁଡ଼ିଆ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପଠାଯାଇଛି। ଜଳ ନିଷ୍କାସନ ଲାଗି ବିଭିନ୍ନ ଅଞ୍ଚଳରେ ୫୦୦ ବୃହତ୍ ମୋଟର ପମ୍ପ ଲଗାଯାଇଛି। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍, ଅଗ୍ନିଶମ ଏବଂ ପୋଲିସକୁ ନିୟୋଜିତ କରାଯାଇଛି। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚେନ୍ନାଇ ବନ୍ୟା ସ୍ଥିତି ସମ୍ପର୍କରେ ଷ୍ଟାଲିନ୍‌ଙ୍କ ସହ କଥା ହୋଇଥିବା ଜଣାପଡ଼ିଛି।

## ୧ କୋଟି ଜାଇକୋଭ୍-ଡି ଟିକା କିଣିବ କେନ୍ଦ୍ର



**ନୂଆଦିଲ୍ଲୀ, ୭।୧୧**

ଚଳିତ ମାସରେ ଭାରତର ଜାତୀୟ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମରେ ଜାଇଡସ୍ କାଡିଲା କମ୍ପାନୀର ୩ ଡୋଜ୍ ବିଶିଷ୍ଟ ଭାକ୍ସିନ୍ ଜାଇକୋଭ୍-ଡି ସାମିଲ ହେବାକୁ ଯାଉଛି। ଅହମଦାବାଦସ୍ଥିତ ଉକ୍ତ କମ୍ପାନୀରୁ କେନ୍ଦ୍ର ସରକାର ଜାଇକୋଭ୍-ଡି ଟିକାର ୧ କୋଟି ଡୋଜ୍ କିରିବା ପାଇଁ ଅର୍ଡର କରିଥିବା ଜଣାପଡ଼ିଛି। ବିଶ୍ୱର ପ୍ରଥମ ଡିଏନ୍‌ଏ ଭିତ୍ତିକ କୋଭିଡ୍ ଟିକାକୁ ଭାକ୍ସିନେଶନ କାର୍ଯ୍ୟକ୍ରମରେ ସାମିଲ ଲାଗି ପ୍ରସ୍ତୁତିକୁ ଆଗେଇ ନେବା ନିମନ୍ତେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁମତି ଦେଇଥିଲା। ପ୍ରଥମ ପର୍ଯ୍ୟାୟରେ ବୟସ୍କ ଲୋକଙ୍କୁ ଏହି ଟିକା ଦିଆଯିବ। ଭାରତରେ ୧୨ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କ ପାଇଁ ମଞ୍ଜୁରୀ ପାଇବାରେ ଜାଇକୋଭ୍-ଡି ପ୍ରଥମ କୋଭିଡ୍ ଟିକା। ଏହାର ପ୍ରତି ଡୋଜ୍‌ର ଦାମ୍ ଜେଟ୍ ଆପ୍ଲିକେଟର ସହ ୩୫୮ ଟଙ୍କା ରଖାଯାଇଛି।

# ଧରିତ୍ରୀ
DHARITRI

ସୋମବାର, ନଭେମ୍ବର ୮/୨୦୨୧ | Monday, November 8/2021 | ପୃଷ୍ଠା-୧


# ଟି୨୦ ବିଶ୍ୱକପ୍‌ରୁ ଭାରତର ବିଦାୟ

ଆବୁଧାବି, ୭।୧୧



ଭାରତୀୟ କ୍ରିକେଟପ୍ରେମୀଙ୍କ ପାଇଁ ରବିବାର ଆସିଛି ଏକ ଖରାପ ଖବର। ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଛି ଟିମ୍ ଇଣ୍ଡିଆ। ନ୍ୟୁଜିଲାଣ୍ଡ-ଆଫଗାନିସ୍ତାନ ମ୍ୟାଚ ଭାରତର ଭାଗ୍ୟ ନିର୍ଦ୍ଧାରଣ କରିଛି। ଏହି ମ୍ୟାଚରେ ନ୍ୟୁଜିଲାଣ୍ଡ ୮ ଉଇକେଟରେ ଆଫଗାନିସ୍ତାନକୁ ହରାଇ ୮ ପଏଣ୍ଟରେ ପହଞ୍ଚି ଯାଇଛି। ତେଣୁ ସୋମବାର ଭାରତର ନାମ୍ବିଆ ବିପକ୍ଷ ମ୍ୟାଚ ପ୍ରାସଙ୍ଗିକତା ହରାଇଛି। ଟୁର୍ନାମେଣ୍ଟର ସୁପର ୧୨ ଆରମ୍ଭରେ ପାକିସ୍ତାନ ନିକଟରୁ ୧୦ ଉଇକେଟରେ ଏବଂ ନ୍ୟୁଜିଲାଣ୍ଡଠାରୁ ୮ ଉଇକେଟରେ ପରାଜୟ ଭାରତ ପାଇଁ ମହଙ୍ଗା ପଡ଼ିଛି। ଗ୍ରୁପ୍-୨ରୁ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଭାରତ ଏହାର ତୃତୀୟ ଓ ୪ର୍ଥ ମ୍ୟାଚରେ ଯଥାକ୍ରମେ ଆଫଗାନିସ୍ତାନ ଓ ସ୍କଟଲାଣ୍ଡକୁ ବଡ଼ ବ୍ୟବଧାନରେ ହରାଇ ରନ ହାର ବୃଦ୍ଧି କରିଥିଲେ ହେଁ ତାହା କୌଣସି ପ୍ରକାରେ ସହାୟକ ହୋଇପାରି ନାହିଁ। ଏହାଛଡ଼ା ବିରାଟ ☞ପୃଷ୍ଠା-୪

# ସେଲ୍ଫି ବିଗାଡ଼ିଲା ଅପହରଣ ଷଡ଼ଯନ୍ତ୍ର

- ଆର୍ଯ୍ୟନଙ୍କୁ କିଡ୍‌ନାପ ପାଇଁ ଚକ୍ରାନ୍ତ କରିଥିଲେ ଭାଜପା ନେତା
- ଏନ୍‌ସିବିର ୱାଙ୍ଖଡେ ଏଥିରେ ସାମିଲ ଥିଲେ: ନୱାବ ମଲିକ

ମୁମ୍ବାଇ,୭।୧୧



ଆର୍ଯ୍ୟନ ଖାନ୍‌ଙ୍କ ସହ କିରନ୍ ଗୋସାଭି ସେଲ୍ଫି ନେଉଛନ୍ତି।



ସମୀର ୱାଙ୍ଖଡେ



ନୱାବ ମଲିକ

ବଲିଉଡ୍ ଷ୍ଟାର ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍‌ଙ୍କ ମାମଲା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। କ୍ରୁଜ୍ ଶିପ୍ ଡ୍ରଗ୍ସ ପାର୍ଟିରୁ ୨୩ ବର୍ଷୀୟ ଆର୍ଯ୍ୟନଙ୍କୁ ଗିରଫ କରିଥିବା ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ପାଇଁ ପ୍ରତ୍ୟହ ଅଡୁଆ ବଢ଼ିବାରେ ଲାଗିଛି। କାରଣ ଏହା ଗିରଫଦାରି ନୁହେଁ, ବରଂ ସମ୍ପୂର୍ଣ୍ଣ ଭାବେ ରାନ୍‌ସମ୍ ଫର୍ କିଡ୍‌ନାପ (ମୁକ୍ତିଅର୍ଥ ପାଇଁ ଅପହରଣ) ଉଦ୍ୟମ ଥିଲା ବୋଲି ରବିବାର ମହାରାଷ୍ଟ୍ର ମନ୍ତ୍ରୀ ନୱାବ ମଲିକ୍ ଅଭିଯୋଗ ଆଣିଛନ୍ତି। ମଲିକଙ୍କ ମତରେ ଏନ୍‌ସିବିର ଜୋନାଲ ଡାଇରେକ୍ଟର ସମୀର ୱାଙ୍ଖଡେ ଉକ୍ତ ଅପହରଣ ଚକ୍ରାନ୍ତରେ ସାମିଲ ଥିଲେ। ଭାଜପା ନେତା ମୋହିତ କାମ୍ବୋଜ ଏହି ଷଡ଼ଯନ୍ତ୍ର ରଚିଥିଲେ। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ର ବରିଷ୍ଠ ନେତା ନୱାବ ମଲିକ ଏଭଳି ସାଂଘାତିକ ଅଭିଯୋଗ ଆଣିବା ପରେ କେବଳ ମହାରାଷ୍ଟ୍ର ଭାଜପା କି ଏନ୍‌ସିବି ମହଲରେ ନୁହେଁ, ବରଂ ଜାତୀୟ ରାଜନୀତିରେ ମଧ୍ୟ ହଇଚଇ ସୃଷ୍ଟି ହୋଇଛି। ନୱାବ ମଲିକଙ୍କ କହିବା ହେଲା, ଆର୍ଯ୍ୟନ ଖାନ୍‌ଙ୍କ ଭଳି ବ୍ୟକ୍ତିଙ୍କୁ ଜାଲରେ ଫସାଇବା ପାଇଁ ବିଧିବଦ୍ଧ ଭାବେ ଷଡ଼ଯନ୍ତ୍ର ରଚାଯାଇଥିଲା। ଅକ୍ଟୋବର ୨ରେ ମୁମ୍ବାଇରୁ ଗୋଆ ଯାଉଥିବା କାର୍ଡେଲିଆ କ୍ରୁଜ୍ ଜାହାଜରେ ରେଭ୍ ପାର୍ଟିରେ ସାମିଲ କରିବା ଲାଗି ସେମାନଙ୍କୁ ପ୍ରଲୋଭନ ଦେଖାଯାଇଥିଲା। ସେଠାକୁ ଆର୍ଯ୍ୟନଙ୍କୁ ନିଆଯାଇଥିଲା। ଏହା ପରେ ୨୫ କୋଟି ଟଙ୍କାର ରାନ୍‌ସମ ଖେଳ ଆରମ୍ଭ ହୋଇଥିଲା। କଥା ୧୮ କୋଟିରେ ଛିଡ଼ିଥିଲା। ୫୦ ଲକ୍ଷ ଟଙ୍କା ବଟି ଦିଆଯାଇଥିଲା। କିନ୍ତୁ ଏକ ସେଲ୍ଫି ସବୁ ଖେଳ ବିଗାଡ଼ିଦେଇଥିଲା। ଶେଷରେ ସତ ପଦାକୁ ଆସିଲା। ଭାଜପା ନେତା ମୋହିତ କାମ୍ବୋଜ ଏହି କିଡ୍‌ନାପ କନ୍‌ସ୍ପିରେସିର ମାଷ୍ଟରମାଇଣ୍ଡ। ମୋହିତଙ୍କ ପକ୍ଷରୁ ତାଙ୍କର ଜଣେ ସମ୍ପର୍କୀୟ ଏସବୁ ☞ପୃଷ୍ଠା-୪

# ଆଜି ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ

ଭବାନୀପାଟଣା,୭।୧୧(ସ୍ୱ.ପ୍ର.)



ସୋମବାର କଳାହାଣ୍ଡି ଗସ୍ତରେ ଆସୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଭବାନୀପାଟଣା କୃଷି ମହାବିଦ୍ୟାଳୟ (ଓୟୁଏଟି) ଖେଳ ପଡିଆରେ ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)କାର୍ଡ ବଣ୍ଟନ କରିବା କାର୍ଯ୍ୟକ୍ରମ ରହିଛି। ଏଥିସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ମଧ୍ୟ ଉଦ୍‌ଘାଟନ କରିବେ ବୋଲି ଜଣାପଡିଛି। କଳାହାଣ୍ଡି ଜିଲାରେ ବର୍ତ୍ତମାନ ମମିତା ହତ୍ୟାଘ ଟଣାକୁ ନେଇ ବିରୋଧୀ ଭାଜପା ଓ କଂଗ୍ରେସ ରାଜ୍ୟ ସରକାର ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କ ବିରୋଧରେ ଆନ୍ଦୋଳନ, ବିକ୍ଷୋଭ ଜୋରଦାର କରୁଥିବା ବେଳେ ସୋମବାର କଂଗ୍ରେସ ପକ୍ଷରୁ ଜନତା କର୍ଫ୍ୟୁ ଓ ଭାଜପା ପକ୍ଷରୁ ବ୍ଲକ ସମ୍ମୁଖରେ ବିକ୍ଷୋଭ କରାଯିବ ବୋଲି ଆଗୁଆ ଚେତାବନୀ ଦିଆଯାଇଛି। ଫଳରେ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ନେଇ ପୋଲିସ ପକ୍ଷରୁ କଡାକଡି ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।

## ଆର୍ଯ୍ୟନ ମାମଲାରେ ନୂଆ ମୋଡ଼

# ସୁନୀଲ ପାଟିଲ କିଏ

ମୁମ୍ବାଇ,୭।୧୧

ଆର୍ଯ୍ୟନ ଶାହରୁଖ ଖାନ୍ ଡ୍ରଗ୍ସ ପାର୍ଟି ମାମଲାରେ ନୂଆ ମୋଡ଼ ଆଣିଛି ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଏବଂ ଭାଜପାର ଆରୋପ ପ୍ରତ୍ୟାରୋପ। ଇତିମଧ୍ୟରେ ସୁନୀଲ ପାଟିଲ ନାମକ ଜଣେ ବ୍ୟକ୍ତିଙ୍କ ନାମକୁ ନେଇ ଚର୍ଚ୍ଚା ଜୋର ଧରିଛି। ତେବେ କିଏ ଏହି ସୁନୀଲ ପାଟିଲ? ଭାଜପା ପକ୍ଷରୁ କୁହାଯାଇଛି ଯେ, ସୁନୀଲ ହେଉଛନ୍ତି ମନିଲଣ୍ଡରିଂ ମାମଲାରେ ଜେଲ ଯାଇଥିବା ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କ ପୁଅ ହୃଷୀକେଶ ଦେଶମୁଖଙ୍କ ବନ୍ଧୁ। ଏନ୍‌ସିପି ସହିତ ତାଙ୍କର ସମ୍ପର୍କ ରହିଛି। ଏନ୍‌ସିପି ନେତା ନୱାବ ମଲିକ ଆର୍ଯ୍ୟନ ଖାନଙ୍କୁ ଅପହରଣ ଉଦ୍ୟମ କରାଯାଇଥିବା ଅଭିଯୋଗ ଆଣି ଭାଜପା ନେତା ମୋହିତ କାମ୍ବୋଜ(ଭାରତୀୟ)ଙ୍କୁ ଏହାର ମାଷ୍ଟରମାଇଣ୍ଡ ଭାବେ ଅଭିହିତ କରିଥିବାବେଳେ ମୋହିତ ଏହି ଗିରଫଦାରିର ଷଡ଼ଯନ୍ତ୍ରକାରୀ ରୂପେ ସୁନୀଲ ପାଟିଲଙ୍କ ନାମ ସାମ୍ନାକୁ ଆଣିଛନ୍ତି। ମୋହିତ କହିଛନ୍ତି, ମହାରାଷ୍ଟ୍ରର ପାୱାର କରିଡରରେ ସୁନୀଲଙ୍କ ପ୍ରଭାବ ରହିଛି। ସେ ଗୃହ ବିଭାଗର ଅଫିସରମାନଙ୍କୁ ବଦଳି କରାଇଥାଆନ୍ତି। ସୁନୀଲ ଏନ୍‌ସିବି ଅଧିକାରୀମାନଙ୍କ ସହ ସାମ୍ ଡି'ସୁଜାଙ୍କୁ ଭେଟ କରାଇଥିଲେ। ସାମ୍, କିରନ ଗୋସାଭି, ମନୀଷ ଭାନୁଶାଲୀ ଏବଂ ପ୍ରଭାକର ସୈଲଙ୍କ ସହ ସୁନୀଲଙ୍କ ସମ୍ପର୍କ ରହିଛି। ସୁନୀଲଙ୍କ ଜରିଆରେ ଏମାନେ ସମସ୍ତେ ଏନ୍‌ସିବିର ନିକଟତର ହୋଇଥିଲେ। ଏନ୍‌ସିପି ନେତା ଓ ମନ୍ତ୍ରୀମାନଙ୍କ ସହ ପାର୍ଟି କରିବା ପାଇଁ ସୁନୀଲ ହୋଟେଲ ଦି ଲଲିତର ଏକ ସୁଟ୍ ବୁକ୍ କରିଥିଲେ। ଅନ୍ୟପକ୍ଷେ ମନ୍ତ୍ରୀ ନୱାବ ମଲିକ କହିଛନ୍ତି, ସୁନୀଲ ଜଣେ ଠକ। ତାଙ୍କୁ ସେ କେବେ ଦେଖିନାହାନ୍ତି। ଏନ୍‌ସିବି ସହ ସୁନୀଲଙ୍କ ସମ୍ପର୍କକୁ ମଲିକ ଖଣ୍ଡନ କରିଛନ୍ତି।

# ହାଇକୋର୍ଟ ଗଲେ ୱାଙ୍ଖଡେଙ୍କ ବାପା

## ମଲିକଙ୍କ ନାଁରେ ୧.୨୫ କୋଟିର ମାନହାନି ମାମଲା

ମୁମ୍ବାଇ,୭।୧୧

ମୁମ୍ବାଇର ଏନ୍‌ସିବି ଅଫିସର ସମୀର ୱାଙ୍ଖଡେଙ୍କ ବାପା ଧ୍ୟାନଦେବ କଚ୍‌ରୁଜି ୱାଙ୍ଖଡେ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ମହାରାଷ୍ଟ୍ରର ସଂଖ୍ୟାଲଘୁ ବିକାଶ ମନ୍ତ୍ରୀ ନୱାବ ମଲିକଙ୍କ ବିରୋଧରେ ୧.୨୫ କୋଟି ଟଙ୍କାର ମାନହାନି ମାମଲା ପାଇଁ ପିଟିଶନ ଦାଖଲ କରିଛନ୍ତି। ମଲିକଙ୍କ ଇଙ୍ଗିତରେ ଗଣମାଧ୍ୟମରେ ୱାଙ୍ଖଡେ ପରିବାର ବିରୋଧରେ ଆପତ୍ତିଜନକ ବିଷୟ ପ୍ରକାଶ ପାଉଥିବା ଦର୍ଶାଇ ଏଥିରୁ ନିବୃତ୍ତ ରହିବା ଲାଗି ଅଦାଲତ ନିର୍ଦ୍ଦେଶ ଦିଅନ୍ତୁ ବୋଲି କଚ୍‌ରୁଜି ପ୍ରାର୍ଥନା କରିଛନ୍ତି। କଚ୍‌ରୁଜିଙ୍କ ମତରେ ମଲିକଙ୍କ ଯୋଗୁ ତାଙ୍କ ପରିବାରର ଅପୂରଣୀୟ କ୍ଷତି ହୋଇଛି। ୱାଙ୍ଖଡେଙ୍କ ଝିଅ ୟସ୍ମିନଙ୍କ ଓକିଲାତି କ୍ୟାରିୟର ମଧ୍ୟ ପ୍ରଭାବିତ ହୋଇଛି। ତେଣୁ ପରିବାରକୁ କ୍ୟାବିନେଟ ମନ୍ତ୍ରୀ ମଲିକ ୧.୨୫ କୋଟି ଟଙ୍କା କ୍ଷତିପୂରଣ ଦିଅନ୍ତୁ ବୋଲି ୱାଙ୍ଖଡେଙ୍କ ବାପା ଦାବି କରିଛନ୍ତି।





ନୂଆଦିଲ୍ଲୀ: ଯମୁନା ନଦୀରେ ଆମୋନିଆ ପ୍ରଦୂଷଣ ସ୍ତର ବୃଦ୍ଧି ପାଇବାରେ ଲାଗିଥିବାରୁ ରବିବାର ଜଳ ଯୋଗାଣ ବ୍ୟାହତ ହୋଇଛି। କାଳିନ୍ଦୀକୁଞ୍ଜରେ ପାଣିରେ ବିଷାକ୍ତ ଫେଣ ଭାସୁଛି।

# ନବୀନ-ଜଗନ ସାକ୍ଷାତ ଉପରେ ସଭିଙ୍କ ନଜର

## ଆଲୋଚନା ତାଲିକାରେ କୋଟିଆ ପ୍ରସଙ୍ଗ ନାହିଁ

ଭୁବନେଶ୍ୱର, ୭।୧୧(ବ୍ୟୁରୋ)

ସୀମା ବିବାଦକୁ ନେଇ ଆନ୍ଧ୍ର ଏବଂ ଓଡ଼ିଶା ମଧ୍ୟରେ ବାରମ୍ବାର ମୁହାଁମୁହିଁ ପରିସ୍ଥିତି ଦେଖିବାକୁ ମିଳିଛି। କୋଟିଆ ଅଞ୍ଚଳରେ ଆନ୍ଧ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସହ ବାରମ୍ବାର ଅନୁପ୍ରବେଶକୁ ଓଡ଼ିଶା ବିରୋଧ କରିଆସୁଛି। ତଥାପି ଆନ୍ଧ୍ର ସରକାର ଏଥିରୁ ନ ହଟି ନିଜର କାର୍ଯ୍ୟକ୍ରମ କୋଟିଆ ଅଞ୍ଚଳରେ ଜାରି ରଖିଛନ୍ତି। ନିକଟରେ ସ୍ଥାନୀୟ ବିଧାୟକ ଏବଂ ଆନ୍ଧ୍ର ଅଫିସରଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଥିଲା। କୋଟିଆକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ବିବାଦ ବଢିଥିବାବେଳେ ଆସନ୍ତା ମଙ୍ଗଳବାର ଓଡ଼ିଶା ଗସ୍ତରେ ଆସୁଛନ୍ତି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ। ସେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଉଭୟ ନେତାଙ୍କ ମଧ୍ୟରେ ପୋଲାଭରମ ପ୍ରକଳ୍ପ, ବଂଶଧାରା ନଦୀରେ ବ୍ୟାରେଜ ନିର୍ମାଣ ବିବାଦକୁ ନେଇ ଆଲୋଚନା ହେବା ନେଇ ଚର୍ଚ୍ଚା ହେଉଛି। ହେଲେ କୋଟିଆ ସୀମା ବିବାଦ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇ ସମାଧାନ ରାସ୍ତା ବାହାରିବା ନେଇ ଆଶା କରାଯାଉଥିଲା। ହେଲେ ଜଗନଙ୍କ ମୁଖ୍ୟ ପ୍ରସଙ୍ଗ ମଧ୍ୟରେ କୋଟିଆ ନ ଥିବା ଆନ୍ଧ୍ର ସରକାର ପଠାଇଥିବା ତାଲିକାରୁ ଜଣାପଡ଼ିଛି ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ନେରେଡି ବ୍ରିଜ, ନାଗାବଳୀ, ଝଞ୍ଜାବତୀ, ପୋଲାଭରମ ପ୍ରକଳ୍ପ ନେଇ ଉଭୟ ଆଲୋଚନା କରିବେ। ନାଗାବଳୀ ନଦୀରେ ନେରେଡି ବ୍ୟାରେଜ, ଝଞ୍ଜାବତୀ ନଦୀରେ ରବର ଡ୍ୟାମ ପ୍ରକଳ୍ପ ଆରମ୍ଭ କରିବା, ସାବେରୀ ଓ ସିଲେରୁ ନଦୀକୂଳରେ ଗାର୍ଡୱାଲ ନିର୍ମାଣ କରିବା ପ୍ରସଙ୍ଗରେ ମଧ୍ୟ ଆଲୋଚନା ହେବ ବୋଲି ଜଣାପଡିଛି। ଓଡ଼ିଶା-ଛତିଶଗଡର ପ୍ରଭାବିତ ଅଞ୍ଚଳରେ ଗାର୍ଡୱାଲ ନିର୍ମାଣ ନେଇ ଆନ୍ଧ୍ରକୁ ସିଡବ୍ଲୁସି ନିର୍ଦ୍ଦେଶ ଦେଇଥିଲେ। ସିଡବ୍ଲୁସିଙ୍କ ନିର୍ଦ୍ଦେଶକ୍ରମେ ୨ ମୁଖ୍ୟମନ୍ତ୍ରୀ ଏ ପ୍ରସଙ୍ଗରେ ଆଲୋଚନା କରିବେ।

ସୂଚନାଯୋଗ୍ୟ ଯେ, ୮ ବର୍ଷ ପୂର୍ବେ ୱାଇଏସ୍‌ଆର୍ କଂଗ୍ରେସ ସଭାପତି ଜଗନମୋହନ ରେଡ୍ଡୀ ନବୀନଙ୍କୁ ଭେଟି ଆନ୍ଧ୍ର ବିଭାଜନ ସମ୍ପର୍କରେ ସହାୟତା ଲୋଡ଼ିଥିଲେ। ହେଲେ ଏହି ସମୟ ମଧ୍ୟରେ ଉଭୟ ରାଜ୍ୟ ଭିତରେ ଅନେକ ବିବାଦ ସୃଷ୍ଟି ହୋଇସାରିଛି। ବଂଶଧାରା ନଦୀରେ ନେରେଡି ବ୍ୟାରେଜ ନିର୍ମାଣକୁ ନେଇ ଉଭୟ ରାଜ୍ୟ ମଧ୍ୟରେ ବିବାଦ ଚାଲିଛି। ଓଡ଼ିଶା ଯୁକ୍ତି ଅନୁଯାୟୀ ଏହି ପ୍ରକଳ୍ପ ହେବା ଦ୍ୱାରା ଓଡ଼ିଶାରେ ବଂଶଧାରା ନଦୀରେ ପାଣି ଯଥେଷ୍ଟ ହ୍ରାସ ପାଇବ। ☞ପୃଷ୍ଠା-୪

## ହାତୀ କ୍ଷୟକ୍ଷତି ଅନୁକମ୍ପା ରାଶି ହଡ଼ପ

# ଡାଟାଏଣ୍ଟ୍ରି ଅପରେଟର ଗିରଫ, ରେଞ୍ଜର ନିଲମ୍ବିତ

ଠାକୁରମୁଣ୍ଡା/ବାରିପଦା ଅଫିସ, ୭।୧୧ (ଡି.ଏନ.ଏ.): ହାତୀ ଉପଦ୍ରବରେ କ୍ଷୟକ୍ଷତି ବାବଦ ଅନୁକମ୍ପା ରାଶି ଆତ୍ମସାତ୍ ଅଭିଯୋଗରେ ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଅଧୀନ ଦୁଧିଆଣି ରେଞ୍ଜ କାର୍ଯ୍ୟାଳୟର ଡାଟାଏଣ୍ଟ୍ରି ଅପରେଟର ମୃତ୍ୟୁଞ୍ଜୟ ପଣ୍ଡାଙ୍କୁ ଶନିବାର ପୋଲିସ ଗିରଫ କରିଛି। ଏଥିସହ ଦୁଧିଆଣି ରେଞ୍ଜର ସରୋଜ ପଣ୍ଡାଙ୍କୁ ନିଲମ୍ବିତ କରାଯାଇଛି। ସୂଚନା ଅନୁଯାୟୀ, ଦୁର୍ନୀତି ହୋଇଥିବା ନେଇ ପୂର୍ବରୁ ଜଣେ କ୍ଷତିଗ୍ରସ୍ତ ଚାଷୀ ୫-ଟି ସଚିବଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାର ତଦନ୍ତ ପରେ କ୍ଷତିଗ୍ରସ୍ତ ଚାଷୀଙ୍କ ଟଙ୍କା ଆତ୍ମସାତ୍ ହୋଇଥିବା ଜଣାପଡ଼ିଥିଲା। ହାତୀ ଉପଦ୍ରବରେ କ୍ଷତିପୂରଣ ବାବଦକୁ ଲୋକଙ୍କୁ ଦେବାକୁ ଥିବା ୪୬,୬୦୦ଟଙ୍କା ☞ପୃଷ୍ଠା-୪

# ବର୍ଷେ ପୂର୍ବରୁ ୧.୫° ଅଧିକ ଉତ୍ତପ୍ତ ହେବ ପୃଥିବୀ

ମଣ୍ଟ୍ରିଲ, ୭।୧୧

କୋଭିଡ୍-୧୯ ଜନିତ ଲକ୍‌ଡାଉନ ଯୋଗୁ ଗତବର୍ଷ ବିଶ୍ୱରେ ଅଙ୍ଗାରକାମ୍ଳ ନିର୍ଗମନ ଅଭୂତପୂର୍ବ ଭାବେ ହ୍ରାସ ପାଇଥିଲା। ଚଳିତ ବର୍ଷ ଏହା ୨୦୧୯ ସ୍ତରରେ ପହଞ୍ଚିବାକୁ ଯାଉଛି। ଅର୍ଥାତ୍ ବିଶ୍ୱ ତାପମାତ୍ରା ବୃଦ୍ଧିକୁ ଶିଳ୍ପାୟନ ପୂର୍ବ ସ୍ତରରୁ ଅଧିକ ୧.୫ ଡିଗ୍ରୀ ସେଲ୍‌ସିୟସରେ ସୀମିତ ରଖିବାକୁ ଲକ୍ଷ୍ୟଧାର୍ଯ୍ୟ କରିଥିବାବେଳେ ପୁଣିଥରେ ଅଙ୍ଗାରକାମ୍ଳ ନିର୍ଗମନ ଧାରା ଉପରମୁହାଁ ହୋଇଛି। ବିଶ୍ୱତାପନ ବୃଦ୍ଧି ଉପରେ ଗବେଷଣା ଚଳାଇଥିବା କନ୍‌କର୍ଡିଆ ୟୁନିଭର୍ସିଟି ପ୍ରଫେସର ତଥା କ୍ଲାଇମେଟ ସାଇନ୍ସ ଓ ସଷ୍ଟେନେବିଲିଟିର ଗବେଷଣା ମୁଖ୍ୟ ଏଚ୍. ଡାମନ ମାଥ୍ୟୁସ୍ ଏବଂ ସେଣ୍ଟର ଫର୍ ଇଣ୍ଟରନ୍ୟାଶନାଲ କ୍ଲାଇମେଟ୍‌ର ଗବେଷଣା ନିର୍ଦ୍ଦେଶକ ଗ୍ଲେନ୍ ପିଟର କହିଛନ୍ତି, ପ୍ୟାରିସ୍ ଜଳବାୟୁ ରାଜିନାମା ଅନୁଯାୟୀ କେତେ ଶୀଘ୍ର ପୃଥିବୀ ୧.୫ ଡିଗ୍ରୀ ଅଧିକ ଉତ୍ତପ୍ତ ସ୍ତରରେ ପହଞ୍ଚିଛି, ତାହା ଆକଳନ କରିବା ଲାଗି ୨୦୧୫ରେ ଏକ କ୍ଲାଇମେଟ କ୍ଲକ୍ (ଜଳବାୟୁ ଘଣ୍ଟା) ପ୍ରସ୍ତୁତ କରିଥିଲେ। ଉକ୍ତ ଘଣ୍ଟା ବିଶ୍ୱ ନିର୍ଗମନ ଓ ତାପମାତ୍ରା ତଥ୍ୟକୁ ଟ୍ରାକ୍ କରିବା ସହ ୧.୫ ଡିଗ୍ରୀ ଉତ୍ତପ୍ତ ସ୍ତରରେ ପହଞ୍ଚିବା ପାଇଁ ଆଉ କେତେଦିନ ବାକି ଅଛି ଆକଳନ କରିବା ଲାଗି ଗତ ୫ ବର୍ଷର ନିର୍ଗମନ ଧାରାକୁ ଅନୁଧ୍ୟାନ କରିଥିଲା। ୨୦୨୧ରେ ନିର୍ଗମନର ନୂଆ ଆକଳନ କାଉଣ୍ଟଡାଉନ୍ ସମୟରୁ ଗୋଟିଏ ବର୍ଷ କାଢ଼ି ନେଇଛି, ଅର୍ଥାତ ଆଉ ମାତ୍ର ୧୦ ବର୍ଷରୁ ସାମାନ୍ୟ ଅଧିକ ସମୟ ମଧ୍ୟରେ ପୃଥିବୀ ୧.୫ ଡିଗ୍ରୀ ସେଲ୍‌ସିୟସ୍ ଅଧିକ ଉତ୍ତପ୍ତ ହେବାକୁ ଯାଉଛି।



ଗବେଷକମାନଙ୍କ କହିବା ଅନୁଯାୟୀ ବିଶ୍ୱତାପନ ସୂଚକାଙ୍କରୁ ମାନବପ୍ରେରିତ ତାପମାତ୍ରା ବୃଦ୍ଧିକୁ ଆକଳନ କରାଯାଇଥିଲା। ୨୦୨୧ ନଭେମ୍ବରରେ ଏହା ୧୮୫୦-୧୯୦୦ ହାରାହାରି ତାପମାତ୍ରାଠାରୁ ୧.୨୪ ଡିଗ୍ରୀ ସେଲ୍‌ସିୟସ୍ ଅଧିକ ହୋଇଛି। ଦ୍ୱିତୀୟରେ ୨୦୨୧ରେ ବିଶ୍ୱରେ ଶକ୍ତି ଉତ୍ପାଦନ ଜନିତ ଅଙ୍ଗାରକାମ୍ଳ ନିର୍ଗମନ ୨୦୨୦ ତୁଳନାରେ ୪.୯ ପ୍ରତିଶତ ବଢ଼ିଛି। ୨୦୧୯ ଓ ୨୦୨୦ ମଧ୍ୟରେ ଏହା ୫.୪ ପ୍ରତିଶତ ହ୍ରାସ ପାଇଥିଲା। ତଥ୍ୟ ଅନୁଯାୟୀ ୨୦୧୬ରୁ ୨୦୨୧ ମଧ୍ୟରେ ପ୍ରତିବର୍ଷ ଅଙ୍ଗାରକାମ୍ଳ ନିର୍ଗମନ ହାରାହାରି ୦.୨ ବିଲିୟନ ଟନ୍ ହାରରେ ବଢ଼ିଚାଲିଛି। ଜଳବାୟୁ ପରିବର୍ତ୍ତନ ଉପରେ ଆନ୍ତଃସରକାରୀ କମିଟି (ଆଇପିସିସି)ର ସଦ୍ୟତମ ଆକଳନ ଅନୁଯାୟୀ ୨୦୨୦ ପରଠାରୁ ଅବଶିଷ୍ଟ କାର୍ବ ବଜେଟରେ କାର୍ବନ ଡାଇଅକ୍ସାଇଡ୍ ନିର୍ଗମନ ୫୦୦ ବିଲିୟନ ଟନ୍ ରହିଛି।

# କପିଳାସ ରେସ୍‌କ୍ୟୁ ସେଣ୍ଟରରେ ନୂଆ ଅତିଥି

ଢେଙ୍କାନାଳ ଅଫିସ, ୭।୧୧

## ଆସିଲା ଅନୁଗୋଳରୁ ଉଦ୍ଧାର ହାତୀ ଛୁଆ



ଢେଙ୍କାନାଳ ଜିଲା କପିଳାସ ପ୍ରାଣୀ ଉଦ୍ୟାନ ପରିସରରେ ଥିବା ଏଲିଫ୍ୟାଣ୍ଟ ରେସ୍‌କ୍ୟୁ ସେଣ୍ଟରକୁ ଆସିଛି ନୂଆ ଅତିଥି। ଅନୁଗୋଳ ରେଞ୍ଜ୍ ବାଲିଜେରଙ୍ଗ ସଂରକ୍ଷିତ ଜଙ୍ଗଲରେ ମା' ଦ୍ୱାରା ପରିତ୍ୟକ୍ତ ହୋଇଯାଇଥିବା ଆନୁମାନିକ ୭ମାସର ଏକ ଅଣ୍ଡିରା ଛୁଆ ହାତୀକୁ ଏକ ସ୍ୱତନ୍ତ୍ର ଭ୍ୟାନ୍‌ରେ ରବିବାର ରାତି ପ୍ରାୟ ୭ଟା ୪୫ରେ ଅଣାଯାଇଛି। ଏହାପରେ ରେସ୍‌କ୍ୟୁ ସେଣ୍ଟରରେ ହାତୀଙ୍କ ସଂଖ୍ୟା ୬ରେ ପହଞ୍ଚିଛି। ୪ଦିନ ତଳେ ହାତୀ ଶାବକ ଦଳରୁ ଅଲଗା ହୋଇଯିବା ପରେ ଏହାର ମା' ଛାଡ଼ି ପଳାଇଥିଲା। ବନ କର୍ମଚାରୀଙ୍କ ଉଦ୍ୟମ ସତ୍ତ୍ୱେ ହାତୀ ପଲ ଛୁଆକୁ ଗ୍ରହଣ କରି ନ ଥିଲେ। ଜୀବନ ପ୍ରତି ବିପଦ ଆଶଙ୍କା ଥିବାରୁ ଏହାକୁ ରେସ୍‌କ୍ୟୁ ସେଣ୍ଟରରେ ଥଇଥାନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ପରେ ହାତୀ ଶାବକକୁ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠରେ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ମାସେ ଧରି ଏହାର ନିୟମିତ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯିବ ବୋଲି ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି କହିଛନ୍ତି। ଗତ ୨୬ରେ କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜରୁ ଉଦ୍ଧାର ହୋଇଥିବା ଆନୁମାନିକ ୩ମାସର ଏକ ମାଈ ହାତୀକୁ କପିଳାସ ରେସକ୍ୟୁ ସେଣ୍ଟରକୁ ଅଣାଯାଇଥିଲା।

## ସୋହମର ସାରସ୍ୱତ ମିଳନ

**ପଟ୍ଟାମୁଣ୍ଡାଇ,(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ଅଞ୍ଚଳର ସାହିତ୍ୟାନୁଷ୍ଠାନ ସୋହମ ପକ୍ଷରୁ ସାରସ୍ୱତ ମିଳନ ଓ କବିତା ପାଠୋତ୍ସବ ଏକ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସୋହମର ସଭାପତି କବି ଡା. ମନୋରଞ୍ଜନ ଦାଶଙ୍କ ପୌରୋହିତ୍ୟ କରିଥିବା ବେଳେ ଓଡ଼ିଶା ପ୍ରତିଭା ପୂଜା ସଂସଦର ସାଧାରଣ ସମ୍ପାଦକ କବି ଦିଲୀପ କୁମାର ଦାଶ ମୁଖ୍ୟଅତିଥି, କଟକ ସମ୍ପର୍କ ସାହିତ୍ୟ ସଂସଦର ସଭାପତି କବି ଅଶୋକ କୁମାର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେମାନେ ସାହିତ୍ୟରେ ଭାବ, ଭାଷା ଓ ଆବେଗ ଥିଲେ ତାହା କାଳଜୟୀ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। କବୟିତ୍ରୀ କଲ୍ୟାଣୀ ମହାପାତ୍ରଙ୍କ ସଂଯୋଜନାରେ କବି ବିକ୍ରମ ବେହେରା, ସମ୍ବିତ ପାତ୍ର, ସୌମ୍ୟରଞ୍ଜନ ଦାଶ, ଜାଗ୍ରତ ପରିଡା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

## ସଂକ୍ଷେପରେ

### କଇଁଛ ସୁରକ୍ଷା ପ୍ରଶିକ୍ଷଣ ଶିବିର

**ରାଜନଗର,୭।୧୧(ଡି.ଏନ.ଏ.):** ରାଜନଗର ରେଞ୍ଜର ଦୋବନ୍ଧିଠାରେ ବନ ବିଭାଗ ପକ୍ଷରୁ କଇଁଛ ସୁରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏସିଏଫ ବିରଞ୍ଚି ନାରାୟଣ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୂର୍ଯ୍ୟ ନାରାୟଣ ଲେଙ୍କା, ଗହୀରମଥା ରେଞ୍ଜ ଅଫିସର ଦେବାଶିଷ ଭୋଇ, ରାଜନଗର ରେଞ୍ଜ ଅଫିସର ଧନେଶ୍ୱର ରଥ, ମହାକାଳପଡା ରେଞ୍ଜ ଅଫିସର ସାହାଜୀ ଚରଣ ବିଶ୍ୱାଳ, ଗବେଷକ ନିମାଇଁ ଚରଣ ପଲାଇ, ଭକ୍ତ ରଞ୍ଜନ ରଥ ପ୍ରମୁଖ ଯୋଗଦେଇ ବିରଳ ଅଲିଭ ରିଡଲେ କଇଁଛଙ୍କୁ କିପରି ସୁରକ୍ଷା ଯୋଗାଇ ଦିଆଯାଇ ପାରିବ ସେ ନେଇ ମତ ରଖିଥିଲେ। ଏଥିସହ ବେଳାଭୂମି ସଫେଇ, ପାଟ୍ରୋଲିଂ, ହାଚେରି ନିର୍ମାଣ ଶତ ପ୍ରତିଶତ ଅଣ୍ଡାରୁ କିଭଳି ଛୁଆ ବାହାରିବ ସେ ନେଇ ଆଲୋଚନା ହୋଇଥିଲା। ପ୍ରତ୍ୟେକ ରେଞ୍ଜ ପକ୍ଷରୁ କଇଁଛ ସୁରକ୍ଷା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ରେଞ୍ଜ ଅଫିସରମାନେ ମତ ରଖିଥିଲେ। ଶିବିରରେ ଡିଏଫ୍‌ଓ ଯଜ୍ଞଦତ୍ତ ପତି ଯୋଗଦେଇ ବିଭିନ୍ନ ସ୍ଥାନରେ କରାଯାଇଥିବା ହାଚେରିର ୨୦ ପ୍ରତିଶତ ସ୍ଥାନ ଉପରେ ନଡିଆ ବାହୁଙ୍ଗା ପକାଇ ଛାଇ ରଖାଯିବ। କଇଁଛ ଶାବକ ଜନ୍ମ ପରେ ସେମାନଙ୍କର ରକ୍ତ ନମୁନା ସଂଗ୍ରହ କରାଯାଇ ସେମାନେ ମେଲ ନା ଫିମେଲ ସେ ନେଇ ଜଣାପଡିବ। ଏଥିସହ ଚଳିତଥର ପାଟ୍ରୋଲିଂରେ ସବୁ ରେଞ୍ଜ ଅଫିସର ଓ କର୍ମଚାରୀ ସାମିଲ ହେବେ ବୋଲି ସେ କହିଥିଲେ।

### ବାପି ସର୍ଖେଲ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ପରିଷଦ କର୍ମଚାରୀ ସଂଘ ସଭାପତି

**କୁଜଙ୍ଗ,୭।୧୧ (ଡି.ଏନ୍.ଏ.):** ପାରାଦୀପର ଶ୍ରମିକ ନେତା ତଥା ଏରସମା - ପାରାଦୀପ ଶିଳ୍ପାଞ୍ଚଳ ବିକାଶ ପରିଷଦର ସଭାପତି ଅରିନ୍ଦମ ସର୍ଖେଲ (ବାପି) ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ପରିଷଦ କର୍ମଚାରୀ ସଂଘର ସଭାପତି ଭାବେ ଦାୟିତ୍ୱ ନେଇଛନ୍ତି। ଏହି ଅବସରରେ ରବିବାର କୁଜଙ୍ଗ ସୂଚନା କେନ୍ଦ୍ରରେ ବିଦ୍ୟୁତ୍ ପରିଷଦ କର୍ମଚାରୀ ସଂଘ କେନ୍ଦ୍ରାପଡା ଓ ପାରାଦୀପ ଶାଖା ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଶାନ୍ତନୁ ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସର୍ଖେଲ କହିଥିଲେ, ରାଜ୍ୟରେ କାର୍ଯ୍ୟରତ ବିଦ୍ୟୁତ୍ ବିଭାଗର ଶ୍ରମିକମାନଙ୍କୁ ଏକାଠି କରି ସେମାନଙ୍କ ହକ୍ ପାଇଁ ଲଢ଼େଇ କରାଯିବ। ସଂଘର ପ୍ରତିଷ୍ଠାତା ତଥା ବିଦାୟୀ ସଭାପତି ଦିବାକର ସାହୁ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଆଇନଜୀବୀ ରମେଶ ଚନ୍ଦ୍ର ଦାସ, ଏଏନ୍‌ଡି ଯାଦବ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ମନ୍ମଥ ଧଳ, ଗଗନ ବିହାରୀ ଲେଙ୍କା, ଅଶୋକ ଲେଙ୍କା, ନିରଞ୍ଜନ ସ୍ୱାଇଁ, ପ୍ରମୋଦ କୁମାର ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ।

### ବିଦ୍ୟାଳୟ ପରିଚାଳନା କମିଟି ଗଠିତ

**ପଟ୍ଟାମୁଣ୍ଡାଇ,୭।୧୧(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ପୌରପରିଷଦ ବାଲିପଡା ନୋଡାଲ ଉପ୍ରା ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠିତ ହୋଇଯାଇଛି। ପୁରାତନ କମିଟିର ସଭାପତି ରବୀନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରମେଶ ଚନ୍ଦ୍ର ପରିଡା, ବାରେଣୀ ସେଠୀ, ବିଆରସିସି ଚନ୍ଦ୍ରଶେଖର ତ୍ରିପାଠୀ, ସିଆରସିସି ମଳୟ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ଦାଶଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ପରିଚାଳନା କମିଟିର ନୂତନ କର୍ମକର୍ତ୍ତା ଭାବେ ସଞ୍ଜୟ କୁମାର ତ୍ରିପାଠୀ ସଭାପତି, ରଞ୍ଜିତା ସାହୁ ଉପସଭାପତି, ରଞ୍ଜନ କୁମାର ବିଶ୍ୱାଳ, ମନୋଜ ନାୟକ, ମନୋରଞ୍ଜନ ସାହୁ, ମନୋଜ ସେଠୀ, ସ୍ୱର୍ଣ୍ଣଲତା ଦାସ ଓ ସସ୍ମିତା ମଲିକ ପ୍ରମୁଖ ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ।

### ଧୋଡ୍ୟାଞ୍ଚଳ ବିକାଶ ମଞ୍ଚର ନୂତନ କର୍ମକର୍ତ୍ତା ମନୋନୟନ

**ପଟ୍ଟାମୁଣ୍ଡାଇ,୭।୧୧(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ଧୋଡ୍ୟାଞ୍ଚଳ ବିକାଶ ମଞ୍ଚର ୬ଷ୍ଠ ସାମ୍ବିଧାନିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସ୍ଥାୟୀ ସଭାପତି ସାମାଜିକ କର୍ମୀ ବସନ୍ତ କୁମାର ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସଭ୍ୟମାନେ ଯୋଗ ଦେଇଥିଲେ। ଏହି ଅବସରରେ ମଞ୍ଚର ଆଗାମୀ ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଉପସଭାପତି ଭାବେ ଉଲ୍ଲାସ ଚନ୍ଦ୍ର ମଲ୍ଲିକ, ନିମାଇଁ ଚରଣ ମଲ୍ଲିକ, ନାରଦ ବିଶ୍ୱାଳ, ସାଧାରଣ ସମ୍ପାଦକ ରାଜ କୁମାର ବିଶ୍ୱାଳ, ବିଭାଗୀୟ ସମ୍ପାଦକ ସନାତନ ତରାଇ, କୈଳାସ ଚନ୍ଦ୍ର ସେଠୀ ଓ କୋଷାଧକ୍ଷ ପ୍ରେମାନନ୍ଦ ସୁତାରଙ୍କୁ ସର୍ବସମ୍ମିତିକ୍ରମେ ମନୋନିତ କରାଯାଇଛି। ଉପଦେଷ୍ଟା ଭାବେ ପ୍ରଫେସର ନିର୍ମାଳ ଚନ୍ଦ୍ର ବିଶ୍ୱାଳ, ଭଗବାନ ରାଉତ ପ୍ରମୁଖଙ୍କୁ ଚୟନ କରାଯାଇଛି।

# ଭିତରକନିକା ଜୀବଜନ୍ତୁ ପ୍ରତି ବଢ଼ୁଛି ବିପଦ

**କେନ୍ଦ୍ରାପଡ଼ା ଅଫିସ, ୭।୧୧**

- ମାଂସ ଖାଇଛୁ, ହରିଣ ମାଂସ ନୁହେଁ
- ୨ ଦଶନ୍ଧିରେ ୪୦୦ରୁ ଊର୍ଦ୍ଧ୍ୱ ଶିକାରୀ ଗିରଫ
- ବନ୍ୟଜନ୍ତୁ ଶିକାରୀଙ୍କୁ ଦଣ୍ଡ ମିଳିବା ସଂଖ୍ୟା ସୀମିତ

ମହିଳା ଓ ଶିଶୁ ବିକାଶ ବିଭାଗର ରାଜ୍ୟ ଏବଂ କେନ୍ଦ୍ରାପଡ଼ା ଜିଲାର ଏକ ଟିମ୍ ଗତ ବୁଧବାର ଡାଙ୍ଗମାଳକୁ ଯାଇଥିଲେ। ସେଠାରେ ଏହି ଟିମ୍‌ର ୧୪ ଜଣ ନିକଟସ୍ଥ ଅରଣ୍ୟ ନିବାସରେ ମଧ୍ୟାହ୍ନଭୋଜନ କରିଥିଲେ। ତେବେ ଭୋଜନରେ ହରିଣ ମାଂସ ସାମିଲ ହୋଇଥିବା ସନ୍ଦେହ କରି ତଦନ୍ତ ଦାବିରେ ରାହା ଫାଉଣ୍ଡେଶନ, ଜୟଦୁର୍ଗା ଫାଉଣ୍ଡେଶନ ଓ ଭିତରକନିକା ଯୁବ ପରିଷଦର ସଭ୍ୟମାନେ ଜୟଦୁର୍ଗା ଗେଟ ନିକଟରେ ଶନିବାର ରାସ୍ତାରୋକୋ କରିଥିଲେ। ଏ ସମ୍ପର୍କରେ କନିକା ରେଞ୍ଜର ମାନସ କୁମାର ଦାସ ଘଟଣାର ତଦନ୍ତ ହେବ କହିବା ପରେ ରାସ୍ତାରୋକୋ ହଟିଥିଲା। ଅପରପକ୍ଷରେ ଭୋଜନ ପାଇଁ ବାହାରୁ ମାଂସ ଆସିଥିବା ଅରଣ୍ୟ ନିବାସର ପରିଚାଳକ ମତ ଦେଇଥିବା ବେଳେ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଚିନ୍ମୟୀ ରଥ କହିଛନ୍ତି, ମାଂସ ତରକାରି ଭୋଜନରେ ସାମିଲ ହୋଇଥିଲା। ଏହା ହରିଣ ମାଂସ



ଭିତରକନିକା ଜାତୀୟ ଉଦ୍ୟାନରେ ଥିବା ହରିଣ।

ନୁହେଁ। ଏହି ଘଟଣା ବନ ବିଭାଗର ତଦନ୍ତ ଅଧୀନରେ ଥିବାବେଳେ ଭିତରକନିକା ବନ୍ୟଜନ୍ତୁଙ୍କ ପ୍ରତି ବିପଦ ବଢ଼ୁଥିବା ସଙ୍କେତ ଦେଉଛି। ଏହି ଜାତୀୟ ଉଦ୍ୟାନରୁ ନିୟମିତ ହରିଣ, ବାର୍ହା, କୁମ୍ଭୀର ଆଦି ଶିକାର ହେଉଛି। ସେହିପରି ଦେଶୀ ବିଦେଶୀ ପକ୍ଷୀ ଶିକାରୀଙ୍କ ଝୁଲାରୁ ବାହାରୁଛି। ଗତ ଦୁଇ ଦଶନ୍ଧୀ ମଧ୍ୟରେ ୪୦୦ରୁ ଊର୍ଦ୍ଧ୍ୱ ଶିକାରୀ ଗିରଫ ହୋଇଥିବା ବନ ବିଭାଗ ରେକର୍ଡ କହୁଛି। ତେବେ ଏହି ଶିକାରୀଙ୍କୁ ଆଶାନୁରୂପକ ଦଣ୍ଡ ମିଳୁ ନ ଥିବାରୁ ଶିକାର ଓ ଶିକାରୀଙ୍କୁ ରୋକି ହେଉନାହିଁ ବୋଲି ସ୍ଥାନୀୟ ଅଧିବାସୀ ମତ ଦେଇଛନ୍ତି।

ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ଯଶୋବନ୍ତ ସିଂହ, ପବିତ୍ର କରଣ, ଜଗନ୍ନାଥ ଦାସ, ରବୀନ୍ଦ୍ର ସିଂହ, ସୂର୍ଯ୍ୟକାନ୍ତ ଦାସ ପ୍ରମୁଖ କହିଛନ୍ତି, ଜାତୀୟ ଉଦ୍ୟାନ ଭିତରକନିକା ସଂରକ୍ଷିତ ଜଙ୍ଗଲରେ ହରିଣ, ବାର୍ହା, ଠେକୁଆଠାରୁ ଆରମ୍ଭ କରି ଦେଶୀ ବିଦେଶୀ ପକ୍ଷୀ ରହୁଛନ୍ତି। ବିଭିନ୍ନ ସମୟରେ ଶିକାରୀ ଶିକାର ପାଇଁ ଫାଶ, ଯନ୍ତା ଓ ପୋଷା କୁକୁର ବ୍ୟବହାର କରୁଛନ୍ତି। ପ୍ଲାଷ୍ଟିକ ରଶି ଅଥବା ବାଇକ୍‌ର କ୍ଲଚ ଓ୍ୱାଇରକୁ ଫାଶ ଭାବେ ବ୍ୟବହାର କରାଯାଉଥିବା ବେଳେ ଶିକାରକୁ ଘଉଡାଇବା ପାଇଁ କୁକୁରଙ୍କୁ ଲଗାଯାଉଛି। ବନ୍ୟ ଜୀବଙ୍କୁ ଶିକାର କରିଥିବା ଅଭିଯୋଗରେ ବାରମ୍ବାର ଶିକାରୀ ଧରା ପଡୁଛନ୍ତି। ଏହାସତ୍ତ୍ୱେ ସ୍ଥାନୀୟ ଅଞ୍ଚଳରେ ବନ୍ୟଜନ୍ତୁଙ୍କ ଶିକାର କମିବା ପରିବର୍ତ୍ତେ ବଢ଼ି ଚାଲିଛି। ବହୁ ସମୟରେ ଭିତରକନିକା ବୁଲିବାକୁ ଆସୁଥିବା ଉଚ୍ଚ ପଦବୀଧାରୀଙ୍କୁ ସନ୍ତୁଷ୍ଟି ପାଇଁ କର୍ମଚାରୀମାନେ ଏଠାରୁ ପଶୁ ଶିକାର କରି ମାଂସ ପ୍ରଦାନ କରୁଥିବା ପ୍ରଚାର ହେଉଛି। ଏହାର ତଦନ୍ତ ପାଇଁ ରାସ୍ତାରୋକୋ ହୋଇଥିଲା ବୋଲି ସେମାନେ କହିଛନ୍ତି। ପରିବେଶବିତ୍ ହେମନ୍ତ କୁମାର ରାଉତ, ଶ୍ରୀକାନ୍ତ ନାୟକ, କ୍ଷୀତିଶ କୁମାର ସିଂହ ପ୍ରମୁଖ କହିଛନ୍ତି, ବନ୍ୟ ଓ ସାମୁଦ୍ରିକ ପ୍ରାଣୀ ଶିକାର ଯୋଗୁ ଭିତରକନିକାର ଜୈବ ବିବିଧତା ନଷ୍ଟ ହେଉଛି। ବିଭିନ୍ନ ଜୀବଜନ୍ତୁଙ୍କ ପାଇଁ ଜଙ୍ଗଲ ଅଧିକ ଘଞ୍ଚ ହୋଇଥାଏ। ତେବେ ଗିରଫ ଶିକାରୀଙ୍କୁ ଉପଯୁକ୍ତ ଦଣ୍ଡ ମିଳିଲେ ଶିକାର କମିବ ବୋଲି ସେମାନେ ମତ ଦେଇଛନ୍ତି। ଆଇନଜୀବୀ ସରୋଜରାଜ ସିଂହ କହିଛନ୍ତି, ଦୋଷୀଙ୍କୁ ଦଣ୍ଡବିଧାନ ପାଇଁ ଉପଯୁକ୍ତ ପ୍ରମାଣ ଆବଶ୍ୟକ। ବନ ବିଭାଗ ନିକଟରେ ଫୋରେନ୍‌ସିକ ଲାବରେଟୋରି ନାହିଁ। ସେହିପରି ଶିକାରୀଙ୍କ ଅଙ୍ଗୁଳି ଛାପ ଓ ଆର୍ମସ ଆକ୍ଟ ଲଗାଇବା ଅଭିଯୋଗପତ୍ରରେ ଦେଖିବାକୁ ମିଳୁନାହିଁ। ତଦନ୍ତ ଅଧିକାରୀଙ୍କ ବୟାନ ମାମଲାରେ ଗୁରୁତ୍ୱ ବହନ କରେ। ତଦନ୍ତକୁ ଗୁରୁତ୍ୱ ଦିଆଗଲେ ଅପରାଧୀକୁ ଦଣ୍ଡ ମିଳିବ ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ କନିକା ରେଞ୍ଜର ଦାସଙ୍କୁ ପଚାରିବାରେ ବନ୍ୟ ଜୀବଜନ୍ତୁଙ୍କ ସୁରକ୍ଷାକୁ ସର୍ବଦା ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ନିଷ୍ଠାର ସହ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଅରଣ୍ୟ ନିବାସରେ ମାଂସ ଭୋଜନ ସମ୍ପର୍କରେ ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।

## ଏକତରଫା ପ୍ରେମରୁ ଆକ୍ରମଣ: ନାବାଳିକା ଗୁରୁତର

**ରଘୁନାଥପୁର, ୭।୧୧(ଡି.ଏନ୍.ଏ.)**

ରଘୁନାଥପୁର ଥାନା ଅଞ୍ଚଳର ଜଣେ ନାବାଳକ ଏକତରଫା ପ୍ରେମ କରି ବିଫଳ ହେବା ପରେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ସହ ଆକ୍ରମଣ କରିଛନ୍ତି। ଫଳରେ ନାବାଳିକା ଗୁରୁତର ହୋଇଛନ୍ତି। ଏ ସମ୍ପର୍କରେ ପୀଡିତାଙ୍କ ମାମୁ ଶନିବାର ରାତିରେ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ମାମଲା (ନଂ. ୧୫୬/୨୧) ରୁଜୁ କରି ସମ୍ପୃକ୍ତା ନାବାଳିକାଙ୍କ ଡାକ୍ତରୀମାଇନା କରାଇଛି। ଅଭିଯୋଗ ପରେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଗତ ବୁଧବାର ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବତୀଯୁବକ ସହ ଏକ ତୋଟାରେ ନାବାଳିକା ଜଣକ ଭୋଜି କରୁଥିଲେ। ସମ୍ପୃକ୍ତା ନାବାଳିକା ଶୌଚ ହେବାକୁ ଯାଇଥିବାବେଳେ ଏକୁଟିଆ ପାଇ ଅଭିଯୁକ୍ତ ପ୍ରଥମେ ବଳାତ୍କାର ଉଦ୍ୟମ କରିଥିଲେ। ଏହି ସମୟରେ ନାବାଳିକା ଚିତ୍କାର କରିବାରୁ ଅଭିଯୁକ୍ତ ସେଠାରୁ ପଳାଇ ଯାଇଥିଲେ। ତେବେ ଭୋଜି ସାରି ନାବାଳିକା ଘରକୁ ଫେରୁଥିବାବେଳେ ଅଭିଯୁକ୍ତ ପ୍ରତିଶୋଧ ପରାୟଣ ହୋଇ ତାଙ୍କୁ ବାଟରେ ଅଟକାଇ ମାଡ଼ ମାରି ଗୁରୁତର କରିଥିଲେ। ସୋମବାର ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ନାବାଳିକାଙ୍କ ଜମାନବନ୍ଦୀ ହେବ ବୋଲି ପୋଲିସ କହିଛି।

## ଭିତ୍ତିପ୍ରସ୍ତରରେ ଅଟକିଛି କେରଡ଼ାଗଡ଼-ଏକମାଣିଆ ସେତୁ

**ଆଳି, ୭।୧୧(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକର ଉପାନ୍ତରେ ଏକମାଣିଆ ପଞ୍ଚାୟତ ରହିଛି। ଏହାର ଚତୁଃପାର୍ଶ୍ୱକୁ ଖରସ୍ରୋତା ଓ ବ୍ରାହ୍ମଣୀ ନଦୀ ଘେରି ରହିଛି। ଫଳରେ ସେମାନେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ଅବହେଳିତ ଅବସ୍ଥାରେ ଜୀବନ ବିତାଉଛନ୍ତି। ଅଞ୍ଚଳବାସୀ ସେତୁ ନିର୍ମାଣ ନିମନ୍ତେ ବାରମ୍ବାର ସରକାରଙ୍କ ନିକଟରେ ଗୁହାରି କରିବା ପରେ ୨୦୧୬ ନଭେମ୍ବର ୮ରେ କେରଡ଼ାଗଡ଼ଠାରୁ ଏକମାଣିଆ ପର୍ଯ୍ୟନ୍ତ ଏକ ସେତୁ ନିର୍ମାଣ କରିବାକୁ ଭିତ୍ତିପ୍ରସ୍ତର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ଥାପନ କରିଥିଲେ। ଇତିମଧ୍ୟରେ ଭିତ୍ତିପ୍ରସ୍ତର ସ୍ଥାପନକୁ ୫ ବର୍ଷ ପୂରି ଗଲାଣି। କିନ୍ତୁ ସେତୁ ପାଇଁ ବାଲି ମୁଠାଏ ବି ପଡ଼ିନାହିଁ। ଫଳରେ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଉଛି।

୨୦୧୭ରେ ରାଜ୍ୟ ସରକାର ଏକମାଣିଆକୁ ନୂତନ ପଞ୍ଚାୟତର ମାନ୍ୟତା ଦେଇଥିଲେ। ନୂତନ ପଞ୍ଚାୟତ ମାନ୍ୟତା ଦେଇଥିଲେ ସତ, କିନ୍ତୁ ବିକାଶମୂଳକ କାର୍ଯ୍ୟ ପ୍ରତି ଦୃଷ୍ଟି ଦେଇନାହାନ୍ତି। ଏକମାଣିଆ, ନଳପାହି ଓ ଦକ୍ଷିଣଡିହା ଆଦି ୩ ଗ୍ରାମକୁ ନେଇ ଗଠିତ ପଞ୍ଚାୟତରେ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରିଥାନ୍ତି। କିନ୍ତୁ ସେମାନଙ୍କ ଦୁଃଖ କହିଲେ ନ ସରେ। ସେମାନେ ଆଜି ପର୍ଯ୍ୟନ୍ତ ନିଜର ମୌଳିକ ଅଧିକାର ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ଅଞ୍ଚଳର ଲୋକମାନେ ଘରୁ ଗୋଡ଼ କାଢ଼ି ବାହାରକୁ ଯିବାକୁ ଚାହିଁଲେ ଡଙ୍ଗାର ଆବଶ୍ୟକତା ପଡ଼ିଥାଏ। ରୋଗୀଙ୍କୁ ଚିକିତ୍ସା ନିମନ୍ତେ ଭରା ନଦୀରେ ଡଙ୍ଗି ସାହାଯ୍ୟରେ ଡାକ୍ତରଖାନା ନେବାକୁ ପଡିଥାଏ। ପଞ୍ଚାୟତର ଗୋଟିଏ ପାର୍ଶ୍ୱରେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅନ୍ୟ ପାର୍ଶ୍ୱରେ ରାଜନଗର ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। କିନ୍ତୁ ଏଠାକୁ ଆମ୍ବୁଲାନ୍ସ ସେବା ସ୍ୱପ୍ନ ପାଲଟିଛି। ଏପରି କି ଅଗ୍ନିକାଣ୍ଡ ଘଟିଲେ ଦମକଳ ଗାଡି ମଧ୍ୟ ଯିବା ଅସମ୍ଭବ। ଏହି ସେତୁ ନିର୍ମାଣ କରାଗଲେ ପଞ୍ଚାୟତବାସୀ ଉପକୃତ ହୋଇପାରିବେ ବୋଲି ଏକମାଣିଆ ସରପଞ୍ଚ ଗୀତାଞ୍ଜଳି ମଲିକ, ଅନନ୍ତ କରଣ, ବିଚିତ୍ର କରଣ ପ୍ରମୁଖ କହିଛନ୍ତି।



ଏକମାଣିଆର ଲୋକେ ଡଙ୍ଗାରେ ନଦୀ ପାର ହେଉଛନ୍ତି।

## ୧୦ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର

**ପଟ୍ଟାମୁଣ୍ଡାଇ, ୭।୧୧(ସ୍ୱ.ପ୍ର.)**

**କଙ୍ଗାରୁ କୋର୍ଟରେ ବାପ-ପୁଅଙ୍କୁ ମାଡ ମରାଯିବା ଘଟଣା**

ପଟ୍ଟାମୁଣ୍ଡାଇ ଥାନା ସାହୁପଡା ପେଟ୍ରୋଲ ପମ୍ପରୁ ୧ ଲକ୍ଷ ୯୭ ହଜାର ଟଙ୍କା ଚୋରି ଅଭିଯୋଗରେ କର୍ମଚାରୀ ସ୍ମୃତିରଞ୍ଜନ ନାଥ ଓ ତାଙ୍କ ବାପା ଗଙ୍ଗାଧରଙ୍କୁ କଙ୍ଗାରୁ କୋର୍ଟରେ ଦଣ୍ଡିତ କରାଯାଇ ମାଡ ମରା ଯାଇଥିଲା। ଏହି ଘଟଣାରେ ୧୦ ଜଣ ଅଭିଯୁକ୍ତଙ୍କୁ ପୋଲିସ ବିଭିନ୍ନ ଦଫାରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାରେ ମୋଟ ୧୭ ଜଣଙ୍କ ନାମରେ ଥାନାରେ ନଂ.୬୧୮/୨୧ରେ ମାମଲା ରୁଜୁ ହୋଇଥିବାବେଳେ ପୋଲିସ ୧୦ ଜଣଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ପଟ୍ଟାମୁଣ୍ଡାଇ କୋର୍ଟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସେମାନଙ୍କ ଜାମିନ ନାମଞ୍ଜୁର କରିବାରୁ ସେମାନଙ୍କୁ କେନ୍ଦ୍ରାପଡ଼ା ବାରିମୂଳ ସବ୍‌ଜେଲକୁ ପଠାଇ ଦିଆଯାଇଛି। ସେମାନଙ୍କ ଜାମିନ ଆବେଦନର ଶୁଣାଣି ଅତିରିକ୍ତ ଦୌରାଜଜ୍‌ଙ୍କ କୋର୍ଟରେ ୫ ଓ ୬ ତାରିଖ ଦୁଇଦିନ ଧରି ଚାଲିଥିଲା। ଘଟଣା ଅତ୍ୟନ୍ତ ସ୍ପର୍ଶକାତର ହୋଇଥିବାରୁ ଅଭିଯୁକ୍ତମାନଙ୍କ ଜାମିନ ମଞ୍ଜୁର ନ କରିବାକୁ ସରକାରୀ ଓକିଲ ଭିମସେନ ପ୍ରଧାନ ଓ ରବୀନ୍ଦ୍ର କୁମାର ଦାଶ ଯୁକ୍ତି ଉପସ୍ଥାପନ କରିଥିଲେ। ଜଜ୍ ଗୋପବନ୍ଧୁ ଗଡନାୟକ ସରକାରୀ ଓକିଲଙ୍କ ଯୁକ୍ତିକୁ ଗ୍ରହଣ କରି ସମସ୍ତ ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର କରି ଦେଇଥିଲେ। ଫଳରେ ତଳ କୋର୍ଟରୁ ଅଭିଯୁକ୍ତମାନଙ୍କ ଜାମିନ ପାଇବାର ଆଶା ମଉଳି ଯାଇଛି। ଉଲ୍ଲେଖଯୋଗ୍ୟ, ଏହି ମାମଲାରେ ପଟ୍ଟାମୁଣ୍ଡାଇ ପୋଲିସ ବଡମୋହନପୁର ସରପଞ୍ଚ ରବୀନ୍ଦ୍ର ବେହେରା, ବିଜୟନଗର ସରପଞ୍ଚ ସୋମନାଥ ତ୍ରିପାଠୀ, ବଳିପାଳ ସରପଞ୍ଚ ପଞ୍ଚାନନ ସ୍ୱାଇଁ, ବଳିପାଳ ସମିତିସଭ୍ୟାଙ୍କ ସ୍ୱାମୀ ତାପସ ପ୍ରଧାନ, ବିଜୟନଗର ଗାଁର ସୁଜିତ ବିଶ୍ୱାଳ, ରାମଚନ୍ଦ୍ର ନାଥ, ପେଟ୍ରୋଲ ପମ୍ପ ମାଲିକ ଅଶୋକ ପତିଙ୍କ ୨ ପୁଅ ଅରୁଣ ଓ ଅନିରୁଦ୍ଧ, ରୁଦ୍ରପ୍ରକାଶ ସାମଲ ଓରଫ ବାବନ ଓ ରଞ୍ଜନ ହାଲଦାର ଓରଫ କୁନୁଙ୍କୁ ପୋଲିସ ଗିରଫ କରିଥିଲା।

## ଟିକାକରଣ କେନ୍ଦ୍ରରେ ସିଧାସଳଖ ଟିକା ଦିଆଯିବ

**ଜଗତ୍‌ସିଂହପୁର ଅଫିସ, ୭।୧୧**

ଜଗତ୍‌ସିଂହପୁର ଜିଲାର ୧୮ ବର୍ଷରୁ ଊର୍ଦ୍ଧ୍ୱ ପ୍ରତ୍ୟେକ ବ୍ୟକ୍ତି କୋଭିଡ୍ ଟିକାକରଣ କେନ୍ଦ୍ରରେ ସିଧାସଳଖ ପ୍ରଥମ ଏବଂ ଦ୍ୱିତୀୟ ଡୋଜ ଟିକା ନେଇ ପାରିବେ। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି। ୭୦ ପ୍ରତିଶତ ଟିକା ସିଧାସଳଖ ଓ ୩୦ ପ୍ରତିଶତ ବୁକିଂ ମାଧ୍ୟମରେ ଦିଆଯିବାର ସୁବିଧା କରାଯାଇଛି। ଯଦି କେହି ଦ୍ୱିତୀୟ ଡୋଜ ଟିକା ନେଇ ପାରୁନାହାନ୍ତି ସେମାନେ ତାଙ୍କର କୌଣସି ପରିଚୟପତ୍ର ଦେଖାଇ ଏହି ସୁବିଧା ନେଇ ପାରିବେ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଜିଲା ପ୍ରଶାସନ ପକ୍ଷରୁ ଟିକାକରଣ କାର୍ଯ୍ୟକ୍ରମର ତଦାରଖ କରାଯାଉଛି। ଏ ନେଇ ବିଭିନ୍ନ ମାଧ୍ୟମରେ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଛି। ଏହାଛଡ଼ା ଗର୍ଭବତୀମାନଙ୍କୁ ଟିକା ନେବାକୁ ଅନୁରୋଧ କରାଯାଇଛି।

## ଖଡ଼ିଅଣ୍ଟା ପଞ୍ଚାୟତରେ ଅର୍ଥ ବାଟମାରଣା ଅଭିଯୋଗ

**ପଟ୍ଟାମୁଣ୍ଡାଇ, ୭।୧୧(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ଖଡିଅଣ୍ଟା ପଞ୍ଚାୟତରେ ସରକାରୀ ଅନୁଦାନ ଅର୍ଥ ବ୍ୟାପକ ଭାବେ ବାଟମାରଣା ହେବା ସହ ଉନ୍ନୟନ କାମରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମ୍ୟ ପୁଷ୍କରିଣୀ ପଥର ପ୍ୟାକିଂ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ, ଲାଇବ୍ରେରୀ ଗୃହ ନିର୍ମାଣ, ଖେଳ ପଡିଆ ଉନ୍ନତୀକରଣ, ରାସ୍ତାଘାଟ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଚତୁର୍ଥ ଅର୍ଥ କମିଶନ ଅନୁଦାନରେ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକେ ପଟ୍ଟାମୁଣ୍ଡାଇ ବିଡିଓଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳିନାହିଁ। କିଛି ପ୍ରକଳ୍ପର କାର୍ଯ୍ୟ ଅଧାପନ୍ତରିଆ ଓ ନିମ୍ନମାନର ହୋଇଥିବା ବେଳେ ବିଲ୍ କରି ଅର୍ଥ ଉଠା ସରିଥିବା ନେଇ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଗ୍ରାମବାସୀ ବ୍ଲକ ଘେରାଉ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଗ୍ରାମବାସୀ ବେଲାଳସେନ ପରିଡା, ନରହରି ଦାସ, ଅକ୍ଷୟ କୁମାର ଭଳ, ଚତୁର୍ଭୁଜ ଦାସ, ଭାଗୀରଥି ଦାସ, ଉମାକାନ୍ତ ବାରିକ, ହରେକୃଷ୍ଣ ନାୟକ, ବିଜୟ ନାୟକ, ପୂର୍ଣ୍ଣଚନ୍ଦ୍ର ମଲିକ, ରମେଶ ଚନ୍ଦ୍ର ବିଶ୍ୱାଳ, ମଞ୍ଜୁଲତା ଦାସ, ଶୁକଦେବ ବାରିକ, ବିଶ୍ୱଜିତ ଜେନା, ଗୌରାଙ୍ଗ ଚରଣ ରାଉତ ପ୍ରମୁଖ ପଟ୍ଟାମୁଣ୍ଡାଇ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଭରତ ପରିଡା କୁହନ୍ତି, ପଞ୍ଚାୟତର ଲୋକେ ଯେଉଁ ଅଭିଯୋଗ କରିଛନ୍ତି, ତାହାର ତଦନ୍ତ କରିବାକୁ ସହକାରୀ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଯଦି କିଛି ଦୁର୍ନୀତି ହୋଇଥିବାର ପ୍ରମାଣ ମିଳିବ ତାହା ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଅତାମଳାରେ ଶ୍ୟାମାକାଳୀ ପୂଜା

**ଜଗତ୍‌ସିଂହପୁର ଅଫିସ, ୭।୧୧**

ଜଗତ୍‌ସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ଅତାମଳା ଛକରେ ପ୍ରଥମ ଥର ପାଇଁ ମା'ଶ୍ୟାମାକାଳୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଅତାମଳା-ଯଶୋବନ୍ତପୁର କାଳି ପୂଜା କମିଟି ପକ୍ଷରୁ ଆୟୋଜିତ ପୂଜାରେ କର୍ତ୍ତା ଓ କର୍ତ୍ତ୍ରୀ ଭାବେ ଅଜୟ ପ୍ରଧାନ ଓ ସରସ୍ୱତୀ ଯୋଗ ଦେଇଥିଲେ। କମିଟି ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରମୋଦ ମହାପାତ୍ର, ପ୍ରଶାନ୍ତ କୁମାର ମାଝି, ରଞ୍ଜନ ପ୍ରଧାନ,



ଭଗବାନ ଭୋଇ, ବିନୋଦ ବେହେରା, ଶୁଭ୍ରଜିତ ମହାନ୍ତି, ସନ୍ଦୀପ କୁମାର ପ୍ରଧାନ ପ୍ରମୁଖ ପୂଜାରେ ସହଯୋଗ କରିଥିଲେ।

## ମହୁଲିଆରେ ବିଜେଡିର ମିଶ୍ରଣ ପର୍ବ

**ରାଜନଗର, ୭।୧୧(ଡି.ଏନ.ଏ.)**

ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତର ରାଜଗଡଠାରେ ରବିବାର ବିଜେଡିର ମିଶ୍ରଣ ପର୍ବ ହୋଇଥିଲା। ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମିଶ୍ରଣ ପର୍ବ ହୋଇଥିଲା। ଗତ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ଆଦିତ୍ୟବାଳା ପରିଡ଼ାଙ୍କ ସହ ଦଧିବାମନ ଭୂୟାଁ, ବେଣୁଧର ସାହୁ, ସନ୍ତୋଷ ସାହୁ, ଧରଣୀଧର ରାଉତ, ହଳଧର ରାଉତ, ନୃସିଂହ ଚରଣ ପାତ୍ର, ମହେଶ୍ୱର ଭୂୟାଁ, ଯାମିନୀକାନ୍ତ ଭୂୟାଁ, ଉଦୟନାଥ ରାଉତ, ରମାକାନ୍ତ ରାଉତ, ଚଞ୍ଚଳା ଜେନା, ବାଇଧର ଜେନା, ବ୍ରହ୍ମାନନ୍ଦ ଶତପଥୀ, ମାଳତି ଶତପଥୀ, ସୁଚିତ୍ରା ବେହେରା ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ପରିବାରର କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ରାଜନଗର ବିଧାୟକ ଧ୍ରୁବ ସାହୁ ଏହି ମିଶ୍ରଣ ପର୍ବରେ ଉପସ୍ଥିତ ରହି ଦଳରେ ଯୋଗ ଦେଇଥିବା ନୂତନ କର୍ମୀମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ। ମିଶ୍ରଣ ପର୍ବରେ ମହୁଲିଆ ପଞ୍ଚାୟତର ସରପଞ୍ଚ ମଞ୍ଜୁଳା ଦାସ, ସମିତିସଭ୍ୟା ଅପର୍ଣ୍ଣା ଦେବୀ, ବିଜେଡି ନେତା ଗଙ୍ଗାଧର ଦାସ, ଆଦିକନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ପେଣ୍ଠ ଇକୋ ରିଟ୍ରିଟ ସ୍ଥଳର ଅନୁଧ୍ୟାନ କଲେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ

**ରାଜନଗର, ୭।୧୧(ଡି.ଏନ.ଏ.)**

ଭିତରକନିକାକୁ କିପରି ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆସିବେ ସେ ନେଇ ରାଜ୍ୟ ସରକାର ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି। ୨୦୨୦ରେ ପ୍ରଥମଥର ପାଇଁ ନଳିତାପାଟିଆଠାରେ ଇକୋ ରିଟ୍ରିଟ ହୋଇଥିଲା। ଚଳିତ ବର୍ଷ ପେଣ୍ଠ ବେଳାଭୂମିରେ ଇକୋ ରିଟ୍ରିଟ ଅନୁଷ୍ଠିତ ହେବ। ରବିବାର ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର, କେନ୍ଦ୍ରାପଡ଼ା ଜିଲାପାଳ ଅମ୍ରିତ ଋତୁରାଜ, ରାଜନଗର ଡିଏଫ୍‌ଓ ଯଜ୍ଞଦତ୍ତ ପତି, ଏସିଏଫ୍ ବିରଞ୍ଚି ନାରାୟଣ ସାମଲ, ଉପଜିଲାପାଳ ନିରଞ୍ଜନ ବେହେରା, ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଅମିୟ ରଞ୍ଜନ ସିହ୍ନା, ତଟବନ୍ଧ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ. ସରୋଜକାନ୍ତ ମିଶ୍ର, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର ଭୋଳାନାଥ ସେଠୀ, ଆଇଆଇସି ତପନ କୁମାର ନାୟକଙ୍କ ସହ ଅନ୍ୟ ବିଭାଗର ଅଧିକାରୀ ଇକୋ ରିଟ୍ରିଟ୍ ସ୍ଥଳର ଅନୁଧ୍ୟାନ କରିଥିଲେ। ଦୋବନ୍ଧିଠାରୁ ପେଣ୍ଠ ମଧ୍ୟରେ ପ୍ରାୟ ୧୮ଶହ ମିଟର ଅଞ୍ଚଳରେ ଇକୋ ରିଟ୍ରିଟ ହେବ। ବିଦ୍ୟୁତ୍ ବିଭାଗ ପକ୍ଷରୁ ଟ୍ରାନ୍ସଫର୍ମର ବସାଯିବ। ବାତ୍ୟା ଆଶ୍ରୟସ୍ଥଳୀଠାରୁ ଇକୋ ରିଟ୍ରିଟ ସ୍ଥଳ ଯାଏ ଷ୍ଟ୍ରିଟ ଲାଇଟ ଲାଗିବ। ସ୍ଥଳ ପାଖରୁ ସମୁଦ୍ର କୂଳ ଯାଏ ରାସ୍ତା ଚଉଡା ହେବ। ଲୁଣା ଘେରିବନ୍ଧରୁ ବେଳାଭୂମିକୁ ଖସିବା ଏବଂ ଇକୋ ରିଟ୍ରିଟ ସ୍ଥଳ ଯାଏ ପୂର୍ତ୍ତ ବିଭାଗ ପକ୍ଷରୁ ଅସ୍ଥାୟୀ ରାସ୍ତା କରାଯିବ। ଗାଡି ପାର୍କିଂର ବ୍ୟବସ୍ଥା ରହିବ। ଆସନ୍ତା ସପ୍ତାହକ ମଧ୍ୟରେ ସମ୍ପୂର୍ଣ୍ଣ ରୂପରେଖ ସ୍ପଷ୍ଟ ହେବ ବୋଲି ସୂଚନା ଦିଆଯାଇଛି।



ଇକୋ ରିଟ୍ରିଟ ହେବାକୁ ଥିବା ସ୍ଥାନକୁ ପ୍ରଶାସନିକ ଅଧିକାରୀମାନେ ଅନୁଧ୍ୟାନ କରୁଛନ୍ତି।

## ବାଦୁଡ଼ିଙ୍କ କୋଳାହଳରେ ଗାଁ ସହରପୁର

**ଡେରାବିଶ, ୭।୧୧(ସ୍ୱ.ପ୍ର.)**

ବାଦୁଡ଼ିର ଖରାପ ଗନ୍ଧ ପାଇଁ ସମାଜରେ କେତେଜଣ ବ୍ୟକ୍ତି ଘୃଣା କରିଥାନ୍ତି। ସାଧାରଣତଃ ଅନେକ ଚଳଚ୍ଚିତ୍ରରେ ବାଦୁଡ଼ିକୁ ଏକ ଭୟଭୀତ ପକ୍ଷୀ ଭାବେ ଚିତ୍ରିତ କରାଯାଇଥାଏ। ଏଥିସହ ମୂଷା ବାଦୁଡ଼ିଙ୍କର ପ୍ରଧାନ ଖାଦ୍ୟ ହୋଇଥିବାରୁ ସମାଜରେ ବି ରୋଗ ସଂକ୍ରମଣ କରିଥାନ୍ତି ବୋଲି କୁହାଯାଏ। ମାତ୍ର କେନ୍ଦ୍ରାପଡ଼ା ବ୍ଲକ ଚକ୍ରୋଡ଼ା ପଞ୍ଚାୟତ ସହରପୁର ଗାଁରେ ବାଦୁଡ଼ିମାନଙ୍କ ବାସସ୍ଥଳୀ ପାଲଟିଛି କେତେଗୋଟି ଚାକୁଣ୍ଡା ଗଛ। ଦିନରେ ବାଦୁଡିଙ୍କ କୋଳାହଳ ଗାଁରେ ଏକ ନିଆରା ପରିବେଶ ସୃଷ୍ଟି କରିଥାଏ।

୧୯୯୯ ମହାବାତ୍ୟାଠାରୁ ଇତିମଧ୍ୟରେ ବହୁ ବାତ୍ୟା ଉପକୂଳ ଅଞ୍ଚଳକୁ ଧ୍ୱସ୍ତବିଧ୍ୱସ୍ତ କରିଛି। ହେଲେ ବାଦୁଡ଼ିମାନେ ରହିଥିବା ଗଛ କିନ୍ତୁ ସୁରକ୍ଷିତ ରହିଛି। ସହରପୁର ଗାଁର ବଙ୍ଗାଳି ଚରଣ ରାଉତଙ୍କ ବାଡ଼ିରେ ଥିବା ଏହି ଚାକୁଣ୍ଡା ଗଛଗୁଡ଼ିକ ବାଦୁଡ଼ିଙ୍କ ବାସସ୍ଥଳୀ ପାଲଟିଛି। ଗଛରୁ ଡାଳଟିଏ ବି କେବେ ବଙ୍ଗାଳି ଭାଙ୍ଗନ୍ତି ନାହିଁ ବୋଲି କହିଛନ୍ତି। ସନ୍ଧ୍ୟା ହେଲେ ବାଦୁଡ଼ିମାନେ ଗଛରୁ ଅନ୍ୟ ଆଡ଼କୁ ଖାଦ୍ୟ ସଂଗ୍ରହ ପାଇଁ ଯାଇଥାନ୍ତି। ପରଦିନ ସକାଳେ ନିଜ ବାସସ୍ଥଳୀକୁ ଫେରିଆସନ୍ତି। ଖରାଦିନରେ ବାଦୁଡ଼ିମାନଙ୍କ ପାଣି ଓ ଖାଦ୍ୟ ଅଭାବରୁ କେତେକ ବାଦୁଡ଼ିଙ୍କ ମୃତ୍ୟୁ ଘଟିଥାଏ। ତେବେ ଗଛକୁ ପାଣି ସିଞ୍ଚନ କରାଯିବା ସହ ଗଛ ଡାଳରେ ପ୍ଲାଷ୍ଟିକ ଜରି ଭିତରେ ଗାଁର କେତେଜଣ ଯୁବକ ପାଣି ଯୋଗାଇ ଥାଆନ୍ତି ବୋଲି ବଙ୍ଗାଳି କହିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳର ପରିବେଶବିତ୍ ବାନାମ୍ବର ସାହୁଙ୍କ ମତରେ ପରିବେଶକୁ ଅଧିକ ସୁରକ୍ଷା ଦେଉଥିବା ପକ୍ଷୀ ବାଦୁଡ଼ିକୁ ଆମ୍ଭେମାନେ ଅନାଦର କରିଚାଲିଛୁ। ଫସଲକୁ ନଷ୍ଟ କରୁଥିବା ବିଭିନ୍ନ ପ୍ରଜାତିର କୀଟକୁ ବାଦୁଡ଼ିମାନେ ଖାଦ୍ୟ ଭାବେ ଗ୍ରହଣ କରୁଥିବାରୁ ରୋଗ ପୋକ ଦାଉରୁ ସୁରକ୍ଷା ମିଳିଥାଏ। ଏହାଦ୍ୱାରା ଚାଷୀମାନେ ଫସଲହାନିରୁ ବର୍ତ୍ତୀ ଯାଇଥାନ୍ତି। ଅବକ୍ଷୟ ହେଉଥିବା ଜଙ୍ଗଲକୁ ବାଦୁଡ଼ିମାନେ ଅଧିକ ସୁରକ୍ଷିତ ରଖିଥାନ୍ତି ବୋଲି ସାହୁ କହିଛନ୍ତି। ସହରପୁର ଗାଁର ରମେଶ ଚନ୍ଦ୍ର ଲେଙ୍କା କୁହନ୍ତି, ବାଦୁଡ଼ିଙ୍କ ପାଇଁ ଗାଁର କୃଷି ଓ ପରିବେଶ ସମୃଦ୍ଧି ରହିଛି। ବାଦୁଡ଼ିମାନେ କିପରି ଅଧିକ ସୁରକ୍ଷିତ ରହିବେ ସେଥିପାଇଁ କେନ୍ଦ୍ରାପଡ଼ା ବନ ବିଭାଗ ଅଧିକାରୀଙ୍କୁ ବିଭିନ୍ନ ସମୟରେ ଗ୍ରାମବାସୀ ଅବଗତ କରାଇଥାନ୍ତି। ଏ ବିଷୟରେ କେନ୍ଦ୍ରାପଡ଼ା ବନ ବିଭାଗ ରେଞ୍ଜର ଗୋବିନ୍ଦ ଚନ୍ଦ୍ର ରଥଙ୍କୁ ପଚାରିବାରେ ଏହି ବାଦୁଡ଼ିଙ୍କ ସୁରକ୍ଷା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



ସହରପୁର ଗାଁରେ ଚାକୁଣ୍ଡା ଗଛରେ ବାଦୁଡ଼ି ବସା।

## କବିତା ଆସର, ସାହିତ୍ୟ ସମାଜ ଗଠନ

**ବିରିଡି,୭।୧୧(ଡି.ଏନ୍.ଏ.)**

ବିରିଡି ବ୍ଲକ ହାଜିପୁର ପଞ୍ଚାୟତ ପ୍ରଜ୍ଞାବିହାରରେ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ପ୍ରାବନ୍ଧିକ ଡ. ଶ୍ରୀଚରଣ ଦାସଙ୍କ ସଭାପତିତ୍ୱରେ ବାମଦେବ ସ୍ୱାଇଁ, ତୋଫାନ ଜେନା, ପୀତାମ୍ବର ମହାପାତ୍ର, ପ୍ରିୟତମା ସାହୁ, ପ୍ରଶାନ୍ତ ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସର୍ବସମ୍ମତି କ୍ରମେ ଜଗତ୍‌ସିଂହପୁର ସାହିତ୍ୟ ସମାଜ ଗଠନ କରାଯାଇଥିଲା। ଏହାର ପରିଚାଳନା କମିଟିରେ ଶ୍ରୀଚରଣ ମୁଖ୍ୟ ପରାମର୍ଶଦାତା, ବାମଦେବ ସଭାପତି, ଅରୁଣ ଦାସ ଓ ପୀତାମ୍ବର ଉପସଭାପତି, ଡ. ତୋଫାନ ସମ୍ପାଦକ, ପ୍ରିୟତମା ଯୁଗ୍ମ ସମ୍ପାଦିକା, ଶ୍ୟାମସୁନ୍ଦର ପାଇକରାୟ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୮ ନଭେମ୍ବର, ୨୦୨୧

**ସିଂହପୁରରେ ଶ୍ୟାମାକାଳୀ ପୂଜା**

ସିଂହପୁର,(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ବ୍ୟବସାୟୀ ସଂଘ ପକ୍ଷରୁ ମା'ଶ୍ୟାମାକାଳୀଙ୍କ ପୂଜା ପାଳିତ ହେଉଛି। ୬୫ ବର୍ଷ ହେଲା ବ୍ୟବସାୟୀମାନେ ପୂଜା ପାଳନ କରି ଆସୁଛନ୍ତି। ତେବେ ଚଳିତ ବର୍ଷ କରୋନା କଟକଣା ଯୋଗୁ ନିରାଡ଼ମ୍ବର ଭାବେ ପୂଜା ପାଳନ କରାଯାଉଛି। ଶାନ୍ତି ଶୃଙ୍ଖଳା ସହିତ ପୂଜା ସମ୍ପନ୍ନ କରିବାକୁ ବ୍ୟବସାୟ ସଂଘ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ସୋମବାର ମା'ଙ୍କ ଭସାଣି ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।



# ନିର୍ବାଚନ ଖର୍ଚ୍ଚ ଉଠାଇବାକୁ ସଜବାଜ

ଯାଜପୁର ଅଫିସ,୭।୧୧

ଆମ ପାର୍ଟିର ପଇସା, ଆମେ କାମ କରିବୁ। ନଚେତ ଆଗାମୀ ପଞ୍ଚାୟତ ନିର୍ବାଚନ ଖର୍ଚ୍ଚ କେଉଁଠୁ ଆଣିବୁ। ଏଭଳି ଲୋକଙ୍କୁ ଭୁଆଁ ବୁଲାଇ ଏବଂ ଯନ୍ତ୍ରୀଙ୍କ ଉପରେ ରାଜନୈତିକ ଚାପର ଭୟ ଦେଖାଇ କେତେଜଣ ନେତା ଆରଡ଼ି (ଗ୍ରାମ୍ୟ ଉନ୍ନୟନ)ଅନୁଦାନ ଟଙ୍କାକୁ ହରିଲୁଟ୍ ଉଦ୍ୟମ କରୁଛନ୍ତି। ସେମାନଙ୍କ ଏଭଳି ଅସାଧୁ ମନୋବୃତ୍ତି ଏବଂ ସରକାରୀ କଳର ଉଦାସୀନତା ଯୋଗୁ ବାସ୍ତବରେ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତା ଓ ବ୍ରିଜ ମରାମତି ଯୋଜନାରୁ ବାଦପଡୁଛି। ଏହାବଦଳରେ ଭଲ ରାସ୍ତାଗୁଡ଼ିକୁ ପ୍ରକଳ୍ପ ଭାବେ ସ୍ଥାନିତ କରାଯାଇ ଅନୁଦାନ ମଞ୍ଜୁର ହୋଇଛି। କ୍ଷତିଗ୍ରସ୍ତ ରାସ୍ତା ଓ ବ୍ରିଜ ମରାମତି କଲେ ଲାଭ କମ୍ ମିଳିବ ଏବଂ ପିସି ଭାଗବଣ୍ଟାବେଳେ ଅସୁବିଧା ହେବ। କିନ୍ତୁ ଭଲ ବ୍ରିଜ ଓ ରାସ୍ତାକୁ ପ୍ରକଳ୍ପ ଭାବେ ସ୍ଥାନିତ କଲେ ଲାଭ ବେଶି ସୁହାଇବ ଏବଂ ପିସି ନେଣଦେଣ ବି ଠିକ୍ ଛିଣ୍ଡିବ। କେତେଜଣ ଅସାଧୁ ନେତାଙ୍କ ଇଙ୍ଗିତରେ ସରକାରୀ କର୍ମଚାରୀ ଓ ଯନ୍ତ୍ରୀ ଏଭଳି ଯୋଜନା କରିଥିବା ଅଭିଯୋଗ ହେଉଛି। ପୁଣି ଯେଉଁ ପ୍ରକଳ୍ପ ସବୁ ଚାଲିଛି, ତନ୍ମଧ୍ୟରୁ ଅନେକ ପ୍ରକଳ୍ପରେ ଆବଶ୍ୟକ ମୁତାବକ ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇ ନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।


ଖଣ୍ଡିଆବନ୍ଧ-ମଧୁସୂଦନପୁର ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି।

ଯାଜପୁର ଜିଲାର ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନ-୨ ଅନ୍ତର୍ଗତ ୨୦୨୧-୨୨ ବର୍ଷରେ ୧୪ଟି ବ୍ରିଜ୍‌ର ସାମାନ୍ୟ ମରାମତି ଓ ରଙ୍ଗ ଲେପ ପାଇଁ ୯୬ ଲକ୍ଷ ୩୦ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏଥିରେ ବଡ଼ଚଣା ବ୍ଲକର ୯ଟି ଏବଂ ଧର୍ମଶାଳା ବ୍ଲକର ୫ଟି ବ୍ରିଜ୍ ରହିଛି। ବ୍ରିଜ୍ ପ୍ରକଳ୍ପଗୁଡ଼ିକୁ ଦେଖିଲେ ସାନଗେଙ୍ଗୁଟି ନଦୀର ଏନ୍‌ଏଚ୍-୫ରୁ ସକୁନ୍ତଳାପୁର ପାଇଁ ୪.୫୦ ଲକ୍ଷ, ଏନ୍‌ଏଚ୍-୫ରୁ ସୁଙ୍ଗୁଡ଼ା ଲାଗି ୧ ଲକ୍ଷ ଟଙ୍କା, ଆର୍ ଆଣ୍ଡ ବି ରୋଡ୍‌ଠାରୁ ବୁଢ଼ାକେନ୍ଦୁଅ ଛକ ନିମନ୍ତେ ୨.୫୦ ଲକ୍ଷ, ସାନଗେଙ୍ଗୁଟି ନଦୀର ସୁକଦେଇପୁରଠାରୁ ଡିହକରଣ୍ଡା ଲାଗି ୩ ଲକ୍ଷ, ଗମ୍ଭାରିଆ ନାଳା ଉପରେ ଏନ୍‌ଏଚ୍ ୨୦୦ରୁ ମହୁଲଖୋଲି ପାଇଁ ୧୦ ଲକ୍ଷ, କେଲୁଅ ନଦୀର କଦମପାଳଠାରୁ ଉଦୟପୁର ନିମନ୍ତେ ୮ ଲକ୍ଷ, ବଡ଼ଗେଙ୍ଗୁଟି ନଦୀର ନୂଆହାଟଠାରୁ ଖଡ଼ିଅଙ୍ଗା ଲାଗି ୧୮ ଲକ୍ଷ, ଗୋହିରାଟିକିରା ନାଳା ଉପରେ କବାଟବନ୍ଧଠାରୁ ରଖିଦେଇପୁର ପାଇଁ ୨୦ ଲକ୍ଷ, କାଇଁବିଲା ନାଳାର କଣ୍ଟିଗଡ଼ିଆଠାରୁ ସିଦ୍ଧିପୁର ନିମନ୍ତେ ୧୧ ଲକ୍ଷ, ବଡଗେଙ୍ଗୁଟି ନଦୀର ଉଦୟଗିରି-ମଝିପଡ଼ା ଲାଗି ୧୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରହିଛି। ସେହିପରି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ମରାମତିପାଇଁ ୬୬ ଲକ୍ଷ ଟଙ୍କା ବ୍ୟୟଅଟକଳ ରହିଛି। ଏଥିରେ ଏନ୍‌ଏଚ୍-୨୦୦ଠାରୁ ଗୋଡ଼ିପଟିଆ ରାସ୍ତା ପାଇଁ ୩୬ ଲକ୍ଷ ଓ ଉଦୟଗିରି-ମଝିପଡ଼ା ରାସ୍ତା ପାଇଁ ୩୦ ଲକ୍ଷ ଟଙ୍କା ଅଟକଳ ହୋଇଛି।

ଅନ୍ୟପକ୍ଷେ ଗ୍ରାମାଞ୍ଚଳ ସଂଯୋଗୀକରଣ ପାଇଁ ଏନ୍‌ଏଚ୍-୫୩ରୁ ବେଣାପୁର-ଏନ୍‌ଏଚ୍ ୧୬ ଭାୟା ଅରେଇକଣା, ଭଗବାନପୁର, ବ୍ରହ୍ମବରଦା ନଦୀବନ୍ଧ ରାସ୍ତା ଆଦି ୪୬ କିମି ବିଶିଷ୍ଟ ଏକ ନୂତନ ରାସ୍ତା ନିର୍ମାଣ କରିବାକୁ ୮୨.୮୦ ଲକ୍ଷ ଟଙ୍କାର ଯୋଜନା ରହିଛି। ହେଲେ ଜେନାପୁର ନିକଟସ୍ଥ ଖଣ୍ଡିଆବନ୍ଧ-ମଧୁସୂଦନପୁର ରାସ୍ତା ଅତି ବିପର୍ଯ୍ୟସ୍ତ ହୋଇଥିଲେ ହେଁ ମରାମତି ତାଲିକାରେ ଏଯାଏ ସାମିଲ କରାଯାଇ ନାହିଁ। ତେଣୁ ଆଗାମୀଦିନରେ ଅଞ୍ଚଳବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ବର୍ତ୍ତମାନ ୧୩ଟି ରାସ୍ତା ନିର୍ମାଣାଧୀନ ରହିଛି। ଏଥିରେ ଯାଜପୁର ଡିଭିଜନ-୧ ଅଧୀନରେ ୨୧୧୨ ଲକ୍ଷ ଟଙ୍କା ଏବଂ ଜାରକା ଡିଭିଜନ-୨ରେ ୧୦୧୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏଥିରେ ଆର୍ ଆଣ୍ଡ ବି ରୋଡଠାରୁ ଦୁହିତିସାହି ଓ ଗୋଲଖପୁର ଭାୟା ଦଲକି, ମଧୁପୁର ହାଇସ୍କୁଲଠାରୁ ଶ୍ରୀରାମପୁର ଭାୟା ମାନସିଂପାଟଣା ଓ ନଳପୁର, ଏନ୍‌ଏଚ୍-୨୧୫ଠାରୁ ଗୋପୀନାଥପୁର, ନୂଆପଟଣାଠାରୁ ହମଯାଜପୁର, ପୁରୁଷୋତ୍ତମପୁରଠାରୁ ମଙ୍ଗରାଜପୁର ପ୍ରଭୃତି ନିର୍ମାଣାଧୀନ ରହିଛି। ଏହି ନିର୍ମାଣାଧୀନ ରାସ୍ତାଗୁଡିକରେ ଏଷ୍ଟିମେଟ୍‌କୁ ଉଲ୍ଲଂଘନ କରି ସମ୍ପୃକ୍ତ ଠିକାଦାର ମନମାନି ଭାବେ କାମ କରୁଥିବାରୁ ସେଗୁଡିକର ଦୀର୍ଘସ୍ଥାୟୀ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମଞ୍ଜୁର ଅନୁଦାନଠାରୁ ପ୍ରାୟ ୫୦ ପ୍ରତିଶତ ବିନିଯୋଗ କରି ବାକି ଅର୍ଥ ଚଳୁ ହେଉଥିବା ସମ୍ପୃକ୍ତ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଯାଜପୁର ଡିଭିଜନ ଅଧୀନ ମନ୍ଦାରଖଣ୍ଡଠାରୁ ବବଲପୁର, ଭଅଁରା, ଶାସନ ରାସ୍ତା ନିର୍ମାଣ ପାଇଁ ୨୭୧.୪୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ୩୦।୯।୨୦୧୯ ସୁଦ୍ଧା ଏହି ରାସ୍ତା କାର୍ଯ୍ୟ ସମ୍ପନ୍ନ କରିବାକୁ ଧାର୍ଯ୍ୟ ହୋଇଥିଲା। ହେଲେ ତାହା ଏଯାଏ ଶେଷ ହୋଇ ପାରିନାହିଁ। ଆସନ୍ତା ଡିସେମ୍ବର ୩୧ ସୁଦ୍ଧା ଶେଷ କରିବାକୁ ପୁଣି ବିଭାଗୀୟସ୍ତରରେ ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟରେ ମଧ୍ୟ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଗ୍ରାମ୍ୟ ନିର୍ମାଣ ବିଭାଗ ଯାଜପୁର ଓ ଜାରକା ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କ ମତାମତ ନେବାକୁ ଯୋଗାଯୋଗ କରାଯାଇଥିଲେ ହେଁ ସେମାନେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

## ସଂକ୍ଷେପରେ

### ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ

**ଚଣ୍ଡିଖୋଲ,୭।୧୧(ଡି.ଏନ.ଏ.):** ବାଲିଚନ୍ଦ୍ରପୁର ପୋଲିସ ପକ୍ଷରୁ ଜାତୀୟ ରାଜପଥ ୫୩ ନଂ.ର କଟିକଟା ଛକ ନିକଟରୁ ଶନିବାର ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଏଥିସହିତ ରବିବାର ଉକ୍ତ ଟ୍ରାକ୍ଟର ଡ୍ରାଇଭରଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ରୁକୁଟିପାଟ ଗ୍ରାମର ଉତ୍କଳ କେଶରୀ ଦାସ। ଉତ୍କଳ ଟ୍ରାକ୍ଟର ଯୋଗେ ବାଲି ବୋଝେଇ କରି ଆଣୁଥିବା ବେଳେ ପୋଲିସ ଅଟକାଇ କାଗଜପତ୍ର ମାଗିଥିଲା। ସେ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ମାମଲା ନଂ.୩୪୧/୨୧ରେ ଟ୍ରାକ୍ଟରକୁ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା।

### ପୋଲିସ ଏସ୍‌ଆଇ ଓ ପଡ଼ୋଶୀଙ୍କ ଘରୁ ଚୋରି

**ଧର୍ମଶାଳା,୭।୧୧(ଡି.ଏନ.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ କୁମାରୀ ପଞ୍ଚାୟତ ଜାମୁବଣିଆ ମୌଜାରୁ ଗୋଟିଏ ରାତିରେ ୨ଟି ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଶନିବାର ରାତିରେ ଜାମୁବଣିଆ ମୌଜାରେ ରହୁଥିବା ବାଦାମବାଡ଼ି ଥାନାରେ କାର୍ଯ୍ୟରତ ଏସ୍‌ଆଇ ଜଗଦୀଶ ସାହୁ ଓ ତାଙ୍କ ପଡ଼ୋଶୀ ଦ୍ୱାରିକାନାଥ ଜେନାଙ୍କ ଘର ଗ୍ରୀଲ ଭାଙ୍ଗି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା ଲୁଟି ନେଇଥିବା ଧର୍ମଶାଳା ଥାନାରେ ଅଭିଯୋଗ ହୋଇଛି। ପୋଲିସ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରିଥିଲେ ହେଁ ଲୁଟେରାଙ୍କ ଟେର ପାଇନାହିଁ। ଦ୍ୱାରିକାନାଥ ଓ ତାଙ୍କ ସ୍ତ୍ରୀ ଘରେ ନଥିବା ବେଳେ ପୁଅବୋହୂ ଶୋଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ତାଙ୍କ ପୁଅବୋହୂଙ୍କୁ ରୁମ ବାହାରୁ ଲକ କରି ଅନ୍ୟ ଏକ ରୁମର ଆଲମିରା ଭାଙ୍ଗି ସେଥିରେ ଥିବା ସୁନା କାନଫୁଲ, ଚେନ, ବାହୁଟି ସହ ନଗଦ ୧୨ ହଜାର ଟଙ୍କା ଲୁଟି ନେଇଥିଲେ। ସେହିପରି ଏସ୍‌ଆଇ ଜଗଦୀଶ ସାହୁ ଘରେ ନ ଥିବା ସୁଯୋଗ ନେଇ ଦୁର୍ବୃତ୍ତ ତାଙ୍କ ଘରୁ ମଧ ୪ ଭରି ସୁନା ଅଳଙ୍କାର ସହ ନଗଦ ୩୦ ହଜାର ଟଙ୍କା ଲୁଟି ନେଇଥିବା ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

### ରାଜ୍ୟ ମହିଳା କଂଗ୍ରେସ ଉପସଭାପତି ହେଲେ କନକ

**ବିଞ୍ଝାରପୁର,୭।୧୧(ଡି.ଏନ.ଏ.):** ରାଜ୍ୟ ମହିଳା କଂଗ୍ରେସ ପକ୍ଷରୁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏହିକ୍ରମରେ ବିଞ୍ଝାରପୁର ବ୍ଲକର ନାରୀନେତ୍ରୀ କନକଲତା ମଲ୍ଲିକଙ୍କୁ ରାଜ୍ୟ ମହିଳା କଂଗ୍ରେସର ଉପସଭାପତି ଭାବେ ମନୋନୀତ କରାଯାଇଛି। ଏହି ଘୋଷଣା ପରେ କଂଗ୍ରେସ ନେତା ଚନ୍ଦ୍ରଶେଖର ଧଳ, ବ୍ଲକ ସଭାପତି ପ୍ରଦ୍ୟୁମ୍ନ ପାତ୍ରଙ୍କ ସମେତ ବହୁ କଂଗ୍ରେସ ନେତା ନାରୀନେତ୍ରୀ ମଲ୍ଲିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟପକ୍ଷରେ ନାରୀନେତ୍ରୀ ମଲ୍ଲିକ ଏଆଇସିସି ମୁଖ୍ୟ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ଏଆଇସିସି କାର୍ଯ୍ୟକାରୀ ସଭାନେତ୍ରୀ ଡି. ସୌଲେଜା, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ଜିଲା ସଭାପତି ମନୋଜ କୁମାର ରାଉତ, ପ୍ରାକ୍ତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, ଏଆଇସିସି ସମ୍ପାଦକ ଶରତ ରାଉତଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବେ ବୋଲି କହିଛନ୍ତି।

### ଚଣ୍ଡିଖୋଲ କୋର୍ଟ ପକ୍ଷରୁ ଆଇନ ସଚେତନତା ଶିବିର

**ଚଣ୍ଡିଖୋଲ,୭।୧୧(ଡି.ଏନ.ଏ.):** ଜିଲା ଆଇନସେବା ପ୍ରାଧିକରଣ ଓ ଚଣ୍ଡିଖୋଲ ତାଲୁକ ଆଇନ ସେବା କେନ୍ଦ୍ର ମିଳିତ ସହଯୋଗରେ ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ମହାବିଦ୍ୟାଳୟରେ ରବିବାର ଆଇନ ସଚେତନତା ମାଧ୍ୟମରେ ମହିଳା ସଶକ୍ତୀକରଣ ପରିପ୍ରେକ୍ଷୀରେ ଏକ ଆଇନ ସାକ୍ଷରତା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲୁକ କେନ୍ଦ୍ରର ଅଧକ୍ଷ ତଥା ଜେଏମ୍‌ଏଫ୍‌ସି ସୌମ୍ୟରଞ୍ଜନ ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲା ଆଇନ ସେବା ପ୍ୟାନେଲ ଲୟର ଝରଣା ମିଶ୍ର ଯୋଗଦେଇ ସାମ୍ବିଧାନିକ ବିଧି ବ୍ୟବସ୍ଥାରେ ମହିଳାଙ୍କ ଅଧିକାର, ସୁରକ୍ଷା ଓ ଆଇନଗତ ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ମହିଳାମାନେ କିପରି ସ୍ୱାବଲମ୍ବୀ ଓ ସଶକ୍ତୀକରଣ ହୋଇପାରିଲେ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ମତ ରଖିଥିଲେ। ଅନ୍ୟତମ ଜେଏମ୍‌ଏଫ୍‌ସି ତସଲିମା ଦାସ୍, କଲେଜ ଅଧକ୍ଷ ଡ. ବୀରେନ୍ଦ୍ର କୁମାର ମିଶ୍ର, ପରିଚାଳନା କମିଟି ସଭାପତି ପ୍ରାଧାପକ ବିନାୟକ ପଣ୍ଡା, ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନ୍ ସଭାପତି ଦେବରାଜ ବେହେରା, ସମ୍ପାଦକ ପ୍ରକାଶ ଦାଶ, ପ୍ରାକ୍ତନ ସମ୍ପାଦକ ଉଦୟ ନାଥ ସାହୁ ଓ କୈଳାସ ଚନ୍ଦ୍ର ସାମଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଇନଜୀବୀ ଲୋମାରାଣୀ ନାୟକ ଧନ୍ୟବାଦ ଦେଇଥିଲେ।

### ବାଲି ବୋଝେଇ ହାଇୱା ଜବତ

କାଳିଆପାଣି,୭।୧୧(ଡି.ଏନ.ଏ.)

ଖଣି ଅଞ୍ଚଳକୁ ବାଲି ବୋଝେଇ କରି ଆସୁଥିବା ଏକ ହାଇୱାକୁ ତହସିଲଦାର ଜବତ କରି କାଳିଆପାଣି ପୋଲିସ ଜିମା ଦେଇଛନ୍ତି। ତେବେ ଦୀର୍ଘ ଦିନ ହେଲା ସୁକିନ୍ଦାରେ ତହସିଲଦାର ନ ଥିବାରୁ ମାଫିଆ ନିର୍ଭୟରେ ଭୁବନ ଅଞ୍ଚଳରୁ ଖଣି ଅଞ୍ଚଳକୁ ବାଲି ବୋହି ଚାଲିଥିଲେ। ସୁକିନ୍ଦା ତହସିଲଦାର ଭାବେ କାବେରୀ ମୁଦୁଲି ଯୋଗଦେବାପରେ ଖଣି ଅଞ୍ଚଳ ଗସ୍ତ ସମୟରେ ଉକ୍ତ ହାଇୱାକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚବେଳେ କାଗଜପତ୍ର ଭୁଲଥିବା ଜାଣିବାକୁ ପାଇଥିଲେ। ବାଲି ବୋଝେଇ ଗାଡ଼ିକୁ ଜବତ କରି କାଳିଆପାଣି ଥାନା ଜିମା ଦେଇଥିଲେ। ତେବେ ବାଲି ବୋଝେଇ ଗାଡି ଗୁଡିକ ଭୁବନ ବ୍ରାହ୍ମଣୀନଦୀରୁ ମଙ୍ଗଳପୁର କାଙ୍କଡ଼ପାଳ ରାସ୍ତା ଦେଇ ଖଣି ଅଞ୍ଚଳକୁ ଆସୁଛି। ଚୋରା ବାଲି ଗାଡି ଧରାପଡ଼ିଜିବା ଭୟ ଥିବାରୁ ସେ ରାସ୍ତାରେ ନ ଆସି ଗ୍ରାମାଞ୍ଚଳ ରାସ୍ତାରେ ଆସୁଛନ୍ତି। ତେବେ ଗାଁ ଭିତର ରାସ୍ତାରେ ଓଭର ଲୋଡ୍ ଗାଡ଼ି ଖଣି ଅଞ୍ଚଳକୁ ଆସୁଥିବା ସମୟରେ ଦୁର୍ଘଟଣା ଘଟିବା ସହ ରାସ୍ତା କ୍ଷତିଗ୍ରସ୍ତ ହେଉଛି। ବିନା ରୟାଲଟି ଓ ବିନା କାଗଜ ପତ୍ରରେ ସହ ସହ ଟ୍ରିପ ବାଲି ଖଣି ଅଞ୍ଚଳକୁ ଦୈନନ୍ଦିନ ଆସୁଥିବା ବେଳେ ସରକାରଙ୍କ ବହୁ ରାଜସ୍ୱ କ୍ଷତି ହେଉଥିବା ଦେଖିବାକୁ ମିଳୁଛି। ତହସିଲଦାର ଏଥିପ୍ରତି ଧ୍ୟାନ ଦେଇ ବାଲି ଚୋରାଚାଲାଣରେ ରୋକ୍ ଲଗାଇବାକୁ ଦାବି ହେଉଛି।

## ଜୁନିୟର କବାଡ଼ି ଦଳ ଲାଗି ଖେଳାଳି ମନୋନୀତ


ମନୋନୀତ ଶିବିରରେ ଯୋଗ ଦେଇଥିବା ଖେଳାଳି ଓ ଅତିଥି।

ରସୁଲପୁର,୭।୧୧(ଡି.ଏନ.ଏ.)

ଯାଜପୁର ଜିଲା ଜୁନିୟର କବାଡ଼ି ଦଳ ପାଇଁ ରବିବାର ଖେଳାଳି ମନୋନୀତ କରାଯାଇଛି। ଜିଲା କବାଡ଼ି ଷ୍ଟାଡିୟମ ଖଣ୍ଡିତରଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଳକ ବିଭାଗରୁ ୧୫ ଓ ବାଳିକା ବିଭାଗରୁ ୧୮ ଖେଳାଳିଙ୍କୁ ଚୟନ କରାଯାଇଛି। ମନୋନୀତ ଖେଳାଳିଙ୍କୁ ନେଇ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଶିବିର ଚାଲିବ। ଶିବିରରୁ ଉଭୟ ଦଳ ପାଇଁ ଶ୍ରେଷ୍ଠ ୧୨ ଖେଳାଳିଙ୍କୁ ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟ ଲାଗି ଚୟନ କରାଯିବ ବୋଲି ଜିଲା ଆଥ୍‌ଲେଟିକ୍ ଆସୋସିଏଶନର କବାଡ଼ି ସମ୍ପାଦକ ରମେଶ ପଣ୍ଡା ସୂଚନା ଦେଇଛନ୍ତି। ମନୋନୀତ କାର୍ଯ୍ୟକ୍ରମରେ କ୍ରୀଡ଼ା ସଂସଦ ସଭାପତି ରସାନନ୍ଦ ମହାନ୍ତି, ସହ ସମ୍ପାଦକ ନିରଞ୍ଜନ ପୃଷ୍ଟି, ଲିଙ୍କନଫାର୍ମାର ଜୋନାଲ ମ୍ୟାନେଜର ଅଭୟ ମହାନ୍ତି, ଯାଜପୁର ଜିଲା କବାଡ଼ି ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର ପୃଷ୍ଟି, ସମରେନ୍ଦ୍ର ଦାଶ, ପ୍ରଶିକ୍ଷକ ପ୍ରଦୀପ ସାହୁ, ରଞ୍ଜିତ ରାଉତ, ମନସ୍ୱିନୀ ସାହୁ, ଅନାଦି ସାହୁ ଓ ଶାନ୍ତନୁ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଠାରେ ଅନୁଷ୍ଠିତ ଚୟନ ପ୍ରକ୍ରିୟାରେ ବାଳକ ବିଭାଗରେ ୩୪ ଓ ବାଳିକା ବିଭାଗରେ ୪୪ ଖେଳାଳି ଅଂଶଗ୍ରହଣ କରିଥିଲେ। ଜିଲାର କୁଆଖିଆ, ଖଣ୍ଡିତର, ଅଫସରପୁର, ପାଣିକୋଇଲି, ଯାଜପୁରରୋଡ, ଜଖପୁରା, କୋଟପୁର, ଜନକବାଲିକୁଦା, ଛଟିଆ, ଟାଟାଷ୍ଟିଲ-କଳିଙ୍ଗନଗର, ବିଞ୍ଝାରପୁର, ଯାଜପୁର ଟାଉନ, ମଧୁବନ, ବାହାଦଲପୁର, ରସୁଲପୁର ଆଦି ଅଞ୍ଚଳର ଖେଳାଳି ଅଂଶଗ୍ରହଣ କରିଥିଲେ। ମନୋନୀତ ଖେଳାଳିଙ୍କୁ ସକାଳ ଓ ସନ୍ଧ୍ୟାରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଜିଲାର ଉପାନ୍ତ ଅଞ୍ଚଳରୁ ଚୟନ ହୋଇଥିବା ଖେଳାଳିଙ୍କ ପାଇଁ ଷ୍ଟାଡିୟମ୍‌ରେ ରହିବାର ବନ୍ଦୋବସ୍ତ କରାଯାଇଛି। ଡିସେମ୍ବର ୧୪ରେ ଦଳ ଆସ୍କା ଗସ୍ତରେ ଯିବ। ସେଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ। ଡିସେମ୍ବର ୧୬, ୧୭ ଓ ୧୮ରେ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ହେବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ମିଳିଛି।

## ବାତ୍ୟା ସତର୍କତା ଆଲୋଚନା

ଦଶରଥପୁର,୭।୧୧(ଡି.ଏନ.ଏ.)

ବାତ୍ୟା ଓ ବଜ୍ରପାତ ସମୟରେ କିଭଳି ସତର୍କତା ଅବଲମ୍ବନ କଲେ ଧନ ଜୀବନ ସୁରକ୍ଷା କରାଯାଇ ପାରିବ ଏନେଇ ରବିବାର ଦଶରଥପୁର ବ୍ଲକ୍ କନିକାପଡ଼ା ପଞ୍ଚାୟତ ଦାମୋଦରପୁର ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବୈଜ୍ଞାନିକ (ପାଣିପାଗ ବିଭାଗ) ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ସାମାଜିକ କର୍ମୀ ଜଗଦୀଶ ଶଙ୍କର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଆଲୋଚନାଚକ୍ରରେ ଭାରତୀୟ ପାଣିପାଗ ସୂଚନାକେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଡ. ଶରତ ଚନ୍ଦ୍ର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ବାତ୍ୟା, ବିପର୍ଯ୍ୟୟ ଓ ବଜ୍ରପାତ ସମୟରେ କେଉଁ ସତର୍କତା ଅବଲମ୍ବନ କଲେ ବିପଦକୁ ଏଡ଼ାଯାଇପାରେ ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଭୁବନେଶ୍ୱର ପାଣିପାଗ ବିଭାଗ ବିଶେଷଜ୍ଞ ତଥା ଉପସମ୍ପାଦକ ଶୋଭନ କୁମାର ଦସ୍ତିଦାର, ଡିଜାଷ୍ଟର ପ୍ରିପେୟାର୍ଡନେସ୍ ରିସ୍କ ମ୍ୟାନେଜମେଣ୍ଟର ସମ୍ପାଦକ ସୌଭାଗ୍ୟ ଦାସ, ସହସମ୍ପାଦକ ଦିବ୍ୟସିଂହ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣକରି ବିପର୍ଯ୍ୟୟ ସମୟରେ କିଭଳି ସତର୍କତା ଅବଲମ୍ବନ କରାଯିବ ଏହା ଉପରେ ସଚେତନ କରାଇଥିଲେ। ଶିକ୍ଷାବିତ୍ ସନାତନ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବାବେଳେ ନିର୍ମଳ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ରାଜକିଶୋର ଦାସ, ପୂର୍ବତନ ପ୍ରଧାନଶିକ୍ଷକ କୃତ୍ତିବାସ ସାହୁ ଏବଂ ରମେଶ ବେହୁରିଆ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଆଲୋଚନାରେ ଭାଗ ନେଇଥିବା ଅତିଥି ଓ ଅନ୍ୟମାନେ।

### ବିଜେଡିରେ ଯୋଗଦେଲେ ଭାଜପା, କଂଗ୍ରେସ କର୍ମୀ

ଜେନାପୁର,୭।୧୧(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ରାଇଛନ୍ଦା ପଞ୍ଚାୟତ ଅଧୀନ କବାଟବନ୍ଧ ମାର୍କେଟ କମ୍ପ୍ଲେକ୍ସ ପଡ଼ିଆରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କବାଟବନ୍ଧ ଓ ଏଣ୍ଡଲବା ପଞ୍ଚାୟତର ୫୫ ଭାଜପା ଓ କଂଗ୍ରେସ କର୍ମୀ ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଓ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଦୃଢ଼ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ସେମାନେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। ଏମ୍‌ପିଙ୍କ ପ୍ରତିନିଧି ଉତ୍କଳମଣି ଦାସଙ୍କ ସଭାପତିତ୍ୱରେ ଅୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ବଳବନ୍ତରାୟ ଯୋଗଦେଇ ଦଳରେ ସାମିଲ ହୋଇଥିବା କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ୧୧ ଜୋନ ସଂଯୋଜକ ବିକାଶ ଦାସ, କବାଟବନ୍ଧ ବିଜେଡି ସଭାପତି ସଂଗ୍ରାମ ଷେଣ୍ଢ, ରବୀନ୍ଦ୍ର ସେନାପତି, ଧର୍ମଶାଳା ବ୍ଲକ ଯୁବ ବିଜେଡି ସଭାପତି କ୍ଷୀତିଶ ନାୟକ, ଛାତ୍ର ସଭାପତି ଜଗଦାନନ୍ଦ ରାଉତ, ୧୧ ନଂ. ଜୋନ ଜିଲାପରିଷଦ ସଭ୍ୟା ସୁରେଖା ନାୟକ, ବ୍ଲକ ଯୁବ ବିଜେଡି ସମ୍ପାଦକ ଜୟନ୍ତ ଜେନା, ୧୧ନଂ. ଜୋନ ଯୁବ ସଭାପତି ପ୍ରଦୀପ ପାଳ, ସୁକାନ୍ତ ପରିଡ଼ା, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ, ଜଳଧର ମହାନ୍ତି, ଜିତେନ୍ଦ୍ର ରାଉତ, ୧୧ ନଂ. ଜୋନର ସମସ୍ତ ସଭାପତି ଏବଂ ଯୁବ ଛାତ୍ରଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ଶିକ୍ଷକ ସଂଘ ପକ୍ଷରୁ କୁଇଜ୍, ତର୍କ ପ୍ରତିଯୋଗିତା

ଧର୍ମଶାଳା,୭।୧୧(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ରବିବାର ଜାରକା ହାଇସ୍କୁଲ ପରିସରରେ କୁଇଜ୍ ଓ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଶାଳା ବ୍ଲକର ବିଭିନ୍ନ ମାଧ୍ୟମିକ ବିଦ୍ୟାଳୟରୁ ୮୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ପ୍ରାଧାପକ ଜୟନ୍ତ ସାହୁ, ଶିକ୍ଷକ ସୁଦାମ ଚରଣ ପଣ୍ଡା ଯୋଗ ଦେଇଥିଲେ। କୁଇଜ ପ୍ରତିଯୋଗିତାରେ ଆଶୁତୋଷ ସାହୁ ପ୍ରଥମ, ସୂର୍ଯ୍ୟକାନ୍ତ ବେହେରା ଦ୍ୱିତୀୟ, ରୁଦ୍ର ନାରାୟଣ ସାହୁ ତୃତୀୟ ହୋଇଛନ୍ତି। ତର୍କ ପ୍ରତିଯୋଗିତାରେ ସାଇ ସୁଲଗ୍ନା ନନ୍ଦ ପ୍ରଥମ, ଏସ ସାଇଶ୍ରୀ ଦ୍ୱିତୀୟ ଏବଂ ଓମ୍ ସାଇପୂଜା ନାୟକ ତୃତୀୟ ହୋଇଛନ୍ତି। ଏହି ଉପଲକ୍ଷେ ଆୟୋଜିତ ସଭାରେ ସଂଘ ସଭାପତି ରଶ୍ମିରଞ୍ଜନ ସାମଲ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ମଣ୍ଡଳ ଶିକ୍ଷାଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି, ଅତିଥିଭାବେ ଜିଲା ବିଜ୍ଞାନ ଶିକ୍ଷକ ସଂଘ ସଭାପତି ମାଗୁଣି ଚରଣ ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ପଦୋନ୍ନତି ପାଇ ପ୍ରଧାନଶିକ୍ଷକ ହୋଇଥିବା ନିରୋଦ ମହାନ୍ତି, ରମେଶ ଚନ୍ଦ୍ର କୁଣ୍ଟ, ଶାନ୍ତନୁ ସ୍ୱାଇଁ, ଧନେଶ୍ୱର ବାହାଲିଆ, ପ୍ରଶାନ୍ତ ବଳ, ଅଶ୍ୱିନୀ ପ୍ରଧାନ, କମଳାକାନ୍ତ ବେହେରା, ଘନଶ୍ୟାମ ବେହେରା ଓ କୃତୀ ଛାତ୍ରୀଛାତ୍ରଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ସମ୍ପାଦକ ପ୍ରବୋଧ ପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବିଷ୍ଣୁଚରଣ ନାୟକ ବେଦପାଠ କରିଥିବା ବେଳେ ଗଣେଶ୍ୱର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଜାରକା ହାଇସ୍କୁଲ ପ୍ରଧାନଶିକ୍ଷକ ବୀରବର ବେହେରା, ସନ୍ଦୀପ୍ତ ମହାନ୍ତି ପ୍ରମୁଖ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ସୁରେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।



ମାଧ୍ୟମିକ ବିଜ୍ଞାନ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ ପ୍ରତିଭାଗଣ।

## ସ୍ମାର୍ଟ ସ୍କୁଲ୍ ଲାଗି ଭିତ୍ତିଭୂମି ଅନୁଧ୍ୟାନ କଲେ ବିଧାୟକ

ଚଢ଼େଇଧରା,୭।୧୧(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅଧୀନ ମହିଶରା ଓ ସମ୍ପାରୁ ପଞ୍ଚାୟତର ଦୁଇ ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲ କରାଯିବ। ତେଣୁ ଏହାର ଭିତ୍ତିଭୂମି ଅନୁଧ୍ୟାନ କରିଛନ୍ତି ବିଧାୟକ ପ୍ରଣବ ବଳବନ୍ତରାୟ। ବିଧାୟକ ରବିବାର ଏହି ଦୁଇ ବିଦ୍ୟାଳୟରେ ପହଞ୍ଚି ପ୍ରଧାନଶିକ୍ଷକ ଓ ପରେ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସହିତ ଆଲୋଚନା କରିଥିଲେ। ଏହି ଦୁଇ ବିଦ୍ୟାଳୟରେ ସମ୍ପାରୁ ଓ ମହିଶରା ପଞ୍ଚାୟତର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟର ଉନ୍ନତି ନିମନ୍ତେ ସ୍ଥାନୀୟ ଲୋକେ ବିଧାୟକଙ୍କ ନିକଟରେ ଦାବି ରଖିଥିଲେ। ବିଧାୟକ ଭିତ୍ତିଭୂମି ଅନୁଧ୍ୟାନ କରିବା ପରେ ଲୋକଙ୍କ ମଧ୍ୟରେ ସ୍ମାର୍ଟସ୍କୁଲ ହେବା ଆଶା ବଢିଯାଇଛି। ଅନୁଧ୍ୟାନ ସମୟରେ ବିଧାୟକଙ୍କ ସମେତ ଧର୍ମଶାଳା ମଣ୍ଡଳ ଉନ୍ନୟନ ଅଧିକାରୀ ଅରବିନ୍ଦ ବେହେରା, ସ୍ଥାନୀୟ ସରପଞ୍ଚ ଚକ୍ରଧର ବେହେରା, କ୍ଷିତିଶ ନାୟକ, ନିର୍ମଳ ପ୍ରଧାନ, ପଞ୍ଚାୟତ ଯୁବ ବିଜେଡି ସଭାପତି ଆଶିଷ ରଞ୍ଜନ ନାୟକ, ମଧୁପୁରଗଡ଼ ପଞ୍ଚାୟତ ବିଜେଡି ସଭାପତି ଜଗଦୀଶ ଜେନାମଣି, ଯୁବ ସଂଗଠକ ପ୍ରହ୍ଲାଦ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## କଟକଣା ଭାଙ୍ଗି ଚାଲିଛି ମିନାବଜାର

ବିଞ୍ଝାରପୁର,୭।୧୧(ଡି.ଏନ.ଏ.)

ବିଞ୍ଝାରପୁର ଥାନା ଅଧୀନ ସିଂହପୁର ବଜାରରେ କୋଭିଡ୍ କଟକଣା ଭାଙ୍ଗି ଚାଲିଛି ମିନାବଜାର। ଫଳରେ ଏହାକୁ ନେଇ ଆଖପାଖ ଅଞ୍ଚଳ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଉକ୍ତ ମିନା ବଜାରକୁ ତୁରନ୍ତ ବନ୍ଦ କରିବାକୁ ବ୍ୟବସାୟୀ ବିଞ୍ଝାରପୁର ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବ୍ୟବସାୟୀଙ୍କ ଅଭିଯୋଗ ଅନୁଯାୟୀ, କରୋନା ଯୋଗୁ ବାରମ୍ବାର ଲକଡାଉନ ଓ ଶଟ୍‌ଡାଉନ ହେବାଦ୍ୱାରା ସିଂହପୁର ଏବଂ ଏହାର ଆଖପାଖ ଅଞ୍ଚଳର ବ୍ୟବସାୟୀ କ୍ଷତିର ଶିକାର ହୋଇଛନ୍ତି। ଏବେ ଧୀରେଧୀରେ କରୋନା କଟକଣା ହଟୁଥିବା ବେଳେ ପାର୍ବଣରେ ବେପାର କରିବା ପାଇଁ ସ୍ଥାନୀୟ ବ୍ୟବସାୟୀ ଆଶାବାନ୍ଧି ବସିଥିଲେ। ହେଲେ କେତେଜଣ ମୁଷ୍ଟିମେୟ ଲୋକ ମିନାବଜାର କରିବା ଆଳରେ ଜିଲା ବାହାରୁ ବ୍ୟବସାୟୀଙ୍କୁ ଡକାଇ ମେଳା କରୁଛନ୍ତି। ଫଳରେ ସ୍ଥାନୀୟ ବ୍ୟବସାୟୀ କ୍ଷତିର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ମିନା ବଜାର ବନ୍ଦ କରିବାକୁ ବ୍ୟବସାୟୀ ଗଣେଶଚନ୍ଦ୍ର ସାହୁ, ରାମଚନ୍ଦ୍ର ସାହୁ, ବାବାଜି ପତି, ସୌମ୍ୟରଞ୍ଜନ ପଲାଇ, ସତ୍ୟରଞ୍ଜନ ପତି, ସତ୍ୟରଞ୍ଜନ ଗୁରୁ, ଜିତେନ୍ଦ୍ର ସାହୁ, ସଞ୍ଜୀବ ସାହୁ, ଈଶ୍ୱର ସାହୁ, ତପନ ସାହୁ ପ୍ରମୁଖ ଦାବି କରିଛନ୍ତି। ଏହା ବନ୍ଦ ନ ହେଲେ ସେମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ଦୀପକ କୁମାର ରାଉତ କହିଛନ୍ତି, ବ୍ୟବସାୟୀଙ୍କ ଅଭିଯୋଗ ପାଇ ମିନାବଜାର ବନ୍ଦ କରିବାକୁ ବିଞ୍ଝାରପୁର ପୋଲିସକୁ ଚିଠି କରିଥିଲି। କିନ୍ତୁ ପୋଲିସ ଏ ଦିଗରେ ପଦକ୍ଷେପ ନେଇନାହିଁ।


ମିନା ବଜାରରେ ଲୋକଙ୍କ ଭିଡ଼ ଜମିଛି।

**ତହସିଲଦାରଙ୍କୁ ବ୍ୟବସାୟୀଙ୍କ ଅଭିଯୋଗ**

### ସଦାବ୍ରତ ମଠ ହେବ ନିରାଶ୍ରୟଙ୍କ ଆଶ୍ରୟସ୍ଥଳ

ରସୁଲପୁର,୭।୧୧(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନଗର ପଞ୍ଚାୟତ ଭିକିପୁରସ୍ଥିତ ଗୋପାଳଜୀଉ ସଦାବ୍ରତ ମଠ ପରିସର ନରାଶ୍ରୟଙ୍କ ଆଶ୍ରୟସ୍ଥଳ ପାଲଟିବ। ମାନବ ସେବା ମାଧବ ସେବା ବୋଲି ମଠାଧିଶ ଶ୍ରୀମଦ୍ ସ୍ୱାମୀ ଦିନଦୟାଲ ସରସ୍ୱତୀ ମହାରାଜା ବିଶ୍ୱାସ କରନ୍ତି। ଏଠାରେ ୧୦୦ ମାନସିକ ରୋଗୀଙ୍କୁ ଥଇଥାନ କରାଯିବା ନେଇ ବ୍ୟବସ୍ଥା କରାଯିବ ବୋଲି ମଠାଧିଶ ଘୋଷଣା କରିଛନ୍ତି। ୨୦୦ ବର୍ଷ ଧରି ଗାଁରେ ଥିବା ଏହି ମଠ ପକ୍ଷରୁ ନାନା ସାମାଜିକ କାର୍ଯ୍ୟକ୍ରମ କରାଯାଇ ଆସୁଛି। ମଠାଧିଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଠରେ ପ୍ରଥମ ଥର ମା'ଶ୍ୟାମାକାଳୀଙ୍କ ପୂଜା କରାଯାଇଛି। ପୂଜା ଅବସରରେ ମଠରେ ଉପସ୍ଥିତ ଭକ୍ତଙ୍କ ଗହଣରେ ମଠାଧିଶ ସରସ୍ୱତୀ ମହାରାଜା ଏହି ଘୋଷଣା କରିଛନ୍ତି। ଏହାକୁ ନେଇ ମଠର ଅନୁଗାମୀଙ୍କ ମଧ୍ୟରେ ଆନନ୍ଦ ପ୍ରକଟିତ ହୋଇଛି। ମଠ ଦାୟିତ୍ୱ ନେବା ପରେ ମହାରାଜ ଅନାଥାଶ୍ରମ ସ୍ଥାପନ କରିବା ସହ ମଠ ପରିସରରେ ଏକ ମନ୍ଦିର, ଅତିଥିଶାଳା, ଉଦ୍ୟାନ ଆଦି ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ମା'କାଳୀଙ୍କ ପୂଜା ମଠାଧିଶ ସନ୍ଥ ସରସ୍ୱତୀ ମହରାଜଙ୍କ ପୌରୋହିତ୍ୟରେ ପାଳିତ ହୋଇଛି। ଦେବୀଙ୍କ ସୂର୍ଯ୍ୟ ପୂଜା, ଗୋ ପୂଜା, ଗୁରୁପୂଜା, ଷୋଡଶ ଉପଚାର ପୂଜା ସହିତ ଚଣ୍ଡିପାଠ ହୋଇଥିଲା। ଏହି ଅବସରରେ ମାନସିକ ବିକାରଗ୍ରସ୍ତଙ୍କ ଆଶ୍ରୟସ୍ଥଳ ନିମନ୍ତେ ଭୂମିପୂଜନ ହୋଇଥିଲା।

# ମହିଳା ବେଶରେ ଘରେ ପଶି ଆକ୍ରମଣ

## ଦୋକାନୀ ମାଲିକ ଗୁରୁତର

- ଯୁବକ ଗିରଫ, ୫୦ହଜାର ଟଙ୍କା ଜବତ
- ପୂର୍ବରୁ ଅଭିଯୁକ୍ତ ଦୋକାନରେ କାମ କରୁଥିଲେ

ନିମାପଡ଼ା,୭।୧୧(ଡି.ଏନ୍.ଏ.)

ନିମାପଡ଼ା ବଡ଼ ବଜାରରେ ରବିବାର ସକାଳେ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ମହିଳା ବେଶରେ କଳିଙ୍ଗ ହାର୍ଡୱେର ଦୋକାନ ମାଲିକ ଫକିର ଚନ୍ଦ୍ର ସାହୁଙ୍କ ଘରେ ପଶି ବେଲଣା କାଠିରେ ତାଙ୍କ ମୁଣ୍ଡକୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିସହ ଆଲମିରାରୁ ୫୦ହଜାର ଟଙ୍କା ନେଇ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଫକିରଙ୍କ ଚିତ୍କାର ଶୁଣି ପରିବାର ଲୋକେ ପହଞ୍ଚି ଯୁବକଙ୍କୁ କାବୁ କରିଥିଲେ। ଖବରପାଇ ନିମାପଡ଼ା ଥାନା ପୋଲିସ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଧରି ଥାନାକୁ ଆଣିଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୯୭/୨୧)ରୁଜୁ କରିବା ସହ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ରଙ୍ଗିଲୋ ମେଳକସାହି ଗ୍ରାମର ବିନାୟକ ପରିଡ଼ା(୨୭)। ତାଙ୍କ ନିକଟରୁ ଲୁଟ୍ ହୋଇଥିବା ୫୦ହଜାର ଟଙ୍କା, ବେଲଣା କାଠି ଏବଂ ମୋବାଇଲ ଫୋନ ଜବତ ହୋଇଛି। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତ ବିନାୟକଙ୍କୁ ଜେଲ ପଠାଇ ଦିଆଯାଇଛି। ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ସବିତା ମାର୍ଥା ଅଧିକ ତଦନ୍ତ ଚଳାଇଛନ୍ତି। ଅନ୍ୟପଟେ ଫକିରଙ୍କୁ ଆହତ ଅବସ୍ଥାରେ ପରିବାର ଲୋକେ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି।

ସୂଚନାଥାଉ କି, ବିନାୟକ କିଛି ମାସ ପୂର୍ବେ ଫକିରଙ୍କ ଦୋକାନରେ କାର୍ଯ୍ୟ କରୁଥିଲେ। ଦୋକାନରୁ ବାରମ୍ବାର ଚୋରି କରି ଧରାପଡ଼ିବା ପରେ ଫକିର ତାଙ୍କୁ ବାହାର କରିଦେଇଥିଲେ। ଏଥିରେ କ୍ରୋଧାନ୍ୱିତ ହୋଇ ବିନାୟକ ଏଭଳି ଘଟଣା ଘଟାଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ସ୍ୱୟଂ ସମ୍ପୂର୍ଣ୍ଣଙ୍କୁ ଯୁବ ଟେକ୍ ଆସେମ୍ବ୍ଲିର ସମ୍ମାନ

ଦାମନଯୋଡି,୭।୧୧(ଡି.ଏନ.ଏ.)

ଉପାନ୍ତ ଅଞ୍ଚଳରେ ମଧ୍ୟ ଲୁଚିରହିଛନ୍ତି ପ୍ରତିଭା। ଏହାକୁ ସଦ୍ୟ ପ୍ରମାଣିତ କରି ଦେଖାଇଛନ୍ତି ଓଡ଼ିଶାର କୋରାପୁଟର ସ୍ୱୟଂ ସମ୍ପୂର୍ଣ୍ଣ ସେନାପତି। ନିଜ ପ୍ରଚେଷ୍ଟାରେ ୧୭ ବର୍ଷୀୟ ସ୍ୱୟଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଉପରେ ଗବେଷଣା କରି ୩୪ତମ ଜାତୀୟ 'ଟେକ୍ ଆସେମ୍ବ୍ଲି-୨୦୨୧'ପାଇଁ ଶୁକ୍ରବାର ମନୋନୀତ ହୋଇଛନ୍ତି। ସେ ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରି କୋରାପୁଟ ପାଇଁ ଗୌରବ ଆଣିଛନ୍ତି। ଏହି ସମ୍ମାନ କେନ୍ଦ୍ର ସୂଚନା ଓ ପ୍ରଯୁକ୍ତି ମନ୍ତ୍ରାଳୟ ପକ୍ଷରୁ ପ୍ରଦାନ କରାଯିବ। 'ଫିଙ୍ଗରବଗ୍ ଆଣ୍ଡ ସ୍ମୁଥ ଇଣ୍ଟରଫେସ ଅଫ୍ ୱେବ୍-ନେଟ' ଓ 'ଆୱାରନେସ୍ ଅନ୍ ଆର୍ଟିଫିସିଆଲ


ସ୍ୱୟଂ ସମ୍ପୂର୍ଣ୍ଣ ସେନାପତି।

ଇଣ୍ଟେଲିଜେନ୍ସ' ଭଳି ଦୁଇଟି ପ୍ରକଳ୍ପକୁ ନେଇ ସେ ଦୀର୍ଘ ୭ମାସ ହେଲା ଗବେଷଣା ଚଳାଇଥିଲେ। ଏଥିରେ ପୂର୍ବ ଭାରତର ରାଜ୍ୟଗୁଡ଼ିକରୁ ବହୁ ପ୍ରତିଯୋଗୀ ଭାଗ ନେଇଥିଲେ। ପୂର୍ବ ପ୍ରାନ୍ତରେ ସେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିପାଇଁ ତାଙ୍କୁ ତିନୋଟି ପର୍ଯ୍ୟାୟ ଅତିକ୍ରମ କରିବାକୁ ପଡ଼ିଥିଲା। ଗତ ଏପ୍ରିଲରେ ଦୁଇଦିନିଆ ସେମିନାର ହୋଇଥିଲା। ବିଷୟ ଥିଲା– 'କୃତ୍ରିମ ବୁଦ୍ଧି ସହିତ ଅନୁରୂପ ଆଧୁନିକ ପ୍ରଯୁକ୍ତିବିଦ୍ୟା'। ଏଥିରେ ସଫଳତା ପାଇ ସ୍ୱୟଂ ଚୟନକର୍ତ୍ତାଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଗତ ଜୁନରେ ହୋଇଥିଲା। ପାଞ୍ଚ ଦିନର ଏହି କାର୍ଯ୍ୟକ୍ରମର ବିଷୟ ଥିଲା, 'ଇଣ୍ଟରନେଟ୍‌ର ବୈଷୟିକ ବିକାଶ'। ଏଥିରେ ସ୍ୱୟଂ ପ୍ରକଳ୍ପ ଉପସ୍ଥାପନ କରି ଶେଷ ପର୍ଯ୍ୟାୟ ପାଇଁ ମନୋନୀତ ହୋଇଥିଲେ। ଶେଷ ପର୍ଯ୍ୟାୟ ଗତ ସେପ୍ଟେମ୍ବରରେ ହୋଇଥିଲା। ଏହି ପର୍ଯ୍ୟାୟର ବିଷୟ 'ଏଥିକାଲ୍ ହ୍ୟାକିଂ ଅଫ୍ ଟେକ୍ନୋଲୋଜି' ଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରଯୁକ୍ତିବିଦ୍ୟା ମନ୍ତ୍ରାଳୟ, ଯୁବ ବୈଷୟିକ ଉଦ୍ଭାବକ, ଏକତ୍ରକାରୀ ସଂସ୍ଥା ଓ ଇଲେକ୍ଟ୍ରିକାଲ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ ପ୍ରତିଷ୍ଠାନ ମିଳିତ ଭାବେ ପରିଚାଳନା କରିଥିଲେ। ସ୍ୱୟଂ ଏବେ ରାଉରକେଲା ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସ ବୈଷୟିକ ଶିକ୍ଷା ଅନୁଷ୍ଠାନରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ତୃତୀୟ ବର୍ଷ ଡିପ୍ଲୋମା ଛାତ୍ର ରୂପେ ଅଧ୍ୟୟନ କରୁଛନ୍ତି। ସ୍ୱୟଂଙ୍କ ପରିବାର କୋରାପୁଟ ଜିଲା ଦାମନଯୋଡିର ଭେଜାପୁଟରେ ବାସ କରନ୍ତି। ବାପା ସୁଦର୍ଶନ ସେନାପତି ପେସାରେ ଜଣେ ଖବରଦାତା ଓ ମା' ଚୁମୁକି ସେନାପତି ଗୃହିଣୀ। କୋରାପୁଟ ଭଳି ଉପାନ୍ତ ଜିଲାରୁ ଜାତୀୟ ସ୍ତରରେ ସଫଳତା ପାଇଁ ସ୍ୱୟଂଙ୍କ ପରିବାରରେ ଖୁସିର ଲହରି ଖେଳିଯାଇଛି।

# ହଷ୍ଟେଲରୁ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

## ବାପା ଆଣିଲେ ହତ୍ୟା ଅଭିଯୋଗ

କଣ୍ଟାପଡା,୭।୧୧(ଡି.ଏନ୍.ଏ.)

କଟକ ଜିଲା ଓଲଟପୁର ଥାନା ଅନ୍ତର୍ଗତ ଅଡ଼ଶପୁର ନିକଟସ୍ଥ ଏକ ହଷ୍ଟେଲରୁ ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ପୋଲିସ ରବିବାର ଜବତ କରିଛି। ସେ ହେଲେ ଅଡଶପୁର ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର ରାଜକିଶୋର ସାମଲ। ତେବେ ରାଜକିଶୋରଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବାପା ଗୌରାଙ୍ଗ ଚରଣ ସାମଲ ଓଲଟପୁର ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଦଫା ୩୦୨ ଅନୁଯାୟୀ ପୋଲିସ ଏକ ହତ୍ୟା ମାମଲା (ନଂ.୧୧୯/୨୧) ରୁଜୁ କରି ତଦନ୍ତ ଚଳାଇଛି। ଖବର ଲେଖା ହେବାବେଳକୁ ଛାତ୍ରଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ରହିଛି। ଅଭିଯୋଗ ଅନୁଯାୟୀ, ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଧୀନ ତେନ୍ତୁଳିଆ ଗ୍ରାମର ରାଜକିଶୋର ଉଦୟନାଥ କଲେଜ ନିକଟସ୍ଥ ଏକ ହଷ୍ଟେଲରେ ଭଡାରେ ରହୁଥିଲେ। ରବିବାର ତାଙ୍କ ରୁମ୍‌ର କବାଟ ଦୀର୍ଘ ସମୟ ପର୍ଯ୍ୟନ୍ତ ଖୋଲି ନ ଥିଲା। ଫଳରେ ସହପାଠୀମାନେ ତାଙ୍କୁ ଡାକିଥିଲେ ମଧ୍ୟ ସେ କବାଟ ଖୋଲି ନ ଥିଲେ। ପରେ ସେମାନେ କବାଟ ଭାଙ୍ଗି ଦେବାରୁ ରାଜକିଶୋରଙ୍କ ମୃତଦେହ ଫ୍ୟାନରେ ରଶି ସାହାଯ୍ୟରେ ଝୁଲୁଥିବା ଦେଖିଥିଲେ। ପରେ ହଷ୍ଟେଲ ମାଲିକଙ୍କଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ରାଜକିଶୋରଙ୍କୁ ଜଣେ ଝିଅ ଓ ତାଙ୍କର ଜଣେ ସାଙ୍ଗ ହତ୍ୟା କରିଥିବା ଗୌରାଙ୍ଗ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ସୋମବାର ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ଥାନାଧିକାରୀ ବିଜୟା ସାହୁ କହିଛନ୍ତି।

# 'ରାଜ୍ୟ ସରକାର ୬ ମାସ ମାଗଣା ରାଶନ ଦିଅନ୍ତୁ'

ଭୁବନେଶ୍ୱର,୭।୧୧(ବ୍ୟୁରୋ)

କେନ୍ଦ୍ର ସରକାର ଗରିବ କଲ୍ୟାଣ ଯୋଜନାରେ ଓଡ଼ିଶାବାସୀଙ୍କୁ ଦେଉଥିବା ମାଗଣା ରାଶନକୁ ଚଳିତ ମାସ ଶେଷ ସୁଦ୍ଧା ବନ୍ଦ କରିବାକୁ ଘୋଷଣା କରିଛନ୍ତି। ସରକାର ଅନ୍ତତଃପକ୍ଷେ ଆଉ ୬ ମାସ ପାଇଁ ଏହି ଖାଦ୍ୟ ସୁରକ୍ଷା ଯୋଜନାକୁ ବଢେଇବା ପାଇଁ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟିପକ୍ଷରୁ ଦାବି କରାଯାଇଛି। ଯଦି କେନ୍ଦ୍ର ସରକାର ଏହି ଯୋଜନାକୁ ବନ୍ଦ କରିଦିଅନ୍ତି, ତେବେ ରାଜ୍ୟ ସରକାର ୬ ମାସ ପାଇଁ ନିଜସ୍ୱ ଖର୍ଚ୍ଚରେ ଖାଦ୍ୟ ସୁରକ୍ଷା ଯୋଜନାକୁ ଚଳାଇ ରଖିବା ଆବଶ୍ୟକ ବୋଲି ରବିବାର ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଦାବି ଜଣାଇଛନ୍ତି। ଉକ୍ତ ଚିଠିରେ ସେ ଲେଖିଛନ୍ତି, କରୋନା ସଂକ୍ରମଣ ପରେ ଯଦିଓ ଆମ ଅର୍ଥନୀତି ଗତିଶୀଳ ହେବା ଆରମ୍ଭ କରିଛି, ତଥାପି ରୋଜଗାର ହରାଇଥିବା ବହୁ ଲୋକ ଏପର୍ଯ୍ୟନ୍ତ ନିଜର ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିପାରିନାହାଁନ୍ତି। ଏହି ଯୋଜନାଟି ଯଦି ବନ୍ଦ ହୋଇଯାଏ, ତାହେଲେ ସେମାନଙ୍କୁ ଭୋକ ଉପାସରେ ଦିନ କାଟିବାକୁ ପଡ଼ିବ। ତେଣୁ ସେମାନଙ୍କର ଖାଦ୍ୟ ସୁରକ୍ଷା ଯୋଜନାକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ନିଜସ୍ୱ ଖର୍ଚ୍ଚରେ ଏକ ଖାଦ୍ୟ ସୁରକ୍ଷା ଯୋଜନା ଜାରି ରଖିବାକୁ ବେହେରା ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ଆଜି ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେବ ଯୁବ କଂଗ୍ରେସ

## ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ବହିଷ୍କାର, ଗିରଫ ଦାବିରେ ଅହୋରାତ୍ର ଧାରଣା ଜାରି

ଭୁବନେଶ୍ୱର,୭।୧୧(ବ୍ୟୁରୋ)

ମୃତା ମମିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରାଜଭବନ ଆଗରେ ଚାଲିଥିବା ଅହୋରାତ୍ର ଗଣଧାରଣା ରବିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ସୋମବାର ତୃତୀୟ ଦିନରେ ରାଜ୍ୟପାଳଙ୍କୁ ସାକ୍ଷାତ କରି ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର ଓ ଗିରଫ କରିବା ସହ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସ୍ମାରକପତ୍ର ପ୍ରଦାନ କରାଯିବ।

ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଧାରଣାରେ ବହୁ କଂଗ୍ରେସ ନେତାଙ୍କ ସମେତ ବହୁ ଯୁବ କଂଗ୍ରେସ କର୍ମୀ ଯୋଗ ଦେଇଛନ୍ତି। ଦ୍ୱିତୀୟ ଦିନରେ କଂଗ୍ରେସ ନେତା ଶିବାନନ୍ଦ ରାୟ, ଅଂଶୁମାନ ମହାନ୍ତି, ପଞ୍ଚାନନ କାନୁନ୍‌ଗୋ, ସତ୍ୟପ୍ରକାଶ ନାୟକ, ଗିରିବାଳା ବେହେରା, ମନୋରଞ୍ଜନ ଦାସ, ମନୋଜ ମହାପାତ୍ର, ଦେବେନ୍ଦ୍ର ଶର୍ମା, ରାକେଶ ମହାନ୍ତି, ମନୋଜ ରାଉତରାୟ, ନିକୁଞ୍ଜ ପଶାୟତ, ବିଶ୍ୱଜିତ ଦାସ, ଅମ୍ରିତା ଦାସ, ସତ୍ୟପ୍ରିୟ ସାମଲ, ଜ୍ଞାନେନ୍ଦ୍ର ଦାସ, ଅଲେଖ ସାମଲ, ପ୍ରିୟବ୍ରତ ସାହୁ, ଶ୍ରୀନାଥ ମିଶ୍ର, ମହମ୍ମଦ ଅଲ୍ଲୀ, ବିଜୟରାଜ ପାଣିଗ୍ରାହୀ, ସର୍ବଜିତ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇ ମମିତା ମେହେରଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଓ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଦାବି କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ସେଲ୍ଫି ବିଗାଡ଼ିଲା...

କରିଥିଲେ ବୋଲି ନୱାବ ମଲିକ ଏକ ପ୍ରେସ କନ୍‌ଫରେନ୍ସରେ ପ୍ରଘଟ କରିଛନ୍ତି। ସେ ଯେଉଁ ସେଲ୍ଫି କଥା ଉଠାଇଛନ୍ତି ତାହା ହେଉଛି ଚଢ଼ାଉ ପରବର୍ତ୍ତୀ ଫଟୋ। ଜାହାଜର ଡକ୍‌ୟାର୍ଡରେ ଏନ୍‌ସିବି ସହଯୋଗୀ କିରନ ଗୋସାଭି ଆର୍ଯ୍ୟନଙ୍କ ସହ ଉଠାଇଥିବା ଏହି ସେଲ୍ଫି ସୋସିଆଲ ମିଡିଆରେ ଭାଇରାଲ ହୋଇଯାଇଥିଲା। ନୱାବ ମଲିକ ଆହୁରି କହିଛନ୍ତି, ମୋହିତ କାମ୍ବୋଜଙ୍କ ଭୂମିକା ଏତିକିରେ ସୀମିତ ନ ଥିଲା। ସେ ସମୀର ୱାଙ୍ଖଡେଙ୍କ ସହ ମିଶି ଏକ ବଟି ଅସୁଲ ର୍ୟାକେଟ ଚଳାଉଥିଲେ। ଫ୍ୟାଶନ ଟିଭି ମାଲିକ କାଶିଫ୍ ଖାନ୍‌ଙ୍କ ସମେତ ଆୟୋଜକମାନେ ରାଜ୍ୟରେ କ୍ଷମତାସୀନ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ମେଣ୍ଟ ସରକାରରେ ମନ୍ତ୍ରୀ ଥିବା ଅସଲମ୍ ଶେଖଙ୍କୁ କ୍ରୁଜ୍ ପାର୍ଟିକୁ ଯିବା ପାଇଁ ବାଧ କରିଥିଲେ। ମହାରାଷ୍ଟ୍ର ସରକାରଙ୍କୁ ବଦନାମ କରିବା ପାଇଁ ସେମାନେ ଅନ୍ୟ ମନ୍ତ୍ରୀମାନଙ୍କ ପିଲାଙ୍କୁ ମଧ୍ୟ ସେଠାକୁ ନେବା ଲାଗି ଉଦ୍ୟମ କରିଥିଲେ। କିନ୍ତୁ ସେମାନଙ୍କ ଯୋଜନା ସଫଳ ହୋଇ ନ ଥିଲା। ଏଠାରେ ୨୫ କୋଟି ରାନ୍‌ସମ ଦାବି ପରେ ୧୮ କୋଟି ଟଙ୍କାର ଡିଲ୍ ହେବା ଏବଂ ୫୦ ଲକ୍ଷ ଦିଆଯିବା ନେଇ ମଲିକଙ୍କ ପ୍ରଘଟକୁ ବଳ ଦେଉଛି ପୂର୍ବରୁ ସାକ୍ଷୀ ପ୍ରଭାକର ସୈଲ ଆଣିଥିବା ଅଭିଯୋଗ। କିରନ ଗୋସାଭିଙ୍କ ଅଙ୍ଗରକ୍ଷୀ କୁହାଯାଉଥିବା ସୈଲ ନିକଟରେ କୋର୍ଟରେ ଏକ ସତ୍ୟପାଠ ଦାଖଲ କରି ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆଣିଥିଲେ। ସୈଲ କହିଥିଲେ, ଅକ୍ଟୋବର ୩ରେ ଜାହାଜରେ ରେଡ୍ କରି ଆର୍ଯ୍ୟନ ଖାନ୍‌ଙ୍କୁ ଏନ୍‌ସିବି ଅଫିସକୁ ଅଣାଯିବା ପରେ ସାମ୍ ଡି'ସୁଜା ନାମକ ଜଣେ ବ୍ୟକ୍ତିଙ୍କୁ ଗୋସାଭି ଫୋନ୍ କରି କଥା ହୋଇଥିଲେ। ୱାଙ୍ଖଡ଼େ ଏହି ମାମଲାର ରଫାଦଫା କରି ଆର୍ଯ୍ୟନଙ୍କୁ ଛାଡ଼ିବା ପାଇଁ ୨୫ କୋଟି ଟଙ୍କା ଦାବି କରିଛନ୍ତି। ସେଥିରୁ ୱାଙ୍ଖଡ଼େଙ୍କୁ ୮ କୋଟି ଟଙ୍କା ଦିଆଯିବ ବୋଲି ଫୋନ୍‌ରେ ଗୋସାଭି କହିଥିବା ସୈଲ ପ୍ରଘଟ କରିଥିଲେ। ୨୦୧୮ରେ ମହାରାଷ୍ଟ୍ରରେ ହୋଇଥିବା ଏକ ଠକେଇ ମାମଲାରେ ପୁଣେ ପୋଲିସ ଗତ ମାସ ୨୮ରେ ଗୋସାଭିଙ୍କୁ ଗିରଫ କରିଛି। ଇତିମଧ୍ୟରେ ଲାଞ୍ଚ ଦାବି ଓ ଜାଲ୍ ଜାତିଗତ ପ୍ରମାଣପତ୍ରକୁ ନେଇ ୱାଙ୍ଖଡେଙ୍କ ବିରୋଧରେ ଏନ୍‌ସିବି ପକ୍ଷରୁ ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଦିଲ୍ଲୀର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ମୁମ୍ବାଇ ଏନ୍‌ସିବି ଅଫିସରେ ପହଞ୍ଚି କେତେଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରିଛି। ଉକ୍ତ ଏସ୍ଆଇଟିର ନେତୃତ୍ୱ ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ସଞ୍ଜୟ କୁମାର ସିଂ ନେଉଛନ୍ତି। ଅନ୍ୟପକ୍ଷେ ଶାହରୁଖ ଖାନ୍‌ଙ୍କଠାରୁ ବେଆଇନ ଭାବେ ଅର୍ଥ ଅସୁଲ କରିବା ପାଇଁ ମହାରାଷ୍ଟ୍ରର କେତେଜଣ ମନ୍ତ୍ରୀ ମିଛ କାହାଣୀ ଶୁଣାଉଛନ୍ତି ବୋଲି ନିକଟରେ ଦାବି କରିଥିବା ମୋହିତ କାମ୍ବୋଜ ରବିବାର ନୱାବ ମଲିକଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ମୋଟାମୋଟି ଭାବେ ଦେଖିଲେ କ୍ରୁଜ୍ ପାର୍ଟି ମାମଲାରେ ଏବେ ଏନ୍‌ସିବି ନିଜେ ଫସିଯାଇଛି।

### ଟି୨୦ ବିଶ୍ୱକପ୍‌ରୁ...

କୋହଲିଙ୍କ ଦଳ ସୋମବାର ନାମ୍ବିଆକୁ ଯେତେ ବଡ଼ ବ୍ୟବଧାନରେ ହରାଇଲେ ମଧ୍ୟ ୬ ପଏଣ୍ଟରେ ସୀମିତ ରହିବ। ବିରାଟ କୋହଲିଙ୍କ ଟି୨୦ ଅଧିନାୟକ କ୍ୟାରିୟର ମଧ୍ୟ ନୈରାଶ୍ୟଜନକଭାବେ ଶେଷ ହୋଇଛି। ଚଳିତ ବିଶ୍ୱକପ୍ ପରେ ସେ ଟି୨୦ ଅଧିନାୟକ ପଦରୁ ଓହରିଯିବେ ବୋଲି ପୂର୍ବରୁ ଘୋଷଣା କରି ସାରିଛନ୍ତି। ତେଣୁ କୋହଲିଙ୍କ ନେତୃତ୍ୱରେ ଭାରତ କେବଳ ଔପଚାରିକତା ଦୃଷ୍ଟିରୁ ନାମ୍ବିଆ ବିପକ୍ଷରେ ଶେଷ ମ୍ୟାଚ ଖେଳିବ। ଗ୍ରୁପ୍-୧ରୁ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ସେମିଫାଇନାଲରେ ପହଞ୍ଚିଛନ୍ତି।

ଟୁର୍ନାମେଣ୍ଟର ପ୍ରଥମ ସଂସ୍କରଣ ୨୦୦୭ରେ ଭାରତ ଚାମ୍ପିୟନ ହୋଇଥିଲା। ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତ ଫାଇନାଲରେ ପାକିସ୍ତାନକୁ ୫ ରନରେ ପରାସ୍ତ କରିଥିଲା। ୨୦୦୯,୨୦୧୦ ଓ ୨୦୧୨ରେ ଭାରତର ଅଭିଯାନ ସୁପର-୮ରୁ ଶେଷ ହୋଇଥିବାବେଳେ ୨୦୧୪ରେ ଫାଇନାଲରେ ଶ୍ରୀଲଙ୍କାଠାରୁ ୬ ଉଇକେଟରେ ହାରି ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ୨୦୧୬ରେ ଦଳ ସେମିଫାଇନାଲରେ ଶ୍ରୀଲଙ୍କାଠାରୁ ହାରି ବିଦାୟ ନେଇଥିଲା। ଏଥର କିନ୍ତୁ ଦଳ ସେମିଫାଇନାଲ ପ୍ରବେଶରେ ବିଫଳ ହୋଇଛି। ଟି୨୦ରେ ଶ୍ରେଷ୍ଠ ଦଳ ଚୟନ ସହ ଖେଳାଳିଙ୍କ ଭଲ ପ୍ରଦର୍ଶନ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରତିବର୍ଷ ବ୍ୟୟବହୁଳ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଆୟୋଜନ କରୁଛି। ମାତ୍ର ସାମଗ୍ରିକ ଦୃଷ୍ଟିକୋଣରୁ ଜାତୀୟ ଦଳ କ୍ଷେତ୍ରରେ ଖେଳାଳିଙ୍କ ପ୍ରଦର୍ଶନରେ ଏହା ପ୍ରତିଫଳିତ ହୋଇପାରୁନାହିଁ। ଅନେକ ସମୟରେ ଦଳ ଚୟନରେ ତ୍ରୁଟି ଏବଂ ଅଧିନାୟକଙ୍କ ଭୁଲ ନିଷ୍ପତ୍ତି ଦଳ ପାଇଁ ମହଙ୍ଗା ପଡୁଛି। ଚଳିତ ବର୍ଷ ଟୁର୍ନାମେଣ୍ଟରେ ମଧ୍ୟ ତାହାର ପୁନରାବୃତ୍ତି ହୋଇଥିଲା ବୋଲି କେତେକ କ୍ରିକେଟ ବିଶେଷଜ୍ଞ ମତବ୍ୟକ୍ତ କରିଛନ୍ତି। ଗତ ଆଇପିଏଲ୍‌ରେ ଅଭିଜ୍ଞ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଭଲ ପ୍ରଦର୍ଶନ କରିଥିଲେ ହେଁ ଚଳିତ ଟୁର୍ନାମେଣ୍ଟର ପ୍ରଥମ ୨ଟି ମ୍ୟାଚରେ ତାଙ୍କୁ ପ୍ଲେଇଂ ଇଲେଭେନରୁ ବାହାରେ ରଖାଯାଇଥିଲା। ତାହା ଦଳ ପାଇଁ ଘାତକ ସାବ୍ୟସ୍ତ ହୋଇଥିଲା। ଯୁବ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଅଭିଜ୍ଞତାର ଅଭାବରୁ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ବିଫଳ ରହିଥିଲେ। ନକ୍‌ଆଉଟ ମ୍ୟାଚ ପୂର୍ବରୁ ଭାରତୀୟ ଦଳର ବିଦାୟ କୋଟି କୋଟି କ୍ରିକେଟ ପ୍ରେମୀଙ୍କୁ ବ୍ୟଥିତ କରିଛି।

### ନବୀନ-ଜଗନ ସାକ୍ଷାତ...

ହେଲେ ଗତ ଜୁନ୍‌ରେ ଏହି ଘଟଣାରେ ଗଠନ କରାଯାଇଥିବା ଟ୍ରିବ୍ୟୁନାଲ ପ୍ରକଳ୍ପ କାମକୁ ଗ୍ରୀନ ସିଗନାଲ୍ ଦେଇଛନ୍ତି। ସେହିପରି ଗୋଦାବରୀ ନଦୀରେ ପୋଲାଭରମ ପ୍ରକଳ୍ପ ନେଇ ସମସ୍ୟା ବହୁତ ମାତ୍ରାରେ ବଢ଼ିଯାଇଛି। ରାଜ୍ୟ ସରକାରଙ୍କ କହିବାନୁଯାୟୀ, ଏହି ପ୍ରକଳ୍ପ ଯୋଗୁ ଓଡ଼ିଶାର ସାବେରୀ ଓ ସିଲେରୁ ନଦୀରେ ପାଣିର ପଛୁଆ ଗତି ସକାଶେ ବହୁ ଅଞ୍ଚଳ ଜଳମଗ୍ନ ହୋଇଯିବ। ହେଲେ କେନ୍ଦ୍ର ସରକାର ପୋଲାଭରମ ପ୍ରକଳ୍ପ ପାଇଁ ସବୁଜ ସଙ୍କେତ ଦେଇସାରିଛନ୍ତି। ଏନେଇ ମାମଲା ସୁପ୍ରିମକୋର୍ଟରେ ଚାଲିଛି। ସେହିପରି କୋଟିଆ ଅଞ୍ଚଳରେ ଆନ୍ଧ୍ର ସରକାର ପଞ୍ଚାୟତ ନିର୍ବାଚନ କରିବା ପରେ ଓଡ଼ିଶା ପ୍ରତିକ୍ରିୟାଶୀଳ ହୋଇଥିଲା। ଏହି ପ୍ରସଙ୍ଗରେ ରାଜ୍ୟର ସବୁ ରାଜନୈତିକ ଦଳ ଏକତ୍ର ହୋଇ ଆନ୍ଧ୍ର ସରକାରଙ୍କୁ ମଧ୍ୟ କରିଛନ୍ତି।

### ଡାଟାଏଣ୍ଟ୍ରି ଅପରେଟର...


ଗିରଫ ଡାଟାଏଣ୍ଟ୍ରି ଅପରେଟର ମୃତ୍ୟୁଞ୍ଜୟ ପଣ୍ଡା

ଡାଟାଏଣ୍ଟ୍ରି ଅପରେଟର ପଣ୍ଡା ନିଜ ବ୍ୟାଙ୍କ ଖାତାକୁ ଟ୍ରାନ୍ସଫର କରି ହାତେଇଥିବା ନେଇ ଗତ ୫ ତାରିଖରେ ବନଖଣ୍ଡ ଅଧିକାରୀ ଡି.ଏନ୍. ସାଇକିରଣ କରଞ୍ଜିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହାର ତଦନ୍ତ କରି ଡାଟାଏଣ୍ଟ୍ରି ଅପରେଟର ପଣ୍ଡାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟପଟେ କାର୍ଯ୍ୟରେ ଅବହେଳା ପାଇଁ ରେଞ୍ଜର ପଣ୍ଡାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିବା କରଞ୍ଜିଆ ବନଖଣ୍ଡ ଅଧିକାରୀ ସାଇକିରଣ କହିଛନ୍ତି।


No.n-64

**OFFICE OF THE DIRECTOR,**
**TEXT BOOK PRODUCTION & MARKETING,**
KHARVEL NAGAR, UNIT-III, BHUBANESWAR-751001.
TEL. NO.0674-2380871/72, E.MAIL:- directortbpmodisha@gmail.com
**Bid Letter No. 6121/TBPM., Dated. 05.11.2021**

**Corrigendum**

The Tender Call Notice No.-4997/TBPM dt.17.09.21 against Tender for 170 GSM Glossy Art Cover Paper for the Academic Session 2022-23 is hereby cancelled due to unavoidable circumstances.

OIPR-02005/11/0016/2122 Sd./- Director

E-Procurement Notice No.n-65

**OFFICE OF THE DIRECTOR,**
**TEXT BOOK PRODUCTION & MARKETING,**
KHARVEL NAGAR, UNIT-III, BHUBANESWAR-751001.
TEL. NO.0674-2380871/72, E.MAIL:- directortbpmodisha@gmail.com
**Bid Letter No. 6162/TBPM., Dated. 06.11.21**

01. Description of tender: 170 GSM GLOSSY ART COVER PAPER
02. Date & Time of availability of bid document in the portal
**Start Date & Time: 08.11.2021 10.00 A.M.**
**Closing Date & Time: 22.11.2021 05.00 P.M.**
03. Name and address of the O.I.T.: O/o the Director, Text Book Production & Marketing, Kharavel Nagar, Unit-III, Bhubaneswar- 751001.

Further details regarding downloading of bid documents, online participation can be seen from the e-procurement portal **https://tendersodisha.gov.in**

Further details regarding of bid documents, online participation can be seen from the e-procurement portal https://tendersodisha.gov.in. Subsequent corrigendum/ Addendum and cancellation if any require will be hosted on same website. The Director, TBPM reserves the right to accept or reject (Fully/Partly) tender without assigning any reason thereof.

Sd./- DIRECTOR,
TEXT BOOK PRODUCTION & MARKETING,
OIPR-02005/11/0015/2122 BHUBANESWAR-1

**ODISHA CONSTRUCTION CORPORATION LIMITED, BHUBANESWAR, ODISHA**
PIN: 751012, Tel No. (0674) 2562020, e-Mail: the occltd@odishaconstruction.com, GSTIN-21AAACO2571K2ZM
**"e" Procurement Notice No.- 08/OCCL/2021-22 (On-line)** No. CAD-1730
Type of Work - Sea Wall cum Service Road work.
Total Nos. of Works - 01 (One) No.

| Sl. No. | Bid Identification No. | Period of Completion | Amount Put to Tender (approx) (Rs. in Lakh) | Bid security | Availability of Tender (online) | Submission of tender (on-line) |
|---|---|---|---|---|---|---|
| 01 | OCCL-SCP/02/2021-22 | 06 (Six) calendar months | Rs.1802.23 Lakh | Bid Security Declaration as per W.D. O.M. No. 5984, dated. 27.04.2021 is to be furnished | From 09.11.2021, 10.00 A.M. to 23.11.2021 upto 5.30 P.M. | From 09.11.2021, 10.00 AM to 23.11.2021 upto 5.30 P.M. |

Procurement Officer- Managing Director, Odisha Construction Corporation Limited
Date of Opening of the Technical Bid: **24.11.2021, 12.00 Noon**
Further details can be seen from the e-procurement portal: **https://www.tendersodisha.gov.in**
OIPR-34120/11/0008/2122 Sd./- MANAGING DIRECTOR

**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER**
**RENGALI RIGHT IRRIGATION PROJECT, DHENKANAL**
**Email Id-cerripdkl@gmail.com**
**'e' Procurement Notice**

No.A-587:- The Chief Engineer, Rengali Right Irrigation Project, Mahisapat, Dhenkanal on behalf of the Governor of Odisha invites online percentage rate bids in double cover system for construction of the work as detailed below: 1. Name of the work: Excavation of Narasinghpur Branch Canal from RD 30.210 Km. to RD 32.430 Km. including construction of its structures, lining and service road of RRIP. 2. Tender cost : Rs.1216.71 lakh. 3. Bid document cost : Rs.10,000.00 (online). 4. Bid security : Bid security declaration as per proforma. 5. Class of contractor: 'Special' & 'Super' class. 6. Period of completion: 18 calendar months including rainy seasons. 7. Other details are as follows:

| Procurement Officer | Bid identification No. | Availability of tender online for bidding | | Dat of opening of technical bid (Cover-I) |
|---|---|---|---|---|
| | | From | To | |
| Chief Engineer, RRIP, Dhenkanal | CERRIP-04/2021-22 | 10.11.2021 10.00 A.M. | 25.11.2021 5.30 P.M. | 26.11.2021 11.00 A.M. |

Further details can be seen from the e-procurement portal **https://www.tendersodisha.gov.in**. Any addendum / Corrigendum / Cancellation to the above notice will be published in the Govt. website **www.tendersodisha.gov.in.**

Sd./- Chief Engineer, Rengali Right Irrigation Project, Dhenkanal
OIPR-32351/11/0006/2122

**ODISHA HYDRO POWER CORPORATION LTD.**
(A Gold Rated State PSU)
**O/o. SR. GENERAL MANAGER, RENGALI HYDRO ELECTRIC PROJECT, RENGALI**
P.O.: RENGALI DAM SITE, DIST.- ANGUL (ODISHA), INDIA, PIN- 759105
TEL.: 06760-277214, FAX: 06760-277324, Email: sgmel500@gmail.com
CIN: U40101OR1995SGC003963
No.: OHPC:RHEP/C&P/PUR-III-91/6256 Date: 05.11.2021

**NOTICE INVITING TENDER No. 34/2021-22**

No.: CAD-1733: Sealed tenders are invited in two part i.e. (i) Techno Commercial Bid & (ii) Price Bid in separate sealed envelopes from reputed firms/agency/contractor.

| Description of Work | Cost of Tender Paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of availability of tender at OHPC website (sale) | Last date & Time of receipt of Tender | Date & Time of Opening of Techno Commercial Bid |
|---|---|---|---|---|---|
| Providing false ceiling in suit No. 1, 2 & 3 Dining Hall vitrified tile flooring to Lounge, Verandah, Dining Hall, Kitchen, Dormitory, Portico, Ceramic Wall Tile to Kitchen Room & Silding Window in Dining Hall of Erectors Hostel | Rs.2,360/- (Inclusive of GST @ 18%) | In Lieu of EMD, Bid Security declaration form to be submitted | From Dt.09.11.2021 to Dt.18.11.2021 (Upto 03.00 P.M.) | Upto 04.00 P.M. Dt.18.11.2021 | At 04.30 P.M. Dt.18.11.2021 |

For details and further correspondence/corrigendum, please visit our website **www.ohpcltd.com**.
OIPR-04005/11/0029/2122 Sd./- C & P Head, RHEP, Rengali

**ଜଗତ୍‌ସିଂହପୁର ପୌର ପରିଷଦ କାର୍ଯ୍ୟାଳୟ, ଜଗତ୍‌ସିଂହପୁର**
ସଂଖ୍ୟା: ୫୯୬୬ ତା୦୬।୧୧।୨୦୨୧ରିଖ

**ସୂଚନା**

No. C-1221: ଏତଦ୍ୱାରା ଜଗତ୍‌ସିଂହପୁର ପୌରାଞ୍ଚଳର ସମସ୍ତ ଭୋଟରମାନଙ୍କୁ ଜଣାଇ ଦିଆଯାଉଅଛି ଯେ ନିଜ ନିଜର ସ୍ମାର୍ଟ ଫୋନରେ "Voter Helpline App" (VHA) Download କରି ସେଥିରେ ଆପଣ ଆବଶ୍ୟକ ମୁତାବକ New Addition, Deletion, Correction ଏବଂ Transfer କରିପାରିବେ। ଏତଦ୍ ବ୍ୟତୀତ EPIC Number (ଭୋଟ ପରିଚୟ ପତ୍ର ସଂଖ୍ୟା) ମାଧ୍ୟମରେ ସମସ୍ତ ପ୍ରକାର ଭୋଟର ସମ୍ବନ୍ଧୀୟ ସୂଚନା ପାଇପାରିବେ। Special Summary Revision - 2022 ଉପଲକ୍ଷେ ତା୦୭।୧୧।୨୦୨୧ ଏବଂ ୨୧।୧୧।୨୦୨୧ରିଖ ଦିନ ନିଜ ନିଜର ନିକଟସ୍ଥ ଭୋଟ ଦାନ କେନ୍ଦ୍ରକୁ ଯାଇ ଭୋଟର ତାଲିକାରେ ଯୋଗ, ବିୟୋଗ, ବାଦ୍ ଏବଂ ସଂଶୋଧନ କରିବାକୁ ଅନୁରୋଧ, ପୌରପରିଷଦ ଜଗତ୍‌ସିଂହପୁର।

ସ୍ୱା./– ନିର୍ବାହୀ ଅଧିକାରୀ
ପୌରପରିଷଦ, ଜଗତ୍‌ସିଂହପୁର
OIPR-13087/11/0016/2122

OFFICE OF THE No. C-1215
**NOTIFIED AREA COUNCIL, PIPILI**
**"e" Procurement Notice**
**BID REFERENCE NO (PIPILI-NAC-02/2021-22)**
**TENDER CALL NOTICE No. 2259 / Dt.06.11.2021**

1. Name of the Work : Civil Works as mentioned in website.
2. No. of works : 5 (Five)
3. Bid Value : As per DTCN.
4. Period of Completion : 30 to 90 days
5. Date & time of availability of bid documents in the portal : From 11 A.M. on 11.11.2021 to 5 P.M. on 20.11.2021.
6. Last date of submission of online bid document : 20.11.2021 upto 5.00 P.M.
7. Online received bid will be opened on 22.11.2021 at 2.00 P.M. onwards
8. Name and address of the Officer Inviting Bid : Executive Officer, Pipili, NAC.

Further details can be seen from the e-procurement portal: **www.tendersodisha.gov.in**.

Sd./- Executive Officer, Pipili NAC
OIPR-13107/11/0006/2122

**Odisha Lift Irrigation Corporation Ltd.**
**(A Govt. of Odisha Undertaking)**
**OFFICE OF THE EXECUTIVE ENGINEER, L.I. DIVISION, KEONJHAR**
**E-Procurement Notice : 09/2021-22**
E-mail: olickjr@gmail.com No.3179/Dated: 05.11.2021

No. CAD-1727:- The Executive Engineer, Lift Irrigation Division, Keonjhar invites 'Percentage rate' basis bids in double cover system in ONLINE MODE only for installation, electrification and energisation of 25 nos. T/W L.I. Projects in Anandapur, Ghasipura and Hatadihi blocks of Keonjhar District as detailed in the table given below:

| Package No. | Name of the Block | Name of the L.I. Project/ work | Scheme | Approx. Estimated Cost in Lakhs | Bid Security @ 1% in Rs. | Cost of Bid Documents in Rs. | Class of Contractor | Time of Completion of Work |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Hatadihi | Abulpura, Nilapur, Sulana-II, Girigaon-I & Marua | Plan 21-22 | 63.981 | 63981 | 10000+5%GST | Civil "B" or Equivalent with HT Licence | 90 days |
| 2 | Hatadihi | Bahirpur-II, Baranga-II, Chapundi-II & Chapundia-III | Plan 21-22 | 50.898 | 50898 | 10000+5%GST | Civil "B" or Equivalent with HT Licence | 90 days |
| 3 | Hatadihi | Bancho-II, Sarala, Bareswar, Samana-II, Temala, Sasanga-V, Anra, Dhaipokhari & Dimiria-II | Plan 20-21 | 72.615 | 72615 | 10000+5%GST | Civil "B" or Equivalent with HT Licence | 90 days |
| 4 | Anandpur, Ghasipura & Hatadihi | Adheidwar-II, Dimiria-I Nasirpur-II, Belda (G), Panchupalli-V, Fatepur & Habaleswar-IV | Plan 20-21 | 53.165 | 53165 | 10000+5%GST | Civil "B" or Equivalent with HT Licence | 90 days |

1. Date and time of availability of bid documents in the portal for online bidding **from 10.00 hrs dated 11.11.2021 to 17.00 hrs dated 18.11.2021.** 2. Last date and time of receipt of bids in the portal upto **17.00 hrs. Dated-18.11.2021.** 3. Last date and time of clarification upto **17.00 hrs Dated.- 17.11.2021.** 4. Date of opening of Tender at **11.00 hrs. Dated- 20.11.2021.** 5. Further details can be seen from the e-procurement portal of Govt. of Odisha i.e. **www.tendersodisha.gov.in.** 6. Subsequent corrigendum/addendum if required shall be available in the above portal.
Authority reserves the right to reject any or all the tenders, increase or decrease the quantities without assigning any reasons thereof.
OIPR-32156/11/0009/2122 Sd./- Executive Engineer, L.I. Division, Keonjhar

# ସକ୍ରିୟ ହେବ ହଜମ ପ୍ରକ୍ରିୟା



ଧନିଆ ପତ୍ରରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି। ବିଶେଷ ଭାବରେ ଖାଦ୍ୟ ପ୍ରସ୍ତୁତ କରିବା ସମୟରେ ଏହାକୁ ବ୍ୟବହାର କରାଯାଏ ଏବଂ ତାହା ଖାଦ୍ୟର ସ୍ୱାଦ ବଢ଼ାଇଦିଏ। ତେବେ ଏହାକୁ ନିୟମିତ ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ଆହୁରି ସକ୍ରିୟ ହୋଇଥାଏ। କେବଳ ସେତିକି ନୁହେଁ, ରକ୍ତରେ ଶର୍କରା ପରିମାଣକୁ ସନ୍ତୁଳିତ ରଖିବାରେ ଏହା ଅନେକାଂଶରେ ସାହାଯ୍ୟ କରିଥାଏ। ଧନିଆ ପତ୍ର ହୃତ୍‌ପିଣ୍ଡ (ହାର୍ଟ) ପାଇଁ ମଧ୍ୟ ଉପକାରୀ। ଅନ୍ୟପକ୍ଷରେ ଅନ୍ତଃନଳୀ ସମସ୍ୟା, ବାନ୍ତି, କୋଷ୍ଠ କାଠିନ୍ୟରୁ ଏହା କେତେକାଂଶରେ ଉପଶମ ଦେଇଥାଏ। ଏହା ମାନସିକ ରୋଗରୁ ମଧ୍ୟ ମୁକ୍ତି ଦେଇଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ଅନିଦ୍ରା, ଗଣ୍ଠି ଯନ୍ତ୍ରଣା ଓ ଫୁଲା ସମସ୍ୟାରୁ ଧନିଆ ପତ୍ର ଉପଶମ ଦେଇଥାଏ। ସକାଳୁ ଖାଲିପେଟରେ ଧନିଆରୁ ପ୍ରସ୍ତୁତ ସର୍ବତ ପିଇଲେ ତାହା ଶରୀର ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ।

# ପାଟି ଦୁର୍ଗନ୍ଧ



ଆମେ ପ୍ରତିଦିନ ଖାଇସାରିବା ପରେ ଭଲ ଭାବରେ କୁଳି କରି ପାଟି ସଫା କରିବା ଦରକାର। ନ ହେଲେ ଖାଦ୍ୟ ପଦାର୍ଥର ଅବଶିଷ୍ଟାଂଶ ଦାନ୍ତସନ୍ଧିରେ ରହି ଦୁର୍ଗନ୍ଧ ସୃଷ୍ଟି କରିଥାଏ। ତେବେ ଜଣେ ଡାଇବେଟିସ୍ ରୋଗୀ ଏଥିପ୍ରତି ସତର୍କ ହେବା ନିହାତି ଦରକାର। ପାଟିରୁ ଦୁର୍ଗନ୍ଧ ବାହାରୁଥିଲେ ଏଥିପାଇଁ ଦାୟୀ ଜୀବାଣୁ ଦାନ୍ତକୁ ମଜଭୁତ କରୁଥିବା ଟିସୁକୁ ଦୁର୍ବଳ କରିଦିଏ। ଏଥିଯୋଗୁ ପାଟିରୁ ଖରାପ ଦୁର୍ଗନ୍ଧ ବାହାରିବା ସହ ମାଢ଼ି ଲାଲ୍ ପଡ଼ିଯାଏ, ରକ୍ତ ବାହାରେ ଏବଂ ଦାନ୍ତ ଦୁର୍ବଳ ହୋଇପଡ଼େ। ଏପରି ସମସ୍ୟା ଡାଇବେଟିସ୍ ରୋଗୀ ଶରୀରରେ କୋଟାଏସିଡୋସିସ୍ ନାମକ ତତ୍ତ୍ୱ ସୃଷ୍ଟି କରିଥାଏ। ଏହାର ମାତ୍ରା ଅଧିକ ହୋଇଗଲେ ଜଣେ ଡାଇବେଟିସ୍ ରୋଗୀକୁ ବାରମ୍ବାର ପରିସ୍ରା ଲାଗିବା ସହ ବାନ୍ତି ଲାଗେ, ରକ୍ତରେ ଗ୍ଲୁକୋଜର ସ୍ତର ବଢ଼ିଯାଏ, ଏପରି କି ଶ୍ୱାସକ୍ରିୟାଜନିତ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ପ୍ରତିଦିନ ଦାନ୍ତକୁ ଦୁଇଥର ବ୍ରସ କରନ୍ତୁ। ଜିଭକୁ ମଧ୍ୟ ଭଲଭାବରେ ସଫା କରିବାକୁ ଭୁଲନ୍ତୁ ନାହିଁ। ପ୍ରଚୁର ପରିମାଣରେ ପାଣି ପିଅନ୍ତୁ। ରକ୍ତରେ ଶର୍କରା ପରିମାଣକୁ ନିୟନ୍ତ୍ରଣରେ ରଖନ୍ତୁ।

# ଇଣ୍ଟରଭେନ୍‌ଶନାଲ୍ ରେଡିଓଲୋଜି



ଡା. ନିତ୍ୟାନନ୍ଦ ସ୍ୱାଇଁ



**ପ୍ରତିବର୍ଷ ନଭେମ୍ବର ୮ ତାରିଖକୁ 'ଅନ୍ତର୍ଜାତୀୟ ରେଡିଓଲୋଜି ଦିବସ' ଭାବରେ ପାଳନ କରାଯାଇଥାଏ। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...**

ଚିକିତ୍ସା ବିଜ୍ଞାନରେ ରେଡିଓଲୋଜି ଏକ ଅମୂଲ୍ୟ ବରଦାନ ସଦୃଶ। ଚିକିତ୍ସା ବିଜ୍ଞାନରେ ରେଡିଓଲୋଜିର ସର୍ବପ୍ରଥମ ବ୍ୟବହାର ଆରମ୍ଭ ହୋଇଥିଲା ୧୮୯୫ ମସିହାରେ ଅର୍ଥାତ୍ 'ଏକ୍ସ-ରେ'ର ଆବିଷ୍କାର ପରେ। ଏହାକୁ ଜର୍ମାନୀ ପଦାର୍ଥ ବିଜ୍ଞାନୀ ଉଇଲ୍‌ହେଲମ୍ କୋନ୍‌ରାଡ୍ ରଣ୍ଟଜେନ୍ ଆବିଷ୍କାର କରିଥିଲେ। ପୁଣି ତାଙ୍କର ଏହି ଆବିଷ୍କାର ଥିଲା ଆକସ୍ମିକ। ଉକ୍ତ ଆବିଷ୍କାର ପାଇଁ ତାଙ୍କୁ ୧୯୦୧ ମସିହାରେ ନୋବେଲ ପୁରସ୍କାର (ପଦାର୍ଥ ବିଜ୍ଞାନ) ପ୍ରଦାନ କରାଯାଇଥିଲା। ରଣ୍ଟଜେନ୍ ଏକ୍ସ-ରେ ଆବିଷ୍କାର କରିଥିଲେ ୧୮୯୫ ମସିହା ନଭେମ୍ବର ୮ ତାରିଖ ସନ୍ଧ୍ୟା ସମୟରେ। ତାଙ୍କ ପତ୍ନୀ ଆନ୍ନା ବର୍ଥା ଲୁଡ୍‌ଉଇଗଙ୍କ ବାମ ହାତର ଏକ୍ସ-ରେ ଫଟୋ ଥିଲା ପୃଥିବୀର ସର୍ବପ୍ରଥମ ଏକ୍ସ-ରେ ଫଟୋ। ୧୮୯୫ ମସିହା ଡିସେମ୍ବର ୨୨ ତାରିଖରେ ରଣ୍ଟଜେନ୍ ନିଜେ ସେହି ଏକ୍ସ-ରେ ଫଟୋ ଉଠାଇଥିଲେ।

ଏକ୍ସ-ରେର ଆବିଷ୍କାର ଦିବସଟିକୁ ସ୍ମରଣୀୟ ରଖିବା ଉଦ୍ଦେଶ୍ୟରେ ୨୦୧୨ ମସିହାଠାରୁ 'ୟୁରୋପୀୟାନ୍ ସୋସାଇଟି ଅଫ୍ ରେଡିଓଲୋଜି', 'ରେଡିଓଲୋଜିକାଲ ସୋସାଇଟି ଅଫ୍ ନର୍ଥ ଆମେରିକା' ଏବଂ 'ଆମେରିକାନ୍ କଲେଜ ଅଫ୍ ରେଡିଓଲୋଜି'ର ମିଳିତ ଆନୁକୂଲ୍ୟରେ ପ୍ରତିବର୍ଷ ନଭେମ୍ବର ୮ ତାରିଖକୁ 'ଅନ୍ତର୍ଜାତୀୟ ରେଡିଓଲୋଜି ଦିବସ' ରୂପେ ପାଳନ କରାଯାଇଆସୁଛି। ଅନ୍ତର୍ଜାତୀୟ ରେଡିଓଲୋଜି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରେଡିଓଲୋଜିର ବିଭିନ୍ନ ପଦ୍ଧତି ଏବଂ ଆଧୁନିକ ଚିକିତ୍ସା କ୍ଷେତ୍ରରେ ଏହିସବୁ ପଦ୍ଧତିର ଉପଯୋଗିତା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ଏବଂ ସେମାନଙ୍କଠାରେ ସଚେତନତା ବୃଦ୍ଧି କରିବା। ଏହି ଦିବସରେ ରେଡିଓଲୋଜିର ସାଧାରଣ ବ୍ୟବହାର ସହ ବିଭିନ୍ନ ଅଙ୍ଗର ଛାୟାଚିତ୍ରଣ ବା ପ୍ରତିରୂପ (ଇମେଜିଂ) ସମ୍ପର୍କରେ ସ୍ୱତନ୍ତ୍ର ଭାବରେ ଆଲୋଚନା କରାଯାଇଥାଏ। ଯେପରିକି ଡାଇଗ୍ନୋଷ୍ଟିକ୍ ରେଡିଓଲୋଜି, ନ୍ୟୁରୋରେଡିଓଲୋଜି, ରେଡିଏସନ୍, ଅଙ୍କୋଲୋଜି, ନ୍ୟୁକ୍ଲିୟାର୍ ରେଡିଓଲୋଜି, ପେଡିଆଟ୍ରିକ୍ ରେଡିଓଲୋଜି, ଭାସ୍କୁଲାର ରେଡିଓଲୋଜି, କାର୍ଡିଓ ଭାସ୍କୁଲାର ରେଡିଓଲୋଜି, ସ୍ପୋର୍ଟସ ରେଡିଓଲୋଜି, ଡିଜିଟାଲ୍ ମାମ୍ମୋଗ୍ରାଫି ଇତ୍ୟାଦି। ସ୍ଥଳ ବିଶେଷରେ ଟେଲିରେଡିଓଲୋଜି ପଦ୍ଧତିରେ ଏକ୍ସ-ରେ ଛାୟାଚିତ୍ରଣକୁ ଅନ୍‌ଲାଇନ୍ ମାଧ୍ୟମରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପ୍ରେରଣ କରି ନିଆଯାଇଥାଏ।

ଚଳିତ ବର୍ଷର 'ଅନ୍ତର୍ଜାତୀୟ ରେଡିଓଲୋଜି ଦିବସ'ର ପ୍ରସଙ୍ଗ ରହିଛି 'ଇଣ୍ଟରଭେନ୍‌ଶନାଲ ରେଡିଓଲୋଜି- ରୋଗୀଙ୍କ ସମୁଚିତ ଯତ୍ନ'। ଇଣ୍ଟରଭେନ୍‌ଶନାଲ ରେଡିଓଲୋଜିକୁ ଆମେ 'ଅନ୍ତଃକ୍ରିୟାତ୍ମକ ବିକିରଣ ବିଜ୍ଞାନ' ବୋଲି କହିପାରିବା। ଏହା ରେଡିଓଲୋଜିର ଏକ ବିଶେଷ ଶାଖା।

ଆପଣମାନେ ଜାଣନ୍ତି ଯେ, 'ଫ୍ଲୋରୋସ୍କୋପି', 'ସିଟିସ୍କାନ୍', 'ଏମ୍.ଆର.ଆଇ.' ଏବଂ ଅଲଟ୍ରାସାଉଣ୍ଡ ପରୀକ୍ଷା ଆଦି କରାଇ ଓ ତା'ର ଛବି ଦେଖି ରୋଗ ଚିହ୍ନଟ କରି ଏବଂ ରୋଗର ଚିକିତ୍ସା କରି ଆରୋଗ୍ୟ କରାଯାଉଛି ରୋଗୀକୁ। ଏହି ପଦ୍ଧତିରେ କୌଣସି ବଡ଼ ଧରଣର ଅପେରଶନ୍ କରାଯାଏ ନାହିଁ। ସ୍ଥଳ ବିଶେଷରେ ଚର୍ମରେ କରାଯାଇଥାଏ ଏକ ମାମୁଲି ଛିଦ୍ରମାତ୍ର। ଏହି ପଦ୍ଧତିର ପ୍ରକାରକୁ ଚାହିଁ ଶରୀର ଭିତରକୁ ପ୍ରବେଶ କରେଇବାକୁ ପଡ଼େ ଛୁଞ୍ଚି, କାଥେଟର୍ କି ତାର। ସ୍ୱତନ୍ତ୍ର ଧରଣର ଏକ୍ସ-ରେ କ୍ୟାମେରା କିମ୍ବା ଫ୍ଲୋରୋସ୍କୋପ୍ ମାଧ୍ୟମରେ ଧମନୀ, ଶିରା, ଅଙ୍ଗ ଇତ୍ୟାଦିର ଛବିକୁ ଦେଖି ରୋଗ ନିର୍ଣ୍ଣୟପୂର୍ବକ କରାଯାଇଥାଏ ପ୍ରତିକାର ବ୍ୟବସ୍ଥା।

ଅନ୍ତର୍ଜାତୀୟ ରେଡିଓଲୋଜି ଦିବସ ପାଳନ ଅବସରରେ ଆୟୋଜିତ ହୋଇଥାଏ ସେମିନାର, ବକ୍ତୃତା, ପ୍ରଦର୍ଶନୀ ଓ କର୍ମଶାଳା ଇତ୍ୟାଦି। ଏସବୁରେ ଅଂଶଗ୍ରହଣ କରିଥାନ୍ତି ରେଡିଓଲୋଜିଷ୍ଟିକ୍, ରେଡିଓଲୋଜିର ସ୍ନାତକୋତ୍ତର ଛାତ୍ର ଏବଂ ରେଡିଓଗ୍ରାଫରମାନେ।

ଏକ୍ସ-ରେ ଆବିଷ୍କୃତ ହୋଇଥିଲା ୧୨୬ ବର୍ଷ ତଳେ। ମାତ୍ର ଏହା ଏପରି ଏକ ଯୁଗାନ୍ତକାରୀ ଆବିଷ୍କାର ଯେ, ଏକ୍ସ-ରେ ସମେତ ସିଟି ସ୍କାନ୍ ଏବଂ ଏମ୍.ଆର.ଆଇ. କ୍ଷେତ୍ରକୁ ମଧ୍ୟ ମିଳିଛି ନୋବେଲ ପୁରସ୍କାର। ଏ ଯାବତ୍ ପାଖାପାଖି ୨୫ଜଣ ବିଜ୍ଞାନୀ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ରେଡିଓଲୋଜି ଆଧାରିତ କ୍ଷେତ୍ରରେ ଆବିଷ୍କାର କରି ନୋବେଲ ପୁରସ୍କାର ପାଇବାର ଗୌରବ ଅର୍ଜନ କରିପାରିଛନ୍ତି।

ରେଡିଓଲୋଜି ପଦ୍ଧତିରେ ବ୍ୟବହୃତ ହୋଇଥାଏ ତେଜସ୍କ୍ରିୟ ବିକିରଣ। ଏହି ତେଜସ୍କ୍ରିୟ ବିକିରଣ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଅନିଷ୍ଟକର, ଏପରିକି ଏହା ଜାତ କରିପାରେ କ୍ୟାନ୍‌ସର। ତେଣୁ ରେଡିଓଲୋଜି ବିଭାଗରେ କାର୍ଯ୍ୟରତ ଡାକ୍ତର, ନର୍ସ, ରେଡିଓଗ୍ରାଫର୍ ଇତ୍ୟାଦି ତେଜସ୍କ୍ରିୟତାରୁ ସୁରକ୍ଷିତ ରହିବା ପାଇଁ ଅନୁମୋଦିତ ସାବଧାନତା ଅବଲମ୍ବନ କରିଥାଆନ୍ତି।

-'ଅଭୀପ୍‌ସା', ସେକ୍ଟର-୬, ପ୍ଲଟ୍ ନଂ. ୧୧୩୧, ଅଭିନବ ବିଡ଼ାନାସୀ, କଟକ
ମୋ : ୮୩୨୮୯୭୫୧୧୮





# ସୁସ୍ଥ ରହିବା ପାଇଁ ସନ୍ତୁଳିତ ଜୀବନଶୈଳୀ



ଡା. ବସନ୍ତ କୁମାର ଷଡ଼ଙ୍ଗୀ

**"ଭାରତୀୟ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର, ପାରମ୍ପରିକ ରୀତିନୀତିକୁ ଅନୁଧ୍ୟାନ କଲେ ଜଣାଯାଏ ସେଥିରେ ମନୁଷ୍ୟର ଦୈନନ୍ଦିନ ଜୀବନ ଶୈଳୀ, ଚିନ୍ତାଧାରା, ନୀରୋଗ ଜୀବନ ଯାପନ ସହ ଦୀର୍ଘାୟୁ ନିମନ୍ତେ ବିଭିନ୍ନ ନିୟମ ଉଲ୍ଲେଖ ରହିଛି। କିନ୍ତୁ କେତେକ ନିଜର ବ୍ୟସ୍ତ ବହୁଳ ଜୀବନ ଭିତରେ ନିଜ ଦୈନନ୍ଦିନ ଜୀବନଶୈଳୀକୁ ଆବଶ୍ୟକ ମୁତାବକ ଗୁରୁତ୍ୱ ଦେଇପାରୁନାହାନ୍ତି"**

ପୃଥିବୀପୃଷ୍ଠରେ ବସବାସ କରୁଥିବା ମନୁଷ୍ୟଙ୍କ ପାଇଁ ସୁସ୍ଥ ତଥା ନୀରୋଗ ଜୀବନଯାପନ ନିମନ୍ତେ ଏକ ଜୀବନଶୈଳୀ ରହିଛି। ଭାରତୀୟ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର, ପାରମ୍ପରିକ ରୀତିନୀତିକୁ ଅନୁଧ୍ୟାନ କଲେ ଜଣାଯାଏ ସେଥିରେ ମନୁଷ୍ୟର ଦୈନନ୍ଦିନ ଜୀବନଶୈଳୀ, ଚିନ୍ତାଧାରା, ନୀରୋଗ ଜୀବନଯାପନ ସହ ଦୀର୍ଘାୟୁ ନିମନ୍ତେ ବିଭିନ୍ନ ନିୟମ ଉଲ୍ଲେଖ ରହିଛି। କିନ୍ତୁ କେତେକ ନିଜର ବ୍ୟସ୍ତବହୁଳ ଜୀବନ ଭିତରେ ନିଜ ଦୈନନ୍ଦିନ ଜୀବନଶୈଳୀକୁ ଆବଶ୍ୟକ ମୁତାବକ ଗୁରୁତ୍ୱ ଦେଇପାରୁନାହାନ୍ତି। ଫଳରେ ସେମାନେ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଭାରତୀୟ ଚିକିତ୍ସା ଶାସ୍ତ୍ରରେ ଏମତି କେତେକ କଥା ଉଲ୍ଲେଖ ରହିଛି, ଯାହାକୁ ପାଳନ କଲେ ଆମେ ନୀରୋଗ ଜୀବନଯାପନ କରିପାରିବା। ଦୈନନ୍ଦିନ ଜୀବନରେ କୌଣସି କାରଣରୁ ମନର ସ୍ଥିତି ଯଦି ବିଗିଡ଼ି ଯାଏ, ଏହାର ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଅସଂଯମ, ଅସତ୍ୟ, ଅଭିମାନ, ଈର୍ଷା, କ୍ରୋଧ, ହିଂସା, କପଟ ଆଦି ଦୁର୍ଗୁଣ ଆମର ସ୍ୱାସ୍ଥ୍ୟ ବିଗିଡ଼ିବାର ଅନ୍ୟତମ କାରଣ। କାରଣ ଏଗୁଡ଼ିକ ଆମ ଜୀବନଶୈଳୀ ସହ ଜଡ଼ିତ। ଏହା ଦ୍ୱାରା ଶରୀରରେ କେତେକ ରୋଗ ସୃଷ୍ଟି ହେବାର ଆଶଙ୍କା ରହିଛି।

**ଅସଂଯମ :** ପାଟିର ଲାଳସା, ଜିହ୍ୱାର ସ୍ୱାଦ ନିମନ୍ତେ ବିଭିନ୍ନ ଗରିଷ୍ଠ ଖାଦ୍ୟ ଖାଇବା, ଫାଷ୍ଟଫୁଡ୍, ରାସ୍ତା କଡ଼ରେ ବିଭିନ୍ନ ତେଲଛଣା ଖାଦ୍ୟ ଖାଇବା ଦ୍ୱାରା ଅନ୍ତଃନଳୀରେ ବିଭିନ୍ନ ରୋଗ ସୃଷ୍ଟିର ଆଶଙ୍କା ରହିଥାଏ।

**ଅସତ୍ୟ:** ଅସତ୍ୟ ବା ମିଛ କହିବା ଦ୍ୱାରା ହୃଦୟ ଓ ମସ୍ତିଷ୍କର ଜ୍ଞାନତନ୍ତୁ ଉପରେ ଖରାପ ପ୍ରଭାବ ପକାଇଥାଏ। ଏହାଦ୍ୱାରା ପରବର୍ତ୍ତୀ ସମୟରେ ମାନସିକ ବ୍ୟାଧିର ଆଶଙ୍କା ଥାଏ।

**ଅଭିମାନ:** ଅଭିମାନ ମନୁଷ୍ୟର ଦୁର୍ଗୁଣର ମୁଖ୍ୟ ଅଟେ।

**ଈର୍ଷା:** ଈର୍ଷା କରୁଥିବା ବ୍ୟକ୍ତି ମନୁଷ୍ୟର ଇନ୍ଦ୍ରିୟ ଉପରେ ପ୍ରଭାବ ପକାଇ ବୁଦ୍ଧି ଭ୍ରଷ୍ଟ କରିଥାଏ।

**କ୍ରୋଧ:** କୌଣସି କାର୍ଯ୍ୟ ଇଚ୍ଛା ମୁତାବକ ନ ହୋଇ ପାରିଲେ କିମ୍ବା ସେଥିରେ ପ୍ରତିବନ୍ଧକ ଆସିଲେ ମନରେ କ୍ରୋଧ ଉତ୍ପନ୍ନ ହୋଇଥାଏ। କ୍ରୋଧ ଦ୍ୱାରା ମନୁଷ୍ୟ ମସ୍ତିଷ୍କର ସ୍ଥିତି ବିଗିଡ଼ି ଯିବା ସହ ଶରୀରର 'ଓଜ' (ରୋଗ ପ୍ରତିରୋଧକ ଶକ୍ତି) ବହୁ ପରିମାଣରେ ଅବକ୍ଷୟ ହୋଇଥାଏ। ଯଦ୍ଦ୍ୱାରା ଶରୀରର ଜୀବନୀୟ ଶକ୍ତି ନଷ୍ଟ ହେବା ସହ ମସ୍ତିଷ୍କର ଜ୍ଞାନତନ୍ତୁ ଉପରେ ପ୍ରଭାବ ପକାଏ। ଏହାଦ୍ୱାରା ମଣିଷ ବିବେକଶୂନ୍ୟ ହୋଇ ନିଜର ଏବଂ ଅନ୍ୟର ମଧ୍ୟ କ୍ଷତି ଘଟାଇଥାଏ।

**ହିଂସା:** ହିଂସା କ୍ରୋଧ ଓ ଅଭିମାନରୁ ଉତ୍ପନ୍ନ ହୋଇଥାଏ। ଏହାର ପରିଣାମ ସ୍ୱରୂପ ମାନସିକ ସ୍ଥିତିରେ ଅସ୍ଥିରତା ହୋଇ ବିଭିନ୍ନ ହିଂସାକାଣ୍ଡ ସୃଷ୍ଟି କରିଥାଏ।

**ଛନ୍ଦ-କପଟ:** କପଟ କରୁଥିବା ବ୍ୟକ୍ତି ହିଂସା ସଦୃଶ ଏବଂ ସେହିପରି ଆଚରଣ କରିଥାଏ।

ଉପରୋକ୍ତ ସମସ୍ତ ବିଷୟ ମନୁଷ୍ୟର ଚିନ୍ତାଧାରାକୁ ପରିବର୍ତ୍ତନ କରି ବିପଥଗାମୀ ନିମନ୍ତେ ସହାୟକ ହୋଇଥାଏ। କିଛି ବର୍ଷ ପୂର୍ବରେ ଅତୀତକୁ ଆମେ ମନେପକାଇ ଅନୁଶୀଳନ କଲେ ଆମେ ଜାଣିପାରିବା ଯେ ପିଲାଦିନେ ଡୁ-ଡୁ, କବାଡ଼ି, ବୋହୂଚୋରି ଖେଳ, ନଦୀ, ଗଡ଼ିଆରେ ପହଁରିବା, ପୁଚି, ଲୁଚକାଳି ଖେଳ ସ୍ୱାସ୍ଥ୍ୟ ପାଇଁ 'ବ୍ୟାୟାମ' ସଦୃଶ କାମ କରୁଥିଲା। ଏହାଦ୍ୱାରା ଶରୀରର ଅଙ୍ଗପ୍ରତ୍ୟଙ୍ଗ ଚଳପ୍ରଚଳ ହେବା ସହ ଦେହରୁ ଝାଳ ନିର୍ଗତ ହୋଇ ଶରୀରକୁ ସୁସ୍ଥ ରହିବାରେ ସହାୟକ ହେଉଥିଲା। ସାମ୍ପ୍ରତିକ ପରିସ୍ଥିତିରେ ଏଗୁଡ଼ିକ ମଧ୍ୟରୁ ଅନେକ ଆମଠାରୁ ଦୂରେଇ ଗଲେଣି କହିଲେ ଆଦୌ ଭୁଲ ହେବ ନାହିଁ। ଆଜିକାଲି ଅନେକ ନିଜର ଦୈନନ୍ଦିନ ଜୀବନଶୈଳୀ ପ୍ରତି ଆବଶ୍ୟକ ଧ୍ୟାନ ଦେଉନାହାନ୍ତି। ଭାରତୀୟ ସଂସ୍କୃତିରେ ଗୃହକୁ କୌଣସି ଅତିଥି ଆସିଲେ ସର୍ବପ୍ରଥମେ ଗୋଡ଼ହାତ ଧୋଇ ଘରେ ପ୍ରବେଶ ପାଇଁ ଘର ଆଗରେ ଜଳ ପାତ୍ର ରଖାଯାଉଥିଲା। ତା' ପରେ ଅତିଥିଙ୍କୁ ସ୍ୱାଗତ କରି ଘରକୁ ପାଛୋଟି ନିଆଯାଉଥିଲା। ଏବେ କରୋନା ଯୋଗୁ ବାହାରକୁ ଯାଇ ଘରକୁ ଫେରିଲେ ଗୋଡ଼ହାତ ଭଲ ଭାବରେ ଧୋଇବାକୁ ଅନେକ ଅନୁସରଣ କରୁଛନ୍ତି। ପାରମ୍ପରିକ ଜୀବନଶୈଳୀକୁ ଆମେ ପୁଣି ଥରେ ଆବୋରି ନେବାର ସମୟ ଆସିଛି। ନିଜର ଜୀବନଶୈଳୀ ପ୍ରତି ଆମେ ସତର୍କ ରହିଲେ ସୁସ୍ଥ ଜୀବନଯାପନ କରିପାରିବା।



- ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ : ୭୮୯୪୧୧୨୪୮୭

## ସ୍ୱାସ୍ଥ୍ୟ ସୂଚନା

- ରାତ୍ରିଭୋଜନ ଶେଷ କରିବା ପରେ ବାହାରେ କିଛି ସମୟ ଚାଲବୁଲ କରନ୍ତୁ। ଏହାଦ୍ୱାରା ଖାଇଥିବା ଖାଦ୍ୟ ସହଜରେ ହଜମ ହୋଇଥାଏ।
- ଖାଦ୍ୟ ଖାଇସାରିବା ପରେ ଫଳମୂଳ ଖାଆନ୍ତୁ ନାହିଁ।
- ଶିଡ଼ି ଚଢ଼ିବା ଏକ ଭଲ ଅଭ୍ୟାସ। ଏହାଦ୍ୱାରା ଆଣ୍ଠୁଗଣ୍ଠି ଏକ୍ସରସାଇଜ୍ ହୋଇଥାଏ। ତେବେ ଯଦି ଏଥିଜନିତ କିଛି ସମସ୍ୟା ରହିଛି, ତେବେ ଶିଡ଼ି ଚଢ଼ିବା ପୂର୍ବରୁ ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତୁ।
- ଅସୁସ୍ଥ ଲାଗୁଥିଲେ ବ୍ୟାୟାମ କରନ୍ତୁ ନାହିଁ। କାରଣ ଏପରି ଅବସ୍ଥାରେ ବ୍ୟାୟାମ କଲେ ତାହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ।
- ଦିନ ତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ।
- ବୟସ ବଢ଼ିବା ସହ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଯାଇଥାଏ। ତେବେ ଏଥିପ୍ରତି ଆରମ୍ଭରୁ ସତର୍କ ରୁହନ୍ତୁ ଏବଂ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ରୁଟିନ୍ ଚେକ୍‌ଅପ୍ କରାଇ ନିଅନ୍ତୁ।



# ଆଜ୍‌ମାର ଘରୋଇ ଉପଚାର



ଆଜ୍‌ମା ହେଉଛି ଏକ ଶ୍ୱାସଜନିତ ସମସ୍ୟା। ଏହା ଗୁରୁତର ଆକାର ଧାରଣ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ହସ୍ପିଟାଲରେ ଆଡମିଟ୍ ହୋଇ ଚିକିତ୍ସିତ ହେବାକୁ ପଡ଼ିଥାଏ। ତେବେ ଏପରି କେତେକ ଘରୋଇ ଉପଚାର ରହିଛି, ଯାହାକୁ ଅନୁସରଣ କରି ଜଣେ ବ୍ୟକ୍ତି ଏଥିରୁ କେତେକାଂଶରେ ଉପଶମ ଲାଭ କରିପାରିବ। ଜଣେ ଆଜ୍‌ମା ରୋଗୀ ନିଜ ଓଜନକୁ ସବୁବେଳେ ସନ୍ତୁଳିତ ରଖିବା ନିହାତି ଜରୁରୀ। ତେଣୁ ନିଜର ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ। ପ୍ରଚୁର ପରିମାଣରେ ଫଳ ଓ ସବୁଜ ପନିପରିବା ଖାଆନ୍ତୁ। ଏଥିରେ ବିଟା-କାରୋଟିନ୍, ଭିଟାମିନ୍ ସି ଏବଂ ଇ ପରି ଆଣ୍ଟିଅକ୍ସିଡାଣ୍ଟ ଅଛି, ଯାହା ଶ୍ୱାସକ୍ରିୟାକୁ ଠିକ୍ ଭାବରେ ଚାଲିବାରେ ସାହାଯ୍ୟ କରେ। ଆଜ୍‌ମାରୁ ଉପଶମ ପାଇବା ପାଇଁ ଉଷୁମ ପାଣିରେ ମହୁ ମିଶାଇ ପିଇପାରନ୍ତି। ଏହାକୁ ହର୍ବାଲ ଚା'ରେ ମିଶାଇ ପିଇଲେ ତାହା ଆଜ୍‌ମା ରୋଗୀଙ୍କ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ନିୟମିତ ଯୋଗ କରିବା ଦ୍ୱାରା ଆପଣ ଫିଟ୍ ରହିବେ। ତା' ସହ ଷ୍ଟ୍ରେଚିଂ ଓ ବ୍ରେଥିଂ ବ୍ୟାୟାମ କରିବା ଆଜ୍‌ମା ରୋଗୀଙ୍କ ପାଇଁ ଭଲ।

# ଡିମେନ୍‌ସିଆକୁ ନିୟନ୍ତ୍ରଣ କରିବାର ନୂଆ ଉପାୟ

ଡିମେନ୍‌ସିଆ ହେଉଛି ଏକ ସ୍ନାୟୁଜନିତ ରୋଗ। ଏହାକୁ ପ୍ରତିହତ କରିବା ପାଇଁ ଆମିନୋ ଏସିଡ୍ ଥିବା ୭ଟି ଜିନିଷର ସମ୍ମିଶ୍ରଣରେ ପ୍ରସ୍ତୁତ ହୋଇଛି ଆମିନୋ ଏଲ୍‌ପି-୭।

ଜାପାନସ୍ଥିତ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଫର କ୍ୱାଣ୍ଟମ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ବୈଜ୍ଞାନିକମାନେ ଏପରି ନୂଆ ଉପାୟ ଉଦ୍ଭାବନ କରିଛନ୍ତି। ଏହାକୁ ନିୟନ୍ତ୍ରଣକୁ ଆଣିବାରେ 'ଆମିନୋ ଏଲ୍‌ପି-୭' ସଫଳ ହୋଇପାରିବ ବୋଲି ଉକ୍ତ ଇନ୍‌ଷ୍ଟିଚ୍ୟୁଟ୍ ବୈଜ୍ଞାନିକମାନେ ଆଶାପ୍ରକଟ କରିଛନ୍ତି। ଆମିନୋ ଏସିଡ୍‌କୁ ନେଇ ଗଠିତ ପ୍ରୋଟିନ୍‌ର ପରିମାଣ ଶରୀରରେ କମିଗଲେ ନାନା ପ୍ରକାର ବ୍ୟତିକ୍ରମ ଦେଖାଯାଏ। ଏହାଦ୍ୱାରା ମସ୍ତିଷ୍କ ଓ ସ୍ନାୟୁ ପ୍ରଭାବିତ ହେବା ସହ ଆଲ୍‌ଜିମର୍ସ ରୋଗ ମଧ୍ୟ ସୃଷ୍ଟି କରିପାରେ।

# ଅବସାଦ ଦୂର କରେ ଉତ୍ତମ ଖାଦ୍ୟ



ଶରୀରକୁ ସୁସ୍ଥ ଓ ମଜଭୁତ ରଖିବାରେ ଉତ୍ତମ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗ୍ଲିନିଆସିସ୍ ଗ୍ଲୋବାଲ ହସ୍ପିଟାଲ ପକ୍ଷରୁ ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ସୁଷମ ତଥା ଭିଟାମିନ୍ ବିହୀନ ଖାଦ୍ୟ ଖାଇଲେ ଆମେ ଅବସାଦର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଅବସାଦର ଶିକାର ହେବା ପରେ କେତେକ ବ୍ୟକ୍ତି ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ଦ୍ୱାରା ସେମାନେ ମେଦବହୁଳତା ପରି ସମସ୍ୟାର ସମ୍ମୁଖୀନ ହେବା ଆଶଙ୍କା ରହିଛି। ତେବେ ଅବସାଦଠାରୁ ନିଜକୁ ଦୂରେଇ ରଖିବା ପାଇଁ ଜଣେ ବ୍ୟକ୍ତି ସନ୍ତୁଳିତ ଖାଦପେୟ ପ୍ରତି ଧ୍ୟାନ ଦେବା ଦରକାର। ଅବସାଦଠାରୁ ନିଜକୁ କେତେକାଂଶରେ ଦୂରେଇ ରଖିବା ପାଇଁ ପ୍ରୋଟିନ୍, ଓମେଗା ୩ ଫ୍ୟାଟି ଏସିଡ୍ ଏବଂ ଆଣ୍ଟି ଅକ୍ସିଡାଣ୍ଟଯୁକ୍ତ ଖାଦ୍ୟ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।

# ‘ଆଇପିଏଲ୍ ପରେ ବିଶ୍ରାମ ଆବଶ୍ୟକ ଥିଲା’

**ଦୁବାଇ,୭।୧୧**

ଚଳିତ ଟି୨୦ ବିଶ୍ୱକପ୍‌ରେ ଭାରତର ବିପର୍ଯ୍ୟୟ ପରେ ଏ ପର୍ଯ୍ୟନ୍ତ ଆଲୋଚନା ଓ ପର୍ଯ୍ୟାଲୋଚନା ଚାଲିଛି। ଭାରତୀୟ ବୋଲିଂ କୋଚ୍ ଭରତ ଅରୁଣ ଏ ନେଇ ନିଜର ମତ ରଖିଛନ୍ତି। ସୁପର ୧୨ ପର୍ଯ୍ୟାୟର ପ୍ରଥମ ଦୁଇଟି ମ୍ୟାଚ୍‌ରେ ପାକିସ୍ତାନ ଓ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହେବା ପରେ ଭାରତର ସେମିଫାଇନାଲ ଆଶା ମଉଳି ଯାଇଥିଲା। ଟସ୍‌ରେ ହାରିବା ଓ ବାୟୋବବଲ ନେଇ ଉପୁଜିଥିବା କ୍ଳାନ୍ତି ଭାରତ ବିପର୍ଯ୍ୟୟର ମୁଖ୍ୟ କାରଣ ବୋଲି ସେ ଦର୍ଶାଇଛନ୍ତି। ପୁଣି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଓ ଟି୨୦ ବିଶ୍ୱକପ୍ ମଧ୍ୟରେ ଛୋଟିଆ ଅନ୍ତର ତଥା ବ୍ରେକ୍‌ର ଆବଶ୍ୟକତା ଥିଲା ବୋଲି ସେ କହିଛନ୍ତି।


ଭରତ ଅରୁଣ

ଆଇପିଏଲ୍ ଅକ୍ଟୋବର ୧୫ରେ ଶେଷ ହୋଇଥିଲା ଓ ବିଶ୍ୱକପ୍ ଅକ୍ଟୋବର ୨୪ରେ ଆରମ୍ଭ ହୋଇଥିଲା। ତେଣୁ ଦୁଇଟି ବଡ଼ ଇଭେଣ୍ଟ ମଧ୍ୟରେ ମାତ୍ର ୯ ଦିନର ଅନ୍ତର ଥିଲା। ଖେଳାଳିମାନେ ଗୋଟିଏ ବବଲରୁ ଆଉ ଏକ କଠିନ ବବଲକୁ ଯାଇଥିଲେ। ଦୀର୍ଘ ୬ ମାସଧରି ବିନା ବିଶ୍ରାମରେ କ୍ରିକେଟ ସହିତ ଜଡିତ ରହିବା ନିଶ୍ଚିତ ଭାବେ କଷ୍ଟକର ଥିଲା। ଆଇପିଏଲ୍ ଓ ବିଶ୍ୱକପ୍ ମଧ୍ୟରେ ଭଲ ଅନ୍ତର ରହିଥିଲେ ଭାରତୀୟ ଖେଳାଳିମାନଙ୍କ ପାଇଁ କାମରେ ଆସିଥାନ୍ତା।

ଟସ୍ ହାରିବା ପରେ କାକର ସମସ୍ୟା ଭାରତ ବିପକ୍ଷରେ ଯାଇଥିଲା। କାରଣ ବିପକ୍ଷ ଦଳ ପଛରେ ବ୍ୟାଟିଂ କରି କାକର ସମସ୍ୟାରୁ ଫାଇଦା ଉଠାଇ ସହଜରେ ବିଜୟ ହାସଲ କରିଥିଲା। ତେଣୁ ଚଳିତ ବିଶ୍ୱକପ୍‌ରେ ଟସର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ବିଶ୍ୱକପ୍ ଭଳି ବଡ଼ ଇଭେଣ୍ଟରେ ଟସ୍‌ର ଭୂମିକା ସେତେଟା ଗୁରୁତ୍ୱପୂର୍ଣ୍ଣ ହେବା ଉଚିତ ନୁହେଁ। ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କ ଅନୁପସ୍ଥିତି ନେଇ ସେ ଅଧିକ କିଛି କହିବାକୁ ଅମଙ୍ଗ ହୋଇଛନ୍ତି। ଏହା ଚୟନକର୍ତ୍ତାଙ୍କ କାର୍ଯ୍ୟ ଓ ସେ ନେଇ ମୋର କିଛ କହିବାର ନାହିଁ ବୋଲି ସେ କହିଛନ୍ତି।

# କ୍ରୀଡ଼ାରେ ଯଦି ଓ କିନ୍ତୁର ସ୍ଥାନ ନାହିଁ

**ଗୌତମ ଗମ୍ଭୀର**

ଜଣେ କ୍ରୀଡ଼ାବିତ୍ ନିଜର ପରିଶ୍ରମ, ଅଧ୍ୟବସାୟ ବଳରେ ସଫଳତାର ଶୀର୍ଷରେ ପହଞ୍ଚିବାକୁ ପ୍ରୟାସ କରିଥାଏ। ନିଜର କର୍ମ ବଳରେ ଜଣେ ଖେଳାଳି ନିଜର ଭାଗ୍ୟ ନିର୍ଦ୍ଧାରଣ କରିଥାଏ। କିନ୍ତୁ ଏଥିପାଇଁ ସେ ଅନ୍ୟ କାହାର ଦୟା କିମ୍ବା ଅନ୍ୟ ମୁକାବିଲାର ଫଳାଫଳ ଉପରେ ନିର୍ଭର କରି ନ ଥାଏ। ଭାରତୀୟ କ୍ରିକେଟ ଦଳ ଏହାର ଅର୍ଥ ସବୁଠାରୁ ଭଲ ଭାବେ ବୁଝିଥିବ। ପ୍ରଥମ ଦୁଇଟି ମ୍ୟାଚ୍‌ରେ ପାକିସ୍ତାନ ଓ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇ ଭାରତ ଏକପ୍ରକାର ସେମି ଦୌଡରୁ ବାଦ୍ ପଡିସାରିଥିଲା। ତେବେ ଭାରତର ଭାଗ୍ୟ ନ୍ୟୁଜିଲାଣ୍ଡ ଓ ଆଫଗାନିସ୍ତାନ ମ୍ୟାଚର ଫଳାଫଳ ଉପରେ ନିର୍ଭର କରୁଥିଲା। କେତୋଟି ‘ଯଦି ଓ କିନ୍ତୁ’ ଉପରେ ନିର୍ଭର କରି ଭାରତକୁ ଶେଷରେ ନିରାଶ ହେବାକୁ ପଡିଛି। ସେହିପରି ଅନ୍ତିମ ମ୍ୟାଚ୍‌ରେ ବିଜୟୀ ହୋଇ ସମାନ ପଏଣ୍ଟ ହାସଲ କରିଥିଲେ ମଧ୍ୟ ନେଟ୍ ରନରେଟ୍‌ରେ ପଛରେ ପଡି ଦକ୍ଷିଣ ଆଫ୍ରିକା ମଧ୍ୟ ସେମିଫାଇନାଲକୁ ଉଠିପାରି ନାହିଁ। ଭାରତ ଓ ଦକ୍ଷିଣ ଆଫ୍ରିକାର ସ୍ଥିତିକୁ ହଜମ କରିବା ନିଶ୍ଚିତ ଭାବେ କଷ୍ଟକର।




କ୍ରୀଡ଼ାରେ ଯଦି ଓ କିନ୍ତୁର କୌଣସି ସ୍ଥାନ ନାହିଁ। କିନ୍ତୁ ଯଦି ଭାରତ ଭିନ୍ନ ପ୍ରକାର ଯୋଜନା ପ୍ରସ୍ତୁତ କରିଥାନ୍ତା ତାହାହେଲେ ଫଳାଫଳ ଅଲଗା ହୋଇଥାନ୍ତା। ଶାହିନ ଶାହା ଆଫ୍ରିଦିଙ୍କ ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବା ସହ ପିଚ୍‌କୁ ଭଲ ଭାବେ ପଢିବାର ଆବଶ୍ୟକତା ଥିଲା। ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ମଧ୍ୟ ଭାରତ ତ୍ରୁଟି ଦୋହରାଇଥିଲା। ବ୍ୟାଟରମାନେ ଶଟ୍ ଚୟନରେ ତ୍ରୁଟି କରିଥିଲେ। ସେହିପରି ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ୮୫ ରନର ଟାର୍ଗେଟକୁ ପିଛା କରିବାରେ ଦକ୍ଷିଣ ଆଫ୍ରିକା ବିଳମ୍ବ କରିଥିଲା। ଯାହାର ଫଳ ନେଟ୍ ରନ୍‌ରେଟ୍ ମାଧ୍ୟମରେ ଦକ୍ଷିଣ ଆଫ୍ରିକାକୁ ଭୋଗିବାକୁ ପଡିଥିଲା।

ଆୟୋଜକଙ୍କ ପାଇଁ ମଧ୍ୟ କିଛି ଶିକ୍ଷା କରିବାର ଅଛି। ଦଳଗୁଡିକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରିବା ଉଚିତ ଥିଲା କି? ସେହିପରି ପ୍ରତ୍ୟେକ ଦଳ ପରସ୍ପର ବିପକ୍ଷରେ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିବା ଉଚିତ ଥିଲା କି? ତେବେ ତର୍କ ଓ ଆର୍ଥିକ ଦୃଷ୍ଟିକୋଣରୁ ଏ ନେଇ ନିଷ୍ପତ୍ତି ନେବା ଆଦୌ ସହଜ ନୁହେଁ ବୋଲି ଭାବୁଛି।

ଭାରତୀୟ ଦଳ ପାଇଁ ଗର୍ବ ଅନୁଭବ କରିବା ଉଚିତ ବୋଲି ପ୍ରଶଂସକମାନଙ୍କୁ ନିବେଦନ କରିବାକୁ ଚାହିଁବି। ଚଳିତ ବିଶ୍ୱକପ୍‌ରେ ଗୋଟିଏ କିମ୍ବା ଦୁଇଟି ପ୍ରଦର୍ଶନରେ ଆମେ ନିଜର ଦଳକୁ ଅସମ୍ମାନ କରିବା ଉଚିତ ନୁହେଁ। ବରଂ ଦଳ ପଛରେ ଠିଆ ହୋଇ ସମର୍ଥନ କରିବା ଆବଶ୍ୟକ ବୋଲି ଭାବୁଛି। ହଁ ଆମେ ପାକିସ୍ତାନ ଓ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଛୁ। ଅନ୍ୟ ଦଳ ସେମିକୁ ଉଠିଛନ୍ତି। ଆମେ ଅଗ୍ରଗତି କରିପାରିନାହୁଁ। କିନ୍ତୁ ଧୈର୍ଯ୍ୟ ଧରିବା ଆବଶ୍ୟକ। ଚଳିତ ବର୍ଷ ପ୍ରାରମ୍ଭରେ ଏହି ଭାରତୀୟ ଦଳ ଅଷ୍ଟ୍ରେଲିଆ ମାଟିରେ ଟେଷ୍ଟ ସିରିଜ ଜିତି ଇତିହାସ ସୃଷ୍ଟି କରିଥିଲା। ଏହାପରେ ଘରୋଇ ପରିବେଶରେ ଭାରତ ଇଂଲଣ୍ଡକୁ ୩ଟି ଫର୍ମାଟ୍‌ରେ ପରାସ୍ତ କରିଥିଲା। ସେହିପରି ଟେଷ୍ଟ ସିରିଜରେ ଘରୋଇ ଇଂଲଣ୍ଡ ବିପକ୍ଷରେ ମଧ୍ୟ ଆମେ ୨-୧ରେ ଅଗ୍ରଣୀ ହାସଲ କରିଛୁ। ସିରିଜର ଅନ୍ତିମ ଟେଷ୍ଟ ଆସନ୍ତାବର୍ଷ ଖେଳାଯିବ। ନଭେମ୍ବର ୧୪ରେ ଅଧିନାୟକ ବିରାଟ କୋହଲି ଆଇସିସି ଟି୨୦ ବିଶ୍ୱକପ୍ ଟ୍ରଫି ଉଠାଇଥିବାର ଦୃଶ୍ୟ ଦେଖିବାକୁ ଚାହୁଁଥିଲି। କିନ୍ତୁ ଏହା ସମ୍ଭବ ହେଲା ନାହିଁ।

କୋଭିଡ୍-୧୯ ପାଇଁ ଜୈବ ସୁରକ୍ଷିତ ବବଲରେ ଏହି ମ୍ୟାଚ୍‌ଗୁଡିକ ଖେଳାଯାଉଛି। ଖେଳାଳିମାନେ ଘରେ ଟ୍ରେନିଂ କରୁଛନ୍ତି। ବିମାନରେ ଯାଉଛନ୍ତି ଓ କ୍ୱାରାଣ୍ଟାଇନରେ ରହୁଛନ୍ତି। ବବଲରେ ରହିବା ସହ ଭଲ ପ୍ରଦର୍ଶନ କରି ପ୍ରଶଂସକଙ୍କୁ ଖେଳାଳିମାନେ ମନୋରଞ୍ଜନର ଖୋରାକ ଯୋଗାଉଛନ୍ତି। ଏଥିପାଇଁ ଅବଶ୍ୟ ଖେଳାଳିମାନଙ୍କୁ ମୋଟା ଅଙ୍କର ଅର୍ଥ ଦିଆଯାଉଛି। କ୍ରୀଡ଼ା ଜଗତ ଏବେ ପେସାଦାର ହୋଇଛି। ତେଣୁ କ୍ଳାନ୍ତି ରହିବ ଓ ଏହାକୁ ଅଣଦେଖା କରିହେବ ନାହିଁ। ଖେଳାଳିମାନେ ଏବେ ଅଧିକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି ବୋଲି କହିଲେ ଭୁଲ ହେବନାହିଁ।

**(ଦୀନେଶ ଚୋପ୍ରା ମିଡିଆ/ ଗେମ୍‌ପ୍ଲାନ)**

# ୨୦୧୨ ପରେ ପ୍ରଥମ

**ଆବୁଧାବି, ୭।୧୧**

ଚଳିତ ଟି୨୦ ବିଶ୍ୱକପର ସେମିଫାଇନାଲରେ ପ୍ରବେଶ ପୂର୍ବରୁ ଭାରତର ଅଭିଯାନ ଶେଷ ହୋଇଛି। ସୁପର-୧୨ ପର୍ଯ୍ୟାୟରେ ପାକିସ୍ତାନ ଓ ନ୍ୟୁଜିଲାଣ୍ଡଠାରୁ ପରାଜୟ ଭାରତକୁ ବିଦାୟ ପଥ ଦେଖାଇଛି। ରବିବାର ଅନୁଷ୍ଠିତ ଏକ ମ୍ୟାଚରେ ଆଫଗାନିସ୍ତାନକୁ ନ୍ୟୁଜିଲାଣ୍ଡ ହରାଇବା ସହ ଭାରତର ଆଶା ଶେଷ ହୋଇ ଯାଇଥିଲା। ୨୦୧୨ ପରେ ପ୍ରଥମଥରପାଇଁ ଭାରତ କୌଣସି ଏକ ଆଇସିସି ଇଭେଣ୍ଟର ନକ୍‌ଆଉଟରେ ପ୍ରବେଶରୁ ବଞ୍ଚିତ ହୋଇଛି। ୨୦୧୨ରେ ଭାରତର ଅଭିଯାନ ସୁପର-୮ରୁ ଶେଷ ହୋଇଥିଲା ଏଥର କେତେକ ଖେଳାଳି ବ୍ୟକ୍ତିଗତଭାବେ ଭଲ ଖେଳିଥିଲେ ହେଁ ଦଳଗତ ପ୍ରଦର୍ଶନରେ ଟିମ୍ ଇଣ୍ଡିଆ ବିଫଳ ହୋଇଛି। ଭାରତ ଏହାର ଶେଷ ମ୍ୟାଚ ସୋମବାର ନାମ୍ବିଆ ବିପକ୍ଷରେ ଖେଳିବାକୁ ଥିଲେ ହେଁ ଏହାର କୌଣସି ପ୍ରାସଙ୍ଗିକତା ନାହିଁ। ୧୯୯୨ ବିଶ୍ୱକପରେ ଭାରତ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିବାପରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଶେଷ ଲିଗ୍ ଗେମ୍ ଖେଳିଥିଲା।

ଚଳିତ ବିଶ୍ୱକପରେ ଭାରତ ୨ଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଟସ୍ ହାରିଥିଲା। ବ୍ୟାଟିଂ ଅତି ଖରାପ ହୋଇଥିବାବେଳେ କାକର ପଡୁଥିବା ଚ୍ୟାଲେଞ୍ଜିଂ ପରିବେଶରେ ନୈରାଶ୍ୟଜନକ ବୋଲିଂ କରିଥିଲା। ୨୦୧୩ ଚାମ୍ପିୟନ୍ସ ଟ୍ରଫି ପରଠାରୁ ଭାରତୀୟ ପୁରୁଷ ଦଳ ପ୍ରଥମଥରପାଇଁ କୌଣସି ଆଇସିସି ଇଭେଣ୍ଟର ସେମିଫାଇନାଲରେ ପ୍ରବେଶ ପୂର୍ବରୁ ବିଦାୟ ନେଲା। ୫୦ ଓଭର ଫର୍ମାଟ ବିଶିଷ୍ଟ ୨୦୧୩ ଚାମ୍ପିୟନ୍ସ ଟ୍ରଫିରେ ଭାରତ ଚାମ୍ପିୟନ ହୋଇଥିଲା। ୨୦୧୪ରେ ଟି୨୦ ବିଶ୍ୱକପରେ ଟିମ୍ ଇଣ୍ଡିଆ ରନର୍ସଅପ୍ ହୋଇଥିଲା। ୨୦୧୫ ଦିନିକିଆ ବିଶ୍ୱକପରେ ଦଳ ସେମିଫାଇନାଲରେ ହାରିଥିଲା। ୨୦୧୬ ଟି୨୦ ବିଶ୍ୱକପରେ ଦଳ ସେମିଫାଇନାଲରେ ପ୍ରବେଶ କରିଥିଲା। ୨୦୧୭ ଚାମ୍ପିୟନ୍ସ ଟ୍ରଫିରେ ଭାରତ ଫାଇନାଲ ଖେଳିଥିଲା। ୨୦୧୯ରେ ଭାରତର ଦିନିକିଆ ବିଶ୍ୱକପ ଅଭିଯାନ ସେମିଫାଇନାଲରୁ ଶେଷ ହୋଇଥିଲା। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ମଧ୍ୟ ଭାରତ ଫାଇନାଲ ଖେଳିଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ସମ୍ପୂର୍ଣ୍ଣ ଫିଟ୍ ନ ଥିଲେ ହେଁ ତାଙ୍କୁ ଦଳରେ ନିଆଯିବା, ଭେଟେରାନ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ପ୍ରଥମ ୨ଟି ଗେମ୍‌ରେ ଅଣଦେଖା କରାଯିବା ପରି କେତେକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଦଳପାଇଁ ମହଙ୍ଗା ପଡ଼ିଲା। ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଅଧିନାୟକ ପଦ ଛାଡ଼ି ସାରିଥିବା ବିରାଟ କୋହଲି ଚଳିତ ବିଶ୍ୱକପ ପରେ ଟି୨୦ ଅଧିନାୟକ ପଦରୁ ମଧ୍ୟ ଓହରିବେ ବୋଲି ଘୋଷଣା କରିଛନ୍ତି। ତେଣୁ କୋଚ୍‌ଭାବେ ରବିଶାସ୍ତ୍ରୀ ଏବଂ ନିଜ ନେତୃତ୍ୱରେ ବିରାଟଙ୍କର ନାମ୍ବିଆ ବିପକ୍ଷ ଗେମ୍ ଶେଷ ମ୍ୟାଚ ହେବ।

# ପାଟ୍ରିସିଓ ଓଡ଼ିଶା ଏଫ୍‌ସି ଗୋଲକିପିଂ କୋଚ୍

**ଭୁବନେଶ୍ୱର, ୭।୧୧ (କ୍ରୀଡ଼ା ପ୍ରତିନିଧି)**

ଆଗାମୀ ଇଣ୍ଡିଆନ ସୁପରଲିଗ୍ ପୂର୍ବରୁ ମାନୁ ପାଟ୍ରିସିଓ ଓଡ଼ିଶା ଏଫ୍‌ସିର ଗୋଲକିପିଂ କୋଚ୍ ନିଯୁକ୍ତ ହୋଇଛନ୍ତି। ଆର୍ଜେଣ୍ଟିନାର ବୁଏନ୍ସ ଆରିଜରେ ଜନ୍ମିତ ପାଟ୍ରିସିଓ ସ୍ପେନରେ ଏସ୍ପାନୋଲ ଡି ବାର୍ସିଲୋନା ସମେତ ବିଭିନ୍ନ ଦଳର ଗୋଲ କିପିଂ କୋଚ୍ ହେବାର ଅଭିଜ୍ଞତା ରଖିଛନ୍ତି। ନିଜ ଖେଳ ଜୀବନରେ ସେ ରିଅଲ ସୋସିଏଡାଡ୍ ଓ ଓସାସୁନା ପରି ପ୍ରତିଷ୍ଠିତ ଦଳର ଗୋଲକିପର ଥିଲେ। ଭୁବନେଶ୍ୱର ଭିତ୍ତିକ ଫ୍ରାଞ୍ଚାଇଜ୍ ଓଡ଼ିଶା ଏଫ୍‌ସିରେ ଯୋଗ ଦେଇଥିବାରୁ ପାଟ୍ରିସିଓ ଖୁସି ଜାହିର କରିଛନ୍ତି। ପାରିବାରିକ ଜରୁରୀ କାର୍ଯ୍ୟ ଯୋଗୁ ପୂର୍ବତନ ଗୋଲକିପିଂ କୋଚ୍ ଜୋଆକ୍ୱିନ ଭାଲେରିଓ ଓଲିଭେରା ଦାୟିତ୍ୱରୁ ଓହରି ଯାଇଥିଲେ।



HONDA




ACTIVA

ଆମେ ସେହିମାନେ ଯେଉଁମାନେ କି ଅଟକିବା ଜାଣୁ ନାହିଁ, ଥକିବା ଜାଣୁ ନାହିଁ,
କେବଳ ଆଗକୁ ବଢିବା ଜାଣୁ । ତେଣୁ ପରା ଆମ ଦେଶ ଆଜି ନିଜ ଗୋଡରେ
ପୁଣି ଆଉ ଥରେ ଛିଡା ହେଉଛି । ତେବେ ଚାଲନ୍ତୁ ଆଜି ଆମେ ସମସ୍ତେ
ଇଣ୍ଡିଆର ଦୁଇଟି ଚକ ହୋଇ ଦୁନିଆକୁ ଦେଖାଇଦେବା ଯେ ଇଣ୍ଡିଆ ଯେ
କେବଳ ଉପରକୁ ଉଠୁନାହିଁ ବରଂ ପୁଣିଥରେ ଉଡୁଛି ।
**ଆପଣ ଏବଂ Activa, ଇଣ୍ଡିଆର ଦୁଇଟି ଚକ।**



ଅଧିକ ଜାନିବା ପାଇଁ **7230032200** ନମ୍ବରରେ ଗୋଟିଏ ମିସ କଲ ଦିଅନ୍ତୁ।

5 Crore Happy Customers

| ସୁଧ ଦର | ପ୍ରୋସେସିଙ୍ଗ୍ କର | ଫାଇନାନ୍ସ୍ | କ୍ୟାସ୍‌ବ୍ୟାକ୍ | ଇନ୍‌ସ୍ୟୁରାନ୍ସ୍ |
|---|---|---|---|---|
| 5.99%* ରୁ ଆରମ୍ଭ | 0* | 100%* ପର୍ଯ୍ୟନ୍ତ | ₹5000* ପର୍ଯ୍ୟନ୍ତ | Joyclub ₹5 ଲକ୍ଷ## |

ଡିଲର ବିବରଣୀ ଜାଣିବା ପାଇଁ 7230032200 ରେ WhatsApp କରନ୍ତୁ କିମ୍ବା QR Code କୁ ସ୍କାନ୍ କରନ୍ତୁ

1. ଇୟରଫୋନ୍ କନେକ୍ଟ୍ କରନ୍ତୁ
2. QR Code ସ୍କାନ୍ କରନ୍ତୁ
3. ଭିଡିଓର ଆନନ୍ଦ ନିଅନ୍ତୁ

BOOK ONLINE NOW!
www.honda2wheelersindia.com
CLICK BOOK RELAX

**Honda Motorcycle & Scooter India Pvt. Ltd., Registered Office:** Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; **Website:** www.honda2wheelersindia.com; **Customer Care:** customercare@honda2wheelersindia.com

**Honda Exclusive Authorized Dealerships: ATHAGARH:** Sidhivinayak Honda - 9124260000, 9658080060; **BALUGOAN:** Khimji Honda - 9776320574; **BANKI:** Shree Honda - 06723-240099, 9658201234; **BIDHARPUR:** Saivinayak Honda - 9937060477, 7894446899; **BHUBANESWAR:** Shivam Honda - 7873024400, 7873024320; Gugnani Honda - 0674-2313716, 06742313812, 7852930865, 9778611111; PGL Honda - 0674-2354418, 7735012345; Khimji Honda - 7735734884, 9090067366; MO Honda - 0674-2964289, 7008990541; **CUTTACK:** Durga Honda - 9114800102\17\121; Durga Honda (Choudwar) - 9114800120; SGBL Honda - 7437010004, 9040433000; Utkal Honda - 0671-2304628, 9437029811; **JAJPUR ROAD:** TEZ Honda - 7504991301 7504994444; **JAJPUR TOWN:** Agasti Honda - 9437518600; **KUAKHIA:** Sai Honda - 9938906077; **SINGHPUR:** Ramachandi Honda - 7377688445; **CHANDIKHOL:** Basanti Honda - 06725-227011, 9853066000; **JAGATSINGHPUR:** Kanchan Murali Honda - 06724-222122, 223112, 7809568988, 9090876483; **JAGATPUR:** Durga Honda - 9114900105; **JATNI:** PGL Honda - 0674-2492419, 7788001033; **KEONJHAR:** Pritam Honda - 06766-254138, 8908881717; Barbil: Royal Motors- 7008712784; **NAYAGRAH:** Pattnaik Honda - 7205028044, 9937083142; **NARSINGH PUR:** Baba Honda - 9438057701; **NIALI:** Hindustan Honda - 9937075187, 0671-2803355; **PURI:** Shivam Honda - 7735743520, 9040088747; **KUJANG:** Kanchan Murali Honda: 0672236122, 9040650040; **PARADIP:** Anil Honda - 06722-220909, 9438523425; **RAHAMA:** Navjyoti Honda - 9938339189; **UTTARA:** Gugnani Honda - 0674-3272244, 7852930844; **PATTAMUNDAI:** Satya Honda - 9439375055; **SALEPUR:** S.N.Honda - 9437439076; **GAREJ CHACK:** Gugnani Honda - 7008342169, 8144286965; **KENDRAPARA:** Saisudha Honda - 9178455081/2/3/4; **KANDARPUR:** Jay Pee Honda - 9861007679.
**For Bulk/Institutional enquiries, please write us at: institutionalsales@honda2wheelersindia.com**

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଶିକାର ପାଇଁ ବିଛା ଯାଇଥିବା ତାର ଜବତ

**ଧରାକୋଟ, ୭।୧୧(ଡି.ଏନ୍.ଏ.):** ଧରାକୋଟ ନିକଟସ୍ଥ ଶୁଳିଆ ପାହାଡ଼ର ଆମ୍ବଡ଼ା ବଣରେ ଶିକାର କରିବା ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ଶନିବାର ବନ ବିଭାଗ ଜବତ କରିଛି। ଉକ୍ତ ବଣରେ ଶିକାରୀମାନେ ବନ୍ୟଜନ୍ତୁଙ୍କୁ ଶିକାର କରିବା ପାଇଁ ୧୧ କେଭି ବିଦ୍ୟୁତ୍ ତାର ବିଛାଇଥିଲେ। ଖବର ପାଇ ଧରାକୋଟ ବନ ପାଳ ଅକ୍ଷୟ କୁମାର ତ୍ରିପାଠୀ, ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ନାୟକ ଓ ବଡ଼ଗଡ଼ ଥାନାଧିକାରୀ ସଦଳବଳ ଜଗନ୍ନାଥପୁର, ଶାସନଠାରୁ କେନ୍ଦୁ ପଲ୍ଲୀ ଓ ସରପଦା ଗ୍ରାମ ନିକଟ ପର୍ଯ୍ୟନ୍ତ ବିଛାଯାଇଥିବା ପ୍ରାୟ ୨ କି.ମି.ର ତାରକୁ ଜବତ କରିଥିଲେ।

### ଏଟିଏମ୍‌ରେ ଟଙ୍କା ନାହିଁ, ଲୋକେ ହନ୍ତସନ୍ତ

**ଶେରଗଡ଼, ୭।୧୧(ଡି.ଏନ୍.ଏ.):** ଶେରଗଡ଼ରେ ଶନିବାରଠାରୁ କୌଣସି ଏଟିଏମ୍‌ରେ ଟଙ୍କା ନ ଥିବାରୁ ହଜାର ହଜାର ଲୋକ ନାନା ହଇରାଣ ହେଉଛନ୍ତି। ଏଠାରେ ଷ୍ଟେଟବ୍ୟାଙ୍କ ଦୁଇଟି, ଆନ୍ଧ୍ରାବ୍ୟାଙ୍କ ଗୋଟିଏ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଗୋଟିଏ ମିଶି ୪ ଏଟିଏମ୍ ରହିଛି। ଶନିବାର ହୋଇଗଲେ ଆଉ ଏଟିଏମ୍‌ରେ ବ୍ୟାଙ୍କ କର୍ତ୍ତୃପକ୍ଷ ଟଙ୍କା ଭର୍ତ୍ତି କରୁନାହାନ୍ତି। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସେମାନେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ କୌଣସି ସୁଫଳ ମିଳୁନାହିଁ। ଏଣୁ ଜିଲାପାଳ, ବ୍ୟାଙ୍କ ବରିଷ୍ଠ ଅଧିକାରୀ, ସରକାର ଏ ଦିଗରେ ଦୃଷ୍ଟି ଦେବାକୁ ଶେରଗଡ଼ବାସୀ ଦାବି କରିଛନ୍ତି।

### କାର୍ ଧକ୍କାରେ ପଥଚାରୀ ମୃତ

**ଆର.ଉଦୟଗିରି,୭।୧୧(ଡି.ଏନ.ଏ.):** ଅଡ଼ବା ଥାନା ମାଣ୍ଡିମେରା ଗ୍ରାମ ନିକଟରେ ଏକ କାର୍ ଧକ୍କାରେ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାୟଗଡ ଜିଲା ପଦ୍ମପୁର ଥାନା ଅନ୍ତର୍ଗତ ସୁନ୍ଦରପୁର ଗ୍ରାମର ରାଜେନ୍ଦ୍ର ଲିମା। ଲିମା ନିଜ ଶଶୁର ଘର ଝାଙ୍ଗୁଡି ଗ୍ରାମକୁ ଚାଲି ଚାଲି ଯାଉଥିଲେ। ଏହି ସମୟରେ ମାଣ୍ଡିମେରା ଗ୍ରାମ ନିକଟରେ ଏକ କାର (ନଂ ଓଡି ୧୮ ଜି ୧୧୮୮) ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ରାଜେନ୍ଦ୍ର ଗୁରୁତର ଆହତ ହୋଇଥିଲେ। ଗ୍ରାମବାସୀମାନେ ରାଜେନ୍ଦ୍ରଙ୍କୁ ବିରିକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରାଜେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ଅଡବା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲ ପଠାଇଛି। ଏନେଇ ଅଡବା ଥାନାରେ ନଂ.୧୨୧/୨୧ରେ ଏକ ମାମଲା ରୁଜୁ କରାଯାଇଛି।

### କର୍କଟ ରୋଗ ସଚେତନତା

**ପାରଳାଖେମୁଣ୍ଡି,୭।୧୧(ଡି.ଏନ୍.ଏ.):** ଗୋଷାଣୀ ବ୍ଲକ ବି ସିତାପୁର ଗ୍ରାମରେ ରବିବାର ଜାତୀୟ କର୍କଟ ରୋଗ ସଚେତନତା ଦିବସ ଗୁରାଣ୍ଡି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମମତା ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇସାରିଛି। ପାରଳାଖେମୁଣ୍ଡିର ଅଗ୍ରଣୀ ମହିଳା ଅନୁଷ୍ଠାନ ପ୍ରଗତି ମିଳିତ ଆନୁକୁଲ୍ୟରେ ଏହି ସଭା ଏବଂ ନଗର ସଚେତନତା ରାଲି ହୋଇଛି। ବେଳହୁଁ ସାବଧାନ ହେଲେ କ୍ୟାନସରରୁ ମୁକ୍ତି ପାଇବା ପାଇଁ ଡାକ୍ତର ଓ ଚିକିତ୍ସାଳୟ ସହ ଯୋଗାଯୋଗ କରିବାକୁ ସୁଶ୍ରୀ ପାଢ଼ୀ କହିଥିଲେ। ପ୍ରଗତିର ସମ୍ପାଦିକା ତନୁଜା ଶତପଥୀ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା ସମାଜିକ କର୍ମୀ ଭାଗବତ ପାଢ଼ୀ, ପ୍ରଗତିର ସଭାନେତ୍ରୀ ଡି.ପ୍ରିୟଙ୍କା, ଉପ ସଭାନେତ୍ରୀ ମାନସୀ ପଣ୍ଡା, ଅଙ୍ଗନବାଡି କର୍ମୀ ପୁଷ୍ପାଞ୍ଜଳି ପଣ୍ଡା, ଆଶା କର୍ମୀ ଏନ. ତ୍ରିବେଣୀ ତଥା ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଗଣ ଯୋଗଦାନ କରିଥିଲେ।ପ୍ରଗତିର ଉପଦେଷ୍ଟା ଡି.ମୋହନ ରାଓ,ବିଷ୍ଣୁ ମଣ୍ଡଳ ଉପସ୍ଥିତ ଥିଲେ।

### ବିଜେଡିରେ ଯୋଗଦେଲେ ବହୁ ଭାଜପା କର୍ମୀ

**ପୁରୁଷୋତ୍ତମପୁର, ୭।୧୧(ଡି.ଏନ.ଏ.):** ପୁରୁଷୋତ୍ତମପୁର ବ୍ଲକ ବଡ଼ଖରିଡ଼ା କାଳେଶ୍ୱର ମନ୍ଦିର ପାର୍କ ପରିସରରେ ବିଜେଡିର ମିଶ୍ରଣ ପର୍ବ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନଙ୍କ ତତ୍ତ୍ୱାବଧାନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକୁଲା ଗ୍ରାମର ବରିଷ୍ଠ ଭାଜପା ନେତା ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ଖଟୁଆ, ଭାଗ୍ୟଲତା ବେହେରାଙ୍କ ସମେତ ତ୍ରିନାଥ ବେହେରା, କୁମୁଦ ଚନ୍ଦ୍ର ବେହେରା, ଭଗବାନ ପ୍ରଧାନ, ପ୍ରଜ୍ଞାନୀ କୁମାରୀ ବେହେରା, କେଶବ ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମର ପ୍ରାୟ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ମହିଳା, ପୁରୁଷ ବିଜେଡିରେ ସାମିଲ ହୋଇଛନ୍ତି। ସମସ୍ତଙ୍କୁ ବିଧାୟିକା ପ୍ରଧାନ ଦଳୀୟ ଉପଢୌକନ ପକାଇ ସ୍ୱାଗତ କରିଥିଲେ। ଏଥିରେ ଜିଲା ପରିଷଦ ସଭ୍ୟ ପି. ନାରାୟଣ ରାଓ, ବରିଷ୍ଠ ବିଜେଡି ନେତା ଅନିଲ କୁମାର ଦାଶ ଉପସ୍ଥିତ ଥିଲେ।

# ୩୫ ଆସନ ମହିଳାଙ୍କ ଲାଗି ସଂରକ୍ଷିତ

**ଗଞ୍ଜାମରେ ଜିଲା ପରିଷଦ ସଭ୍ୟ ସଂରକ୍ଷଣ ଚୂଡାନ୍ତ ତାଲିକା**

**ଛତ୍ରପୁର,୭।୧୧(ଡି.ଏନ.ଏ.)**

ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଗଞ୍ଜାମ ଜିଲାରେ ଜିଲା ପରିଷଦ ଆସନ ପାଇଁ ଚୂଡାନ୍ତ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି । ଜିଲାରେ ୬୯ଟି ଜିଲା ପରିଷଦ ଜୋନ ରହିଥିବା ବେଳେ ପୂର୍ବରୁ ପ୍ରକାଶ ପାଇଥିବା ଚିଠା ତାଲିକା ସଂରକ୍ଷଣରେ ବ୍ୟାପକ ପରିବର୍ତ୍ତନ ହୋଇଛି । ବିଭିନ୍ନ ଅଭିଯୋଗ ଦାଖଲ ପରେ ୬୯ଟି ଜିଲା ପରିଷଦ ଜୋନ ମଧ୍ୟରୁ ୪୫ଟି ଜୋନ ସଂରକ୍ଷଣ ପରିବର୍ତ୍ତନ ହୋଇଛି। ଜିଲାରେ ୬୯ଟି ଜୋନ ମଧ୍ୟରୁ ଅନୁସୂଚିତ ଜାତି ୧୪ଟି, ଅନୁସୂଚିତ ଜନଜାତି ୪, ପଛୁଆବର୍ଗ ୧୬ ଅଣସରଂକ୍ଷିତ ୩୫ଟି ପଦବୀ ପାଇଁ ସରକ୍ଷିଂତ ରହିଛି । ସେହିପରି ୬୯ଟି ଜୋନ ମଧ୍ୟରୁ ୩୫ଟି ଜୋନ ମହିଳାଙ୍କ ପାଇଁ ସରଂକ୍ଷିତ ରହିଛି । ଅନୁସୁଚିତ ଜାତି ମହିଳା ୭ଟି, ଅନୁସୂଚିତ ଜନଜାତି ମହିଳା ୨ , ପଛୁଆବର୍ଗ ମହିଳା ୮ ଓ ଅଣସରଂକ୍ଷିତ ମହିଳା ୧୮ ଟି ଜୋନ ପାଇଁ ସରଂକ୍ଷିତ ହୋଇଛି। ଜୋନ ନଂ ୧, ୬, ୧୬, ୨୩, ୨୭, ୩୬, ୩୯, ୪୧, ୪୩, ୪୪, ୪୬, ୪୭, ୫୩, ୫୫, ୫୮, ୬୬ ଓ ୬୭ ଜୋନ ମହିଳା ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି । ସେହିପରି ପଛୁଆବର୍ଗ ମହିଳାଙ୍କ ପାଇଁ ଜୋନ ନଂ ୨, ୮, ୧୦, ୧୨, ୧୯, ୨୮, ୩୧ ଓ ୩୫ ନଂ. ଜୋନ ସଂରକ୍ଷିତ ରହିଛି । ଅନୁସୂଚିତଜାତି ମହିଳାଙ୍କ ପାଇଁ ଜୋନ ନଂ ୪,୨୧,୨୪,୫୦ , ୫୨, ୬୦ ଓ ୬୯ନଂ ଜୋନ ସଂରକ୍ଷିତ ରହିଛି । ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ୯ ଓ ୩୩ ନଂ ଜୋନ ସଂରକ୍ଷିତ। ଅନୁସୂଚିତ ଜାତି ପାଇଁ ଜୋନ ନଂ.୭, ୧୧, ୧୩, ୧୪, ୨୨, ୫୬ ଓ ୬୨ନଂ ଜୋନ ସଂରକ୍ଷିତ । ଅନୁସୂଚିତ ଜନଜାତି ପାଇଁ ଜୋନ ନଂ ୬୩ ଓ ୬୪ ନଂ ଜୋନ ସଂରକ୍ଷିତ । ପଛୁଆବର୍ଗ ପାଇଁ ଜୋନ ନଂ ୩, ୫, ୧୮, ୨୬, ୨୯ , ୩୦ , ୩୨ ଓ ୩୪ ନଂ ଜୋନ ସଂରକ୍ଷିତ । ସେହିପରି ଅଣସଂରକ୍ଷଣ ପାଇଁ ଜୋନ ନଂ ୧୫ , ୧୭ ,୨୦, ୨୫,୩୭,୩୮,୪୦,୪୨ ,୪୫ ,୪୮ ,୪୯,୫୧,୫୪,୫୯,୬୧ ,୬୫ ଓ ୬୮ ନଂ ଜୋନ ସଂରକ୍ଷିତ ରହିଥିବା ଜିଲା ପଞ୍ଚାୟତ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଜିଲାପରିଷଦ ଅଧକ୍ଷ ପଦବୀ ପାଇଁ ମହିଳାଙ୍କ ପାଇଁ ସଂରକ୍ଷଣ ରହିଛି ।

# ଭଙ୍ଗା ଘରେ ସରଜିନୀଙ୍କ ଜୀବନ

**ଦଶପଲ୍ଲା,୭।୧୧(ଡି.ଏନ.ଏ.)**

ଦଶପଲ୍ଲା ଏନ୍‌ଏସି ଅନ୍ତର୍ଗତ ମହୁଲିଆ ଗ୍ରାମର ଏକ ଅପନ୍ତରା ଜାଗାରେ ୦୪ ଡିସିମିଲ ଯାଗା କିଣିଥିଲେ ଲମ୍ବୋଦର ଓଝା। ଆଶା ଥିଲା କାମ କରି ଧିରେ ଧିରେ ଘର ବଖରାଏ ତିଆରି କରି ରହିବେ। ହେଲେ ତାଙ୍କର ସେହି ଆଶା ପୂରଣ ହେଲା ନାହିଁ । ଭଡ଼ା ଘରେ ଲମ୍ବୋଦର ରୋଗଶଯ୍ୟାରେ ପଡି ଆଖି ବୁଜିଲେ । ଘରର ବୋଝ ପଡ଼ିଲା ସ୍ତ୍ରୀ ସରଜିନୀଙ୍କ ଉପରେ । ଝିଅ,ପୁଅଙ୍କୁ କିପରି ମଣିଷ କରିବେ ସେହି ଚିନ୍ତା ତାଙ୍କୁ ଘାରିଲା । ଘର ତିଆରି କରିବା ଆଶା ତାଙ୍କର ବି ପୂରଣ ହେଲାନାହିଁ । ବହୁ ଦୁଃଖକଷ୍ଟରେ ଲମ୍ବୋଦର କିଣିଥିବା ଜମିରେ ଝାଟିମାଟି ଘର କରି ପିଲାମାନଙ୍କ ସହ ରହିଲେ । ଆଉ କିଛି କରିବାର ଉପାୟ ବି ନ ଥିଲା । ଏମିତି କଟିଗଲା ବର୍ଷ ପରେ ବର୍ଷ । ସରଜିନୀ ବିନା ଯୌତୁକ ଓ ଭୋଜିଭାତରେ ଝିଅକୁ ଟେକି ଦେଲେ ସ୍ୱାମୀଙ୍କ ହାତରେ । ଏବେ ପୁଅକୁ ନେଇ ସେହି ଭଙ୍ଗା ଘରେ ଦିନ କାଟୁଛନ୍ତି ସରଜିନୀ । ୩ ବର୍ଷ ହେଲା ବହୁ ଲୋକଙ୍କୁ ନେହୁରା ହେଉଛନ୍ତି ସେ ଘରଟିଏ ପାଇଁ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଁ ସେ ଦରଖାସ୍ତ ବି କରିଛନ୍ତି । ହେଲେ ବହୁ ଲୋକ ଘର ପାଉଥିଲେ ମଧ୍ୟ ସରଜିନୀ ସେମିତି ଭଙ୍ଗା ଘରେ ଦିନ କାଟୁଛନ୍ତି । କେତେବେଳେ ଯଦି ତାଙ୍କ ଭଙ୍ଗା କାନ୍ଥ ଭାଙ୍ଗି ପଡିବ ୨ଟି ଜୀବନ ଅକାଳରେ ଚାଲିଯିବ ବୋଲି ଆଶଙ୍କା ପ୍ରକାଶ ପାଉଛି । ତାଙ୍କୁ ତୁରନ୍ତ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।


ସରଜିନୀଙ୍କ ଭଙ୍ଗା ଘର ।

# ହତ୍ୟାକାରୀଙ୍କୁ ଧରିବାରେ ବିଫଳ ପୋଲିସ

**ପୂର୍ବତନ ସରପଞ୍ଚ ହତ୍ୟା ଘଟଣା**
■ମୋବାଇଲ ସିଡିଆର ଯାଞ୍ଚ

**ବ୍ରହ୍ମପୁର ଅଫିସ,୭।୧୧**

ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ ଅନନ୍ତେଇ ଗ୍ରାମର ପୂର୍ବତନ ସରପଞ୍ଚ ପ୍ରଦୀପ ବିଷୋୟୀ ହତ୍ୟା ଘଟଣାରେ ପୋଲିସ ହତ୍ୟାକାରୀଙ୍କୁ ଧରିପାରି ନାହିଁ। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ନେଇ ସନ୍ଦେହ କରାଯାଉଛି। ଏଣୁ ପୋଲିସ ପ୍ରଦୀପଙ୍କ ବିରୋଧୀ ଗୋଷ୍ଠୀର ଜଣକୁ ଅଟକ ରଖି ଜେରା କରୁଛି। ତାଙ୍କ ମୋବାଇଲ ସିଡିଆର୍ (କଲ୍ ଡିଟେଲ୍ ରେକର୍ଡ) ଯାଞ୍ଚ କରାଯାଉଛି। ସେ କିଛିଦିନ ଯେଉଁ ବ୍ୟକ୍ତିଙ୍କ ସହିତ କଥା ହୋଇଛନ୍ତି, ସେମାନଙ୍କ ଉପରେ ପୋଲିସ ନଜର ରଖିଛି। କିନ୍ତୁ ହତ୍ୟାକାରୀଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ସେଥିରୁ ପୋଲିସକୁ କିଛି ସନ୍ଦିଗ୍ଧଙ୍କ ମୋବାଇଲ ନମ୍ବର ମିଳିଥିବା ଜଣାପଡ଼ିଛି। ଏଣୁ ପୋଲିସ ସେହି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଖୋଜିବା ପାଇଁ ଉଦ୍ୟମ ଜାରି ରଖିଛି। ଅନ୍ୟପଟେ ପୋଲିସ ଘଟଣା ବେଳେ ସେହି ରାସ୍ତାଦେଇ ଯାତାୟାତ କରୁଥିବା କିଛି ଲୋକଙ୍କଠାରୁ ମଧ କେତେକ ସୁରାକ ପାଇଛି। ଘଟଣା ପରେ ଦୁର୍ବୃତ୍ତମାନେ ବ୍ୟବହୃତ ଗାଡି ଦୁଇଟିକୁ କେଉଁଠାରେ ଲୁଚାଇ ଅନ୍ୟ କୌଣସି ଗାଡ଼ିରେ ଖସି ପଳାଇଥିବା ପୋଲିସ ସନ୍ଦେହ କରୁଛି। ସେହିପରି ଘଟଣା ପରେ ଦୁର୍ବୃତ୍ତମାନେ ବ୍ୟବହାର କରିଥିବା ସ୍କୁଟର ଦୁଇଟି କେଉଁଠାରେ ଲୁଚାଇଛନ୍ତି ତାହାକୁ ମଧ ପୋଲିସ ଏବେ ଟ୍ରାକ୍ କରୁଥିବା ଜଣାପଡିଛି।

ପ୍ରକାଶ ଯେ, ବ୍ରହ୍ମପୁର ଗେଟ୍‌ବଜାରରେ ରହୁଥିବା ଅନନ୍ତେଇ ଗ୍ରାମର ପୂର୍ବତନ ସରପଞ୍ଚ ପ୍ରଦୀପ ଗତ ୫ ତାରିଖ ସକାଳେ ସ୍କୁଟିରେ ଘରୁ ତାଙ୍କ ଫାର୍ମକୁ ଯାଉଥିବା ବେଳେ ବଡ଼ବଜାର ଥାନା ଅନ୍ତର୍ଗତ ସୁକୁଣ୍ଡା ରାସ୍ତାରେ କିଛି ଦୁର୍ବୃତ୍ତ ତାଙ୍କୁ ଅଟକାଇ ହତ୍ୟା କରିଥିଲେ। ବଡ଼ବଜାର ପୋଲିସ ଏହି ଘଟଣାରେ ପ୍ରଦୀପଙ୍କ ସ୍ତ୍ରୀ ଗୀତାଞ୍ଜଳି ବିଷୋୟୀଙ୍କ ଅଭିଯୋଗ କ୍ରମେ ନମ୍ବର ୨୨୭/୨୧ରେ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପ୍ରଦୀପଙ୍କୁ ହତ୍ୟା କରାଯାଇଥିବା ପୋଲିସ ତଦନ୍ତରେ ଜାଣିବାକୁ ପାଇଥିଲା। ଏଣୁ ପୋଲିସ ପ୍ରଥମେ ପ୍ରଦୀପଙ୍କ ବିରୋଧୀ ଗୋଷ୍ଠୀର ଜଣକୁ ଉଠାଇଥିଲା। ତାଙ୍କୁ ଜେରା କରିବା ପରେ କିଛି ପ୍ରମାଣ ମିଳିଥିବା ଜଣାପଡ଼ିଛି। ବର୍ତ୍ତମାନ ପୋଲିସ ଫେରାର ହତ୍ୟାକାରୀଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରଖିଛି। ହତ୍ୟାକାରୀମାନେ କିଛି ଦିନ ପୂର୍ବରୁ ଯୋଜନା କରି ପ୍ରଦୀପଙ୍କୁ ଲଗାତର ଟ୍ରାକ୍ କରିବା ପରେ ନିଛାଟିଆ ରହୁଥିବା ସୁକୁଣ୍ଡା ରାସ୍ତାରେ ତାଙ୍କୁ ହତ୍ୟା କରି ଚମ୍ପଟ ମାରିଥିବା ପୋଲିସ ଅନୁମାନ କରୁଛି।

# ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ବୁଥ୍ ପରିଦର୍ଶନ


ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ଅନ୍ୟମାନେ ବୁଥ ପରିଦର୍ଶନ କରୁଛନ୍ତି।

**ହିଞ୍ଜିଳିକାଟୁ, ୭।୧୧(ଡି.ଏନ.ଏ.)**

ରାଜ୍ୟ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ସଚିବ ଶତ୍ରୁଘ୍ନ କର ରବିବାର ହିଞ୍ଜିଳିକାଟୁ ବ୍ଲକ ଓ ପୌରାଞ୍ଚଳର ବିଭିନ୍ନ ବୁଥ ପରିଦର୍ଶନ କରିଛନ୍ତି। ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନ ଶୃଙ୍ଖଳିତ କରିବା ପାଇଁ ଚାଲିଥିବା ଭୋଟର ତାଲିକା ବା ସ୍ୱତନ୍ତ୍ର ସାରାଂଶ ସଂଶୋଧନ ୨୦୨୨ ତଦାରଖ ପାଇଁ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ କର ଗୁରୁଦ୍ୱାରୋପ କରିଛନ୍ତି। ସ୍ୱତନ୍ତ୍ର ଅଭିଯାନ ଦିବସରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ କର ହିଞ୍ଜିଳିକାଟୁ ବ୍ଲକର ଭାବନ୍ଧ, ଗଣ୍ଡଳା, କଞ୍ଚୁରୁ ଗ୍ରାମପଞ୍ଚାୟତ ଓ ପୌରାଞ୍ଚଳର ବିଭିନ୍ନ ବୁଥଗୁଡ଼ିକ ବୁଲି ବୁଥ ଅଧିକାରୀ ଓ ଅନ୍ୟ ଅଧିକାରୀଙ୍କୁ ଭେଟି ଆଲୋଚନା କରିଥିଲେ। ଏହି ସମୟରେ ଗଞ୍ଜାମ ଏଡିଏମ୍ ପ୍ରିୟ ରଞ୍ଜନ ପୃଷ୍ଟି, ହିଞ୍ଜିଳିକାଟୁ ବିଡିଓ ସୁବ୍ରତ କୁମାର ଜେନା, ତହସିଲଦାର ପ୍ରଭାତ କୁମାର ପରିଡ଼ା, ଇଓ ମ୍ୟୁନିସିପାଲିଟି ଡ. ମନୋରଞ୍ଜନ ସାହୁ, ଆସିଷ୍ଟାଣ୍ଟ କଲେକ୍ଟର ଛତ୍ରପୁର, ଜିପିଓ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# କଣ୍ଠଶିଳ୍ପୀ ଭିକାରୀ ମହମ୍ମଦଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ


ଆୟୋଜିତ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

**ଖଣ୍ଡପଡ଼ା,୭।୧୧(ସ୍ୱ.ପ୍ର.)**

ସ୍ଥାନୀୟ ସମବାୟ ବ୍ୟାଙ୍କ ନିକଟରେ ଖଣ୍ଡପଡ଼ାର ୨ୟ ସାଲବେଗ ଭାବେ ସୁପରିଚିତ ସ୍ୱର୍ଗତ ଭିକାରୀ ମହମ୍ମଦଙ୍କ ପ୍ରଥମ ଶ୍ରାଦ୍ଧା ବାର୍ଷିକୀ ରବିବାର ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ ଓ ସମ୍ମାନୀତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ମାଧବ ପ୍ରସାଦ ମିଶ୍ର, ଆଇନଜୀବୀ ଗିରିଜା ଶଙ୍କର ତରାସିଆ, ପଣ୍ଡିତ ମନୋଜ କୁମାର ଦାଶ, ଶିଶୁ କବି କାଶୀନାଥ ଦାସ, କଣ୍ଠଶିଳ୍ପୀ ଜଗଦୀଶ ପ୍ରସାଦ ରଥ ଓ ଯୋଗ ପ୍ରଶିକ୍ଷକ ଜିତେନ୍ଦ୍ର କୁମାର କାଟିଆ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହମ୍ମଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ଏକ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବରିଷ୍ଠ କଳାକାର ସଂଘର ପ୍ରସ୍ତୁତି ବୈଠକ

**ବ୍ରହ୍ମପୁର ଅଫିସ,୭।୧୧**

ଦକ୍ଷିଣ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ପକ୍ଷରୁ ରବିବାର ସୁବାରାଓ ଛକସ୍ଥିତ ସଂଘ କାର୍ଯ୍ୟାଳୟରେ ବାର୍ଷିକୋତ୍ସବ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ଅଧକ୍ଷତା କରିଥିଲେ। ବୈଠକରେ ସଂଘ ମହିଳା ଶାଖା ଗଠନ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସଙ୍ଗୀତ ମହାବିଦ୍ୟାଳୟ ପ୍ରତିଷ୍ଠା, ପ୍ରତିଭାଧର କଳାକାରଙ୍କୁ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା, କଳା ଓ କଳାକାର ହିତୈଷୀ ଦାବି ଉପସ୍ଥାପନ ହୋଇଥିଲା। ଏଥିସହ ଚଳିତ ଥର ବାର୍ଷିକୋତ୍ସବରେ ଲୋକନୃତ୍ୟ ପାଲା ଓ ଭାରତଲୀଳା ପରିବେଷଣ ନିମନ୍ତେ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁବାସ ଚନ୍ଦ୍ର ସାହୁ, ଦେବେନ୍ଦ୍ର ପ୍ରସାଦ ଶର୍ମା, ଟି.ତାରିଣୀ ରାଓ, ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, କିଶୋର କପୁର, ନୀଳମାଧମ ଜେନା, ପ୍ରଫୁଲ୍ଲ ଚନ୍ଦ୍ର ନାୟକ ଓ ବନ୍ଦନା ନନ୍ଦଙ୍କ ସମେତ ସଂଘର ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ସଂଘର କର୍ମକର୍ତ୍ତା।

### ଗଜପତି: ଜିଲା ପରିଷଦ ସଂରକ୍ଷଣ ତାଲିକା

**ପାରଳାଖେମୁଣ୍ଡି,୭।୧୧(ଡି.ଏନ୍.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ଜିଲା ପରିଷଦ ଜୋନ ଓ ଅଧକ୍ଷ ଆସନର ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ଗଜପତି ଜିଲାରେ ୮ ଜୋନ୍‌ରେ ଆସନ ସଂରକ୍ଷଣରେ ପରିବର୍ତ୍ତନ କରାଯାଇଛି। ଗଜପତି ଜିଲା ପରିଷଦ ଜୋନ ନଂ.୩,୬, ୭, ୮,୧୦, ୧୧, ୧୨ ଓ ୧୪ରେ ଆସନ ସଂରକ୍ଷଣ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଛି। ଜିଲା ପରିଷଦ ଅଧକ୍ଷ ପଦବୀ ଅନୁସୂଚିତ ଜନଜାତି(ମହିଳା)ଙ୍କ ନିମନ୍ତେ ସଂରକ୍ଷିତ ରହିଛି। ପୂର୍ବ ବିଜ୍ଞପ୍ତିରେ ଏହା ପଛୁଆବର୍ଗ ନିମନ୍ତେ ସଂରକ୍ଷିତ ରହିଥିଲା। ୧ ନଂ ଜିଲା ପରିଷଦ ଜୋନ ଅଣସଂରକ୍ଷିତ ରହିଥିବା ବେଳେ ୨ନଂ. ଅନୁସୂଚିତ ଜାତି (ମହିଳା), ୩ନଂ. ଅଣସଂରକ୍ଷିତ(ମହିଳା),୪ନଂ.ଅନୁସୂଚିତ ଜନଜାତି (ମହିଳା), ଜୋନ୍ ନଂ. ୫ ଅନୁସୂଚିତ ଜନଜାତି, ୬, ୭ ନଂ. ଜୋନ୍ ଅଣସଂରକ୍ଷିତ, ୮ ନଂ.ଜୋନ୍ ଅଣସଂରକ୍ଷିତ (ମହିଳା), ୯ ଓ ୧୦ ଜିଲାପରିଷଦ ଆସନ ଅନୁସୂଚିତ ଜନଜାତି (ମହିଳା), ୧୧ ନଂ. ଅନୁସୂଚିତ ଜନଜାତି (ମହିଳା), ୧୨ ନଂ. ଅଣସଂରକ୍ଷିତ, ୧୩ ନଂ ଅନୁସୂଚିତ ଜନଜାତି (ମହିଳା), ନଂ.୧୨ ଅନୁସୂଚିତ ଜନଜାତି (ମହିଳା) ଓ ନଂ. ୧୫ ଅଣସଂରକ୍ଷିତ (ମହିଳା)ଙ୍କ ପାଇଁ ସଂରକ୍ଷିତ ରହିଛି।

### ମାନବ ସେବା କାର୍ଯ୍ୟକ୍ରମ

**ଆସିକା,୭।୧୧(ଡି.ଏନ.ଏ.)**

ଆସିକା ମାନବ ସେବା ସମିତି ପକ୍ଷରୁ ରବିବାର ମା’ ଖମ୍ବେଶ୍ୱରୀ ମନ୍ଦିର ପରିସରରେ ମାନବ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ୫ଶହରୁ ଉର୍ଦ୍ଧ୍ୱ ଗରିବଙ୍କୁ ଖାଦ୍ୟ ଦିଆଯାଇଥିଲା ବେଳେ ୩ଶହ ଗରିବଙ୍କୁ ଥାଳି (ବାସନ) ବଣ୍ଟାଯାଇଥିଲା। ଅନୁଷ୍ଠାନର ଉପଦେଷ୍ଟା ଗଣେଶ ରଥଙ୍କ ତତ୍ତ୍ୱାବଧାନରେ ଭବାନୀ ଶଙ୍କର ରଥ, ପ୍ରଦୀପ ପାଣିଗ୍ରାହୀ, ଦିଲ୍ଲୀପ ପାଣିଗ୍ରାହୀ, ସତ୍ୟନାରାୟଣ ସ୍ୱାଇଁ, ବିଦେଶୀ ନାହାକ, ସନ୍ତୋଷ ପାଣିଗ୍ରାହୀ ପ୍ରମୁଖ ସେବା କାର୍ଯ୍ୟକ୍ରମରେ ସାମିଲ ଥିଲେ ।

### ବୃଦ୍ଧାଶ୍ରମରେ ଏମ୍‌କେସିଜି ବିଦ୍ୟାର୍ଥୀଙ୍କ ଚିକିତ୍ସା



**ବ୍ରହ୍ମପୁର ଅଫିସ,୭।୧୧**

ଏମ୍‌କେସିଜି ମେଡିକାଲ କଲେଜ ଡାକ୍ତରୀ ବିଦ୍ୟାର୍ଥୀମାନେ ବ୍ରହ୍ମପୁର-ଦିଗପହଣ୍ଡି ରାସ୍ତା ନିକଟସ୍ଥ ବୃଦ୍ଧାଶ୍ରମରେ ଚିକିତ୍ସା ସେବା ପ୍ରଦାନ କରିଛନ୍ତି। ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ନେଇ ଗଠିତ ସାମାଜିକ ଅନୁଷ୍ଠାନ ‘ସୋଚ’ ପକ୍ଷରୁ ବୃଦ୍ଧାଶ୍ରମରେ ରବିବାର ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ଜରିଆରେ ବୃଦ୍ଧାଶ୍ରମରେ ରହୁଥିବା ପ୍ରାୟ ୫୦ ଅନ୍ତେବାସୀଙ୍କ ରକ୍ତଚାପ, ସର୍କରା, ଇସିଜି ପରୀକ୍ଷା କରାଯିବା ସହ ରୋଗ ଅନୁସାରେ ସେମାନଙ୍କୁ ପରାମର୍ଶ ଏବଂ ଆବଶ୍ୟକ ଔଷଧ ପ୍ରଦାନ କରାଯାଇଥିଲା। ଡା. ରାଧେକୃଷ୍ଣ ନାୟକ, ଡା. ସତ୍ୟମ ପାଢୀ, ଡା.ପି.ବି. କୁମାର, ଡା. ଓମ୍‌କାର ମହାନ୍ତି, ଡା. ସସ୍ମିତ ସୌରଭ ଦାସ ପ୍ରମୁଖ ଅନ୍ତେବାସୀଙ୍କ ଚିକିତ୍ସା କରିଥିଲେ। ସୋଚର ପରିଚାଳକ ଅର୍ପଣ ମହାନ୍ତି ଓ ସ୍ୱନ୍ଦନ ବେହେରାଙ୍କ ସମେତ ସଦସ୍ୟ ଇପ୍‌ସିତା ଖୁଣ୍ଟିଆ, ମାନସୀ ସମରିଆ, ଶୁଭସ୍ମିତା ପଣ୍ଡା, ତୁଷାର ପଲେଇ, ରାକେଶ କୁମୱାତ, ଅନ୍ୱେଷା ଦାସ ସହଯୋଗ କରିଥିଲେ।

### ଆଇନ ସଚେତନତା ଶିବିର

**ସୋରଡ଼ା, ୭।୧୧(ଡି.ଏନ୍.ଏ.)**

ସୋରଡ଼ା ତାଲୁକା ଆଇନ ସେବା କମିଟି ତରଫରୁ ବଡ଼ଗଡ଼ ହାତୁ ସରାବ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ମହିଳାମାନଙ୍କ ପାଇଁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆଇନ ସେବା ସମ୍ପାଦିକା ଅଳ୍ପନା ସାଇଁ, ଜେଏମ୍‌ଏଫ୍‌ସି ଜିତେନ୍ଦ୍ର ଦାସ, ସି. ସୃଜନି ବେହେରା, ଏବିଇଓ ସୁଶୀଳା ପାତ୍ର, ବଡ଼ଗଡ଼ ଥାନାଧିକାରୀ ସୁରଜ ଝଙ୍କାର ପ୍ରମୁଖ ଯୋଗଦେଇ ମହିଳାମାନଙ୍କ ସୁରକ୍ଷା ପାଇଁ ଥିବା ବିଭିନ୍ନ ଆଇନ ଉପରେ କହିଥିଲେ। ୨୬ ପଞ୍ଚାୟତରୁ ମହିଳା ଗୋଷ୍ଠୀ, ଆଶା, ଅଙ୍ଗନୱାଡ଼ି ଓ ଗୃହିଣୀମାନେ ଯୋଗଦେଇଥିଲେ। ସ୍ଥାନୀୟ ବିଚାରାଳୟର ସମସ୍ତ କର୍ମଚାରୀ ଯୋଗଦେଇ ପରିଚାଳନା କରିଥିଲେ।

# ବାଘୁଆ ନଦୀରେ ବାଉଁଶ ପୋଲ ନିର୍ମାଣ କଲେ ଗ୍ରାମବାସୀ

**କଲାନି ଗ୍ରାମ୍ୟ ଉନ୍ନୟନ ବିଭାଗ**

**ପୋଲସରା,୭।୧୧(ଡି.ଏନ.ଏ.)**

ପୋଲସରା ବ୍ଲକ ଅନ୍ତର୍ଗତ ବଡ଼ପଙ୍କଳବାଡି ପଞ୍ଚାୟତର ଚଣ୍ଡିରାମଚନ୍ଦ୍ରପୁର ଗ୍ରାମବାସୀ ଦୀର୍ଘ ବର୍ଷ ଧରି ବାଘୁଆ ନଦୀ ଉପରେ ବାଉଁଶ ପୋଲ ନିର୍ମାଣ କରି ବିପଦସଙ୍କୁଳ ଅବସ୍ଥାରେ ଯିବା ଆସିବା କରୁଛନ୍ତି। ହେଲେ ଗ୍ରାମ୍ୟ ଉନ୍ନୟନ କେବଳ ସମୀକ୍ଷା ଆଉ ଅଟକଳ ମୂଲ୍ୟର ଧୂଆଁ ବାଣରେ ନିର୍ମାଣାଧୀନ ପୋଲ ଆଜି ନାଲି ଫିତା ତଳେ ଚାପି ହୋଇ ରହିଯାଇଛି। ଯାହାକୁ ନେଇ ଚଣ୍ଡିରାମଚନ୍ଦ୍ରପୁରବାସୀ ସମସ୍ୟାର ବିକଳ୍ପକୁ ନେଇ ବାଘୁଆ ନଦୀ ଉପରେ ବାଉଁଶ ପୋଲ ନିର୍ମାଣ କରୁଛନ୍ତି। ଜୀବନ ଜୀବିକାକୁ ନେଇ ପୁରା ପଞ୍ଚାୟତ ଏହି ବାଘୁଆ ନଦୀର ବାଉଁଶ ପୋଲ ଉପରେ ଭରସା କରି ଚାଲିଛନ୍ତି। ପୋଲସରା ବ୍ଲକ୍ ବଡ-ପଙ୍କଳବାଡି ପଞ୍ଚାୟତର ଚଣ୍ଡୀ ରାମଚନ୍ଦ୍ରପୁର ଗ୍ରାମ ଆରପଟରେ ସ୍କୁଲ, ମନ୍ଦିର, ଶହ ଶହ ଏକର ଚାଷ ଜମି ଓ ପୋଲସରା ସହରକୁ ସଂଯୋଗ କରୁଥିବା ରାସ୍ତା, ଆଉ ମଝିରେ ବାଘୁଆ ନଦୀ। ମାତ୍ର ଶହେ ମିଟର ନଦୀ ପାର ହେଲେ ପୋଲସରାକୁ ରାସ୍ତା। ଅନ୍ୟପଟରେ ବଡ ପଙ୍କଳବାଡି ଗାଁ ଦେଇ ବୁଲିକି ଗଲେ ୪ରୁ୫ କିମି ଅଧିକା ରାସ୍ତା ଯିବାକୁ ପଡେ। ବର୍ଷା ଚାରି ମାସ ଛାଡ଼ିଲେ ବାକି ସମୟ ଏହି ବାଉଁଶ ପୋଲରେ କାମ ଚଳେଇଦିଅନ୍ତି ଗ୍ରାମବାସୀ। ଏହି ବାଉଁଶ ପୋଲ ଦେଇ ସ୍କୁଲ କଲେଜ ପିଲା ଓ ଗାଁର ପିଲାରୁ ବୟସ୍କ ଲୋକ ସମସ୍ତେ ପାଦଚଲା ରାସ୍ତା ରୂପେ ବ୍ୟବହାର କରନ୍ତି। ବାଘୁଆ ଘାଇ ହେବା ପରେ ୨୦୧୧ ପରଠାରୁ ବାଘୁଆ ନଦୀରେ ଜଳସ୍ତର ମଧ ବୃଦ୍ଧି ପାଇଛି। ତେଣୁ ଅସ୍ଥାୟୀ ବାଉଁଶ ପୋଲ ନିର୍ମାଣ କରି ବର୍ଷ ତମାମ ବିପଦସଙ୍କୁଳ ଅବସ୍ଥାରେ ଯିବା ଆସିବା କରୁଛନ୍ତି। ଏ ନେଇ ସ୍ଥାନୀୟ ଲୋକପ୍ରତିନିଧି, ପ୍ରଶାସନ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ଓ ଅଧିକାରୀମାନେ ଆସି ବଘୁଆ ନଦୀ ଉପରେ ଏକ ବ୍ରିଜ୍ ନିର୍ମାଣ ପାଇଁ ୬ କୋଟି ୫୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ମଧ କରିଥିବା ନେଇ ଗ୍ରାମବାସୀଙ୍କୁ ଅବଗତ କରାଯାଇଛି। କିନ୍ତୁ ପୋଲ ନିର୍ମାଣ ହେଲା ନାହିଁ। ଏ ନେଇ ପୋଲସରା ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀମାନଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ ତାହା ସମ୍ଭବ ହୋଇପାରି ନାହିଁ।


ବାଉଁଶ ପୋଲ ନିର୍ମାଣ କରୁଛନ୍ତି ଗ୍ରାମବାସୀ।

## ସଂକ୍ଷେପରେ

### କର୍ମଚାରୀଙ୍କ ଆନ୍ଦୋଳନ, ପାନୀୟ ଜଳ ଯୋଗାଣ ବନ୍ଦ

**ନୟାଗଡ଼ ଅଫିସ,୭।୧୧:** ପାନୀୟ ଜଳ ପ୍ରକଳ୍ପରେ ନିୟୋଜିତ କର୍ମଚାରୀ ଆନ୍ଦୋଳନରେ ଥିବାରୁ ନୟାଗଡ ଜିଲା ରଣପୁର ବ୍ଲକ ଖଡିଆ ଗାଁରେ ଜଳଯୋଗାଣ ବନ୍ଦ ରହିଛି । ଗତ ୨୯ ତାରିଖରୁ ଆଉ ପାନୀୟ ଜଳ ପ୍ରକଳ୍ପରୁ ଜଳଯୋଗାଣ ହେଉ ନାହିଁ । ଏଭଳିସ୍ଥଳେ ସ୍ଥାନୀୟ ଲୋକ ଏହାର ସମାଧାନ ପାଇଁ ନୟାଗଡ ଜିଲାପାଳଙ୍କୁ ଫେରାଦ୍ ହୋଇଛନ୍ତି। ଖଡିଆ ଗାଁରେ କୂଅ ଓ ନଳକୂପର ଜଳ ପାନୀୟ ଉପଯୋଗୀ ନୁହେଁ ବୋଲି ସ୍ଥାନୀୟ ଜନସାଧାରଣ କହିଛନ୍ତି ।

### ଶିମିଳିସାହିରେ ବଧୂ ହତ୍ୟା ଅଭିଯୋଗ

**ନୟାଗଡ ଅଫିସ,୭।୧୧:** ନୟାଗଡ ସଦର ଥାନା ଶିମିଳିସାହିରେ ୧୯ ବର୍ଷୀୟା ସୁଷମା ନାହାକ (ଲିଜା) ନାମ୍ନୀ ଜଣେ ମହିଳାଙ୍କୁ ମାରି ଦଉଡିରେ ଝୁଲାଇ ଦିଆ ଯାଇଥିବା ଅଭିଯୋଗ ହୋଇଛି । ମୃତକଙ୍କ ବାପା ଜୟ ନାହାକଙ୍କ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ପୋଲିସ ଜଣକୁ ଅଟକ ରଖି ପଚରାଉଚୁରା କରିଥିବାବେଳେ ଶାଶୁ ଘର ଲୋକମାନେ ଫେରାର ହୋଇଯାଇଛନ୍ତି । ଶରଣକୁଳ ଥାନା କଟରାଝରୀ ଗାଁର ସୁଷମା ନାହାକ ୧ବର୍ଷ ତଳେ ନୟାଗଡ଼ ସଦର ଥାନା ଶିମିଳିସାହିର କୃଷ୍ଣ ନାୟକ(୨୭)ଙ୍କୁ ବିବାହ କରିଥିଲେ । ହତ୍ୟାର କାରଣ ଜଣାପଡିନି ।

### ୱାର୍ଡ ନଂ. ୧୨ବାଲ୍ୟ ବିବାହ ମୁକ୍ତ ଘୋଷଣା



**ନୟାଗଡ଼ ଅଫିସ,୭।୧୧:** ନୟାଗଡ଼ ମ୍ୟୁନିସିପାଲିଟିର ୧୨ ନଂ. ୱାର୍ଡକୁ ବାଲ୍ୟ ବିବାହ ମୁକ୍ତ ୱାର୍ଡ ବୋଲି ଘୋଷଣା କରାଯାଇଛି । ଏନେଇ ୧୨ ନଂ. ୱାର୍ଡର ରାଜବଗିଚା ଅଙ୍ଗନୱାଡି କେନ୍ଦ୍ରରେ ବାଲ୍ୟ ବିବାହ ମୁକ୍ତ କାର୍ଯ୍ୟକ୍ରମ କରାଯାଇଥିଲା। କିଶୋରୀ, ବାଳିକା, ବୟୋଜ୍ୟେଷ୍ଠ ବ୍ୟକ୍ତି, କମିଟି ସଦସ୍ୟ, ୱାର୍ଡ ୯ ଓ ୧୧ର ଅଙ୍ଗନୱାଡି କର୍ମୀ ଏଥିରେ ସାମିଲ ଥିଲେ। ଅନ୍ୟପକ୍ଷେ ବାଲ୍ୟ ବିବାହ ମୁକ୍ତ ୱାର୍ଡ ଘୋଷଣା କରାଗଲା ବୋଲି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ ଶୋଭାଯାତ୍ରା ୧୨ ନଂ. ୱାର୍ଡ ପରିକ୍ରମା କରିଥିଲା । ଶେଷରେ ବାଲ୍ୟ ବିବାହ ମୁକ୍ତ ୱାର୍ଡ ଘୋଷଣା କରାଯିବା ନେଇ ଶପଥ ପାଠ କରାଯାଇଥିଲା ।

### ଫେରାର୍ ଅଭିଯୁକ୍ତ ଗିରଫ

**ଆସିକା,୭।୧୧(ଡି.ଏନ.ଏ.):** ଆସିକା ଅଞ୍ଚଳରେ ଚୋରାମଦ ପ୍ରସ୍ତୁତିରେ ବ୍ୟବହୃତ ସାମଗ୍ରୀ ଯୋଗାଣ ଓ ଚୋରାମଦ କାରବାର ଅଭିଯୋଗରେ ପୋଲିସ ରବିବାର ଦିନ ଜଣଙ୍କୁ ଗିରଫ କରିଛି । ସେ ହେଲେ ଆସିକା ଥାନା କେ. ରାଇସିଂପୁର ଗ୍ରାମର ଆଶିସ ମିଶ୍ର। ତାଙ୍କୁ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି । ଗତ ସେପ୍ଟମ୍ବରରେ ଚଢାଉ କରାଯାଇଥିଲା । ପୋଲିସ ଏହି ଚଢାଇରେ ୪ବସ୍ତା ଗୁଡ ସହ ୫୦ ଲିଟର ରନ୍ଧାମଦ ଜବତ କରି ଅଭିଯୁକ୍ତଙ୍କ ବିରୋଧରେ ନଂ.୬୦୮/୨୧ ଏକ ମାମଲା ରୁଜୁ କରାଯାଇଥିଲା ।

# ଜାତୀୟ ରାଜପଥ ସାଜିଛି ବାଇକ୍ ଷ୍ଟାଣ୍ଡ

- ଗୋରୁ,କୁକୁରଙ୍କ ଉପରେ ଲଗାମ ନାହିଁ
- ନୟାଗଡ଼ ସହରର ଟ୍ରାଫିକ ସେବା ବିପର୍ଯ୍ୟସ୍ତ
- ପାର୍କିଂ ପାଇଁ ସ୍ଥାନ ଚୟନରେ ବିଳମ୍ବ

**ନୟାଗଡ଼ ଅଫିସ, ୭।୧୧**



ଜାତୀୟ ରାଜପଥ ପାର୍ଶ୍ୱରେ ରଖାଯାଇଥିବା ଯାନବାହନ।



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗୋରୁପଲ ରାସ୍ତା ଅବରୋଧ କରିଛନ୍ତି ।

ନୟାଗଡ଼ ଜିଲା ସଦର ମହକୁମା ଦେଇ ଯାଇଥିବା ୫୭ ନଂ.ଜାତୀୟ ରାଜପଥ ଏବେ ବାଇକ୍ ଷ୍ଟାଣ୍ଡ ପାଲଟିଛି। ରାଜପଥ ପାର୍ଶ୍ୱରେ ଯିଏ ଯେଉଁଠି ଚାହିଁଲା ବାଇକ୍ ଓ ସାଇକେଲ ରଖି ଦେଉଛନ୍ତି । ପୁଣି ଗାଈଗୋରୁ ଓ କୁକୁରମାନେ ରାସ୍ତା ଉପରେ ଅବାଧରେ ଚଳପ୍ରଚଳ କରିବା, ଘଣ୍ଟା ଘଣ୍ଟା ଧରି ଶୋଇ ରହିବା ଦ୍ୱାରା ଟ୍ରାଫିକ ସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଏଥିପାଇଁ ଜାତୀୟ ରାଜପଥ ଉପରେ ଅଧିକାଂଶ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି । ଏହି ଅବ୍ୟବସ୍ଥାକୁ ରୋକିବା ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବାରୁ ସହରବାସୀଙ୍କ ଚିନ୍ତା ବଢ଼ିଛି।

ନୟାଗଡ଼ ସହର ପ୍ଲାନିଂ ମୁତାବକ ତିଆରି ହୋଇନାହିଁ । ଏଥିରେ ଜବରଦଖଲ ବାଧକ ସାଜିଛି । ଜବରଦଖଲକାରୀଙ୍କ ଯୋଗୁ ରାସ୍ତା ସଂକୀର୍ଣ୍ଣ ହୋଇପଡିଛି । ଡ୍ରେନ ଅଙ୍କାବଙ୍କା ଥିବାରୁ କେଉଁଠି ରାସ୍ତା ଓସାର ଥିବା ବେଳେ ଆଉ କେଉଁଠି ଅଣଓସାରିଆ ରହିଛି। ଏଭଳିସ୍ଥଳେ ବାଇକ୍ ସମେତ ଅନ୍ୟ ଗାଡ଼ିମୋଟର ରଖିବା ପାଇଁ ପାର୍କିଂ ସ୍ଥାନ ଚିହ୍ନଟ ହୋଇନାହିଁ। ଅନ୍ୟପକ୍ଷେ ୫୭ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଦୋକାନ ବଜାର, ଜିଲାପାଳ, ମ୍ୟୁନିସିପାଲିଟି, ବ୍ଲକ, ଡିଏଫଓଙ୍କ ପରି ବିଭିନ୍ନ ସରକାରୀ ଅଫିସ ଅଛି । ଅଧିକାଂଶ ଦୋକାନ ରାସ୍ତାକୁ ମଡାଇ ତିଆରି କରାଯାଇଛି। କେତେଜଣ ବ୍ୟବସାୟୀ ନିଜସ୍ୱ ଜମିରେ ଦୋକାନ ଘର ନିର୍ମାଣ କରିଥିଲେ ମଧ୍ୟ ପାର୍କିଂ ପାଇଁ ସ୍ଥାନ ଛାଡି ନାହାନ୍ତି । ଏଣୁ ରାଜପଥ ବାଇକ୍ ଷ୍ଟାଣ୍ଡ ପରି କାମରେ ଲାଗୁଛି । ସହରର ନୟାଗଡ଼–ଖଣ୍ଡପଡ଼ା ଓ ନୟାଗଡ଼–ଓଡ଼ଗାଁ ରାସ୍ତାରେ ଏପରି ସମସ୍ୟା ଲାଗି ରହିଛି। ତେବେ ଜାତୀୟ ରାଜପଥର ଟ୍ରାଫିକ ସମସ୍ୟାକୁ ଅଣଦେଖା କରାଯାଉଛି । ଏଭଳିସ୍ଥଳେ ଗାଈ ମାଲିକମାନେ ନିଜ ଗୋରୁଙ୍କୁ ଗୁହାଳରେ ନ ରଖି ବଜାରରେ ଛାଡି ଦେଉଛନ୍ତି । କେବଳ କ୍ଷୀର ଦୁହିଁବା ସମୟରେ ଗାଈ ଘରକୁ ଆସୁଛି । ଅନ୍ୟ ସମୟରେ ସେହି ଗୋରୁ ପଲ ରାଜପଥ ଉପରେ ଘୁରି ବୁଲୁଛନ୍ତି । ପୁଣି କୁକୁର ପଲ ଚିନ୍ତାର କାରଣ ପାଲଟିଛନ୍ତି । ଏହି କାରଣରୁ ଗତ ୨ମାସ ମଧ୍ୟରେ ନୟାଗଡ଼ ସହରର ରାଜପଥ ଉପରେ ୪୭ଟି ଛୋଟ ବଡ଼ ଦୁର୍ଘଟଣା ଘଟିଛି ବୋଲି ସୂଚନା ମିଳିଛି।

ଏନେଇ ନୟାଗଡ଼ର ଆଇନଜୀବୀ ଅମୀୟ ପଟ୍ଟନାୟକ କୁହନ୍ତି, ଜିଲା ସଦର ମହକୁମାରେ ଟ୍ରାଫିକ ସମସ୍ୟାକୁ ଅଣଦେଖା କରାଯାଉଥିବାରୁ ଦୁର୍ଘଟଣା ବଢୁଛି । ରାସ୍ତା ସବୁବେଳେ ଜାମ୍ ରହୁଛି । ଦୋକାନକୁ ସଉଦା ଆଣିବାକୁ ଗଲେ ରାସ୍ତା ଉପରେ ଗାଡି ରଖିବାକୁ ପଡୁଛି । ଏହାର ବିକଳ୍ପ ମଧ୍ୟ କିଛି କରାଯାଉନାହିଁ । ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ସନ୍ତୋଷ ପ୍ରଧାନ କୁହନ୍ତି, ନୟାଗଡ଼ ମ୍ୟୁନିସିପାଲଟିର ନୀତି ନିୟମ ବୋଲି କିଛି ନାହିଁ । ଯାନବାହନ ରଖିବା ପାଇଁ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଟ୍ରାଫିକ ସେବା ବିପର୍ଯ୍ୟସ୍ତ ହୋଇଛି । ମ୍ୟୁନିସିପାଲଟି ଅଫିସ ସମ୍ମୁଖରେ ବସ, ଟ୍ରକ ଅଟକି ରହୁଥିଲେ ମଧ୍ୟ ଏହାର ନିରାକରଣ ନାହିଁ । ଅଭିଯୋଗ କଲେ ସୁଫଳ ମିଳୁନି ବୋଲି ସେ କହିଛନ୍ତି ।

# ଜବରଦଖଲକାରୀଙ୍କ କବ୍‌ଜାରେ ଗ୍ରାମ୍ୟ ଜଙ୍ଗଲ

**ଖଣ୍ଡପଡ଼ା,୭।୧୧(ସ୍ୱ.ପ୍ର.)**



ଜଙ୍ଗଲ ନିକଟ ପାହାଡ଼ରେ ବ୍ଲାଷ୍ଟିଂ କରାଯାଉଛି ।

ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା ପଞ୍ଚାୟତ କନାସିଂ ଗ୍ରାମ ନିକଟସ୍ଥ ସଂରକ୍ଷିତ ଗ୍ରାମ୍ୟ ଜଙ୍ଗଲକୁ ରାଜକିଆରୀ ଗ୍ରାମର କେତେଜଣ ବ୍ୟକ୍ତି ଜବରଦଖଲ କରି ରଖିବାକୁ ଚେଷ୍ଟା କରୁଥିବା କନାସିଂ ଗ୍ରାମବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ବହୁ ବର୍ଷ ଧରି ଗ୍ରାମ୍ୟ ଜଙ୍ଗଲକୁ ସୁରକ୍ଷା ଦେଇ ଆସୁଥିବା କନାସିଂ ଗ୍ରାମବାସୀଙ୍କ ଅଭିଯୋଗ ଯେ ରାଜକିଆରୀ ଗ୍ରାମର କେତେଜଣ ବ୍ୟକ୍ତି ଜଙ୍ଗଲ ଜମିରେ ଜରିପାଲ ଟାଣି ଅସ୍ଥାୟୀ ଭାବେ ବାସଗୃହ ନିର୍ମାଣ କରି ରହୁଛନ୍ତି ।

ଜଙ୍ଗଲ ସନ୍ନିକଟ ପାହାଡ଼ରେ ବେଆଇନ ଭାବେ ବ୍ଲାଷ୍ଟିଂ କରି ପଥର ଫୁଟାଇବା, ଜଙ୍ଗଲରୁ ଗଛଗୁଡ଼ିକୁ କାଟି ପଦା କରିବା ଯୋଗୁ ସଂରକ୍ଷିତ ଜଙ୍ଗଲଟି ଏବେ ଧ୍ୱଂସାଭିମୁଖୀ ଆଡକୁ ଗତି କରୁଛି । କନାସିଂ ଗ୍ରାମବାସୀ ଏନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ତେଣୁ ଜଙ୍ଗଲ ଜମିରୁ ଜବରଦଖଲକାରୀଙ୍କୁ ତୁରନ୍ତ ହଟାଇବା ସହ ଉକ୍ତ ସ୍ଥାନରେ ବେଆଇନ ଭାବେ ଚାଲିଥିବା ପଥର ବ୍ଲାଷ୍ଟିଂ ବନ୍ଦ କରିବା ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି। କନାସିଂ ଗ୍ରାମବାସୀଙ୍କ ପକ୍ଷରୁ ଏ ସମ୍ପର୍କରେ ନୟାଗଡ଼ ଜିଲାପାଳ, ବନଖଣ୍ଡ ଅଧିକାରୀ ଓ ଖଣ୍ଡପଡ଼ା ଥାନା କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଖଣ୍ଡପଡ଼ା ତହସିଲଦାର ଘଟଣାସ୍ଥଳ ପରିଦର୍ଶନ କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କନାସିଂ ଗ୍ରାମବାସୀ ଦାବି କରିଛନ୍ତି ।

# ନଭେମ୍ବର ବିପ୍ଳବ ବାର୍ଷିକୀ ପାଳିତ

**ବ୍ରହ୍ମପୁର ଅଫିସ୍,୭।୧୧**

ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଗଞ୍ଜାମ ଜିଲା ସାଙ୍ଗଠନିକ କମିଟି ତରଫରୁ ରବିବାର ମହାନ୍ ନଭେମ୍ବର ବିପ୍ଳବ ବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ମହାନ୍ ନେତା କମ୍ରେଡ ଲେଲିନଙ୍କ ନେତୃତ୍ୱରେ ବିଶ୍ୱର ପ୍ରଥମ ସମାଜତାନ୍ତ୍ରିକ ବିପ୍ଳବ ସଙ୍ଗଠିତ ହୋଇଥିଲା। ଯାହା କମ୍ରେଡ ଲେନିନଙ୍କ ସୁଯୋଗ୍ୟ ଛାତ୍ର କମ୍ରେଡ ଷ୍ଟାଲିନଙ୍କ ନେତୃତ୍ୱରେ ଆହୁରି ସୁସଂହତ ହୋଇ ବିଶ୍ୱରେ ପ୍ରଥମଥର ପାଇଁ ମଣିଷ ଉପରୁ ଶୋଷଣ ଓ ଅତ୍ୟାଚାର ଚିରଦିନ ପାଇଁ ଅବସାନ ଘଟି ଏକ ଶୋଷଣବିହୀନ ସମାଜ ପ୍ରତିଷ୍ଠାର ରାସ୍ତା ପ୍ରଶସ୍ତ ହୋଇଥିଲା। ଏହି ବିପ୍ଳବ ନଭେମ୍ବର ୭ ରୁ ୧୭ ମଧ୍ୟରେ ସଙ୍ଗଠିତ ହୋଇଥିଲା। ଏହାକୁ ସ୍ମରଣ କରିବା ପାଇଁ ରବିବାର ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଗଞ୍ଜାମ ଜିଲା ସାଙ୍ଗଠନିକ କମିଟି କାର୍ଯ୍ୟାଳୟରେ ସଂଘ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ କମ୍ରେଡ ବିଷ୍ଣୁ ଦାସ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ଜିଲା ସମ୍ପାଦକ ସୋମନାଥ ବେହେରାଙ୍କ ସମେତ ଶିବାନୀ ଶଙ୍କର ମିଶ୍ର, ନିମାଇଁଚରଣ ସାହୁ, ନାରାୟଣ ସାହୁ, ପପୁନ ସାହୁ, କିଷାନ ସାହୁ, କାମରାଜ ସାହୁ, ଶୁଭସ୍ମିତା ପାଣିଗ୍ରାହୀ ଓ ସୌମ୍ୟ ରଞ୍ଜନ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ଅତିରିକ୍ତ ଉପଜିଲାପାଳ ବୁଥ୍ ପରିଦର୍ଶନ କଲେ

## ଭୋଟର ତାଲିକା ସଂଶୋଧନ କାର୍ଯ୍ୟର ସମୀକ୍ଷା

**ନୟାଗଡ଼ ଅଫିସ,୭।୧୧**

ଭାରତ ସରକାରଙ୍କ ନିର୍ଦ୍ଦେଶ କ୍ରମେ ନୟାଗଡ଼ ଜିଲାରେ ନଭେମ୍ବର ୧ରୁ ଆରମ୍ଭ ହୋଇଛି ଭୋଟର ତାଲିକାର ଯୋଗ, ବାଦ୍ ଓ ସଂଶୋଧନ କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମ ନଭେମ୍ବର ୩୦ ତାରିଖରେ ଶେଷ ହେବ । ଏହି ୧ମାସ ମଧ୍ୟରେ ୭ ଓ ୨୧ ତାରିଖର ଦୁଇ ରବିବାରକୁ ସ୍ୱତନ୍ତ୍ର ପ୍ରଚାର ଦିବସ ଭାବେ ନିର୍ଦ୍ଧାରିତ କରାଯାଇଛି । ଏଭଳିସ୍ଥଳେ ରବିବାର ସ୍ୱତନ୍ତ୍ର ପ୍ରଚାର ଦିବସରେ ନୟାଗଡ଼ ଅତିରିକ୍ତ ଜିଲାପାଳ ଅବନୀ କୁମାର ସାହୁ ଉକ୍ତ ନିର୍ବାଚନମଣ୍ଡଳୀର ଓଡ଼ଗାଁ ଏନଏସି, ନନ୍ଦିଘୋର, ଘଷାଦେଇପୁର, ରୋହିବାଙ୍କଳ କୋମଣ୍ଡା, ପଥରା ପ୍ରଭୃତି ବୁଲି ଦେଖିଥିଲେ । ଏହି ଅବସରରେ ସେ ନୂଆ ଭୋଟରମାନଙ୍କୁ ଉତ୍ସାହିତ କରିଥିଲେ । ଅନ ଲାଇନରେ କିପରି ଯୋଗ, ବାଦ୍ ଓ ସଂଶୋଧନ ପାଇଁ ଆବେଦନ କରି ହେବ ସେନେଇ ଜନ ସଚେତନତା ସୃଷ୍ଟି କରାଇଥିଲେ ।

# ସ୍ୱତନ୍ତ୍ର ଭୋଟର ସହାୟତା ବୁଥ୍‌ରେ ଉପଜିଲାପାଳ

**ରଣପୁର, ୭।୧୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦରେ ରବିବାରଠାରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଭୋଟର ସହାୟତା ବୁଥ୍। ଏହି ବୁଥ୍ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମୟ ସୀମା ମଧ୍ୟରେ ନୂତନ ଭୋଟରଙ୍କ ନାମ ଯୋଗ, ସଂଶୋଧନ କରାଯିବ। ଏହି ଭୋଟର ସହାୟତା କାର୍ଯ୍ୟକ୍ରମ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି କରାଯାଉଛି । ରଣପୁର ବ୍ଲକର ବିଭିନ୍ନ ବୁଥ୍‌ରେ ଏହି ଭୋଟର ସହାୟତା କାର୍ଯ୍ୟକ୍ରମ ଚାଲୁ ରହିଛି। ଏହି କାର୍ଯ୍ୟକ୍ରମକୁ ନୟାଗଡ଼ ଉପ–ଜିଲାପାଳ ଲଗ୍ନଜିତ୍ ରାଉତ, ରଣପୁର ବ୍ଲକ ଜିପିଇଓ ସୁବାସ ଚନ୍ଦ୍ର ସେଠୀ ପ୍ରମୁଖ ବୁଲି ଦେଖିଛନ୍ତି । ରଣପୁର ଏନ୍‌ଏସି ଅଧୀନ ୨୦୯, ୨୧୦, ୨୧୨, ୨୧୩, ୨୧୪, ୨୧୫ ସହ ରଣପୁର ବ୍ଲକରେ ବିଭିନ୍ନ ବୁଥ୍‌କୁ ଉପଜିଲାପାଳ ବୁଲି ଦେଖିବା ସହ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।



ଉପଜିଲାପାଳ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି ।

### ଜଙ୍ଗଲରୁ ଶିକାରୀ ଗିରଫ

**ଦଶପଲ୍ଲା, ୭।୧୧(ଡି.ଏନ.ଏ.)**

ଦଶପଲ୍ଲା ବନାଞ୍ଚଳର ପୋଖରିଗୋଛା ସେକ୍ସନରେ ଥିବା ଜଙ୍ଗଲରେ ଜନ୍ତୁ ଶିକାର କରିବା ଉଦ୍ଦେଶ୍ୟରେ ଯାଇଥିବା ଶିମିଳିସାହି ଗ୍ରାମର ଟିକିନା ସେଠୀ (୩୨)ଙ୍କୁ ବନବିଭାଗ କର୍ମଚାରୀମାନେ ରବିବାର ଗିରଫ କରିଛନ୍ତି । ତାଙ୍କ ପାଖରୁ ଗୋଟିଏ ଗୁଳିଭର୍ତ୍ତି ଦେଶୀ ବନ୍ଧୁକ ଏବଂ ବାଇକ୍ (ନଂ. ଓଆର୍୦୨ଏନ୍ ୮୧୩୧) ଜବତ କରାଯାଇଛି । ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଦଶପଲ୍ଲାର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟରେ ହାଜର କରାଯାଇଥିଲା। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ରେଞ୍ଜ ଅଫିସର ଅଖିଳେଶ ମଲ୍ଲିକ ସୂଚନା ଦେଇଛନ୍ତି ।

### ଆବାସିକ ବିଦ୍ୟାଳୟର ନୂତନ କର୍ମକର୍ତ୍ତା

**ନୟାଗଡ଼ ଅଫିସ, ୭।୧୧**

ନୟାଗଡ଼ ଜିଲା ପାଣିକୋଇଲାସ୍ଥିତ ମଦର ଆବାସିକା ବିଦ୍ୟାଳୟରେ ରବିବାର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଆବାସିକା ବିଦ୍ୟାଳୟ ପ୍ରତିଷ୍ଠାତା ପ୍ରଭାସିନୀ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚିନ୍ତାମଣି ଆଚାର୍ଯ୍ୟଙ୍କୁ ସଭାପତି ଭାବେ ମନୋନୀତ କରାଯାଇଛି। ଉପ ସଭାପତି ଭାବେ ଆଶୁତୋଷ ଦାସ, ସମ୍ପାଦକ ଭାବେ ପ୍ରଭାସିନୀ ନନ୍ଦ, ସହ ସମ୍ପାଦକ ପ୍ରିୟମ୍ବଦା ଦାସଙ୍କୁ ଚୟନ କରାଯାଇଛି । କାର୍ଯ୍ୟକାରୀ ସଦସ୍ୟ ଭାବେ ସନାତନ ସାହୁ, ବିଭୂତି ଭୂଷଣ ସାହୁ, ଡ. ସନ୍ତୋଷ ଭୂଜବଳ, ପ୍ରମୋଦ କୁମାର ବେହେରା ପ୍ରମୁଖଙ୍କୁ ସାମିଲ କରାଯାଇଛି ।

### ପାଲଟଣା ଘରେ ବିଧବା ମହିଳା

#### ଆବାସ ଯୋଜନା ସାତସପନ

**ନୟାଗଡ଼ ଅଫିସ, ୭।୧୧**

ଭଙ୍ଗା ଘରେ ପାଲଟଣା ଘରେ ରହୁଥିବା ହିତାଧିକାରୀଙ୍କୁ ଗ୍ରାମୀଣ ଆବାସ ଯୋଜନାରେ କାର୍ଯ୍ୟାଦେଶ ମିଳୁ ନାହିଁ। ଏଭଳିସ୍ଥଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଥବା ବିଜୁ ପକ୍କାଘର ଯୋଜନା କେଉଁମାନେ ପାଇବେ ବୋଲି ପ୍ରଶ୍ନ ଉଠାଇଛି କଂଗେସ । ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ପାଣ୍ଡେରୀପଡ଼ା ଗାଁର ହୀନ ନାୟକ ଘରଟିଏ ପାଇବା ପାଇଁ ସରପଞ୍ଚ, ବିଡିଓ ଓ ଲୋକ ପ୍ରତିନିଧିଙ୍କୁ ଭେଟିଥିଲେ ମଧ୍ୟ ତାଙ୍କ ଅଭିଯୋଗ କେହି ଶୁଣୁ ନାହାନ୍ତି । ଏଭଳିସ୍ଥଳେ ପାଲଟଣା ଘରେ ତାଙ୍କ ଜୀବନ ବିତୁଛି । ରବିବାର ହୀନଙ୍କ ଘରକୁ ଜିଲା କଂଗ୍ରେସ ସଭାପତ ରଣଜିତ୍ ଦାଶଙ୍କ ନେତୃତ୍ୱରେ ଏକ ଦଳ ଯାଇ ସୁବିଧା ଅସୁବିଧା ପଚାରିଥିଲା । ଆବାସ ଯୋଜନାରେ ଘର ପାଇଁ ଟଙ୍କା ଦେଇ ପାରୁ ନ ଥିବାରୁ କାର୍ଯ୍ୟାଦେଶ ମିଳୁ ନ ଥିବା ହୀନ ଅଭିଯୋଗ କରିଥିବା ଜିଲା ସଭାପତି କହିଛନ୍ତି । ଅନ୍ୟପକ୍ଷେ ହୀନ ପରି ଗରିବ ଲୋକ ଆବାସ ଯୋଜନା ନ ପାଇଲେ ଯୋଜନାରେ କେଉଁମାନେ ଉପକୃତ ହେବେ ବୋଲି ସେ ପ୍ରଶ୍ନ କରିଛନ୍ତି ।

# ମହିଳା ଆଇନ ସାକ୍ଷରତା ଶିବିର




ଶିବିରରେ ଯୋଗଦେଇଥିବା ଅତିଥିମାନେ ।

**ନୟାଗଡ଼ ଅଫିସ, ୭।୧୧**

ଜିଲା ଆଇନ ସେବା ପ୍ରାଧିକରଣ ନୟାଗଡ଼ଙ୍କ ଦ୍ୱାରା ମହିଳା ଆଇନ ସାକ୍ଷରତା ଶିବିର ଓ ମହିଳା ସଶକ୍ତିକରଣ ପ୍ରଶିକ୍ଷଣ ଶିବିର ଜିଲା ଜଜ ରୁପଶ୍ରୀ ଚୌଧୁରୀଙ୍କ ଦ୍ୱାରା ରବିବାର ଉଦ୍‌ଘାଟିତ ହୋଇଯାଇଛି । ଜାତୀୟ ଆଇନ ସେବା ପ୍ରାଧିକରଣ ଓ ଜାତୀୟ ମହିଳା କମିଶନଙ୍କ ମିଳିତ ସହଯୋଗରେ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ଆଦେଶ ମତେ ସ୍ଥାନୀୟ ଜିଲା ଜଜ୍ କୋର୍ଟ ସମ୍ମିଳନୀ କକ୍ଷରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଜିଲା ଜଜ ଚୌଧୁରୀ ପ୍ରଦୀପ ପ୍ରଜ୍ୱଳନ କରି ଏହି ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନ କରିଥିଲେ । ପରେ ଉକ୍ତ ଶିବିରର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ ସୂଚନା ଦେବା ସହ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

ଆଜାଦିର ଅମୃତ ମହୋତ୍ସବ ପାଳନ ଅବସରରେ ସାରା ଦେଶରେ ଉକ୍ତ ପ୍ରଶିକ୍ଷଣ ସାକ୍ଷରତା ଶିବିର ପାଳନ କରାଯାଉଛି ବୋଲି ସେ ସୂଚନା ଦେବା ସହ ମହିଳାମାନେ ସଶକ୍ତ ହେବାକୁ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଜଜ ଇତିଶ୍ରୀ ମହାପାତ୍ର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଜ୍ଞା ପରମିତା ମହାପାତ୍ର, ସବ୍ ଜିଲା ଆଇନ ସେବା ପ୍ରାଧିକରଣ ରଞ୍ଜୁଲତା ଲେଙ୍କା, ରେଜିଷ୍ଟ୍ରାର ଚିତ୍ତରଞ୍ଜନ ମିଶ୍ର, ମହିଳା ବିଚାରପତି ଜନାକୀ ତ୍ରିପାଠୀ, ମଣ୍ଡଳ ନ୍ୟାୟଧିଶା ବବିତା ପାତ୍ର, ସବଜଜ୍ ପବିତ୍ରନନ୍ଦ ପ୍ରଧାନ, ଜେଏମ୍‌ଏଫ୍‌ସି ପ୍ରଚେତା ପ୍ରିୟଦର୍ଶିନୀ ମହାପାତ୍ରଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉକ୍ତ ଶିବିରରେ ସମସ୍ତ ଶ୍ରେଣୀର ମହିଳାମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ରଞ୍ଜୁଲତା ଲେଙ୍କା ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରାଧିକରଣର ଗ୍ରାମୀଣ ଆଇନ ସହାୟତା କର୍ମୀ ଦେବାଶିଷ ପଟ୍ଟନାୟକ, ଲିପ୍ସା ଦାସ, ପ୍ରମୋଦ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ଏହି ଶିବିର ସୋମବାର ପୂର୍ବାହ୍ନ ୧୦ଟା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।

# ଲକ୍ଷ୍ମୀପ୍ରସାଦ ଜଳ ପ୍ରକଳ୍ପ ଚାଲୁ ହେଲା

- ଗ୍ରାମୀଣ ଜଳଯୋଗାଣ କର୍ମଚାରୀଙ୍କ ଆନ୍ଦୋଳନ
- ବନ୍ଦ ଥିଲା ଜଳ ଯୋଗାଣ ପ୍ରକଳ୍ପ
- ଅସହ୍ୟ ହେଉଛି ଜଳକଷ୍ଟ

**ଖଣ୍ଡପଡ଼ା,୭।୧୧(ସ୍ୱ.ପ୍ର.)**

ଗ୍ରାମୀଣ ଜଳଯୋଗାଣ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଫଳରେ ଅସହ୍ୟ ଜଳକଷ୍ଟରେ ଲକ୍ଷ୍ମୀପ୍ରସାଦ ଗ୍ରାମବାସୀ ଡହଳ ବିକଳ ହେଉଛନ୍ତି । ଏପରି ପରିସ୍ଥିତିରେ ଧାନଚେଙ୍ଗଡା ସରପଞ୍ଚ ଗ୍ରାମବାସୀଙ୍କ ଉପସ୍ଥିତିରେ ପମ୍ପ ହାଉସ ତାଲା ଖୋଲି ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ୭ଦଫା ଦାବି ନେଇ ଗ୍ରାମୀଣ ଜଳଯୋଗାଣ କର୍ମଚାରୀ (ଏସ୍‌ଇଏମ୍) କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି । ଫଳରେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ଅଧୀନ ସମସ୍ତ ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଗ୍ରାମବାସୀ ବିଶୁଦ୍ଧ ପାନୀୟ ଜଳ ପାଇଁ ଡହଳ ବିକଳ ହେଉଛନ୍ତି । ଗତ କିଛିବର୍ଷ ହେବ ଦୂଷିତ ପାଣି ପିଇ ଭାପୁର ବ୍ଲକ ଅଧୀନ ଲକ୍ଷ୍ମୀପ୍ରସାଦ ଗ୍ରାମରେ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି । ଏବେ ବି ୧୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି କିଡିନ୍ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ପାନୀୟ ଜଳ ଯୋଗାଣ ପ୍ରକଳ୍ପ ବନ୍ଦ ହୋଇଥିବାରୁ ବିଭିନ୍ନ ଜଳଉତ୍ସରୁ ଦୂଷିତ ପାଣି ବ୍ୟବହାର କଲେ କିଡ୍‌ନୀ ରୋଗ ବୃଦ୍ଧି ପାଇବ ବୋଲି ଆଶଙ୍କା କରି ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି ।

ଧାନଚେଙ୍ଗଡା ପଞ୍ଚାୟତର ୧,୨ ଓ ୩ ନମ୍ବର ୱାର୍ଡର ୧୨ଶହରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କୁ ନେଇ ଲକ୍ଷ୍ମୀ ପ୍ରସାଦ ଗ୍ରାମ ଗଠିତ । ଉକ୍ତ ଗ୍ରାମରେ ୮ଟି ନଳକୂପ ରହିଥିଲେ ମଧ୍ୟ ସେଥିରୁ ବାହାରୁ ଥିବା ପାଣି ପାନୀୟ ଜଳ ଉପଯୋଗୀ ନୁହେଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୨ଟି କୂପ ଥିଲେ ମଧ୍ୟ ସେଗୁଡ଼ିକ ଅଳିଆ ଆବର୍ଜନାରେ ପୂର୍ଣ୍ଣ । ଏଣୁ ଲୋକେ ପାନୀୟ ଜଳ ପାଇଁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ସଂକ୍ରାନ୍ତରେ ଅବଗତ ହେବା ପରେ ଧାନଚେଙ୍ଗଡା ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ ରବିବାର ପୂର୍ବାହ୍ନରେ ଗ୍ରାମବାସୀଙ୍କ ଉପସ୍ଥିତିରେ ପମ୍ପ ହାଉସ ତାଲା ଖୋଲି ଜଳ ପ୍ରକଳ୍ପକୁ ଚାଲୁ କରାଇଛନ୍ତି । ଏହାକୁ ଗ୍ରାମବାସୀ ସ୍ୱାଗତ କରିଥିଲେ ମଧ୍ୟ ପ୍ରକଳ୍ପର ସ୍ୱାବଲମ୍ବୀ କାରିଗର (ଏସଇଏମ)ମାନେ ଏହାକୁ ସହଜରେ ଗ୍ରହଣ କରିପାରିନାହାନ୍ତି । ଏହାଦ୍ୱାରା ଆମ ଦାନାପାଣି ଉପରେ ପ୍ରଭାବ ପଡିବ ବୋଲି ସେମାନେ ପ୍ରକାଶ କରିଛନ୍ତି ।



ଜଳ ଯୋଗାଣ ପ୍ରକଳ୍ପକୁ ସରପଞ୍ଚ ଖୋଲି ପାଣି ଯୋଗାଉଛନ୍ତି।